# ଧରିତ୍ରୀ
DHARITRI

ମଙ୍ଗଳବାର, ମେ ୨୬/୨୦୨୦ (୨୦ ପୃଷ୍ଠା) Tuesday, May 26/2020

୪୬ଶ ଭାଗ ୧୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ନିଃସର୍ତ୍ତ ସହଯୋଗ ଲାଗି ଶ୍ରଦ୍ଧାଙ୍କ ଗୁରୁତ୍ୱ**

ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର କରୋନାକୁ ହରାଇବାକୁ ହେଲେ ସର୍ତ୍ତ ନ ରଖି ସମସ୍ତେ ସମସ୍ତଙ୍କୁ ସହାୟତା କରିବା ଦରକାର ବୋଲି ପ୍ରକାଶ କରିଛନ୍ତି।

**୧୦ ୨୦**

**ହରଭଜନ ଆଗ୍ରହୀ**

ଅଫ୍ ସ୍ପିନର ହରଭଜନ ସିଂ ଭାରତ ପକ୍ଷରୁ ପୁଣି ଟି୨୦ ଅନ୍ତର୍ଜାତୀୟ ଖେଳିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।



## ୪୪ ଡିଗ୍ରୀ ଉପରେ ୫ ସହର

- ଆହୁରି ତତେଇବ
- ୧୧ ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ

**ଭୁବନେଶ୍ୱର,୨୫।୫(ବ୍ୟୁରୋ):** ବାତ୍ୟା ପରେ ପ୍ରଚଣ୍ଡ ଗ୍ରୀଷ୍ମ ଓ ଗୁଳୁଗୁଳି ସମଗ୍ର ରାଜ୍ୟକୁ ଅସ୍ତବ୍ୟସ୍ତ କରିଛି। ଉପକୂଳଠାରୁ ଆରମ୍ଭ କରି ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶା ତାତିରେ ଛଟପଟ ହେଉଛି। ଆହୁରି ୫ ଦିନ ଯାଏ ତାତିରୁ ନିସ୍ତାର ନାହିଁ। ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ୪୫ ଡିଗ୍ରୀ ସେଲ୍‌ସିୟସ ଉପରକୁ ଚାଲିଯାଇଛି। ଏପରି କି ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୫.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଭବାନୀପାଟଣା ୪୪.୮, ତାଳଚେର ୪୪.୯, ବଲାଙ୍ଗୀର ୪୪.୮, ଝାରସୁଗୁଡ଼ା ୪୪.୨, ଅନୁଗୋଳ ୪୩.୫, ସମ୍ବଲପୁର ୪୩.୩, ହୀରାକୁଦ ୪୩.୩, ବୌଦ୍ଧ ୪୩.୨, ସୋନପୁର ୪୨.୨, ମାଲକାନଗିରି ୪୨, ସୁନ୍ଦରଗଡ଼ ୪୧.୪ ଏବଂ ଫୁଲବାଣୀରେ ସର୍ବୋଚ୍ଚ ତାପମାତ୍ରା ୪୦.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନୂଆ ଶୀତଳଯୁଦ୍ଧ**

# ନିଜ ନାଗରିକଙ୍କୁ ଫେରାଇନେବ ଚାଇନା

**ନୂଆଦିଲ୍ଲୀ,୨୫।୫**

ଭାରତ-ଚାଇନା ସୀମାରେ ଗତ କିଛିଦିନ ହେଲା ଉତ୍ତେଜନା ଲାଗି ରହିଛି। ଏହାର ସମାଧାନ ଲାଗି ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଜାରି ରହିଥିଲେ ହେଁ ସମାଧାନର ସୂତ୍ର ବାହାରିପାରିନାହିଁ। ଏଭଳି ସ୍ଥିତିରେ ଭାରତରେ ଥିବା ଏହାର ନାଗରିକଙ୍କୁ ଫେରାଇ ନେବା ଲାଗି ଯୋଜନା କରିଛି ବେଜିଂ। ଭାରତରେ କରୋନା ସଂକ୍ରମଣ ବଢୁଥିବାରୁ ନିଜ ନାଗରିକଙ୍କୁ ଫେରାଇନେବାକୁ ଚାହୁଁଥିବା ନୂଆଦିଲ୍ଲୀସ୍ଥିତ ଚାଇନା ଦୂତାବାସ ପକ୍ଷରୁ ସୋମବାର ଜାରି ବିଜ୍ଞପ୍ତିରେ କୁହାଯାଇଛି। ଭାରତରେ ଅଟକି ରହିଥିବା ଛାତ୍ରଛାତ୍ରୀ, ପର୍ଯ୍ୟଟକ ଓ ବ୍ୟବସାୟୀ ସ୍ୱତନ୍ତ୍ର ବିମାନ ଯୋଗେ ଚାଇନା ଫେରିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଯେଉଁମାନେ ଫେରିବାକୁ ଚାହୁଁଛନ୍ତି, ସେମାନେ ୨୭ ତାରିଖ ସକାଳ ସୁଦ୍ଧା ନାମ ପଞ୍ଜୀକରଣ କରିବା ଲାଗି ବେଜିଂ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏପରିକି ଭାରତରେ ଯୋଗ ଅଭ୍ୟାସ କରୁଥିବା ଓ ବୌଦ୍ଧଧର୍ମ ତୀର୍ଥଯାତ୍ରାରେ ଆସିଥିବା ଚାଇନା ନାଗରିକଙ୍କୁ ଫେରିଯିବା ଲାଗି କୁହାଯାଇଛି। ଭାରତ ସର୍ବାଧିକ ସଂକ୍ରମିତ ୧୦ ଦେଶ ମଧ୍ୟରେ ସ୍ଥାନ ପାଇବା ସହ ଏଠାରେ ଆକ୍ରାନ୍ତଙ୍କ ସଂଖ୍ୟା ପାଖାପାଖି ୧.୪୦ ଲକ୍ଷ ହେଲାଣି। ତେଣୁ ସେଠାରେ ଅସୁବିଧାରେ ପଡ଼ି ଅଟକି



- ଭାରତରେ ବଢ଼ିଚାଲିଛି ସଂକ୍ରମଣ
- ଲଦାଖ ସୀମାରେ ଉତ୍ତେଜନା

ରହିଥିବା ନାଗରିକଙ୍କୁ ଫେରାଇନେବାକୁ ଚାଇନା ଆଗ୍ରହ ପ୍ରକାଶ କରିଛି। ଫେରିବାକୁ ଚାହୁଁଥିବା ନାଗରିକଙ୍କ କ୍ୱାରାଣ୍ଟାଇନ ଓ ଅନ୍ୟ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। ଅସୁବିଧାରେ ଥାଇ ଶୀଘ୍ର ଫେରିବାକୁ ଚାହୁଥିବା ଛାତ୍ର, ପର୍ଯ୍ୟଟକ ଓ ସାମୟିକ ବ୍ୟବସାୟୀଙ୍କୁ ଭାରତରେ ଥିବା ଚାଇନା ଦୂତାବାସ ଓ ବାଣିଜ୍ୟିକ ଦୂତାବାସ ସହାୟତା କରିବ ବୋଲି ନୋଟିସ୍‌ରେ କୁହାଯାଇଛି।

ଅନ୍ୟପକ୍ଷରେ ପୂର୍ବ ଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଉଭୟ ପକ୍ଷ ସୈନ୍ୟ ମୁହାଁମୁହିଁ ହେବା ଫଳରେ ସୀମାରେ ଉତ୍ତେଜନା ଲାଗି ରହିଛି। ଏହାକୁ ହ୍ରାସ କରିବା ସକାଶେ ଦୁଇ ପକ୍ଷ ଉଦ୍ୟମ ଜାରି ରଖିଛନ୍ତି। ଇତିମଧ୍ୟରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଏବଂ ଭାରତୀୟ ସେନା ମଧ୍ୟରେ ଏକାଧିକ ବୈଠକ ବସିଲାଣି। ତେବେ ସୋମବାର ସୁଦ୍ଧା ସମାଧାନର ପନ୍ଥା ବାହାରିପାରି ନ ଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଅଧିକ କମାଣ୍ଡର ସ୍ତରୀୟ ଆଲୋଚନା କରାଯିବାର ଯୋଜନା ରହିଛି। ୫ ଥର ଆଲୋଚନା ସତ୍ତ୍ୱେ ସମାଧାନ ସୂତ୍ର ବାହାରିପାରି ନ ଥିବା ଜଣେ ଉଚ୍ଚପଦସ୍ଥ ସେନା ଅଧିକାରୀ କହିଛନ୍ତି। ସୀମାରେ ସ୍ଥିତାବସ୍ଥା ବଜାୟ ରହିଛି। ପ୍ରକୃତ ନିୟନ୍ତ୍ରଣ ରେଖା ପାର୍ଶ୍ୱରେ ଭାରତ ନିର୍ମାଣ କାର୍ଯ୍ୟ ଜାରି ରଖିବ ବୋଲି ସେ ସୂଚନା ଦେଇଛନ୍ତି। ଉଭୟ ପକ୍ଷ ସୀମାରେ ସୈନ୍ୟ ସଂଖ୍ୟା ବଢ଼ାଇଛନ୍ତି। ଗତ ୫ ତାରିଖରୁ ଚାରିଟି ସ୍ଥାନରେ ଉଭୟ ପକ୍ଷର ୧୦୦୦ରୁ ଊର୍ଦ୍ଧ୍ୱ ସୈନ୍ୟ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ପୂର୍ବ ଲଦାଖର ପଙ୍ଗଓଙ୍ଗ ସୋ ସେକ୍ଟର ଏବଂ ଗଲୱାନ ଉପତ୍ୟକା ଅଞ୍ଚଳରେ ଚାଇନା ଅଧିକ ସୈନ୍ୟ ମୁତୟନ କରିଥିବାରୁ ଭାରତୀୟ ସେନା ଏହି ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖିଛି। ଏହା ବ୍ୟତୀତ ଲଦାଖର ଟ୍ରିଗ୍ ହାଇଟ୍ସ, ଡେମ୍‌ଚୋକ ଏବଂ ଚୁମାର ଅଞ୍ଚଳରେ ମଧ୍ୟ ଉତ୍ତେଜନା ଲାଗି ରହିଛି।

ଗତ ୫ ତାରିଖରେ ଭାରତ ଓ ଚାଇନାର ପାଖାପାଖି ୨୫୦ ଯବାନ ମୁହାଁମୁହିଁ ହେବା ପରେ ପୂର୍ବ ଲଦାଖରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏହି ଧସ୍ତାଧସ୍ତି ବେଳେ ଉଭୟ ପାର୍ଶ୍ୱର ଶତାଧିକ ଯବାନ ଆହତ ହୋଇଥିଲେ। ପଙ୍ଗଓଙ୍ଗ ସୋ ହ୍ରଦ ଅଞ୍ଚଳରେ ଭାରତୀୟ ଯବାନଙ୍କ ପାଟ୍ରୋଲିଂକୁ ଅନେକ ଥର ଅଟକାଇଲାଣି ଚାଇନା। ଉତ୍ତେଜନା ବଢୁଥିବାବେଳେ ଭାରତୀୟ ସେନାମୁଖ୍ୟ ଜେନେରାଲ ଏମ୍.ଏମ୍. ନରୱଣେ ଗତ ଶୁକ୍ରବାର ଲେହର ୧୪ କର୍ପସ ମୁଖ୍ୟାଳୟ ଗସ୍ତକରି ସୁରକ୍ଷା ସ୍ଥିତିର ସମୀକ୍ଷା କରିଥିଲେ। ସ୍ଥିତିକୁ ଦେଖି ଭାରତ ମଧ୍ୟ ଉଭୟ ପଙ୍ଗଓଙ୍ଗ ସୋ ହ୍ରଦ ଏବଂ ଗଲୱାନ ଉପତ୍ୟକା ଅଞ୍ଚଳରେ ସେନା ଉପସ୍ଥିତି ବଢ଼ାଇଛି। ଏହାବ୍ୟତୀତ ଡେମ୍‌ଚୋକ, ଦୌଲତ ବେଗ୍ ଓଲ୍‌ଡି ସମେତ ଅନ୍ୟ କେତେକ ସମ୍ବେଦନଶୀଳ ଅଞ୍ଚଳରେ ଭାରତୀୟ ସେନା ପାଟ୍ରୋଲିଂକୁ ଜୋର୍‌ଦାର କରିଛନ୍ତି। ଅନ୍ୟପକ୍ଷରେ ଗଲୱାନ ଉପତ୍ୟକାରେ ଚାଇନା ସେନା ଗତ ଦୁଇ ସପ୍ତାହ ମଧ୍ୟରେ ପାଖାପାଖି ୧୦୦ ଟେଣ୍ଟ ପକାଇବା ସହ ବଙ୍କର ନିର୍ମାଣ ଲାଗି ଓଜନଦାର ଉପକରଣ ଠୁଳ କରିବାରେ ଲାଗିଛି।

# ବିମାନ କମ୍ପାନୀ ପ୍ରୀତି ଛାଡ଼ି ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଅ

**ନୂଆଦିଲ୍ଲୀ,୨୫।୫(ବ୍ୟୁରୋ)**



**୧୦ଦିନ ପାଇଁ ବିମାନରେ ମଝି ସିଟ୍‌ରେ ବସି ଯାତ୍ରାକୁ ଅନୁମତି: ସୁପ୍ରିମକୋର୍ଟ**

ଏୟାର ଇଣ୍ଡିଆ ବିମାନର ଉଡ଼ାଣ ସମୟରେ ୩ଟିକିଆ ସିଟ୍‌ର ମଝି ସିଟ୍‌ରେ ବସି ଯାତ୍ରୀମାନେ ଯାଇପାରିବେ। ଏହି ଅନୁମତି କେବଳ ଆସନ୍ତା ୧୦ଦିନ ପାଇଁ ବୋଲି ସୁପ୍ରିମ୍‌କୋର୍ଟ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଜୁନ୍ ୬ତାରିଖଠାରୁ ସାମାଜିକ ଦୂରତ୍ୱ ବଜାୟ ରଖିବା ଉଦ୍ଦେଶ୍ୟରେ ମଝି ସିଟ୍‌କୁ ଖାଲି ରଖାଯିବ। ଏଥିସହିତ ବିମାନ କମ୍ପାନୀ ପ୍ରୀତି ଛାଡ଼ି ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ ହେବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଏପରି କି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ)ର ନିୟମାବଳୀ ବିରୋଧରେ ହୋଇଥିବା ଆବେଦନକୁ ତୁରନ୍ତ ଫଇସଲା କରିବାକୁ ସୁପ୍ରମକୋର୍ଟ ବମ୍ବେ ହାଇକୋର୍ଟଙ୍କୁ କହିଛନ୍ତି। ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ କେନ୍ଦ୍ର ସରକାର ଏବଂ ଏୟାର ଇଣ୍ଡିଆ ବିମାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଗତ ଏକ ଆବେଦନର ଭିଡିଓ କନ୍‌ଫରେନ୍ସ ଜରିଆରେ ସୋମବାର ଶୁଣାଣି କରି ପ୍ରଧାନବିଚାରପତି ଏସ୍.ଏ. ବୋବ୍‌ଡେ, ବିଚାରପତି ଏ.ଏସ୍. ବୋପାନ୍ନା ଏବଂ ହୃଷୀକେଶ ରୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରବାସୀ ଭାରତୀୟଙ୍କୁ ସ୍ୱଦେଶ ଆଣୁଥିବାବେଳେ ଏୟାର ଇଣ୍ଡିଆ ଏବଂ ଡିଜିସିଏ କୋଭିଡ୍ -୧୯ ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରୁଥିବାନେଇ ଏୟାର ଇଣ୍ଡିଆର ପାଇଲଟ ଦେବେନ କାନାନି ବମ୍ବେ ହାଇକୋର୍ଟରେ ଏକ ଆବେଦନ କରିଥିଲେ। ଉକ୍ତ ଆବେଦନକୁ ଆଧାରକରି ଗତ ୨୨ତାରିଖରେ ବମ୍ବେ ହାଇକୋର୍ଟ ଏୟାର ଇଣ୍ଡିଆ ଏବଂ ଡିଜିସିଏକୁ ନୋଟିସ ଜାରି କରିବା ସହ ଏନେଇ ସତ୍ୟପାଠ ଦାଖଲ କରିବାକୁ କହିଥିଲେ। ଉକ୍ତ ଆବେଦନର ଶୁଣାଣିକୁ ଆସନ୍ତା ୨ତାରିଖକୁ ଧାର୍ଯ୍ୟ ରଖିବା ସହ ମଝି ସିଟ୍‌ରେ ଯାତ୍ରୀ ଯାଇପାରିବେ ନାହିଁ ବୋଲି ହାଇକୋର୍ଟ କହିଥିଲେ। ଆବେଦନକାରୀ ପାଇଲଟ କାନାନି ଦର୍ଶାଇଥିଲେ ଯେ, କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ☞ପୃଷ୍ଠା-୪



ଲକ୍‌ଡାଉନ୍ ଇଦ୍‌ରେ ନୂଆଦିଲ୍ଲୀସ୍ଥିତ ଜାମା ମସ୍‌ଜିଦ ଶୂନ୍‌ଶାନ୍

# ୨୪ ଘଣ୍ଟାରେ ୧୬ ଜିଲ୍ଲାରୁ ୧୦୩

**ଭୁବନେଶ୍ୱର, ୨୫।୫(ବ୍ୟୁରୋ)**

**ଓଡ଼ିଶାରେ କରୋନା ସଂଖ୍ୟା ୧୪୩୮**

- କ୍ୱାରାଣ୍ଟାଇନ୍‌ରୁ ୯୬ଜଣ, ସ୍ଥାନୀୟ ଅଞ୍ଚଳରୁ ୭ ଚିହ୍ନଟ
- ସଂକ୍ରମିତ ହେଲେ ଆଶାକର୍ମୀ, ଶିକ୍ଷକ
- ଭଦ୍ରକରେ ୧୦୦ ଟପିଲା ପଜିଟିଭ୍ ସଂଖ୍ୟା



ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଶେଷ ହେବାକୁ ୫ ଦିନ ଅଛି, ହେଲେ ଏବେଠାରୁ ରାଜ୍ୟରେ କଟକଣା କୋହଳ ହେବାରେ ଲାଗିଛି। ଅପରପକ୍ଷରେ ଆକ୍ରାନ୍ତଙ୍କ ସଂଖ୍ୟା ହୁହୁ ହୋଇ ବଢ଼ି ଚାଲିଛି। ୨୪ଘଣ୍ଟାରେ ସର୍ବାଧିକ ୧୦୩ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୪୩୮ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କ୍ୱାରାଣ୍ଟାଇନ ସେଣ୍ଟରରୁ ୯୬ଜଣ ଓ ବାକି ୭ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ତେଣୁ ସେମାନଙ୍କ ଟ୍ରାଭେଲ ହିଷ୍ଟ୍ରି ଓ କଣ୍ଟାକ୍ଟ ଟ୍ରେସିଂ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ଅନ୍ୟପକ୍ଷରେ ରାଜ୍ୟର ୧୬ଟି ଜିଲ୍ଲାରୁ ହିଁ ଏହି ଆକ୍ରାନ୍ତମାନେ ଚିହ୍ନଟ ହୋଇଛନ୍ତି। ଦେବଗଡ଼ ଜିଲ୍ଲାରୁ ସର୍ବାଧିକ ୨୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କେନ୍ଦ୍ରାପଡ଼ାରୁ ୧୫, ଜଗତ୍‌ସିଂହପୁରରୁ ୧୦, ☞ପୃଷ୍ଠା-୪

## ହକି କିମ୍ବଦନ୍ତୀ ବଲବୀରଙ୍କ ପରଲୋକ

**ଚଣ୍ଡିଗଡ଼,୨୫।୫(ପି.ଟି.)**

ଭାରତର ଅନ୍ୟତମ ସର୍ବକାଳୀନ ମହାନ୍ ହକି ଖେଳାଳି ବଲବୀର ସିଂ ସିନିୟରଙ୍କ ପରଲୋକ ଘଟିଛି। ୩ଥର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ହକିର ଏହି କିମ୍ବଦନ୍ତୀ ପୁରୁଷ ସୋମବାର ସ୍ଥାନୀୟ ଫୋର୍ଟିସ ହସ୍ପିଟାଲରେ ୯୬ ବର୍ଷ ବୟସରେ ମୃତ୍ୟୁ ଘଟିଛି। ଗତ ଦୁଇ ସପ୍ତାହ ଧରି ସେ ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ଦେଇ ଗତି କରି ଆସୁଥିଲେ। ଏହି ସର୍ବକାଳୀନ ଶ୍ରେଷ୍ଠ



ସେଣ୍ଟର ଫରୱାର୍ଡଙ୍କ ଝିଅ ସୁଶବୀର ଓ ୩ ପୁଅ କନୱଲବୀର, କରନବୀର ଓ ଗୁରବୀର ରହିଛନ୍ତି। ପୁଅମାନେ କାନାଡାରେ ରହୁଥିବାରୁ ସେ ଝିଅ ଓ ନାତି କବୀରଙ୍କ ସହିତ ରହୁଥିଲେ। ସେ ସକାଳ ୬.୧୫ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ବୋଲି ମୋହାଲିର ଫୋର୍ଟିସ ହସ୍ପିଟାଲ ନିର୍ଦ୍ଦେଶକ ଅଭିଜିତ୍ ସିଂ କହିଛନ୍ତି। ନାତି କବୀର ବଲବୀରଙ୍କ ଦେହାନ୍ତ ଖବର ☞ପୃଷ୍ଠା-୪

## ଆଲୋଚନା ପରେ ବସ୍ ଚାଲିବ: ସଂଘ

**ଭୁବନେଶ୍ୱର, ୨୫।୫(ବ୍ୟୁରୋ)**

ରାଜ୍ୟ ସରକାର କଟକଣା କୋହଳ କରିବା ପରେ ମଧ ବସ୍ ଚଳାଚଳ ସ୍ୱାଭାବିକ ହୋଇ ପାରି ନାହିଁ। ରାଜ୍ୟ ସରକାରଙ୍କ ସହ ଆଲୋଚନା ନ ହେବା ଯାଏ କିମ୍ବା ଦାବି ପୂରଣ ନ ହେବା ଯାଏ ବସ୍ ଚଲାଇବା ସମ୍ଭବ ନୁହେଁ ବୋଲି ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି। ବସ୍ ଚଲାଇବା ପୂର୍ବରୁ ବସ୍ ମାଲିକଙ୍କୁ ଆଗୁଆ ଟିକସ ପଇଠ କରିବାକୁ ପଡିଥାଏ। ଏଥିସହିତ ବୀମା ବାବଦରେ ମଧ୍ୟ ଖର୍ଚ୍ଚ କରିବାକୁ ପଡ଼ିଥାଏ। ମାସକୁ ଉଭୟ ବାବଦରେ ୩୦ ହଜାର ଟଙ୍କା ଜମା ଦେବାକୁ ହୁଏ। ମେ ମାସ ଶେଷ ହେଉଥିବାରୁ ଚଳିତ ମାସରେ ମାଲିକମାନେ ବସ୍ ଚଲାଇବାକୁ ରାଜି ନୁହନ୍ତି। ବସ୍ ରାସ୍ତାକୁ ☞ପୃଷ୍ଠା-୪






# ସବୁ ନେଲେ, ରୋଗ ଦେଲେ

**ଯାଜପୁର ଅଫିସ/ କଳିଙ୍ଗ ନଗର (ଡି.ଏନ୍.ଏ.),୨୫।୫**

## ଗ୍ରାମବାସୀଙ୍କୁ ମାରୁଛି ବ୍ରାହ୍ମଣୀ ରିଭର୍ସ ପେଲେଟ୍ ଲିମିଟେଡ୍

ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାୟନ ପାଇଁ ଜମି ଅଧିଗ୍ରହଣକୁ ବିରୋଧ କରି ବହୁ ଆନ୍ଦୋଳନ ହୋଇଛି। କେବଳ ସେତିକି ନୁହେଁ, କଳିଙ୍ଗନଗରରେ ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରୁଥିବା ଲୋକଙ୍କ ଉପରେ ୨୦୦୬ ଜାନୁୟାରୀ ୨ରେ ଗୁଳିମାଡ଼ ହୋଇଛି। ଏଥିରେ ୧୩ ଜଣ ଆଦିବାସୀଙ୍କ ମୃତ୍ୟୁ ଘଟିଛି। ହେଲେ ବିଭିନ୍ନ ପ୍ରତିଶ୍ରୁତି ତଥା ଆର୍ଥିକ ଅଭିବୃଦ୍ଧି ଆଶାରେ ଜମି ଅଧିଗ୍ରହଣକୁ ସାଦରେ ଗ୍ରହଣ କରିନିଆଯିବାରୁ କଳିଙ୍ଗନଗର ଓଡ଼ିଶାର ଏକ ପ୍ରମୁଖ ଶିଳ୍ପାଞ୍ଚଳ ଭାବେ ପ୍ରତିଷ୍ଠା ଲାଭ କରିଛି।



କିନ୍ତୁ ଶିଳ୍ପାୟନ ପ୍ରକ୍ରିୟାରେ ଦେଖାଯାଇଥିବା ଉତ୍କଟ ପ୍ରଦୂଷଣ ଓ ଏହାର ନିୟନ୍ତ୍ରଣ ଦିଗରେ ସରକାରଙ୍କ ବିଫଳତା ଲୋକଙ୍କୁ ଏଭଳି ହତାଶ କରିଛି ଯେ, ଆର୍ଥିକ ଅଭିବୃଦ୍ଧିର ସ୍ୱାଦ ଚାଖିବେ କ'ଣ ନିଜ ଗାଁ ମାଟି ଛାଡିବାକୁ ଇଚ୍ଛା କଲେଣି। ଜିଲାର ସୁକିନ୍ଦା ବ୍ଲକ ସାରଙ୍ଗପୁର ପଞ୍ଚାୟତର ଖୁରୁଣ୍ଟି ଗ୍ରାମବାସୀ ବ୍ରାହ୍ମଣୀ ରିଭର୍ସ ପେଲେଟ୍ ଲିମିଟେଡ୍(ବିଆର୍‌ପିଏଲ୍)ର ବାୟୁ ଓ ଜଳ ପ୍ରଦୂଷଣରେ ନୟାନ୍ତ ହୋଇ ଜିଲାପାଳ ଓ ଲୋକ ପ୍ରତିନିଧିମାନଙ୍କୁ ଗାଁ ନିଅ, ଜମି ନିଅ ଓ ଆମକୁ ବିସ୍ଥାପନ କର ମର୍ମରେ ଏକାଧିକ ସ୍ମାରକପତ୍ର ଦେଇଛନ୍ତି। ଏଥିରୁ ସମ୍ପୃକ୍ତ ଅଞ୍ଚଳରେ ପ୍ରଦୂଷଣର ଗମ୍ଭୀରତା ଅନୁମାନ କରାଯାଇପାରେ।

ଖୁରୁଣ୍ଟିରେ ୨୫ ଗରିବ ପରିବାର ରହୁଛନ୍ତି। ଗ୍ରାମବାସୀ ଅରୁଣ ମଲିକ, ଘନଶ୍ୟାମ ମଲିକ, ସୁଶାନ୍ତ ମଲିକ, ଚୁନି ମଲିକ, ଶ୍ରୀଧର ମଲିକ, ଶିଶିର ମଲିକ ପ୍ରମୁଖ କୁହନ୍ତି, ବିଆର୍‌ପିଏଲ୍ କାରଖାନା ପାଇଁ ସେମାନଙ୍କ ଚାଷଜମି ଯାଇଛି। ଫଳରେ ସେମାନେ ଜୀବିକା ହରାଇ କୁଲିମଜୁରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ଗ୍ରାମର ସମସ୍ତେ କୁଡ଼ିଆ ଘରେ ରୁହନ୍ତି। କାରଖାନାର ବାୟୁ ଓ ଜଳ ପ୍ରଦୂଷଣରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ କିଡ୍‌ନୀ ରୋଗରେ ଜୀବନ ଗଲାଣି। ଏବେ ବି ଗ୍ରାମର କୀର୍ତ୍ତନ ମଲିକ, ଗାୟତ୍ରୀ ଜେନା, କାର୍ତ୍ତିକ ମଲିକ, ☞ପୃଷ୍ଠା-୪

**ପାକ୍ ବିମାନ ଦୁର୍ଘଟଣା: ଏଟିସିଙ୍କ ନିର୍ଦ୍ଦେଶ ମାନି ନ ଥିଲେ ପାଇଲଟ**

ଦୁର୍ଘଟଣାଗ୍ରସ୍ତ ପାକିସ୍ତାନ ଅନ୍ତର୍ଜାତୀୟ ଏୟାରଲାଇନ୍ସ ବିମାନର ପାଇଲଟ ଏୟାର ଟ୍ରାଫିକ୍ କଣ୍ଟ୍ରୋଲର (ଏଟିସି)ଙ୍କ ନିର୍ଦ୍ଦେଶକୁ ଅଣଦେଖା କରିଥିଲେ। ଅବତରଣ ପୂର୍ବରୁ ଉଡ଼ାଣ ଉଚ୍ଚତା ଏବଂ ବେଗ କମାଇବାକୁ ଏଟିସି ପାଇଲଟଙ୍କୁ ୩ ଥର ସତର୍କ କରାଇଥିଲେ। ତେବେ ସ୍ଥିତିକୁ ସମ୍ଭାଳିପାରିବେ ବୋଲି ପାଇଲଟ କହିଥିବା ରିପୋର୍ଟରେ ପ୍ରକାଶ ପାଇଛି।

# ୪୧୪୭ ଜୀବନ ନେଲାଣି କରୋନା

**ନୂଆଦିଲ୍ଲୀ,୨୫।୫(ପି.ଟି.)**

ଭାରତରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିଚାଲିଛି। କ୍ରମାଗତ ୪ ଦିନ ଧରି ରେକର୍ଡ ସଂକ୍ରମଣ ହୋଇଛି। ଫଳରେ ଭାରତ ଏବେ ବିଶ୍ୱର ୧୦ ସର୍ବାଧିକ ସଂକ୍ରମିତ ରାଷ୍ଟ୍ର ମଧ୍ୟରେ ସ୍ଥାନ ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୬,୯୭୭ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୨୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥିସହ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୩୮,୮୪୫ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୪ ହଜାର ଅତିକ୍ରମ କରିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ ଅନୁଯାୟୀ ସୋମବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୧୫୪ ଜଣଙ୍କ ମୃତ୍ୟୁ ହେବା ଫଳରେ ମୋଟ ମୃତକ ସଂଖ୍ୟା ୪,୧୪୭ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ୫୭,୭୨୦ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୭୭,୧୦୩ ଜଣ ବିଭିନ୍ନ କୋଭିଡ୍-୧୯ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଦେଶରେ କରୋନା ରୋଗୀ ସୁସ୍ଥ ହେବା ହାର ୪୧.୫୭ ପ୍ରତିଶତ ରହିଛି।



ମୋଟ ମୃତକଙ୍କ ମଧ୍ୟରୁ ମହାରାଷ୍ଟ୍ରରୁ ସର୍ବାଧିକ ୧,୬୩୫ ଜଣ ରହିଥିବାବେଳେ ଗୁଜରାଟରେ ୮୫୮, ମଧ୍ୟପ୍ରଦେଶରେ ୨୯୦, ପଶ୍ଚିମବଙ୍ଗରେ ୨୭୨, ଦିଲ୍ଲୀରେ ୨୬୧, ରାଜସ୍ଥାନରେ ୧୭୩, ଉତ୍ତରପ୍ରଦେଶରେ ୧୬୧, ତାମିଲନାଡୁରେ ୧୧୧ ଏବଂ ଆନ୍ଧ୍ରପ୍ରଦେଶରେ ୫୬ ଜଣଙ୍କ ଜୀବନ ନେଲାଣି କରୋନା। ସେହିପରି ତେଲଙ୍ଗାନାରେ ୫୩, କର୍ଣ୍ଣାଟକରେ ୪୨, ପଞ୍ଜାବରେ ୪୦, ଜମ୍ମୁ-କଶ୍ମୀରରେ ୨୧,

- ୧୦ ସବୁଠୁ ସଂକ୍ରମିତ ଦେଶ ମଧ୍ୟରେ ଭାରତ
- ଦେଶରେ ଆରୋଗ୍ୟ ହାର ୪୧.୫୭ ପ୍ରତିଶତ

ହରିୟାଣାରେ ୧୬, ବିହାରରେ ୧୩ ଏବଂ ଓଡ଼ିଶାରେ ୭ ଜଣଙ୍କର କରୋନାରେ ମୃତ୍ୟୁ ଘଟିଲାଣି। ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ କରୋନା ମୃତକଙ୍କଠାରେ ଏକାଧିକ ରୋଗ ରହିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

କରୋନା ସଂକ୍ରମଣରେ ଆମେରିକା ସର୍ବାଗ୍ରେ ଥିବାବେଳେ ଏହା ପଛକୁ ବ୍ରାଜିଲ, ରୁଷିଆ, ବ୍ରିଟେନ, ସ୍ପେନ୍, ଇଟାଲୀ, ଫ୍ରାନ୍ସ, ଜର୍ମାନୀ ରହିଛନ୍ତି। ସର୍ବାଧିକ ସଂକ୍ରମଣ ତାଲିକାର ଦଶମ ସ୍ଥାନରେ ରହିଛି ଭାରତ। ମହାମାରୀର କେନ୍ଦ୍ରସ୍ଥଳ ଆମେରିକାରେ ସଂକ୍ରମିତଙ୍କ ସଂଖ୍ୟା ୧୬ ଲକ୍ଷ ଟପିଥିବାବେଳେ ମୃତ୍ୟୁସଂଖ୍ୟା ଲକ୍ଷେ ଛୁଇଁବାକୁ ବସିଲାଣି। ପ୍ରବାସୀ ଶ୍ରମିକମାନଙ୍କୁ ଫେରାଇ ଆଣିବା ଫଳରେ ଭାରତରେ ସଂକ୍ରମଣ ଅତ୍ୟଧିକ ମାତ୍ରାରେ ବଢ଼ିଚାଲିଛି। କ୍ରମାଗତ ୪ ଦିନ ହେଲା ଦୈନିକ ୬ହଜାରରୁ ଅଧିକ ସଂକ୍ରମିତ ହେଉଛନ୍ତି। କେବଳ ମହାରାଷ୍ଟ୍ରରେ ସଂକ୍ରମିତଙ୍କ ସଂଖ୍ୟା ୫୦ ହଜାର ଟପିଲାଣି। ସେଠାରେ ଗୋଟିଏ ଦିନରେ ସର୍ବାଧିକ ୩,୦୪୧ ନୂଆ ମାମଲା ଚିହ୍ନଟ ହୋଇଛି। ଏହା ସତ୍ତ୍ୱେ ଦେଶ ତଥା ଜନସାଧାରଣଙ୍କ ଆର୍ଥିକ ସ୍ଥିତିକୁ ସୁଧାରିବା ଲାଗି ସରକାର ଲକ୍‌ଡାଉନ କଟକଣା କୋହଳ କରି ସବୁ ପ୍ରକାର ଅର୍ଥନୈତିକ କାରବାରକୁ ଅନୁମତି ଦେଇଛନ୍ତି। ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଥିବାବେଳେ ଦେଶ ଭିତରେ ବିମାନ ଚଳାଚଳ ସୋମବାରଠାରୁ ଆରମ୍ଭ ହୋଇଛି। ଚାଇନାର ଉହାନ ସହରରୁ ଆରମ୍ଭ ହୋଇଥିବା ଏହି ମହାମାରୀ ଯୋଗୁ ସାରା ବିଶ୍ୱରେ ସଂକ୍ରମିତଙ୍କ ସଂଖ୍ୟା ୫୪ ଲକ୍ଷ ଟପିଥିବାବେଳେ ପାଖାପାଖି ୩.୪ ଲକ୍ଷ ଲୋକଙ୍କ ଜୀବନ ଗଲାଣି।



ତାମିଲନାଡୁର କନ୍ୟାକୁମାରୀ ଜିଲାରେ ଝିଅମାନେ ଇଦ୍ ମୁବାରକ ଜଣାଉଛନ୍ତି।

## ଉତ୍ତରପୂର୍ବ ଭାରତରେ ଭୂକମ୍ପ

**ନୂଆଦିଲ୍ଲୀ,୨୫।୫**

ଉତ୍ତରପୂର୍ବ ଭାରତରେ ସୋମବାର ରାତି ୮ଟା ୧୨ରେ ଭୂକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୫.୧ ଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ମଣିପୁର ହୋଇଥିବାବେଳେ ଏହାର ଝଟକା ଆସାମ, ମେଘାଳୟ, ନାଗାଲାଣ୍ଡ ଓ ମିଜୋରାମରେ ଅନୁଭୂତ ହୋଇଥିଲା। ମଣିପୁରର କାଙ୍ଗିଙ୍ଗଠାରୁ ଦକ୍ଷିଣପଶ୍ଚିମରେ ୧୧ କିଲୋମିଟର ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ। ତେବେ ଭୂକମ୍ପ ଜନିତ କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ।

## ଜାପାନରୁ ଉଠିଲା ଜରୁରୀ ସ୍ଥିତି

**ଟୋକିଓ,୨୫।୫:** ଜାପାନରେ ଲାଗୁ ହୋଇଥିବା କରୋନା ଜନିତ ଜରୁରୀ ସ୍ଥିତିକୁ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ସୋମବାର ଉଠାଇ ଦେଇଛନ୍ତି। ପୂର୍ବରୁ କେତେକ ଅଞ୍ଚଳରୁ ଇମର୍ଜେନ୍ସି ଉଠିଥିବାବେଳେ ସୋମବାର ଟୋକିଓ ସମେତ ଅବଶିଷ୍ଟ ୪ଟି ଅଞ୍ଚଳରୁ ଏହାକୁ ହଟାଇଦିଆଯାଇଛି। ଟୋକିଓ, କନଗୱା, ଚିବା ଓ ସାଇତାମା ତଥା ହେକିଇଡୋ ଅଞ୍ଚଳରୁ ଇମର୍ଜେନ୍ସି ଉଠାଇବା ପାଇଁ ବିଶେଷଜ୍ଞ କମିଟି ସୁପାରିସ କରିଥିଲା। ଜାପାନରେ ୧୬,୬୦୦ କରୋନା ସଂକ୍ରମିତ ହୋଇଥିବାବେଳେ ୮୫୦ ଲୋକଙ୍କ ମୃତ୍ୟୁ ଘଟିଛି। ଜାପାନ ସରକାର ଦେଶରେ ସଂକ୍ରମଣ ରୋକିବାରେ ସଫଳ ହୋଇଛନ୍ତି।

## ଅଶୋକ ଚଭନଙ୍କୁ କରୋନା



**ମୁମ୍ବାଇ,୨୫।୫:** ମହାରାଷ୍ଟ୍ର କ୍ୟାବିନେଟ ମନ୍ତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନଙ୍କ ଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ବରିଷ୍ଠ କଂଗ୍ରେସ ନେତା ଚଭନ ଏବେ ପୂର୍ତ୍ତ ବିଭାଗ ମନ୍ତ୍ରୀ ଅଛନ୍ତି। ସେ ବାରମ୍ବାର ମୁମ୍ବାଇ ଓ ନିଜ ଜିଲା ମରାଠାୱାଡ଼ା ମଧ୍ୟରେ ଯାତାୟାତ କରୁଥିବାରୁ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଉଛି। ପୂର୍ବରୁ ଏନ୍‌ସିପି ନେତା ତଥା ଗୃହନିର୍ମାଣ ମନ୍ତ୍ରୀ ଜିତେନ୍ଦ୍ର ଅୱ୍ହଦଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ସେ ଦୁଇ ସପ୍ତାହ ମୁମ୍ବାଇ ହସ୍ପିଟାଲରେ ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଛନ୍ତି।

## ମାଇଗ୍ରେଶନ କମିଶନ ଗଠନ କରିବେ ୟୁପି ସରକାର

**ଲକ୍ଷ୍ନୌ,୨୫।୫(ପି.ଟି.):** କରୋନା ମହାମାରୀ ଜନିତ ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ କାମଧନ୍ଦା ହରାଇ ୨୩ ଲକ୍ଷ ପ୍ରବାସୀ ଶ୍ରମିକ ଉତ୍ତରପ୍ରଦେଶ ଫେରିଲେଣି। ଏବେ ସେମାନଙ୍କୁ ନିଯୁକ୍ତି ଓ ସାମାଜିକ ସୁରକ୍ଷା ଯୋଗାଇବା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଏକ ମାଇଗ୍ରେଶନ କମିଶନ ଗଠନ ଲାଗି ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଛନ୍ତି। ଉକ୍ତ କମିଶନ ପ୍ରବାସୀ ଶ୍ରମିକମାନଙ୍କୁ ବୀମା ସମେତ ସାମାଜିକ ସୁରକ୍ଷା ଯୋଗାଇଦେବ। ଲକ୍‌ଡାଉନ ସମ୍ପୂର୍ଣ୍ଣ ଉଠିବା ପରେ ଅନ୍ୟ ରାଜ୍ୟ ପ୍ରବାସୀ ଶ୍ରମିକଙ୍କୁ ଫେରାଇନେବାକୁ ଚାହିଁଲେ ଏଥିପାଇଁ ୟୁପି ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ଶ୍ରମିକମାନଙ୍କୁ ସରକାର କେବଳ ଯାଞ୍ଚ କରିବେ ନାହିଁ, ସେମାନଙ୍କ ଦକ୍ଷତା ବଢ଼ାଇବା ସହ ଦେଶର ଯେକୌଣସି ସ୍ଥାନକୁ ଯିବା ପାଇଁ ସହାୟତା କରିବେ ବୋଲି ଯୋଗୀ କହିଛନ୍ତି।

## ୫ ବର୍ଷ ଶିଶୁର ବିମାନ ଯାତ୍ରା

**ବେଙ୍ଗାଲୁରୁ,୨୫।୫**



ଦିଲ୍ଲୀରୁ ବେଙ୍ଗାଲୁରୁକୁ ଏକୁଟିଆ ବିମାନ ଯାତ୍ରା କରିଛନ୍ତି ୫ ବର୍ଷର ବାଳକ ଭିଭାନ୍ ଶର୍ମା। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ଗତ ଫେବୃୟାରୀରେ ସେ ଦିଲ୍ଲୀରେ ରହୁଥିବା ଜେଜେବାପାଙ୍କ ପାଖକୁ ଯାଇଥିଲେ ଓ ଲକ୍‌ଡାଉନ୍ ଯୋଗୁ ଆସିପାରୁ ନ ଥିଲେ। ସୋମବାରଠାରୁ ବିମାନ ଚଳାଚଳ କରିବା ପରେ ସେ ଦିଲ୍ଲୀରୁ ନିଜ ଘର ବେଙ୍ଗାଲୁରୁକୁ ଫେରିଛନ୍ତି। ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ଅପେକ୍ଷାରତ ଥିବା ତାଙ୍କ ମା' ମନଜିଶ୍ ଶର୍ମା ତାଙ୍କୁ ୩ ମାସ ପରେ ଦେଖି କୋଳେଇ ନେଇଥିଲେ। ଭିଭାନ୍ ହାତରେ ନେଳି ରଙ୍ଗର ଗ୍ଲୋଭ୍ସ ଓ ମାସ୍କ ସହ ହଳଦିଆ ରଙ୍ଗର ଡ୍ରେସ ପିନ୍ଧିଥିବା ଦେଖାଯାଇଥିଲା।

# ପ୍ରଥମ ଦିନରେ ୬୩୦ ବିମାନ ବାତିଲ

**ନୂଆଦିଲ୍ଲୀ,୨୫।୫(ପି.ଟି.)**

କରୋନା ସଂକ୍ରମଣଜନିତ ଲକ୍‌ଡାଉନ ପାଇଁ ଦୁଇମାସ ବିମାନ ସେବା ବନ୍ଦ ରହିବା ପରେ ସୋମବାର ଦେଶ ଭିତରେ ଉଡ଼ାଣ ଆରମ୍ଭ ହୋଇଛି। ତେବେ ସଂକ୍ରମଣ ବଢ଼ିବା ଆଶଙ୍କାରେ କେତେକ

- ଦୁଇମାସ ପରେ ଆରମ୍ଭ ହେଲା ବିମାନ ସେବା
- ବିମାନ ବାତିଲ ନେଇ ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ
- ରାଜ୍ୟକୁ ଦୋଷ ଦେଲେ ବିମାନବନ୍ଦର କର୍ତ୍ତୃପକ୍ଷ

ରାଜ୍ୟ ବିମାନବନ୍ଦର ଖୋଲିବାକୁ ଆଗ୍ରହ ପ୍ରକାଶ ନ କରିବାରୁ ପ୍ରଥମ ଦିନରେ ପ୍ରାୟ ୬୩୦ ବିମାନ ଉଡ଼ାଣକୁ ବାତିଲ କରିଦିଆଯାଇଛି। ପଶ୍ଚିମବଙ୍ଗ ଏବଂ ଆନ୍ଧ୍ରପ୍ରଦେଶକୁ କୌଣସି ବିମାନ ଉଡ଼ିବ ନାହିଁ ଏବଂ ମୁମ୍ବାଇ, ଚେନ୍ନାଇ ଓ ହାଇଦ୍ରାବାଦ ବିମାନବନ୍ଦରରୁ ସୀମିତ ବିମାନ ଉଡ଼ିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ରବିବାର ରାତିରେ ଘୋଷଣା କରାଯାଇଥିଲା। ବିମାନ ବାତିଲ ସମ୍ପର୍କରେ ଅଧିକାଂଶ ଯାତ୍ରୀ ଏୟାରପୋର୍ଟରେ ପହଞ୍ଚିବା





ଦିଲ୍ଲୀ ବିମାନବନ୍ଦର ଚଳଚଞ୍ଚଳ।

ପରେ ଜାଣିବାକୁ ପାଇଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। କେତେଜଣ ସୋସିଆଲ ମିଡିଆ ଜରିଆରେ ସେମାନଙ୍କ କ୍ରୋଧ ପ୍ରକାଶ କରିଥିଲେ।

ସୋମବାର ପାଖାପାଖି ୧୧୦୦ ବିମାନ ଉଡ଼ାଣ ପାଇଁ ୨୨ ତାରିଖରୁ ଟିକେଟ ବୁକିଂ ହୋଇଥିଲା। ତେବେ ସୋମବାର ୫୩୨ ବିମାନ ଉଡ଼ାଣ କରିଥିବାବେଳେ ୩୯,୨୩୧ ଯାତ୍ରୀ ଯାତାୟାତ ସୁବିଧା ପାଇଛନ୍ତି। ମଙ୍ଗଳବାରଠାରୁ ଆନ୍ଧ୍ରପ୍ରଦେଶ ଏବଂ ୨୮ରୁ ପଶ୍ଚିମବଙ୍ଗକୁ ବିମାନ ଉଡାଣ କରିବ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି। ସୋମବାର ପ୍ରଥମ ବିମାନ ଭୋର ୪ଟା ୪୫ରେ ଦିଲ୍ଲୀରୁ ପୁଣେକୁ ଛାଡ଼ିଥିଲା। ସେହିପରି ମୁମ୍ବାଇରୁ ପ୍ରଥମ ବିମାନ ସକାଳ ୬ଟା ୪୫ରେ ପାଟନା ଅଭିମୁଖେ ଛାଡ଼ିଥିଲା। ତେବେ ଆଗୁଆ ସୂଚନା ଦିଆ ନ ଯାଇ ଦିଲ୍ଲୀରୁ ୮୨ଟି ବିମାନକୁ ବାତିଲ କରାଯାଇଥିବାରୁ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ୩ ନମ୍ବର ଟର୍ମିନାଲ ନିକଟରେ ଉଦ୍‌ବ୍ୟକ୍ତ ଯାତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ କେତେକ ରାଜ୍ୟକୁ ଦାୟୀ କରିଥିଲେ। ବିମାନ ଉଡ଼ାଣ ପାଇଁ ପୂର୍ବରୁ ରାଜି ହୋଇଥିବା କେତେକ ରାଜ୍ୟ ପରେ ଅସାମର୍ଥ୍ୟ ପ୍ରକାଶ କରିବାରୁ ଏଭଳି ସମସ୍ୟା ବୋଲି କୁହାଯାଇଛି। ମୁମ୍ବାଇର ଛତ୍ରପତି ଶିବାଜୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଧ୍ୟ ଅନୁରୂପ ଅବସ୍ଥା ସୃଷ୍ଟି ହୋଇଥିଲା।

## ଜୁଲାଇରୁ ସ୍କୁଲ ଖୋଲିବାକୁ ଯୋଜନା

**ଗ୍ରୀନ୍, ଅରେଞ୍ଜ ଜୋନ୍‌ରେ ୩୦% ଉପସ୍ଥାନରେ ଖୋଲିବ**

**ନୂଆଦିଲ୍ଲୀ,୨୫।୫:** ଲକ୍‌ଡାଉନ ପରେ ପ୍ରଥମେ ଗ୍ରୀନ୍ ଓ ଅରେଞ୍ଜ ଜୋନ୍‌ରେ ସ୍କୁଲ ଖୋଲିବା ପାଇଁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ସ୍କୁଲକୁ ଆସିବେ ନାହିଁ। ୩୦ ପ୍ରତିଶତ ଉପସ୍ଥାନରେ ସାମାଜିକ ଦୂରତ୍ୱ ରକ୍ଷା କରି ଶିକ୍ଷାଦାନ କରାଯିବ। ଛୋଟ ପିଲାମାନେ ସୁରକ୍ଷା ନିୟମ ପାଳନ କରି ନ ପାରନ୍ତି। ତେଣୁ ସେମାନଙ୍କୁ ଘରେ ରହି ପାଠ ପଢ଼ିବାକୁ କୁହାଯିବ। ଏନେଇ ଚଳିତ ସପ୍ତାହ ଶେଷ ଭାଗରେ ସରକାର ଗାଇଡ୍‌ଲାଇନ ଆଣିପାରନ୍ତି। ସମସ୍ତ ସମ୍ପୃକ୍ତ ମନ୍ତ୍ରଣାଳୟ ସହମତ ହେଲେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

କରୋନା ସଂକ୍ରମଣ ଯୋଗୁ ମାର୍ଚ୍ଚ ୧୬ରୁ ସାରା ଦେଶରେ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଛି। ଫଳରେ ପିଲାମାନଙ୍କ ଶିକ୍ଷା ଗୁରୁତର ବାଧାପ୍ରାପ୍ତ ହୋଇଛି। ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କେବେ ସ୍କୁଲ ଖୋଲିବ। ଯେତେଦୂର ସମ୍ଭବ ଜୁଲାଇରେ ସ୍କୁଲ ଖୋଲିପାରେ। ସାମାଜିକ ଦୂରତ୍ୱ ରକ୍ଷା ଲାଗି ଆବଶ୍ୟକ ହେଲେ ଦୁଇଟି ସିଫ୍ଟରେ ସ୍କୁଲ ଖୋଲିବା କଥା ବିଚାର କରାଯାଉଛି। ସ୍କୁଲରେ ପ୍ରାର୍ଥନା ସଭା କିମ୍ବା କୌଣସି ସମାବେଶକୁ ଅନୁମତି ଦିଆଯିବ ନାହିଁ। ସ୍କୁଲ ଓ କଲେଜ ଲାଗି ନିରାପତ୍ତା ଗାଇଡ୍‌ଲାଇନ ଉପରେ କାର୍ଯ୍ୟ କରାଯାଉଛି।

## ଧରାହେଲା ଗୁପ୍ତଚର ପାରା

**ଶ୍ରୀନଗର,୨୫।୫:** ଜମ୍ମୁ-କଶ୍ମୀରର କଠୁଆ ଜିଲାରୁ ସ୍ଥାନୀୟ ଲୋକେ ଏକ ଗୁପ୍ତଚର ପାରାକୁ ଧରିଛନ୍ତି। ପାକିସ୍ତାନରୁ ଆସିଥିବା ଏହି ପାରା ହୀରାନଗର ସେକ୍ଟରରେ ଉଡୁଥିବାବେଳେ ମନ୍ୟାରି ଗ୍ରାମର ଲୋକେ ତାହାକୁ ଧରିଥିଲେ। ପାରା ଗୋଡ଼ରେ ଲାଗିଥିବା ଏକ ରିଙ୍ଗରେ କେତେକ ସଂଖ୍ୟା ଲେଖାଥିଲା। ଏହା ସାଙ୍କେତିକ ବାର୍ତ୍ତା ବୋଲି ବିଶ୍ୱାସ କରାଯାଉଛି। କୁଲ୍‌ଗାମ ଜିଲାରେ ସୋମବାର ସୁରକ୍ଷା ବଳ ସହ ଗୁଳିବିନିମୟ ବେଳେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି।

## ହିମାଚଳରେ ବଢ଼ିଲା ଲକ୍‌ଡାଉନ୍ ଅବଧି

**ଶିମଲା,୨୫।୫:** ହିମାଚଳ ପ୍ରଦେଶରେ କରୋନା ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୨୧୪ରେ ପହଞ୍ଚିଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଲକ୍‌ଡାଉନ୍ ଅବଧିକୁ ୫ ସପ୍ତାହ ଲାଗି ବୃଦ୍ଧି କରାଯାଇଛି। ଜୟରାମ ଠାକୁରଙ୍କ ନେତୃତ୍ୱାଧୀନ ଭାଜପା ସରକାର ହମିରପୁର ଏବଂ ସୋଲାନ୍ ଜିଲାରେ ଜୁନ ୩୦ ପର୍ଯ୍ୟନ୍ତ ଲକ୍‌ଡାଉନ୍ ଅବଧି ବଢ଼ାଇଥିବା ବେଳେ ଆବଶ୍ୟକ ପଡ଼ିଲେ ଜିଲା ପ୍ରଶାସନର ପ୍ରସ୍ତାବ କ୍ରମେ ସମସ୍ତ ଜିଲାରେ ଏହାକୁ ଲାଗୁ କରାଯାଇପାରିବ ବୋଲି ସରକାର କହିଛନ୍ତି। ପାହାଡ଼ପର୍ବତ ଘେରା ଏହି ରାଜ୍ୟରେ ଅଦ୍ୟାବଧି ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬୩ ଭୂତାଣୁ ଆକ୍ରାନ୍ତ ସୁସ୍ଥହୋଇ ଘରକୁ ଫେରିଥିବା ଜଣାପଡ଼ିଛି। କେବଳ ହମିରପୁରରେ ୬୩ ଓ ସୋଲାନ୍‌ରେ ୨୧ କରୋନା ରୋଗୀ ଅଛନ୍ତି। ଦେଶରେ ଜାରି ହୋଇଥିବା ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ମେ ୩୧ରେ ଶେଷ ହେଉଥିବା ବେଳେ ବିଭିନ୍ନ ସ୍ଥାନରେ କଟକଣାକୁ କୋହଳ କରାଯିବା ସହ ଗାଡ଼ି ଓ ବିମାନ ଚଳାଚଳ ଉପରେ ଗୁରୁତ୍ୱ ଦିଆଯାଉଛି।

# ଆକ୍ରାନ୍ତଙ୍କ ସଂଖ୍ୟା ୫୫.୪୨ ଲକ୍ଷ ଟପିଲା

**ୱାଶିଂଟନ/ ଲଣ୍ଡନ/ ବ୍ରାଜିଲିଆ,୨୫।୫**

ବିଶ୍ୱର ୨୧୩ ଦେଶକୁ କବଳିତ କଲାଣି କରୋନା। ବର୍ତ୍ତମାନ ସୁଦ୍ଧା ୫୫.୪୨ ଲକ୍ଷରୁ ଅଧିକ ଲୋକ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ବେଳେ ୩ ଲକ୍ଷ ୪୭ ହଜାରରୁ ଅଧିକ ଲୋକଙ୍କ ପ୍ରାଣ ଗଲାଣି। କେବଳ ଆମେରିକାରେ ୯୯ ହଜାର ୩୯୬ ଲୋକ ପ୍ରାଣ ହରାଇଥିବା ବେଳେ ୧୬.୯୧ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ଅଛନ୍ତି। ସୋମବାର ଗୋଟିଏ ଦିନରେ ୪୮ ହଜାରରୁ ଅଧିକ ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ପ୍ରାୟ ହଜାର ଲୋକ ପ୍ରାଣ ହରାଇଥିବା ଜଣାପଡ଼ିଛି। ରୁଷିଆ ଓ ବ୍ରାଜିଲରେ ସଂକ୍ରମଣ ସ୍ଥିତି ଭୟଙ୍କର ରୂପ ଧାରଣ କରିଛି। ବ୍ରାଜିଲରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ କରୋନା ରୋଗୀ ଥିବାବେଳେ ରୁଷିଆ ତୃତୀୟ ଦେଶ ଭାବେ ରହିଛି। ଏହି ଦୁଇଦେଶରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ଯଥାକ୍ରମେ ୩.୬୫ ଲକ୍ଷ ଓ ୩. ୫୩ ଲକ୍ଷରୁ ଅଧିକ ରହିଛି। ବ୍ରାଜିଲରେ ୨୨,୭୪୬ ଜୀବନ ଯାଇଥିବା ବେଳେ ରୁଷିଆରେ ୩,୬୩୩ ଜଣ ପ୍ରାଣ ହରାଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ବ୍ରାଜିଲରେ ୧,୫୯୫ ନୂଆ ମାମଲା ନଜରକୁ ଆସିଥିବା ବେଳେ ରୁଷିଆରେ ଏହି ସଂଖ୍ୟା ରହିଛି ୮,୯୪୬। ବ୍ରିଟେନ, ଇଟାଲୀ, ଫ୍ରାନ୍ସ ଓ ଜର୍ମାନୀରେ ମଧ୍ୟ କରୋନା ଭୂତାଣୁର ଉଗ୍ର ସ୍ଥିତି ଦେଖିବାକୁ ମିଳିଛି। ଏହି ୟୁରୋପୀୟ ଦେଶଗୁଡ଼ିକରେ ଆକ୍ରାନ୍ତଙ୍କ ସଂଖ୍ୟା ଯଥାକ୍ରମେ ୨.୫୯ ଲକ୍ଷ, ୨.୨୯ ଲକ୍ଷ, ୧.୮୨ ଲକ୍ଷ ଓ ୧.୮୦ ଲକ୍ଷରୁ ଅଧିକ ରହିଛି।

- ବିଶ୍ୱରେ ଗଲାଣି ୩.୪୭ ଲକ୍ଷରୁ ଅଧିକ ଜୀବନ
- ଦିନକରେ ୪୮ ହଜାରରୁ ଅଧିକ ନୂଆ ମାମଲା



# ଫୁସ୍‌ଫୁସ୍‌ରେ ରକ୍ତ ଜମାଟ ମୃତ୍ୟୁର ପ୍ରମୁଖ କାରଣ

**ନୂଆଦିଲ୍ଲୀ, ୨୫।୫**

ବିଭିନ୍ନ ଦେଶରେ କୋଭିଡ୍-୧୯ ସଂକ୍ରମଣଜନିତ ବହୁ ସଂଖ୍ୟାରେ ମୃତ୍ୟୁ ଏହାର ଭୟାବହତାକୁ ଦର୍ଶାଉଛି। ଏଥିରେ ସଂକ୍ରମିତଙ୍କ ମୃତ୍ୟୁ ସାଧାରଣତଃ ଶ୍ୱାସକ୍ରିୟାରେ ବିଫଳତା ଯୋଗୁ ହେଉଥିବା ତଥ୍ୟ କହୁଛି। କରୋନା ସଂକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ଶ୍ୱାସକ୍ରିୟା ବାଧାପ୍ରାପ୍ତ ହେବାର ଏକ ପ୍ରମୁଖ କାରଣ ଫୁସ୍‌ଫୁସ୍‌ରେ ରକ୍ତ ଜମାଟ ବାନ୍ଧିବା(ବ୍ଲଡ୍ କ୍ଲଟ୍) ବୋଲି ଏକ ଗବେଷଣାର ରିପୋର୍ଟରୁ ଜଣାପଡିଛି। କୋଭିଡ୍-୧୯ ଆକ୍ରାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଅଧ୍ୟୟନରୁ ଏ ସଂକ୍ରାନ୍ତରେ ଡାକ୍ତର ବିଶେଷଜ୍ଞମାନେ ଜାଣିବାକୁ ପାଇଛନ୍ତି।

ଅଧ୍ୟୟନ ରିପୋର୍ଟ ମୁତାବକ, କରୋନା ରୋଗୀଙ୍କ ରକ୍ତରେ ଡି-ଡାଇମର(ରକ୍ତରେ ଥିବା ଛୋଟ ପ୍ରୋଟିନ ଖଣ୍ଡ)ର ସ୍ତର ବୃଦ୍ଧି ପାଇଥାଏ। ଏଥିଯୋଗୁ ରକ୍ତନଳୀରେ ସ୍ୱାଭାବିକ ଭାବେ ରକ୍ତ

**କୋଭିଡ୍ ଯୋଗୁ ବଢ଼ିଯାଏ ଡି-ଡାଇମର ସ୍ତର**



ପ୍ରବାହ ହୋଇ ନ ପାରି ଜମାଟ ବାନ୍ଧିଥାଏ। ଏହାକୁ ଥ୍ରମ୍ବୋସିସ୍ ବୋଲି କୁହାଯାଇଥାଏ। ଫଳରେ ଫୁସ୍‌ଫୁସ୍‌ରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେବା ସହ ଅକ୍ସିଜେନ ଯୋଗାଣ ମଧ୍ୟ କମିଯାଇଥାଏ। ଫୁସ୍‌ଫୁସ୍‌ର ଛୋଟ କୋଠରିଗୁଡିକରେ ବ୍ଲଡ୍ କ୍ଲଟ୍ ହୋଇଯିବା ଯୋଗୁ ଶ୍ୱାସକ୍ରିୟାରେ ବାଧା ଉପୁଜିଥାଏ। ଏପରିକି ଜଣେ ଆଦୌ ନିଃଶ୍ୱାସ ପ୍ରଶ୍ୱାସ ନେଇପାରି ନ ଥାଏ। ପରେ ଫୁସ୍‌ଫୁସ୍‌ର ଏୟାର ପକେଟ୍‌ରେ ଥିବା ରିସେପ୍ଟର ଏଣ୍ଡୋଥେଲିଆଲ (ଟିସୁଗୁଡିକ ମଧ୍ୟକୁ ଅନାବଶ୍ୟକ ଭାବେ ବାହାର ପଦାର୍ଥ ପ୍ରବେଶକୁ ରୋକୁଥିବା କୋଷସମୂହ) କୋଷଗୁଡ଼ିକରେ କରୋନା ଭୂତାଣୁ ପ୍ରବେଶ କରିବାକୁ ଅନୁମତି ଦେଇଥାଏ। ଏଥିଯୋଗୁ ସହଜରେ ଛୋଟ ଛୋଟ ରକ୍ତ ନଳୀଗୁଡିକରେ ଅଧିକ ମାତ୍ରାରେ ରକ୍ତ ଜମାଟ ବାନ୍ଧିବାରେ ଲାଗିଥାଏ। ଏହା ନିୟନ୍ତ୍ରଣ ବାହାରକୁ ଚାଲିଗଲେ ଶରୀରରେ ଶ୍ୱାସକ୍ରିୟା ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହ ଅନ୍ୟାନ୍ୟ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟ ପ୍ରଭାବିତ ହୋଇଥାଏ। ଅଧିକାଂଶ କରୋନାଜନିତ ମୃତ୍ୟୁ ଏହି କାରଣରୁ ହେଉଥିବା ଜଣାପଡିଛି। ତେଣୁ ପ୍ରାରମ୍ଭରୁ କରୋନା ରୋଗୀଙ୍କ ଡି-ଡାଇମର ସ୍ତର ପରୀକ୍ଷା କରିବା ତଥା ସେମାନଙ୍କ ରକ୍ତର ଗାଢତା ପରଖିବା ଜରୁରୀ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଶ୍ୱାସକ୍ରିୟା ହାର ନିରୀକ୍ଷଣ, ପଲ୍‌ସ-ଅକ୍ସିମିଟର ଦ୍ୱାରା ଅମ୍ଳଜାନ ସ୍ତର ଯାଞ୍ଚରୁ ମଧ୍ୟ ଏହା ଜାଣିହେବ। ଯଦି ଏହା ସ୍ୱାଭାବିକ ନ ଥାଏ ତେବେ ସମ୍ପୃକ୍ତ ରୋଗୀଙ୍କର ଯଥାଶୀଘ୍ର ଚିକିତ୍ସା ଆବଶ୍ୟକ ବୋଲି ଅଧ୍ୟୟନକାରୀ ପରାମର୍ଶ ଦେଇଛନ୍ତି।




# ବାପ, ପୁଅ କରୋନା ପଜିଟିଭ ଚିହ୍ନଟ

**ବେଗୁନିଆ, ୨୫।୫(ଡି.ଏନ୍.ଏ.):** ବେଗୁନିଆ ବ୍ଲକ ଅଞ୍ଚଳରେ ସୋମବାର ପୁଣି ୨ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଉଭୟ ଆକ୍ରାନ୍ତ ସମ୍ପର୍କରେ ବାପପୁଅ ଅଟନ୍ତି। ବାପାଙ୍କ ବୟସ ୪୧ବର୍ଷ ହୋଇଥିବାବେଳେ ତାଙ୍କ ପୁଅକୁ ୩ବର୍ଷ। ଗତ ୧୦ତାରିଖରେ ଅହମ୍ମଦାବାଦରୁ ଫେରି ଏହି ବ୍ଲକ ଅଧୀନ ହିରାପୁର କ୍ୱାରାଣ୍ଟାଇନ ସେଣ୍ଟରରେ ବାପା, ପୁଅ ଓ ମା' ରହୁଥିଲେ। ୧୧ ତାରିଖରେ ଏମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ବାପା ଓ ପୁଅଙ୍କ ରିପୋର୍ଟ ପଜିଟିଭ ଆସିଥିବା ବେଳେ ମା'ଙ୍କ ରିପୋର୍ଟ ନେଗେଟିଭ ଆସିଛି। ଉଭୟଙ୍କୁ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି।

# ଶିଶୁରୋଗ ବିଶେଷଜ୍ଞ ଅକ୍ଷୟ ରାଉତଙ୍କ ପରଲୋକ

**ଭୁବନେଶ୍ୱର, ୨୫।୫(ବ୍ୟୁରୋ)**


ଅକ୍ଷୟ ରାଉତ

ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଅକ୍ଷୟ କୁମାର ରାଉତଙ୍କର ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରଠାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ବଲୁରିଆ ଗ୍ରାମରେ ସେ ୧୯୫୦ ମସିହା ଫେବୃୟାରୀ ୭ରେ ଜନ୍ମଗ୍ରହଣ କରିଥିଲେ। ସେ ନିଜ ଗାଁ ସ୍କୁଲରେ ଶିକ୍ଷା ଶେଷ କରି ୧୯୭୨ରେ କଟକ ଏସ୍‌ସିବି ମେଡିକାଲ କଲେଜରୁ ଡାକ୍ତରୀ ପାସ୍ କରିଥିଲେ। ସେ ଗରିବ ପିଲାଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇ ଟାଟାନଗରରେ ସୁନାମ ଅର୍ଜନ କରିଥିଲେ। ତାଙ୍କ ଟେଲ୍‌କୋ କ୍ଲିନିକ୍ ବହୁ ଗରିବ ପିଲାଙ୍କ ପାଇଁ ଆଶା ସଞ୍ଚାର କରିଥିଲା। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ତାଙ୍କର ମୃତ୍ୟୁ ହୋଇଛି। ସ୍ୱର୍ଗତ ରାଉତଙ୍କ ସ୍ତ୍ରୀ ଏବଂ ୩ଝିଅ ଅଛନ୍ତି। ତାଙ୍କ ବଡ଼ଝିଅ ସୁଜାତା କାର୍ତ୍ତିକେୟନ ଆଇଏଏସ ଅଫିସର। ସେ ବର୍ତ୍ତମାନ ଓଡ଼ିଶା ସରକାରଙ୍କ ମିଶନ ଶକ୍ତିର ନିର୍ଦ୍ଦେଶିକା ଅଛନ୍ତି। ସୁଜାତା ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି. କାର୍ତ୍ତିକେୟନ ପାଣ୍ଡିଆନଙ୍କ ଧର୍ମପତ୍ନୀ। ଅନ୍ୟ ଦୁଇଝିଅ ସୁସ୍ମିତା ରାଉତ ପ୍ରାଣୀ ଚିକିତ୍ସକ ଏବଂ ସାନ ଝିଅ ସୁଚିତ୍ରା ରାଉତ ଜଣେ ମ୍ୟାନେଜ୍‌ମେଣ୍ଟ ବୃତ୍ତିଧାରୀ।

# ଓଡ଼ିଶାକୁ ଜଗନ୍ନାଥ ଭରସା: ନିରଞ୍ଜନ

**ଭୁବନେଶ୍ୱର, ୨୫।୫(ବ୍ୟୁରୋ):** ରାଜ୍ୟ ସ୍ଥିତିକୁ ଦେଖିଲେ ବର୍ତ୍ତମାନ ବହୁତ ବିଚଳିତ ଏବଂ ବ୍ୟସ୍ତ ଲାଗୁଛି। ସରକାର କିଭଳି କରୋନାକୁ ମୁକାବିଲା କରିବାକୁ ଚାହୁଁଛନ୍ତି, ତାହା କିଛି ବୁଝି ପାରୁନି ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ନିରଞ୍ଜନ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି ଯେ, ଓଡ଼ିଶାକୁ ଏବେ ଜଗନ୍ନାଥ ହିଁ ଭରସା। କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡ଼ିକ ବର୍ତ୍ତମାନ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଯେଉଁମାନେ କ୍ୱାରାଣ୍ଟାଇନ୍‌ରୁ ବାହାରୁଛନ୍ତି, ସେମାନଙ୍କୁ ୨ହଜାର ଟଙ୍କା ଦିଆଯାଉନାହିଁ। ଯେଉଁ ପ୍ରବାସୀ ଫେରୁଛନ୍ତି, ସେମାନଙ୍କୁ ସରକାର ଚାଉଳ, ଡାଲି ଦେବେ ବୋଲି କହିଥିଲେ ହେଁ ତାକୁ ମଧ କଲେନାହିଁ। ବିମାନ ଏବଂ ଟ୍ରେନ୍ ଆସୁଥିଲେ ମଧ ସରକାର ଏନେଇ ଜାଣିପାରୁ ନ ଥିବାବେଳେ ଖବର ମଧ ଦିଆଯାଉନାହିଁ। ଏବେ କ୍ୱାରାଣ୍ଟାଇନ୍‌ରେ ରହିବା ଅବଧି ୨୧ଦିନ ପରିବର୍ତ୍ତେ ୭ ଦିନ କରାଗଲା। କରୋନା ମୁକାବିଲା ନେଇ ସରକାର ଏକ ପ୍ରକାର ହାତ ଟେକିଦେଲେଣି। ପ୍ରଶାସନ କ'ଣ କରିବାକୁ ଚାହୁଁଛି କିଛି ବୁଝାପଡୁନି। ଗୁଜରାଟକୁ ମଡର୍ନ ରାଜ୍ୟ କୁହାଯାଉଥିଲା, ହେଲେ ସେଠାକାର ପରିସ୍ଥିତି ସମାନ। ଆମ ପାଇଁ କେବଳ ଜଗନ୍ନାଥ ହିଁ ଭରସା ବୋଲି ନିରଞ୍ଜନ କହିଛନ୍ତି।

# ଲକ୍‌ଡାଉନ୍ ହଟିଲେ ମଧୁମେହ ରୋଗୀଙ୍କୁ ବିପଦ

- କରୋନାରେ ଟାଇପ୍-୧ ଡାଇବେଟିସ୍ ରୋଗୀଙ୍କ ମୃତ୍ୟୁ ଆଶଙ୍କା ସାଢ଼େ ୩ ଗୁଣ ଅଧିକ
- ଯେକୌଣସି ପରିସ୍ଥିତିରେ ଘରେ ରହିବାକୁ ପରାମର୍ଶ ଦେଉଛନ୍ତି ଡାକ୍ତର

**ଲଣ୍ଡନ, ୨୫।୫**



ଲକ୍‌ଡାଉନ ହଟାଯିବା ପରେ ମଧ ମଧୁମେହ ରୋଗୀଙ୍କୁ ଘର ଭିତରେ ରହିବାକୁ ପଡ଼ିପାରେ। କାରଣ କରୋନା ସଂକ୍ରମଣର ଅଧିକ ଆଶଙ୍କା ଥିବା ବର୍ଗରେ ସେମାନେ ରହିଛନ୍ତି। ଏପରି କି ସେମାନଙ୍କ ମୃତ୍ୟୁ ହେବାର ଆଶଙ୍କା ଅଧିକ ବୋଲି ଗବେଷକମାନେ କହିଛନ୍ତି।

ବ୍ରିଟେନର ନ୍ୟୁ ଆଣ୍ଡ ଏମାର୍ଜିଂ ରେସ୍ପିରେଟୋରି ଭାଇରସ୍ ଥ୍ରେଟ୍‌ସ ଆଡଭାଇଜରି ଗ୍ରୁପ୍‌ର ଚେୟାରମ୍ୟାନ ପ୍ରଫେସର ପିଟର ହୋର୍ବେ କହିଛନ୍ତି ଯେ, ମଧୁମେହ ରୋଗୀଙ୍କୁ ସବୁଠାରୁ ଅସୁରକ୍ଷିତ ଗୋଷ୍ଠୀ ଭାବେ ବିବେଚନା କରାଯାଉଛି। ସେମାନଙ୍କ ସ୍ୱାସ୍ଥ୍ୟ ସମୀକ୍ଷା ସବୁବେଳେ କରାଯିବା ଉଚିତ। ଗତ ସପ୍ତାହରେ ବ୍ରିଟେନର ହସ୍ପିଟାଲଗୁଡ଼ିକରେ କରୋନାରେ ପ୍ରାଣ ହରାଇଥିବା ପ୍ରତି ତିନି ଜଣଙ୍କ ମଧ୍ୟରୁ ଜଣେ ମଧୁମେହରେ ଆକ୍ରାନ୍ତ ଥିଲେ। ଏହାକୁ ବିଶେଷଜ୍ଞମାନେ ଗମ୍ଭୀରତାର ସହ ଅନୁଧ୍ୟାନ କରୁଛନ୍ତି। ଏ ସମ୍ପର୍କରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ନୁଫିଲ୍ଡ ଡିପାର୍ଟମେଣ୍ଟ ଅଫ୍ ମେଡିସିନ ଅନ୍ତର୍ଗତ ଏମାର୍ଜିଂ ଇନ୍‌ଫେକ୍ସିଅସ୍ ଡିଜିଜ୍ ଆଣ୍ଡ ଗୋବାଲ୍ ହେଲ୍‌ଥର ପ୍ରଫେସରମାନେ ବର୍ତ୍ତମାନ ବିଭିନ୍ନ ଦେଶର ସରକାରୀ ପରାମର୍ଶଦାତାଙ୍କ ସହ ଆଲୋଚନା କରୁଛନ୍ତି ବୋଲି ଦୈନିକ ଟେଲିଗ୍ରାଫ୍ ରିପୋର୍ଟ କରିଛି।

ଲକ୍ଷଣ ଦୃଷ୍ଟିରୁ ମଧୁମେହ ରୋଗୀମାନେ ବର୍ତ୍ତମାନ 'ଅତ୍ୟଧିକ ଅସୁରକ୍ଷିତ' ପରିବର୍ତ୍ତେ 'ଅସୁରକ୍ଷିତ' ଶ୍ରେଣୀଭୁକ୍ତ ହୋଇଛନ୍ତି, ଯେଉଁମାନେ କି ସବୁଠାରୁ ଅଧିକ ପ୍ରଭାବିତ ଗୋଷ୍ଠୀ। ଏବେ ଯେକୌଣସି ପରିସ୍ଥିତିରେ ସେମାନେ ଘରେ ରହିବା ଉଚିତ ବୋଲି ସେମାନଙ୍କ ଡାକ୍ତରଙ୍କଠାରୁ ପରାମର୍ଶ ପାଉଛନ୍ତି। ମଧୁମେହ ରୋଗୀଙ୍କ ଉପରେ ମହାମାରୀ କରୋନାର ପ୍ରଭାବକୁ ନେଇ ଅଧିକ ଅନୁସନ୍ଧାନ ଆବଶ୍ୟକ କି ନାହିଁ ତାହା ବୈଜ୍ଞାନିକମାନେ ଆଲୋଚନା ଚଳାଇଛନ୍ତି। ସରକାରୀ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, କରୋନା ସଂକ୍ରମଣରେ ଟାଇପ୍-୧ ମଧୁମେହ ରୋଗୀଙ୍କ ମୃତ୍ୟୁ ଘଟିବା ଆଶଙ୍କା ଅନ୍ୟ ରୋଗୀଙ୍କ ତୁଳନାରେ ସାଢ଼େ ୩ ଗୁଣ ଅଧିକ। ସେହିପରି ଟାଇପ୍-୨ ମଧୁମେହ ରୋଗୀମାନେ ପ୍ରାୟତଃ ମୋଟା ଏବଂ ଅଧିକ ଓଜନିଆ। କରୋନାରେ ଏହି ବର୍ଗର ରୋଗୀଙ୍କ ମୃତ୍ୟୁ ଆଶଙ୍କା ୨ଗୁଣ ବୋଲି ଜଣାପଡ଼ିଛି।

'ଡାଇବେଟିସ୍ ୟୁକେ'ର ନୀତି ନିର୍ଦ୍ଦେଶକ ବ୍ରିଜେଟ୍ ଟର୍ନର କହିଛନ୍ତି, ସମସ୍ତ ମଧୁମେହ ରୋଗୀଙ୍କୁ ଗୋଟିଏ ଉପାୟରେ ଚିକିତ୍ସା କରାଯାଇପାରିବ ନାହିଁ। କାରଣ ଅନେକ ପ୍ରକାରର ମଧୁମେହ ରୋଗ ଅଛି। ଏପରି ପରିସ୍ଥିତିରେ ସମସ୍ତଙ୍କ ପାଇଁ ସମାନ ନିୟମ ପ୍ରୟୋଗ କରିବା ଠିକ୍ ନୁହେଁ।

ସବୁଠାରୁ ଅଧିକ ପ୍ରଭାବିତ କରୋନା ରୋଗୀଙ୍କ ମଧ୍ୟରେ ମେଦବହୁଳତା ଏକ ଗୁରୁତ୍ୱପୂର୍ଣ୍ଣ କାରଣ ବୋଲି ଜଣାପଡ଼ିଛି। ସାଧାରଣତଃ ମେଦବହୁଳ ବ୍ୟକ୍ତିମାନେ ଟାଇପ୍-୨ ମଧୁମେହର ଶିକାର ହୋଇଥାନ୍ତି। ଚଳିତ ମାସ ପ୍ରାରମ୍ଭରେ ପ୍ରାୟ ୫ ଲକ୍ଷ ବ୍ରିଟେନବାସୀଙ୍କୁ ନେଇ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, କରୋନା ସଂକ୍ରମଣ ଯୋଗୁ ମୋଟା ଲୋକ ଡାକ୍ତରଖାନାରେ ଭର୍ତ୍ତି ହେବାର ସମ୍ଭାବନା ଦୁଇଗୁଣ ଅଧିକ। ଏକ ଆକଳନ ଅନୁଯାୟୀ ବ୍ରିଟେନରେ ପ୍ରାୟ ୪୦ ଲକ୍ଷ ମଧୁମେହ ରୋଗୀ ଅଛନ୍ତି।

# ଆଜିଠୁ ମାଟ୍ରିକ ଖାତା ମୂଲ୍ୟାୟନ

## ୪୫ଦିନ ମଧ୍ୟରେ ବାହାରିବ ଫଳ

**ଭୁବନେଶ୍ୱର, ୨୫।୫(ବ୍ୟୁରୋ)**

ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ମଙ୍ଗଳବାରଠାରୁ ଆରମ୍ଭ ହେବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖାତାଦେଖା ଚାଲିବ। ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ କମ୍ ମୂଲ୍ୟାୟନକାରୀ ଖାତା ଦେଖିବେ। ଏଥିସହ ସାନିଟାଇଜରର ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। ଏ ନେଇ ସୋମବାର ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ତେବେ ଖାତାଦେଖା ଆରମ୍ଭ ହେବା ପୂର୍ବରୁ ସୋମବାର ମୂଲ୍ୟାୟନ କେନ୍ଦ୍ରଗୁଡ଼ିକୁ ସାନିଟାଇଜ୍ କରାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ମାର୍ଚ୍ଚ ୧୯ରେ ପ୍ରଥମେ ଖାତାଦେଖା ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ କରୋନା ଯୋଗୁ ତାହାକୁ ସ୍ଥଗିତ ରଖାଯାଇଥିଲା। ଏହାପରେ ମେ' ୨୦ରେ ଖାତା ଦେଖା ହେବ ବୋଲି ସ୍ଥିର ହୋଇଥିଲା। ବାତ୍ୟା ଅମ୍ଫନ ଯୋଗୁ ୨୧ ତାରିଖକୁ ଦିନଧାର୍ଯ୍ୟ ହୋଇଥିଲା। ହେଲେ କିଛି ଅଞ୍ଚଳରେ ବାତ୍ୟା ପ୍ରଭାବ ରହିଥିବା ଜଣାପଡ଼ିବା ପରେ ପୁଣି ଖାତାଦେଖାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ପରେ ୨୬ତାରିଖରେ ଖାତା ମୂଲ୍ୟାୟନ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ୪୫ ଦିନ ଭିତରେ ଫଳାଫଳ ପ୍ରକାଶ ପାଇବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।


ଖାତାଦେଖା କେନ୍ଦ୍ରକୁ ସାନିଟାଇଜ୍ କରାଯାଉଛି।

ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ମହାନ୍ତି କହିଛନ୍ତି, ଚଳିତବର୍ଷ ଭିନ୍ନ ପରିସ୍ଥିତିରେ ଖାତାଦେଖା ହେବାକୁ ଯାଉଛି। ଠିକ୍ ସମୟରେ ଖାତାଦେଖା ସାରିବାକୁ ରାଜ୍ୟ ସରକାର, ବୋର୍ଡ ଓ ଶିକ୍ଷକମାନେ ସମନ୍ୱୟ ରକ୍ଷା କରି କାମ କରିବା ଦରକାର। ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନର ନିୟମାବଳୀ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ହିଁ ଖାତାଦେଖା ହେବ। ସବୁ ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣର ସାନିଟାଇଜର ରହିବା ଦରକାର। ଏଥିସହ ଖରା ପାଇଁ ଥଣ୍ଡା ପାଣି ବ୍ୟବସ୍ଥା ଓ ଛାଇ ପାଇଁ ଆବଶ୍ୟକ ବନ୍ଦୋବସ୍ତ କରାଯାଉ ବୋଲି ଓଷ୍ଟା ପକ୍ଷରୁ ସରକାରଙ୍କୁ ଦାବି କରାଯାଇଛି।

# ଝାରସୁଗୁଡ଼ା ବିମାନବନ୍ଦରରୁ ଉଡ଼ିଲା ବିମାନ

**ଝାରସୁଗୁଡ଼ା ଅଫିସ, ୨୫।୫**

କରୋନା ମୁକାବିଲା ଯୋଗୁ ଗତ ମାର୍ଚ୍ଚ ୨୫ତାରିଖରୁ ବିମାନସେବା ବନ୍ଦ ରହିଥିଲା। ସୋମବାରଠାରୁ ଏହି ସେବା ଆରମ୍ଭ ହୋଇଛି। ଝାରସୁଗୁଡା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର କର୍ତ୍ତୃପକ୍ଷ ଏଥିପାଇଁ ସମସ୍ତ ଦିଗକୁ ଗୁରୁତ୍ୱ ଦେଇଥିଲେ। ଏସ୍‌ପି ରାହୁଲ ପିଆର ଓ ଜିଲା ପ୍ରଶାସନର ବିଭିନ୍ନ ଅଧିକାରୀ ବିମାନବନ୍ଦରକୁ ଯାଇ ସମୀକ୍ଷା କରିଥିଲେ। ଯାତ୍ରୀମାନଙ୍କୁ ସାମାଜିକ ଦୂରତ୍ୱ ସହିତ ସୁରକ୍ଷା ସାମଗ୍ରୀ ପରିଧାନ କରିବାକୁ ବିମାନ ବନ୍ଦରର ପ୍ରବେଶ ଦ୍ୱାରରେ ଉପସ୍ଥିତ କର୍ମଚାରୀମାନେ ସଚେତନ କରି ଯାଞ୍ଚ କରୁଥିଲେ। ତେବେ ଯାତ୍ରୀମାନେ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳିଥିଲା। ଏହି ବିମାନବନ୍ଦରରୁ ନୂଆଦିଲ୍ଲୀ ଓ ହାଇଦ୍ରାବାଦକୁ ବିମାନ ଚଳାଚଳ କରିଥିବା ବେଳେ କୋଲକାତାକୁ ଯିବାକୁ ଥିବା ବିମାନ ବାତିଲ ହୋଇଛି ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଭୁବନେଶ୍ୱରକୁ ଉଡ଼ିଲା ବିମାନ, ୫ ବାତିଲ

**ଭୁବନେଶ୍ୱର, ୨୫।୫(ବ୍ୟୁରୋ):** ଦୀର୍ଘ ଦୁଇମାସ ପରେ ସୋମବାରଠାରୁ ଦେଶର ବିଭିନ୍ନ ରାଜ୍ୟରେ ଘରୋଇ ବିମାନ ସେବା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ବିମାନ ଚଳାଚଳ କରିଛି। ପ୍ରଥମେ ଦିଲ୍ଲୀରୁ ଭିସ୍ତାରା (ୟୁକେ୭୮୫) ବିମାନ ୭୦ଜଣ ଯାତ୍ରୀଙ୍କୁ ଧରି ଭୁବନେଶ୍ୱରରେ ସକାଳ ୯ଟା ୫ରେ ଅବତରଣ କରିଥିଲା। ଏହାପରେ ଏଠାରୁ ୬୪ଯାତ୍ରୀଙ୍କୁ ନେଇ ବିମାନଟି ପୁଣି ଦିଲ୍ଲୀ ଅଭିମୁଖେ ଉଡ଼ାଣ କରିଥିଲା। ସେହିପରି ସନ୍ଧ୍ୟାରେ ଦିଲ୍ଲୀରୁ ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ଏବଂ ବାଙ୍ଗାଲୋରରୁ ଏୟାର ଏସିଆ ଓ ଇଣ୍ଡିଗୋର ମୋଟ ୪ଟି ବିମାନ ଆସିଥିଲା। ସେପଟେ ପ୍ରଥମ ଦିନରେ ଭୁବନେଶ୍ୱରକୁ ଆସିବାକୁ ଥିବା ୫ଟି ବିମାନ ବାତିଲ ହୋଇଥିଲା। ହାଇଦ୍ରାବାଦ୍, ଝାରସୁଗୁଡ଼ା, କୋଲକାତା, ଚେନ୍ନାଇ ଓ ବମ୍ବେ ଆଦି ୪ ସହରରୁ ଆସିବାକୁ ଥିବା ସମସ୍ତ ବିମାନ ବାତିଲ ହୋଇଥିଲା।




# ଜୁନ୍ ପହିଲା ପରେ ଷ୍ଟାଣ୍ଡିଂ କମିଟି ବୈଠକ ନେଇ ନିଷ୍ପତ୍ତି

**ଭୁବନେଶ୍ୱର, ୨୫।୫(ବ୍ୟୁରୋ)**

ଆସନ୍ତା ଜୁନ୍ ପହିଲା ପରେ ବିଧାନସଭାର ଷ୍ଟାଣ୍ଡିଂ କମିଟି ବୈଠକ ବସିବା ନେଇ ନିଷ୍ପତ୍ତି ନିଆଯିବ ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। କରୋନା ସଂକ୍ରମଣ ଆଶଙ୍କା ଏବଂ ଲକ୍‌ଡାଉନ ଯୋଗୁ ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ ବସିପାରୁ ନ ଥିବାବେଳେ ବିରୋଧୀ ଦଳ ପକ୍ଷରୁ ଏହି ବୈଠକ କରିବାକୁ ଦାବି କରାଯାଇଛି। ପାତ୍ର କହିଛନ୍ତି, କରୋନା ଲାଗି ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକ ବସିପାରୁନାହିଁ। ଜୁନ୍ ପହିଲାପରେ ଏହି ବୈଠକ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଉଭୟ ଲୋକ ସଭା ଏବଂ ରାଜ୍ୟ ସଭା ସଚିବଙ୍କ ସହ ଏନେଇ ସେ କଥା ହୋଇଛନ୍ତି। ସେମାନେ ମଧ ଜୁନ୍ ପହିଲା ପରେ ନିଷ୍ପତ୍ତି ନେବେ। ଭିଡିଓ କନ୍‌ଫରେନ୍ସ(ଭିସି) ଜରିଆରେ ବୈଠକ କରିବା ଲାଗି ସେମାନେ ଚାହୁଁଥିଲେ ମଧ ଏହାଦ୍ୱାରା ଅନେକ ତଥ୍ୟ ବାହାରକୁ ଚାଲିଯିବା ଆଶଙ୍କା ରହିଛି। ସେଥିଲାଗି ଭିସି ମାଧ୍ୟମରେ ଆଲୋଚନା କରିବା ଉଚିତ ହେବନାହିଁ। ଓଡ଼ିଶା ବିଧାନସଭା ରୁମ୍ ବହୁତ ବଡ଼ ଅଛି। ତେଣୁ ୩୦ ପ୍ରତିଶତ ନ କରି ସବୁ ବିଧାୟକଙ୍କୁ ନେଇ ସାମାଜିକ ଦୂରତା ରକ୍ଷାକରି ଏହି ବୈଠକ କରାଯିବ ବୋଲି ପାତ୍ର କହିଛନ୍ତି।

# ଲକ୍‌ଡାଉନ କଟକଣାର ସମୀକ୍ଷା କଲେ ଡିଜିପି

**ପୁରୀ ଅଫିସ, ୨୫।୫**

ପୋଲିସ ମହାନିର୍ଦ୍ଦେଶକ ଅଭୟ ସୋମବାର ପୁରୀ ଗସ୍ତରେ ଆସି ଲକ୍‌ଡାଉନ କଟକଣା ସମ୍ପର୍କରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଜିଲାରେ ସରକାରଙ୍କ ଗାଇଡ୍‌ଲାଇନ କିପରି ଭାବେ ପାଳନ କରାଯାଉଛି, କରୋନା ସଚେତନତା ଓ ସତର୍କତା ଦିଗରେ ପୋଲିସ କର୍ମଚାରୀମାନେ କି ପ୍ରକାର ପଦକ୍ଷେପ ନେଉଛନ୍ତି ତାହାର ସମୀକ୍ଷା କରିଛନ୍ତି। ଜିଲାର ସବୁ ଥାନାରେ ମାମଲାଗୁଡ଼ିକର ସ୍ଥିତି କ'ଣ ତାହା ବୁଝିବା ସହ ପୋଲିସ ବାରାକ୍ ମଧ ବୁଲିଛନ୍ତି। ପୂର୍ବାହ୍ନରେ ଡିଆଇଜି ଆଶିଷ ସିଂଙ୍କ ସହ ପୋଲିସ ମହାନିର୍ଦ୍ଦେଶକ ପୁରୀରେ ପହଞ୍ଚିଥିଲେ। ଏସ୍‌ପି ଅଫିସରେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକ ପରେ ଡିଜିପି କହିଥିଲେ, ଲକ୍‌ଡାଉନକୁ ନେଇ ରାଜ୍ୟ ସରକାରଙ୍କ ଯେଉଁସବୁ ଗାଇଡ୍‌ଲାଇନ ରହିଛି ତାହାକୁ ପୋଲିସ କେତେଦୂର କାର୍ଯ୍ୟକାରୀ କରୁଛି ତାହା ଦେଖିବାକୁ ଆସିଥିଲି। ଏଠାରେ ପୋଲିସ ଏବଂ ଜନସାଧାରଣ ଲକ୍‌ଡାଉନ କଟକଣାକୁ ଠିକ୍ ଭାବେ ପାଳନ କରୁଛନ୍ତି। କରୋନା ସମ୍ପର୍କିତ କୌଣସି ସ୍ଥାନରେ ପୋଲିସ ଡ୍ୟୁଟି କରୁଥିବାବେଳେ ଯେପରି ସେମାନେ ସଂକ୍ରମିତ ନ ହେବେ, ରିଜର୍ଭ ଅଫିସରେ କିପରି ସାମାଜିକ ଦୂରତା ରକ୍ଷା କରାଯିବ, ଥାନାରେ କର୍ମଚାରୀମାନେ କିପରି ଡ୍ୟୁଟି କରିବେ ସେ ବିଷୟରେ ସମସ୍ତେ ଯେପରି ସଚେତନ ରହିବେ ତାହା ପରାମର୍ଶ ଦିଆଯାଇଛି। କେନ୍ଦ୍ରାଞ୍ଚଳ ଡିଆଇଜି ସିଂ କହିଛନ୍ତି, ଡ୍ୟୁଟି ସମୟରେ ଯବାନମାନେ କିପରି କରୋନା ସଂକ୍ରମଣଠାରୁ ଦୂରରେ ରହିବେ ସେ ନେଇ ସେମାନଙ୍କ ସହ ଡିଜିପି ଆଲୋଚନା କରିଛନ୍ତି। ସେମାନେ କି ସମସ୍ୟାର ସମ୍ମୁଖୀନ ହେଉଛନ୍ତି କି ସବୁ ବିଷୟରେ ପଚାରିବା ସହ ଯବାନମାନଙ୍କୁ ଉତ୍ସାହିତ କରିଥିଲେ ବୋଲି ଡିଆଇଜି କହିଛନ୍ତି। ତେବେ ଆଗକୁ ସ୍ନାନପୂର୍ଣ୍ଣିମା ଆସୁଥିବାରୁ ଡିଜିପି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମଧ ଆଲୋଚନା କରିଥିବା କୁହାଯାଉଛି। ଏହି ବୈଠକରେ ଏସ୍‌ପି ଉମାଶଙ୍କର ଦାଶଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।


ଡିଜିପି ଅଭୟ ପୁରୀ ପୋଲିସ ରିଜର୍ଭ ପଡ଼ିଆରେ ବାରାକ ବୁଲି ଦେଖୁଛନ୍ତି।

## ପିପିଲି ଥାନା ବୁଲି ଦେଖିଲେ

**ପିପିଲି, (ସ୍ୱ.ପ୍ର/ଡି.ଏନ୍.ଏ):** ପୁରୀ ଗସ୍ତ ସମୟରେ ଡିଜିପି ଅଭୟ ପିପିଲି ଥାନା ପରିଦର୍ଶନରେ ଆସିଥିଲେ। ସେ ଥାନା ବାରାକ, ମାଲ୍‌ଖାନା, ସିସିଟିଏନ୍‌ସି ଏବଂ ମୋ' ସରକାର ଅଭ୍ୟର୍ଥନା ପ୍ରକୋଷ୍ଠ ବୁଲି ଦେଖିଥିଲେ। କର୍ମଚାରୀମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। କରୋନା ସମୟରେ ନିଜ ଝିଅକୁ ହରାଇବା ସତ୍ତ୍ୱେ ସେବା ଯୋଗାଇଥିବା ହୋମ୍‌ଗାର୍ଡ ଗୌରୀ ବେହେରାଙ୍କୁ ପ୍ରଶଂସା କରିଥିଲେ। ଏହି ସମୟରେ ଏସ୍‌ଡିପିଓ ଦେବଦତ୍ତ ବରାଳ ଏବଂ ଆଇଆଇସି ଶରତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବାତ୍ୟା ଦୋହଲାଉଛି ଆର୍ଥିକ ମେରୁଦଣ୍ଡ

- ୨୧ ବର୍ଷରେ ଓଡ଼ିଶାରେ ୬ ବାତ୍ୟା
- ବରବାଦ ହୋଇଛି ୩୦ ହଜାର କୋଟି

**ଭୁବନେଶ୍ୱର, ୨୫।୫(ବ୍ୟୁରୋ)**

ରାଜ୍ୟକୁ ଘେରିରହିଛି ପ୍ରାକୃତିକ ବିପତ୍ତି। ବନ୍ୟା, ବାତ୍ୟା, ମରୁଡ଼ି ଭଳି ବିପର୍ଯ୍ୟୟ ରାଜ୍ୟ ରାଜକୋଷକୁ ଦୋହଲାଇ ଦେଉଛି। ଲୋକଙ୍କ ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରିଦେଉଛି। କେଉଁ ବର୍ଷ ବାତ୍ୟା ତ ପୁଣି କେଉଁ ବର୍ଷ ବନ୍ୟା ଓ ମରୁଡ଼ି ସର୍ବନାଶକୁ ଡାକି ଆଣୁଛି। ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରୁ ବାତ୍ୟା ରାଜ୍ୟକୁ ଏକ ପ୍ରକାର ଉଜାଡି ଦେଉଛି। ଏଥିରୁ ମୁକୁଳିବାକୁ ଅନେକ ବର୍ଷ ଲାଗିଯାଉଛି। ଗୋଟିଏ ବାତ୍ୟା ମାଡ଼ଜନିତ କ୍ଷତ ଭରି ନ ଥିବା ବେଳେ ପୁଣି ଆଉ ଏକ ବାତ୍ୟା ଅଧାଗଢ଼ା ଜୀବିକାକୁ ଉଜାଡ଼ି ଦେଇଛି। ଗତ ୨୧ବର୍ଷରେ ଉପକୂଳରେ ମାଡ଼ ହୋଇଥିବା ୬ଟି ସାମୁଦ୍ରିକ ଝଡ଼ ଓଡ଼ିଶାକୁ ଛାରଖାର କରିଦେଇଛି। ୧୯୯୯ରୁ ୨୦୨୦ ମଧ୍ୟରେ ରାଜ୍ୟ ୬ଟି ବାତ୍ୟା ଓ ମହାବାତ୍ୟାର ସମ୍ମୁଖୀନ ହୋଇଛି। ୧୯୯୯ ଅକ୍ଟୋବର ୨୯ତାରିଖରେ ମହାବାତ୍ୟା ଉପକୂଳ ଓଡ଼ିଶାକୁ ଧ୍ୱସ୍ତବିଧ୍ୱସ୍ତ କରି ଦେଇଥିଲା। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ବେଳେ ପ୍ରାୟ ୧୫ ହଜାର କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ସେହିପରି ୨୦୧୩ରେ ଫାଇଲିନ, ୨୦୧୪ରେ ହୁଡ୍‌ହୁଡ୍, ୨୦୧୮ରେ ତିତ୍‌ଲି, ୨୦୧୯ରେ ଫନୀ ଏବଂ ୨୦୨୦ରେ ଅମ୍ଫନ୍ ବାତ୍ୟା ରାଜ୍ୟ ପାଇଁ ଅନେକ ବିପତ୍ତି ଆଣି ଦେଇଛି । ୧୯୯୯ ମହାବାତ୍ୟା ପାରାଦୀପ ଦେଇ ସ୍ଥଳଭାଗ ଅତିକ୍ରମ କରିଥିଲା। ଏହାର ବେଗ ଘଣ୍ଟା ପ୍ରତି ୨୭୬ କ.ମି. ରହିଥିଲା। ମହାବାତ୍ୟାର ପ୍ରଚଣ୍ଡ ମାଡ଼ରେ ଛାରଖାର ହୋଇଯାଇଥିଲା ଉପକୂଳବର୍ତ୍ତୀ ଜିଲା ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ପୁରୀ, ଖୋର୍ଦ୍ଧା। ସେହିପରି ୨୦୧୯ ମେ ୩ ତାରିଖ ପୁରୀ ଅତିକ୍ରମ କରିଥିବା ଫନୀର ବେଗ ଥିଲା ଘଣ୍ଟା ପ୍ରତି ୨୫୦ କି.ମି.। ସେହିପରି ଫାଇଲିନ୍‌ର ବେଗ ୨୧୫କି.ମି., ହୁଡ୍‌ହୁଡ୍‌ର ବେଗ ୧୮୫କି.ମି., ତିତ୍‌ଲିର ବେଗ ୧୧୦କି.ମି. ଥିଲା। ଏହି ସବୁ ବାତ୍ୟାରେ ରାଜ୍ୟର ପ୍ରାୟ ୩୦ ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି।

ସରକାରଙ୍କ ଆକଳନ ଅନୁଯାୟୀ ୨୦୧୩ରେ ହୋଇଥିବା ବାତ୍ୟା ଫାଇଲିନ୍‌ରେ ରାଜ୍ୟର ୫୮୩୨.୫୦ କୋଟି କ୍ଷତି ହୋଇଥିବା ବେଳେ ୨୦୧୪ ହୁଡ୍‌ହୁଡ୍‌ରେ ୭୭୭.୧୨ କୋଟି, ତିତ୍‌ଲିରେ ୨୭୭୯.୩୩ କୋଟି ଟଙ୍କାର କ୍ଷତି ହୋଇଥିଲା । ସେହିପରି ୨୦୧୯ ମେ' ୩ ତାରିଖରେ ହୋଇଥିବା ସାମୁଦ୍ରିକ ଝଡ଼ ଫନୀ ରାଜ୍ୟର ୧୪ଟି ଜିଲାକୁ କ୍ଷତିଗ୍ରସ୍ତ କରିଥିଲା। ଫନୀରେ ୫୨୨୭.୬୮ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ୨୦୨୦ରେ ହୋଇଥିବା ଅମ୍ଫନ୍‌ର କ୍ଷୟକ୍ଷତି ଆକଳନ କରାଯାଇ ନାହିଁ। ଏଥିରେ ପ୍ରାୟ ୭୦୦ କୋଟି ଟଙ୍କାର କ୍ଷତି ହେବା ନେଇ ଆଶଙ୍କା କରାଯାଇଛି।

ଦୁଇଟି ପର୍ଯ୍ୟାୟରେ ବାତ୍ୟା ଉପକୂଳକୁ ଧକ୍କା ଦେଇଥାଏ। ପ୍ରଥମତଃ ପ୍ରାକ୍ ମୌସୁମୀ (ମେ-ଜୁନ୍) ଅନ୍ୟଟି ମୌସୁମୀ ଯିବା ପରେ (ଅକ୍ଟୋବର-ନଭେମ୍ବର)। ବଙ୍ଗୋପସାଗରରେ ମେ ମାସରେ ୬ଟି ବାତ୍ୟା ଭାରତ ଉପକୂଳକୁ ଧକ୍କା ଦେଇଛି। ୧୯୮୫ ମେ ୩ ତାରିଖରେ କେନ୍ଦ୍ରାପଡା ଉପକୂଳକୁ ଏକ ସାମୁଦ୍ରିକ ଝଡ଼ ଧକ୍କା ଦେଇଥିବା ବେଳେ ୧୯୯୦ ମେ ୯ ତାରିଖରେ ଆନ୍ଧ୍ରପ୍ରଦେଶର ମଛଲିପଟନମ୍, ୨୦୦୯ ମେ ୨୫ରେ ପଶ୍ଚିମବଙ୍ଗ, ୨୦୧୦ ମେ ୨୦ ତାରିଖରେ ଦକ୍ଷିଣ ଆନ୍ଧ୍ରପ୍ରଦେଶ, ୨୦୧୩ ମେ ୧୬ତାରିଖରେ ବାଂଲାଦେଶ, ୨୦୧୬ ମେ ୨୧ରେ ବାଂଲାଦେଶ ଏବଂ ୨୦୧୯ ମେ ୩ ତାରିଖରେ ଫନୀ ଓଡ଼ିଶାର ପୁରୀକୁ ଏବଂ ୨୦୨୦ ମେ ୨୦ ତାରିଖରେ ଅମ୍ଫନ୍ ପଶ୍ଚିମବଙ୍ଗର ଦୀଘାକୁ ଧକ୍କା ଦେଇଥିଲା। ମିଳିଥିବା ସୂଚନା ଅନୁଯାୟୀ ୧୮୯୧ରୁ ୧୯୧୭ ମଧ୍ୟରେ ଏପ୍ରିଲରୁ ମେ ମାସରେ ୧୪ଟି ବାତ୍ୟା ହୋଇଛି। ଏହା ମଧ୍ୟରେ ଫନୀ ଥିଲା ଅତି ଭୟଙ୍କର। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୮୯୧ରୁ ୨୦୧୬ ମଧ୍ୟରେ ୩୦୫ଟି ସାମୁଦ୍ରିକ ଝଡ଼ ହୋଇଛି। ସେଥିରୁ କେବଳ ବଙ୍ଗୋପସାଗରରେ ୨୨୯ଟି ବାତ୍ୟା ସଂଘଟିତ ହୋଇଛି। ଏହି ସମୟରେ ହୋଇଥିବା ୧୦ ପ୍ରାଣଘାତୀ ଝଡ଼ରେ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯାଇଛି। ବଙ୍ଗୋପସାଗରରେ ହୋଇଥିବା ବାତ୍ୟାରେ ବାଂଲାଦେଶ, ମ୍ୟାନମାର ଓ ଭାରତ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବାଂଲାଦେଶରେ ୫ଟି ବାତ୍ୟା ମାଡ଼ ହୋଇଥିବା ବେଳେ ଭାରତରେ ୩ଟି ଏବଂ ମ୍ୟାନମାରରେ ଗୋଟିଏ ମାଡ଼ ହୋଇଛି। ବାତ୍ୟା ଯୋଗୁ ୧୯୮୦ରୁ ୨୦୨୦ ମଧ୍ୟରେ ଭାରତରେ ବର୍ଷକୁ ୩୭୦ ନିୟୁତ ଲୋକ ପ୍ରଭାବିତ ହୋଇଛନ୍ତି। ୧୯୭୦ରୁ ୧୯୯୦ ମଧ୍ୟରେ ବାତ୍ୟା ଯୋଗୁ ବାଂଲାଦେଶ ଏବଂ ୨୦୦୮ରେ ମ୍ୟାନମାରରେ ୫.୮୦ ଲକ୍ଷ ଲୋକଙ୍କର ପ୍ରାଣହାନି ହୋଇଛି। ଗତ ୫୦ ବର୍ଷ ମଧ୍ୟରେ ସବୁଠୁ ପ୍ରଳୟଙ୍କରୀ ଝଡ଼ ମଧ୍ୟରୁ ବାଂଲାଦେଶରେ ୨ଟି, ମ୍ୟାନମାର ଓ ଭାରତରେ ଗୋଟିଏ ଲେଖାଏ ପିଟି ହୋଇଛି। ସମଗ୍ର ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରୁ ୩୫ ପ୍ରତିଶତ କେବଳ ବାତ୍ୟା ହୋଇଛି। ୧୯୭୦ରୁ ୨୦୧୨ ମଧ୍ୟରେ ଏସିଆ ମହାଦେଶରେ ୨୬୮୧ଟି ପ୍ରାକୃତିକ ବିପର୍ଯ୍ୟୟ ହୋଇଛି। ସେଥିରୁ କେବଳ ୩୫ ପ୍ରତିଶତ ଅର୍ଥାତ୍ ୯୩୮ଟି ବାତ୍ୟା ରହିଛି। ଗତ ୫୫ ବର୍ଷରେ ୮ଟି ଅତି ଭୟଙ୍କର ଝଡ଼ ହୋଇଛି। ସେଗୁଡ଼ିକ ୧୯୬୮, ୧୯୭୬, ୧୯୭୯, ୧୯୯୭, ୧୯୯୯, ୨୦୦୧, ୨୦୧୯ ଏବଂ ୨୦୨୦ମସିହାରେ ହୋଇଛି। ୧୯୬୫ରୁ ୨୦୨୦ ମଧ୍ୟରେ ୧୪୮ଟି ସାମୁଦ୍ରିକ ଝଡ଼ ହୋଇଛି। ସେଥିରୁ ଏପ୍ରିଲରେ ୭ଟି ହୋଇଥିବା ବେଳେ ମେ'ରେ ୨୮ଟି ଝଡ଼ ହୋଇଛି।

**ଆଜିର ମନ୍ତବ୍ୟ**

"କୋଭିଡ୍-୧୯ ଯୋଗୁ କ୍ଷତିଗ୍ରସ୍ତ ଅର୍ଥନୀତିକୁ ସଜାଡିବା ପାଇଁ କେନ୍ଦ୍ର ସରକାରଙ୍କ ଆର୍ଥିକ ପ୍ୟାକେଜ ଏକ ବଡ଼ ଝଟ୍‌କା। ବ୍ୟାଙ୍କ ଋଣ ଦେବାକୁ ଚାହୁଁ ନ ଥିବାରୁ କୃଷକମାନେ ଯେପରି ସାହୁକାରଙ୍କ କବଳରେ ନ ପଡ଼ନ୍ତି, ତାହା ଦେଖିବାକୁ ହେବା

–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ନେତା


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ମନ୍‌ସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

### କକଡା ବରଷା ମହୀରେ ସାର, ମିଥୁନ ବରଷା ନଈରେ ଧାର।

ଶ୍ରାବଣ ମାସରେ ହେଉଥିବା ବର୍ଷା ମାଟି ମା' ଧରିତ୍ରୀ ପାଇଁ ଖୁବ୍ ଉପକାରୀ। ଏହି ମାସରେ ଭଲ ବର୍ଷା ହେଲେ ଧାନ ଫସଲ ଭଲ ହୁଏ। ପରନ୍ତୁ ଆଷାଢ଼ ମାସରେ ଅଧିକ ବର୍ଷା ହେଲେ ନଈରେ ବଢି ଆସିବାର ସମ୍ଭାବନା ବଢିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

### କଖାରୁ ଟୋପି, ବେଳକାଳ ଜାଣି ଗଡ଼ିଲେ ଗୋପୀ

ଈପ୍‌ସିତ ଇଚ୍ଛା ପୂରଣ କରିବା ପାଇଁ ସ୍ୱାର୍ଥସନ୍ଧିସ୍ନୁ ବ୍ୟକ୍ତି ବେଳକାଳ ଉଣ୍ଡି ପହଞ୍ଚି ଯାଇଥାନ୍ତି। କେତେବେଳେ ଆସିଲେ ମନୋବାଞ୍ଛା ଅଚିରେ ପୂରଣ ହୋଇପାରିବ, ସେ ବିଦ୍ୟା ତାଙ୍କୁ ବେଶ୍ ଭଲ ଭାବରେ ଜଣାଯାଇଥାଏ। ପରୋକ୍ଷରେ ନିଜ ମଣିଷ ସହ ଭେଟ କରିବାର ପ୍ରକୃଷ୍ଟ ସମୟ ପ୍ରେମୀ ପାଖେ ଅଛପା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ସ୍କୁଲ ଯାଇପାରୁ ନାହାନ୍ତି ୩୨କୋଟି ଛାତ୍ରୀଛାତ୍ର

**ଲକ୍‌ଡାଉନ ପ୍ରଭାବ**

**ଗ୍ରାମାଞ୍ଚଳରେ ଅନ୍‌ଲାଇନ ପାଠପଢ଼ା ବାଧାପ୍ରାପ୍ତ**

ନୂଆଦିଲ୍ଲୀ,୨୫।୫

କରୋନା ଭାଇରସ୍ ଯୋଗୁ ସାରା ବିଶ୍ୱ ପ୍ରଭାବିତ ହୋଇଥିବାବେଳେ ଭାରତ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଲକ୍‌ଡାଉନ ଯୋଗୁ ଦେଶର ଅର୍ଥନୀତିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସବୁକିଛି ବାଧାପ୍ରାପ୍ତ ହୋଇଛି। ଦୀର୍ଘ ୨ମାସ ହେଲା ଦେଶରେ ଲକ୍‌ଡାଉନ ଜାରି ହୋଇଛି। ମାର୍ଚ୍ଚ ମଧ୍ୟଭାଗରେ ଦେଶରେ ଯେତେବେଳେ ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହେଲା, ସେତେବେଳେ ବିଭିନ୍ନ ରାଜ୍ୟରେ ସ୍କୁଲଗୁଡ଼ିକୁ ପ୍ରଥମେ ବନ୍ଦ କରିଦିଆଗଲା। ପିଲାମାନଙ୍କୁ ଏହି ସଂକ୍ରମଣରୁ ରକ୍ଷା କରିବା ପାଇଁ ସ୍କୁଲ କଲେଜ ବନ୍ଦ କରାଯାଇଥିଲା। ୟୁନେସ୍କୋର ଆକଳନ ଅନୁସାରେ ଦେଶରେ ଏବେ ପ୍ରାୟ ୩୨୧ନିୟୁତ ଅର୍ଥାତ ୩୨କୋଟି ୧୦ଲକ୍ଷ ଛାତ୍ରୀଛାତ୍ର ସ୍କୁଲ୍ ନ ଯାଇ ଘରେ ରହୁଛନ୍ତି। ଗତ ୧୦ସପ୍ତାହ ଧରି ପିଲାମାନେ ସ୍କୁଲ ଯାଇପାରି ନାହାନ୍ତି। ଅଧିକାଂଶ ପିଲାଙ୍କୁ ଘରେ ରହି ଅନ୍‌ଲାଇନ୍‌ରେ ପାଠ ପଢ଼ିବାକୁ କୁହାଯାଉଛି। ହେଲେ ଦେଶର ଏବେ ବି ଅନେକ ସ୍ଥାନ ରହିଛି ଯେଉଁଠାରେ ଇଣ୍ଟରନେଟର ସୁବିଧା ଠିକ୍‌ଭାବେ ଉପଲବ୍ଧ ହୋଇପାରୁ ନାହିଁ, ଯାହାଫଳରେ ଗ୍ରାମାଞ୍ଚଳର ପିଲାମାନେ ଅନ୍‌ଲାଇନ ପାଠପଢ଼ାରୁ ମଧ୍ୟ ବଞ୍ଚିତ ହେଉଛନ୍ତି।

ଏକ ବାର୍ଷିକ ଶିକ୍ଷା ରିପୋର୍ଟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ୨୦୧୮ରେ ୫ଶ୍ରେଣୀରେ ପଢୁଥିବା ଗ୍ରାମାଞ୍ଚଳର ପ୍ରାୟ ୫୦ପ୍ରତିଶତ ଛାତ୍ରୀଛାତ୍ର ଦ୍ୱିତୀୟ ଶ୍ରେଣୀର ପାଠ ଠିକ୍‌ଭାବେ ପଢ଼ିପାରୁ ନାହାନ୍ତି। ଏପରି ୨୮ପ୍ରତିଶତ ପିଲା ହରଣ କ'ଣ ଜାଣନ୍ତି ନାହିଁ। ବିଭିନ୍ନ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଦ୍ୟାଳୟସ୍ତରରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉଥିଲେ ସୁଦ୍ଧା ଘରେ ସେମାନେ ଠିକ୍‌ଭାବେ ଶିକ୍ଷା ପାଇପାରୁ ନାହାନ୍ତି। ଶିକ୍ଷିତ ଏବଂ କମ୍ପ୍ୟୁଟର ଜ୍ଞାନ ଥିବା ଅଭିଭାବକମାନେ ଯେପରି ପିଲାମାନଙ୍କୁ ଘରେ ଶିକ୍ଷା ପ୍ରଦାନରେ ସହାୟକ ହେଉଛନ୍ତି, ତାହା ଗ୍ରାମାଞ୍ଚଳରେ ସମ୍ଭବ ହୋଇପାରୁ ନାହିଁ, ଯେଉଁଥିପାଇଁ ଗ୍ରାମାଞ୍ଚଳରେ ପିଲାମାନଙ୍କ ସଫଳତା ହାର କମିଯାଉଛି। ଝାଡ଼ଖଣ୍ଡର ଗ୍ରାମାଞ୍ଚଳରେ ୫ଶ୍ରେଣୀରେ ଅଧ୍ୟୟନ କରୁଥିବା ପିଲାଙ୍କ ମଧ୍ୟରୁ କେବଳ ୩୪ ପ୍ରତିଶତ ପିଲା ବହି ପଢ଼ିପାରୁଛନ୍ତି, ଯାହାକି ଦେଶରେ ସବୁଠାରୁ କମ୍ ଅଟେ। ଯଦି ଅନ୍ୟ ଦିଗକୁ ଦେଖିବା ତେବେ ୪୩ ପ୍ରତିଶତ ମା' ଏବଂ ୬୭ପ୍ରତିଶତ ବାପା ସ୍କୁଲ୍ ଯାଇଛନ୍ତି। ମାତ୍ର ୧୧ପ୍ରତିଶତ ପରିବାରର ସଦସ୍ୟ କମ୍ପ୍ୟୁଟର ଜ୍ଞାନ ରଖୁଛନ୍ତି। ଏପରିକି ମାତ୍ର ୪ପ୍ରତିଶତ ଅଭିଭାବକଙ୍କ ଘରେ ପଠନୀୟ ସାମଗ୍ରୀ ଥିବା ଏକ ସର୍ଭେରୁ ଜଣାପଡ଼ିଛି। ଡିଷ୍ଟାନ୍ସ ଲର୍ଣ୍ଣିଂ ପାଇଁ ଇଣ୍ଟରନେଟ ବ୍ୟବସ୍ଥା ଜରୁରୀ। ନ୍ୟାଶନାଲ ସାମ୍ପଲ ସର୍ଭେ(ଏନ୍‌ଏସ୍‌ଏସ୍) ଶିକ୍ଷା ରିପୋର୍ଟ ଅନୁସାରେ ୫ବର୍ଷରୁ ଉର୍ଦ୍ଧ୍ୱ ୨୦ପ୍ରତିଶତ ଭାରତୀୟ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ଏହି ତଥ୍ୟ ବିଭିନ୍ନ ରାଜ୍ୟରେ ଭିନ୍ନ ଅଟେ। ବିଶେଷକରି ଗ୍ରାମାଞ୍ଚଳରେ ଇଣ୍ଟରନେଟ ବ୍ୟବହାରୀଙ୍କ ସଂଖ୍ୟା ଖୁବ୍ କମ୍ ବୋଲି ଜଣାପଡ଼ିଛି। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅନେକ ପିଲା ଠିକ୍‌ଭାବେ ପାଠ ପଢ଼ିପାରୁ ନାହାନ୍ତି କି ଶିକ୍ଷା ପାହାଚ ଠିକ୍‌ଭାବେ ଚଢ଼ିପାରୁ ନାହାନ୍ତି ବୋଲି ତଥ୍ୟ ମିଳିଛି। ଲକ୍‌ଡାଉନ ସମୟରେ ବହୁ ଲୋକ କାମଧନ୍ଦା ନ ପାଇ ଗରିବୀ ମଧ୍ୟକୁ ଠେଲି ହୋଇଯାଇଛନ୍ତି। ସେମାନେ ଏବେ ପିଲାଙ୍କ ପାଠପଢ଼ା କଥା ଚିନ୍ତା ନ କରି କିପରି ରୋଜଗାର କରିବେ ସେନେଇ ଦିନ ଗଣୁଛନ୍ତି। ଅନେକ ସ୍ଥାନରେ ଛୋଟ ଛୋଟ ପିଲାମାନେ ପରିବାର ପାଇଁ ଅର୍ଥ ରୋଜଗାର କରିବାକୁ ବାଧ୍ୟ ହେଉଛନ୍ତି। ଯେଉଁଥିପାଇଁ ବିଦ୍ୟାଳୟକୁ ମଧ୍ୟ ସେମାନେ ଠିକ୍ ଭାବେ ଯାଇପାରୁ ନାହାନ୍ତି। ୨୦୧୧ ଜନଗଣନା ଅନୁସାରେ ୧୫ରୁ ୧୯ବର୍ଷର ପ୍ରାୟ ୩୦ ଲକ୍ଷ ପିଲା କାମ କରିବା ସହ ସ୍କୁଲ୍‌କୁ ଯାଇଥାନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କାମ ପାଇଁ ଅଧାରୁ ପାଠ ମଧ୍ୟ ଛାଡ଼ିଛନ୍ତି। ଗ୍ରାମାଞ୍ଚଳରେ ରହୁଥିବା ପିଲାଙ୍କ ପରିବାରର ଆର୍ଥିକ ବୋଝ ସେମାନଙ୍କୁ ପାଠ ଛାଡ଼ିବାକୁ ବାଧ୍ୟ କରିଥିବା ଏନଏସ୍‌ଏସ୍‌ର ଏକ ତଥ୍ୟରୁ ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଶୁଭଚନ୍ଦ୍ର ପ୍ରଭାବରେ ଯାହା କରିବେ ତାହା ନିର୍ବିଘ୍ନରେ ଫଳପ୍ରଦ ହେବ। କିନ୍ତୁ ଅଶ୍ୱିନୀ ନକ୍ଷତ୍ର ବ୍ୟକ୍ତିମାନେ ସମସ୍ୟାଗ୍ରସ୍ତ ହେବେ ଏବଂ ସେମାନଙ୍କର ମାନସିକ ସ୍ଥିତି ଦୁର୍ବଳ ରହିବ। ପାରିବାରିକ ସମସ୍ୟା,ପରିବହନରେ ଝଗଡ଼ା, ଯାନବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ଅବଲମ୍ବନ କରିବା ଭଲ।

**ବୃଷ** ରବିଙ୍କ ପ୍ରଭାବରୁ ସାଧାରଣ କଥାରେ ଅତ୍ୟଧିକ ଉତ୍ତେଜନା କିମ୍ବା ଭାବପ୍ରବଣତା କ୍ଷତିର କାରଣ ହୋଇପାରେ। ସାମୟିକ ଆଲୋଚନା ଅବସରରେ ନିଜର ପ୍ରମାଣସିଦ୍ଧ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ସକାଳୁ ମନଟା ବିଗିଡି ଯାଇପାରେ।

**ମିଥୁନ** ଦିନଟି କିଛି ଭଲ ଓ କିଛି ସମସ୍ୟା ଭିତର ଦେଇ କଟିବ। ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା ଲାଗିରହିବା ଯୋଗୁ ମାନସିକ ସନ୍ତୁଳନ ହରାଇପାରନ୍ତି। ବନ୍ଧୁଙ୍କ ସାହାଯ୍ୟ ହେତୁ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବ। ମାଲି ମକଦ୍ଦମା, ପ୍ରଶାସନ, ରାଜନୀତି ତଥା ଗଠନମୂଳକ କାର୍ଯ୍ୟରେ ଉତ୍ସାହିତ ହେବେ।

**କର୍କଟ** କର୍ମାଧିପ ଦୁଃସ୍ଥାନରେ ରହିଥିବାରୁ ସାମୟିକ ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ। ଉପସ୍ଥିତ ବୁଦ୍ଧି ଯୋଗୁ ବିପଦମୁକ୍ତ ହେବେ। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ସାହାଯ୍ୟପ୍ରାପ୍ତି ଆଶା କରୁଥିବା ବନ୍ଧୁଙ୍କ ସହ ଦେଖାକରିବାର ସୁଯୋଗ ଲାଭକରି ଖୁସିହେବେ।

**ସିଂହ** ରବିଙ୍କ ସମ୍ପର୍କଜନିତ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ସମର୍ଥ ହେବେ। ଆମଦାନୀ ଓ ପ୍ଲଟିଂ କାରବାର, ପରିବହନ, ପ୍ରଶାସନ କ୍ଷେତ୍ର ଉନ୍ନତ ରହିବ। ପୂର୍ବ ଶତ୍ରୁତା ହେତୁ ଅପରାହ୍ନରେ କଳହର ସମ୍ଭାବନା ରହିଛି। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନରେ ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରିବା ଭଲହେବ।

**କନ୍ୟା** ଆଜି ସକାଳୁ ସକାଳୁ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଅତି ନିକଟରେ ରହୁଥିବା ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। ବିଳମ୍ବିତ ଯାତ୍ରା ଲକ୍ଷ୍ୟ ହାସଲରେ ସମସ୍ୟା ସୃଷ୍ଟି କରିବ। ସାମୂହିକ କଲ୍ୟାଣମୂଳକ ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ତୁଳା** ସବୁ କାମ ବହୁ ଡେରିରେ ହେଉଥିବାରୁ ମନଟା ଭଲ ଲାଗିବ ନାହିଁ। ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କରି ନିଜର ଅତି ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳିଯିବ। ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅର୍ଥ ଲାଭରୁ ଖୁସି ରହିବେ। ଘର ସାଜସଜ୍ଜା କିମ୍ବା ମରାମତି କାମରେ ସମୟ ଅତିବାହିତ କରିବେ।

**ବିଛା** ଶନି କ୍ଷେତ୍ରସ୍ଥ ମଙ୍ଗଳଙ୍କ ଦୃଷ୍ଟି ଯୋଗୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଦୁର୍ଭାବନାରେ ମନ ବିଚଳିତ ରହିବ। ମାତ୍ର ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଅବଶ୍ୟ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ଧନୁ** ବୃହସ୍ପତି ସଂଯୁକ୍ତ କାରଣରୁ ଖର୍ଚ୍ଚ ପରିମାଣ ବଢିଯିବା ସହିତ ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଭ-ନାମାକ୍ଷର ବ୍ୟକ୍ତିଙ୍କ ପାଇଁ ସେମାନଙ୍କର ଅତି ନିଜର ଲୋକଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସେହି ବ୍ୟକ୍ତି କାମ କରିବେ ନାହିଁ।

**ମକର** ଶୁଭ ଖବର ମନକୁ ଆହ୍ଲାଦିତ କରିବ। ତୃତୀୟାଧିପଙ୍କ ଦୁର୍ବଳତାଜନିତ ବନ୍ଧୁଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟରେ ଅବନତି ପରିଲକ୍ଷିତ ହେବାରୁ ସାମୟିକ ମନସ୍ତାପ କରିପାରନ୍ତି। ଅଯଥା କଳହରୁ ଦୂରେଇ ରୁହନ୍ତୁ, ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଉଚ୍ଚବର୍ଗଙ୍କ ସହାୟତା ପାଇବା ସହ କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

**କୁମ୍ଭ** ପରିବାର, ଯାନବାହନ,ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବ। ବିନା ଆହ୍ୱାନରେ ଅନ୍ୟମାନଙ୍କ ସକାଶେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ହଠାତ୍ ଯାତ୍ରା କରିବାକୁ ମନସ୍ଥ କରି ବାଟରୁ ଫେରି ଆସିବାକୁ ପଡ଼ିପାରେ। ଶିକ୍ଷା, ଗବେଷଣା, ବିଦେଶ ଯାତ୍ରା, କଳା, ସାହିତ୍ୟ, ସଙ୍ଗୀତ ଓ ଆଲୋଚନା କ୍ଷେତ୍ର ପ୍ରଶସ୍ତ ରହିବ।

**ମୀନ** ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ ଅବଶ୍ୟ ବନ୍ଧୁଙ୍କଠାରୁ ଅଯାଚିତ ଭାବେ ସହାୟତା ପାଇବେ। ଅଫିସ୍‌ରେ ଅଧସ୍ତନ କର୍ମଚାରୀଙ୍କୁ ଅସହ୍ୟ କଟୁକଥା ପ୍ରୟୋଗ କଲେ ନିଜକୁ ହିଁ ଅପମାନିତ ହେବାକୁ ପଡ଼ିବ। ଉପରିସ୍ଥଙ୍କ ଆଦେଶାନୁସାରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

ଆଜି ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ ମଙ୍ଗଳବାର, ଶିବବିବାହ ତାଟ ନିମନ୍ତ୍ରଣ, ମେ ୨୬ ତାରିଖ, ଅହମଦୀୟା ସମ୍ପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମ୍ମଦଙ୍କ ମୃତ୍ୟୁଦିବସ, ରାଶିନକ୍ଷତ୍ର-ସକାଳ ଘ.୦୭.୦୧ମି.ଗତେ ପୁନର୍ବସୁ/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୧୧ମି. ଗତେ ଘ.୦୭.୪୮ମି. ମଧ୍ୟେ, ଘ.୦୯.୩୩ ମି. ଗତେ ଘ.୧୨.୦୧ମି. ମଧ୍ୟେ, ଘ.୦୩.୩୯ମି. ଗତେ ଘ. ୦୪.୩୧ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୫ମି. ଗତେ ଘ.୦୬.୫୯ମି. ମଧ୍ୟେ, ଘ.୧୨.୦୫ମି. ଗତେ ଘ.୦୨.୧୬ମି.ମଧ୍ୟେ ଅମୃତ ବେଳା। ଦିବା ଘ.୦୨.୪୬ମି. ଗତେ ଘ.୦୩.୩୯ମି. ମଧ୍ୟେ, ଘ.୦୪.୩୧ମି.ଗତେ ଘ.୦୫.୨୩ମି. ମଧ୍ୟେ, ରାତ୍ରି ଘ.୦୮.୨୭ମି. ଗତେ, ଘ.୦୯.୫୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୨.୫୯ ଗତେ ଘ.୦୪.୩୮ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ବିମାନ କମ୍ପାନୀ...

ବିଦେଶରେ ଫସିଥିବା ଭାରତୀୟଙ୍କୁ ବିମାନରେ ସ୍ୱଦେଶ ଫେରାଇ ଆଣିବାବେଳେ କେତେକ ସର୍ତ୍ତ ପାଳନ କରିବା ପାଇଁ କେନ୍ଦ୍ରସରକାର ମାର୍ଚ୍ଚ ୨୩ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସେତେବେଳେ ଯାତ୍ରୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ବିମାନରେ ଥିବା ୩ଟିକିଆ ସିଟ୍‌ର ମଝି ସିଟ୍‌କୁ ଖାଲି ରଖିବାକୁ କୁହାଯାଇଥିଲା। ମାତ୍ର ଏହି ନିୟମକୁ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷ ଉଲ୍ଲଂଘନ କରିଛନ୍ତି। ଏପରି କି ସାନ୍‌ଫ୍ରାନ୍ସିସ୍କୋରୁ ମୁମ୍ବାଇ ଆସୁଥିବା ବିମାନରେ ସବୁ ସିଟ୍‌ରେ ଯାତ୍ରୀମାନେ ବସିଥିବା କିଛି ଫଟୋ ମଧ୍ୟ ସେ କୋର୍ଟରେ ଦାଖଲ କରିଥିଲେ। ତେବେ ଏହି ଅଭିଯୋଗକୁ ଏୟାରଇଣ୍ଡିଆ ପକ୍ଷରୁ ଖଣ୍ଡନ କରାଯାଇଛି। ମାର୍ଚ୍ଚ ୨୩ରେ କେନ୍ଦ୍ରସରକାର ଜାରି କରିଥିବା ନିର୍ଦ୍ଦେଶନାମାକୁ ମେ' ୨୨ରେ କୋହଳ କରାଯାଇଛି। ସରକାରଙ୍କ ନୂତନ ନିର୍ଦ୍ଦେଶନାମା ଅନୁଯାୟୀ ଦେଶ ମଧ୍ୟରେ ମେ' ୨୫ରୁ ବିମାନ ସେବା ଯୋଗାଇବାକୁ ନିର୍ଦ୍ଦେଶ ହୋଇଥିବା ବିମାନ କର୍ତ୍ତୃପକ୍ଷ କହିଥିଲେ। ନୂଆ ନିର୍ଦ୍ଦେଶନାମା ଅନୁସାରେ ମଝି ସିଟ୍ ଖାଲି କରିବାକୁ କୁହାଯାଇ ନାହିଁ ବୋଲି ଏୟାର ଇଣ୍ଡିଆ ପକ୍ଷରୁ ହାଇକୋର୍ଟରେ କୁହାଯାଇଥିଲା।

### ୪୪ ଡିଗ୍ରୀ...

ଆହୁରି ପ୍ରବଳ ଗ୍ରୀଷ୍ମପ୍ରବାହ ଜାରିରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁବର୍ଣ୍ଣପୁର, ବୌଦ୍ଧ, ସମ୍ବଲପୁର, ଝାରସୁଗୁଡ଼ା, ଦେବଗଡ଼, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ମାଲକାନଗିରି, କଳାହାଣ୍ଡି ଏବଂ ଅନୁଗୋଳ ଜିଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରିରହିବ ବୋଲି ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟି ରଖି ଉକ୍ତ ଜିଲାଗୁଡ଼ିକରେ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଆସନ୍ତା ୨୯ ତାରିଖ ଯାଏ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶା ଜିଲାଗୁଡ଼ିକରେ ଗ୍ରୀଷ୍ମପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଘରୁ ପଦାକୁ ବାହାରିବା ବେଳେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହି ସମୟରେ ବୃଦ୍ଧ, ଅସୁସ୍ଥ ବ୍ୟକ୍ତି ଏବଂ ଶିଶୁମାନେ ପଦାକୁ ନ ବାହାରିବାକୁ ସତର୍କ କରାଯାଇଛି।

### ହକି କିମ୍ବଦନ୍ତୀ...

ସାର୍ବଜନୀନ କରିଥିଲେ। ଗତ ଦୁଇବର୍ଷ ମଧ୍ୟରେ ଚତୁର୍ଥଥର ପାଇଁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଗତବର୍ଷ ଜାନୁୟାରୀରେ ନିମୋନିଆ କାରଣରୁ ସେ ୩ ମାସ ହସ୍ପିଟାଲରେ ରହିଥିଲେ। ମେ ୧୮ ତାରିଖରୁ ସେ ଅର୍ଦ୍ଧଚେତନ ଅବସ୍ଥାରେ ରହିଆସୁଥିଲେ ଏବଂ ତାଙ୍କ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିଥିବା ଜଣାପଡିଥିଲା। ପ୍ରବଳ ଜ୍ୱର ଓ ନିମୋନିଆ କାରଣରୁ ପ୍ରଥମେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର କୋଭିଡ-୧୯ ପରୀକ୍ଷା କରାଯାଇଥିଲା। ତେବେ ନେଗେଟିଭ ରିପୋର୍ଟ ଆସିଥିଲା।

ହକି ଖେଳାଳିଭାବେ ସଫଳତାର ଶୀର୍ଷକୁ ଛୁଇଁଥିବା ବଲବୀରଙ୍କ ପ୍ରଦର୍ଶନ ବଳରେ ଭାରତ କ୍ରମାଗତ ୩ଥର ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଭାରତ ୧୯୪୮ ଲଣ୍ଡନ ଅଲିମ୍ପିକ୍ସ, ହେଲସିଙ୍କି ୧୯୫୨ ଓ ମେଲବୋର୍ନ ୧୯୫୬ ଅଲିମ୍ପିକ୍ସରେ ଏହି ସଫଳତା ପାଇଥିଲା। କୌଣସି ଅଲିମ୍ପିକ୍ସ ହକି ଫାଇନାଲରେ ତାଙ୍କର ସର୍ବାଧିକ ଗୋଲ ସ୍କୋର ରେକର୍ଡ ଏବେ ବି ଅତୁଟ ରହିଛି। ୧୯୫୨ ଅଲିମ୍ପିକ୍ସରେ ଭାରତ ଫାଇନାଲରେ ନେଦରଲାଣ୍ଡସ୍‌କୁ ହରାଇ ଚାମ୍ପିୟନ ହୋଇଥିଲା। ନେଦରଲାଣ୍ଡସ୍‌କୁ ୬-୧ ଗୋଲରେ ହରାଇ ଭାରତ ଟାଇଟଲ ଜିତିଥିଲା। ତେବେ ଏହି ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲ ମୁକାବିଲାରେ ଉପ-ଅଧିନାୟକ ଭାବେ ସଫଳ ଭାବେ ଦାୟିତ୍ୱ ତୁଲାଇ ବଲବୀର ୫ଟି ଗୋଲ ସ୍କୋର କରି ନେଦରଲାଣ୍ଡସ୍‌କୁ ଧୂଳି ଚଟାଇଥିଲେ। ତାଙ୍କର ଏହି ୫ ଗୋଲ ରେକର୍ଡକୁ ଏପର୍ଯ୍ୟନ୍ତ କେହି ଭାଙ୍ଗିପାରି ନାହାନ୍ତି। ସେହିପରି ଟୋକିଓ ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜେତା ଭାରତୀୟ ଦଳର ସେ ସଦସ୍ୟ ଥିଲେ। ମେଲବୋର୍ନ ଅଲିମ୍ପିକ୍ସରେ ନିଜ ନେତୃତ୍ୱର ପରାକାଷ୍ଠା ପ୍ରତିପାଦନ କରିଥିଲେ। ତାଙ୍କୁ ଭାରତ ତଥା ବିଶ୍ୱର ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ଖେଳାଳିଭାବେ ବିବେଚନା କରାଯାଏ। ତାଙ୍କୁ ମଧ୍ୟ ଆଧୁନିକ ଯୁଗର ଧ୍ୟାନଚାନ୍ଦ କୁହାଯାଇଥାଏ।

### ସବୁ ନେଲେ,...

ଭଗବତୀ ଜେନା, ପ୍ରଶାନ୍ତ ମଲିକ, ଦଶରଥ ମଲିକ ପ୍ରମୁଖ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ ଜାରି ରଖିଛନ୍ତି। ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ପ୍ରଦୂଷଣ ସୃଷ୍ଟି କରୁଥିବା ବିଆର୍‌ପିଏଲ୍ କୌଣସି ପ୍ରକାର ସହାୟତା ଦେଉନାହିଁ। ଗ୍ରାମକୁ ଲାଗି ରହିଥିବା କାରଖାନା ରାସ୍ତାରେ ଦୈନିକ ଶତାଧିକ ମାଲବାହୀ ଗାଡ଼ି ଚଳାଚଳ କରୁଛି। ଏହାର ଧୂଳି ଓ କାରଖାନାର ବିଷାକ୍ତ ଧୂଆଁରେ ସେମାନଙ୍କ ଜୀବନ ବିପନ୍ନ ହୋଇଛି। କାରଖାନାର ପ୍ରଦୂଷଣ ଯୋଗୁ ଧାନଚାଷ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହେଉଥିବାବେଳେ ବନ୍ଧକଟା, କୂଅ ଇତ୍ୟାଦିର ପାଣି ଦୂଷିତ ହୋଇଯାଇଛି। କାରଖାନାରେ ଗ୍ରାମଲୋକଙ୍କୁ କାମଧନ୍ଦା ମଧ୍ୟ ମିଳୁନାହିଁ। ଫଳରେ ସବୁଦିଗରୁ ସେମାନେ ବଞ୍ଚିତ ହୋଇଛନ୍ତି। ପ୍ରଦୂଷଣ ସମସ୍ୟା ନେଇ ଯେତେ ଆପତ୍ତି କଲେ ବି ପ୍ରଶାସନ ଏହି ଶିଳ୍ପସଂସ୍ଥା ବିରୋଧରେ କୌଣସି ପଦକ୍ଷେପ ନେଉନାହିଁ। ଏହି ପରିପ୍ରେକ୍ଷୀରେ ସେମାନଙ୍କ ଗ୍ରାମବସ୍ତି ଓ ଅବଶିଷ୍ଟ ଜମିଗୁଡ଼ିକୁ ଅଧିଗ୍ରହଣ କରି ନେଇ ଅନ୍ୟତ୍ର ଥଇଥାନ କରାଯିବାକୁ ସେମାନେ ଦାବି କରି ଆସୁଛନ୍ତି। କିନ୍ତୁ ବିଆର୍‌ପିଏଲ୍ ଓ ପ୍ରଶାସନ ମଧ୍ୟରେ ରହିଥିବା ବୁଝାମଣା ଯୋଗୁ ଉଭୟେ ଦୋଷ ଲଦାଲଦିରେ ବ୍ୟସ୍ତ ରହୁଛନ୍ତି। ପାଖାପାଖି ଦୁଇ ବର୍ଷହେବ ବିଆର୍‌ପିଏଲ୍ କାରଖାନାକୁ ଜେଏସ୍‌ଡବ୍ଲ୍ୟୁ ଓ ତ୍ରିବେଣୀ ଭଳି ପ୍ରତିଷ୍ଠିତ କମ୍ପାନୀ ଅଧିଗ୍ରହଣ କରିଛି। ଏହାପରେ ଖୁରୁଣ୍ଟି ଗ୍ରାମବାସୀ ବିସ୍ଥାପନ ସହିତ କର୍ମନିଯୁକ୍ତି ପାଇବେ ବୋଲି ଆଶା କରିଥିଲେ। କିନ୍ତୁ ସବୁ ଆଶା ମଉଳିଯାଇଛି। ବିଡମ୍ବନା ଯେ, ଲକ୍‌ଡାଉନ ଭଳି ପରିସ୍ଥିତି ସମୟରେ ବି ବିଆର୍‌ପିଏଲ୍ କୌଣସି ପ୍ରକାର ସହାୟତା ଦେଲାନାହିଁ ବୋଲି ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦାବି ହାସଲ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଲେ ପୋଲିସ ବଳପ୍ରୟୋଗ କରି ଭଣ୍ଡୁର କରି ଦେଇଥାଏ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ବିସ୍ଥାପନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ତେବେ ପ୍ରଦୂଷଣ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଅଧିକାରୀଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ବିଆର୍‌ପିଏଲ୍‌ର ଏମ୍‌ଡି ତଥା ଭାଜପା ରାଜ୍ୟ ସଭା ସାଂସଦ ଅଶ୍ୱିନୀ ବୈଷ୍ଣବଙ୍କୁ ପଚାରିବାରୁ ସେ କହିଛନ୍ତି, ଖୁରୁଣ୍ଟି ଗ୍ରାମବାସୀଙ୍କ ଉପରେ ତାଙ୍କର ନଜର ରହିଛି। ଦିଲ୍ଲୀରେ ସେ ଏବେ ଅଛନ୍ତି। ସେଠାରୁ ଫେରିଲା ପରେ ଗ୍ରାମବାସୀଙ୍କ ସମସ୍ୟା ବୁଝି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ୨୪ ଘଣ୍ଟାରେ...

ମାଲକାନଗିରିରୁ ୯, ଭଦ୍ରକ ୮, ବଲାଙ୍ଗୀର ୮, କୋରାପୁଟ ଓ ଗଜପତିରେ ୬ଜଣ ଲେଖାଏ ରହିଛନ୍ତି। ସେହିପରି ଖୋର୍ଦ୍ଧା ଓ ବାଲେଶ୍ୱର ଜିଲାରେ ୫ଜଣ ଲେଖାଏ ନୂଆ ପଜିଟିଭ୍ ବାହାରିଥିବାବେଳେ ଗଞ୍ଜାମରେ ୪ଜଣ. ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ ଓ ଢେଙ୍କାନାଳରୁ ଜଣେ ଲେଖାଏ କରୋନା ସଂକ୍ରମିତ ଠାବ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି।

ଦେବଗଡ଼ରେ ଚିହ୍ନଟ ନୂଆ ୨୨ ଆକ୍ରାନ୍ତଙ୍କ ମଧ୍ୟରେ ୧୯ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଠାବ କରାଯାଇଥିବାବେଳେ ୧୬ଜଣ ତାମିଲନାଡୁ ଓ ୩ଜଣ ଆନ୍ଧ୍ରପ୍ରଦେଶ ଫେରନ୍ତା। ଅନ୍ୟ ୩ଜଣ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଜଣେ ଆଶାକର୍ମୀ ଓ ଆଉଜଣେ ଶିକ୍ଷକ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଜିଲା ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି। କେନ୍ଦ୍ରାପଡ଼ାର ୧୫ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ପଶ୍ଚିମବଙ୍ଗ ୭, ତେଲଙ୍ଗାନା ୪, କର୍ଣ୍ଣାଟକ ୨, ଗୁଜରାଟ ଓ ତାମିଲନାଡୁରୁ ଜଣେ ଲେଖାଏ ଫେରିଛନ୍ତି। ସେହିଭଳି ଜଗତ୍‌ସିଂହପୁରରେ ୮ଜଣ ପଶ୍ଚିମବଙ୍ଗ ଓ ୨ଜଣ ତାମିଲନାଡୁ ଫେରନ୍ତା ରହିଛନ୍ତି। ମାଲକାନଗିରିର ୯ଜଣଙ୍କ ମଧ୍ୟରୁ ୪ଜଣ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ତାମିଲନାଡୁରୁ ୨ଜଣ ଲେଖାଏ ରହିଛନ୍ତି। ଅନ୍ୟ ଜଣେ ସଂକ୍ରମିତ ସ୍ଥାନୀୟ ଲୋକ ବୋଲି ଜଣାପଡ଼ିଛି।

ସେପଟେ ଭଦ୍ରକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଟପିଯାଇଛି। ନୂଆ ୮ଜଣ ରୋଗୀ ଚିହ୍ନଟ ହେବାପରେ ଜିଲାରେ ଏହି ସଂଖ୍ୟା ୧୦୬କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୪ ପଶ୍ଚିମବଙ୍ଗ, ୨ ଗୁଜରାଟ, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶରୁ ଜଣେ ଲେଖାଏ ରହିଛନ୍ତି। ବଲାଙ୍ଗୀରରେ ମହାରାଷ୍ଟ୍ର ଫେରନ୍ତା ୫ଜଣ, ଗୁଜରାଟ ୨ ଓ ଛତିଶଗଡ଼ ଫେରନ୍ତା ଜଣେ ଚିହ୍ନଟ ହୋଇଛନ୍ତି। କୋରାପୁଟର ୬ଜଣ ଆନ୍ଧ୍ରପ୍ରଦେଶ ଫେରନ୍ତା ଥିବାବେଳେ ଗଜପତିର ୬ଜଣ ମହାରାଷ୍ଟ୍ର ଫେରନ୍ତା ରହିଛନ୍ତି। ଖୋର୍ଦ୍ଧାର ୫ଜଣଙ୍କ ମଧ୍ୟରେ ୩ଜଣ ଗୁଜରାଟ ଓ ଜଣେ ମହାରାଷ୍ଟ୍ର ଫେରନ୍ତା। ସେମାନେ ଖୋର୍ଦ୍ଧା ଅଞ୍ଚଳର ହୋଇଥିବାବେଳେ ଅନ୍ୟଜଣେ ଭୁବନେଶ୍ୱରର ଓ ସେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଗଞ୍ଜାମର ୪ଜଣ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୨ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଓ ୨ଜଣ ସ୍ଥାନୀୟ ଲୋକ ଚିହ୍ନଟ ହୋଇଛନ୍ତି। ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ ଏବଂ ଢେଙ୍କାନାଳରୁ ଯଥାକ୍ରମେ ସୁରଟ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଓ ଛତିଶଗଡ଼ ଫେରନ୍ତା ବୋଲି ଜଣାପଡ଼ିଛି।

**ସୁସ୍ଥ ହେଲେ ଆଉ ୯୯**

ସୋମବାର ଗୋଟିଏ ଦିନରେ ରାଜ୍ୟରେ ପୁଣି ୯୯ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବାଲେଶ୍ୱରରୁ ୩୪ଜଣ, ଗଞ୍ଜାମରୁ ୧୫, ଯାଜପୁରରୁ ୧୩, କେନ୍ଦ୍ରାପଡାରୁ ୧୩, ପୁରୀରୁ ୧୦, ଭଦ୍ରକରୁ ୯, ନୟାଗଡ଼ରୁ ୩, ସୁନ୍ଦରଗଡ ଏବଂ ଦେବଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୬୪୯କୁ ବୃଦ୍ଧି ପାଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ରାଜ୍ୟରେ ଏବେ ୭୮୨ଜଣ ସକ୍ରିୟ ରୋଗୀ ଥିବାବେଳେ ୭ଜଣଙ୍କ ମୃତ୍ୟୁ ଘଟିଛି। ୯୮୯ଜଣ ସନ୍ଦିଗ୍ଧ ବିଭିନ୍ନ ହସ୍ପିଟାଲ ଆଇସୋଲେଶନରେ ରହିଛନ୍ତି।

### ଆଲୋଚନା ପରେ...

ଆଣିବା ମାତ୍ରେ ଦିନକୁ ୮ ହଜାର ଟଙ୍କା ଖର୍ଚ୍ଚ ହେବ। ଏହା ଛଡ଼ା ବସ୍ କର୍ମଚାରୀମାନେ ମଧ୍ୟ ନିଜ ନିଜ ଘରକୁ ଚାଲି ଯାଇଛନ୍ତି। ସେମାନେ ଆସିବାକୁ କିଛି ସମୟ ଲାଗିବ। ଏଥିସହିତ ବସ୍‌ରେ ଯାତ୍ରା କରିବାକୁ ଯାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ସରକାର ସଚେତନତା କାର୍ଯ୍ୟକ୍ରମକୁ ଜୋରଦାର କରିବା ଦରକାର ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ସରକାରଙ୍କ ସହ ଆଲୋଚନା ପରେ ଆସନ୍ତା ଜୁନ୍‌ମାସରୁ ଘରୋଇ ବସ୍ ରାଜ୍ୟରେ ଚଳାଚଳ କରିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାର ବସ୍ ମାଲିକ ସଂଘ ସହିତ ଖୁବ୍‌ଶୀଘ୍ର ଆଲୋଚନା କରି ସମାଧାନ କରିବେ ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି। ବସ୍ ଚାଲିବା ଆରମ୍ଭ ହେବା ମାତ୍ରେ ବସ୍‌ଷ୍ଟାଣ୍ଡଗୁଡ଼ିକରେ ପରିମଳକୁ ଅଧିକ ଧ୍ୟାନ ଦିଆଯିବ। ସାମାଜିକ ଦୂରତ୍ୱକୁ ବାଧ୍ୟତାମୂଳକ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।


## Classified




**SALE**

Gold on Booking. 4/5 BHK Duplex at Balianta. Construction-2200 @ 60Lakhs/ 2600 @ 70Lakhs. Mplanets: 9938219397/ 9861022055. D-17327

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସଉପଯୋଗୀ plot ଦିଆଯାଉଅଛି sqft. 650/-, 7008045582, 9692003948. D-17353

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Interested to Construct newly built house with complete finishing@1200/- sqft. onward. Contact- 9861448065, 7992819489.** D-17351




Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69258

Newly open ayurvedic/ herbal body massage with smart therapist, 9777167531. D-59947

Herbal full body massage by smart / expert therapist. Contact: 8338067247. D-69255

Rejuvenate and Ayurvedic full body massage by smart therapist. 9114402304. D-69257

Monalisa massage club : All types body massage with hiprofile smart lady rooms service available 9708545108. D-17341

Newly open spa centre full body massage smart ladies: 8260347387. D-59948

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଅପହୃତାଙ୍କୁ ଉଦ୍ଧାର କରିବାକୁ ଯାଇ ୩ ପୋଲିସ ମାଡ଼ ଖାଇଲେ

ବେଗୁନିଆ,୨୫।୫(ଡି.ଏନ୍.ଏ.): ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ବେଗୁନିଆ ଥାନାର ୩ ପୋଲିସ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଏଥିରେ ଏସ୍‌ଆଇ ଶ୍ରୀକାନ୍ତ ପଣ୍ଡା, ଏଏସ୍‌ଆଇ ଜେ.କେ.ଜେନା ଏବଂ କନଷ୍ଟେବଲ ତାପସ ବେହେରା ଆହତ ହୋଇଛନ୍ତି। ଏସ୍‌ଆଇ ପଣ୍ଡାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୦୪/୨୦) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗତ ଫେବୃୟାରୀରେ ଜଣେ ୧୫ବର୍ଷୀୟା ଛାତ୍ରୀଙ୍କୁ ଉକ୍ତ ଗ୍ରାମର ଜଣେ ଛାତ୍ର ଅପହରଣ କରି ନେଇଯାଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୯/୨୦) ରୁଜୁକରିଥିଲା। ରବିବାର ବିଳମ୍ବିତ ରାତିରେ ଉକ୍ତ ୩ ପୋଲିସ କର୍ମଚାରୀ ଅଭିଯୁକ୍ତ ଛାତ୍ରଙ୍କ ଘରେ ଚଢ଼ାଉ କରିଥିଲେ। ଉଭୟଙ୍କୁ ଉଦ୍ଧାର କରୁଥିବାବେଳେ ଉକ୍ତ ବସ୍ତିର ୨୦ରୁ ଊର୍ଦ୍ଧ୍ୱ ମହିଳା ସେମାନଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ମାନିଲେନି, କାଉଣ୍ଟରରୁ ବୋହିନେଲେ ମଦ



ଭୁବନେଶ୍ୱରର ଏକ ମଦ କାଉଣ୍ଟରରେ ଲୋକଙ୍କ ଭିଡ଼।

### ଆଜିଠୁ ଦୋକାନ ଆଗରେ ପୋଲିସ ପହରା

ସୋମବାର ପ୍ରଥମଦିନରେ ଅନ୍‌ଲାଇନ୍ ମଦ ବିକ୍ରି ଆରମ୍ଭ ହେବା ପରେ ଅନେକ ବିଶୃଙ୍ଖଳା ସୃଷ୍ଟି ହୋଇଛି। କାଉଣ୍ଟର ଆଗରେ ଲୋକେ ଯେଭଳି ଭିଡ଼ କଲେ ଓ ମଦ ବୋହିନେଲେ, ସାମାଜିକ ଦୂରତ୍ୱ ଓ ଅନ୍ୟ ସରକାରୀ କଟକଣା ସବୁ ତା' ଭିତରେ ହଜିଗଲା। କମିଶନରେଟ୍ ପୋଲିସ ପ୍ରଥମ ଦିନର ଏଭଳି ବିଶୃଙ୍ଖଳିତ ଚିତ୍ର ପାଇବା ପରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇଦେଇଛି। ମଙ୍ଗଳବାରଠାରୁ ମଦ ଦୋକାନ ଆଗରେ ପହରା ଦେବ ପୋଲିସ। ଏହାସହ ପିସିଆର୍ ଭ୍ୟାନ୍ ମଧ୍ୟ ପାଟ୍ରୋଲିଂ କରିବ। ଡେଲିଭରି ପାଇଁ ଯାଉଥିବା କର୍ମଚାରୀଙ୍କୁ ମାଡ଼ ମାରି ଦୁର୍ବୃତ୍ତମାନେ ମଦ ଛଡ଼ାଇନେବାର ଭୟ ଥିବା ମଦ ଦୋକାନୀ ସଂଘ କହିଛି। ମଦ ଦୋକାନୀ ସୁରକ୍ଷା ମାଗିଲେ, ଡେଲିଭରି ବେଳେ କର୍ମଚାରୀଙ୍କ ସହ ରହିବ ପୋଲିସ।

ଭୁବନେଶ୍ୱର,୨୫।୫(ବ୍ୟୁରୋ)

ରାଜଧାନୀ ସମେତ ଅନ୍ୟ କେତେକ ସ୍ଥାନରେ ସୋମବାରଠାରୁ ଅନ୍‌ଲାଇନ୍ ମଦ ବିକ୍ରି ଆରମ୍ଭ ହୋଇଛି। ଲକ୍‌ଡାଉନ୍ ସମୟରେ ସରକାର କେବଳ ଅନ୍‌ଲାଇନ୍ ମଦ ବିକ୍ରି ପାଇଁ ଅନୁମତି ଦେଇଥିଲେ। କିନ୍ତୁ ଦୋକାନୀ ଓ ଗ୍ରାହକ ଏହି ନିୟମକୁ ଫୁ କରି ଉଡ଼ାଇ ଦେଇଛନ୍ତି। ରାଜଧାନୀର କଟକରୋଡ୍, ବାପୁଜୀ ନଗର, ରସୁଲଗଡ଼, ବୁଦ୍ଧେଶ୍ୱରୀ କଲୋନୀ, ନୟାପଲ୍ଲୀ, ପଟିଆ ଭଳି ଅନେକ ସ୍ଥାନରେ ଥିବା ମଦ ଦୋକାନ ଅଫ୍‌ଲାଇନ୍ ମଦ ବିକ୍ରି କରିଛନ୍ତି। ଫଳରେ କାଉଣ୍ଟରରେ ଅସମ୍ଭାଳ ଭିଡ଼ ହେବା ସହ ଗ୍ରାହକମାନେ ପେଟି ପେଟି ମଦ ବୋହି ନେଇଛନ୍ତି। ସାମାଜିକ ଦୂରତ୍ୱକୁ ସମସ୍ତେ ଆଖି ବୁଜିଦେଇଛନ୍ତି। ଏ ସମ୍ପର୍କରେ କେତେକ ମଦ ଦୋକାନୀ ଅଦ୍ଭୁତ ସଫେଇ ଦେଇଛନ୍ତି। ଅନ୍‌ଲାଇନ୍‌ରେ ମଦ ଦିଆଯିବା ପାଇଁ କାଉଣ୍ଟର ଖୋଲି ଆଧାରକାର୍ଡ ନିଆଯାଇ ପଞ୍ଜୀକରଣ କରାଯାଉଥିବା ସେମାନେ କହିଛନ୍ତି।

ଅନ୍ୟପକ୍ଷରେ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବା ପରେ ପୋଲିସ ଏକାଧିକ ମଦ ଦୋକାନ ବନ୍ଦ କରିଛି। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନ ଯୋଗୁ ମଦ ଦୋକାନୀ ମାଲିକ ସଂଘ ଡିସିପିଙ୍କୁ ଭେଟିଥିଲା। ତାଙ୍କ ସହ ବହୁ ସମୟ ଧରି ଆଲୋଚନା ପରେ ଅନ୍‌ଲାଇନ୍‌ରେ ମଦ ବିକ୍ରି ପାଇଁ ସଂଘ ରାଜି ହୋଇଥିଲା। ସକାଳ ୭ରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଅର୍ଡର ରଖାଯିବ ଓ ଗୋଟାଏରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଡେଲିଭରି ଦେବା ପାଇଁ ଡିସିପି ଦୋକାନୀଙ୍କୁ କହିଥିଲେ। ମଦ ଦୋକାନ ଆଗରେ ପୋଲିସ ମୁତୟନ କରାଯିବ ଓ ଡେଲିଭରି ସମୟରେ ମଧ୍ୟ ପୋଲିସ ସୁରକ୍ଷା ଦେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଜୋମାଟୋ ଓ ସ୍ୱିଗି ମଦ ଡେଲିଭରି କଲେ ୩.୫ ପ୍ରତିଶତ କମିଶନ ପାଇବେ। କିନ୍ତୁ ସେମାନେ ଡେଲିଭରିର ୩ ଦିନ ଭିତରେ ପାଉଣା ନେବାକୁ କହିବାରୁ ଏହାକୁ ସଂଘ ନାପସନ୍ଦ କରିଛି।

# ପ୍ରଥମ ଦିନରେ ୧୭୪୨ ଲିଟର ବିକ୍ରି

- ହୋମ୍ ଡେଲିଭରି କଲେ ୧୮ ଦୋକାନ
- ଅନ୍‌ଲାଇନ୍‌ରେ ମିଳିଲା ୮୩୬ ଅର୍ଡର
- ବିୟର ଅପେକ୍ଷା ବିଦେଶୀ ମଦ ଅଧିକ ବିକ୍ରି

କଟକ ଅଫିସ,୨୫।୫

ଦୁଇ ମାସ ପରେ କଟକ ଜିଲାରେ ସୋମବାରଠାରୁ ମଦ ବିକ୍ରି ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୧୭୪୨ ଲିଟର ମଦ ବିକାଯାଇଛି। ଜିଲା ଅବକାରୀ ବିଭାଗ ସୂଚନା ଅନୁଯାୟୀ, ଜିଲାରେ ୩୭ଟି ଅନ୍‌ସପ୍ ରହିଛି। ସେଥିରୁ ୩ଟି ଦୋକାନ ହୋମ୍ ଡେଲିଭରିରେ ସାମିଲ୍ ହୋଇଛନ୍ତି। ଏହି ଦୋକାନଗୁଡ଼ିକ ପ୍ରଥମ ଦିନରେ ୧୧୧ଟି ଅର୍ଡର ପାଇଛନ୍ତି। ସେମାନେ ୨୯.୩୭୫ ଲିଟର ବିଦେଶୀ ମଦ ଏବଂ ୪୨.୨୫୦ ଲିଟର ବିୟର ବିକିଛନ୍ତି। ସେହିପରି ଜିଲାରେ ୧୦୮ଟି ଅଫ୍‌ସପ୍ ଥିବାବେଳେ ସେଥିରୁ ୧୫ଟି ଦୋକାନ ହୋମ୍ ଡେଲିଭରିରେ ସାମିଲ ହୋଇଛି। ସେମାନେ ପାଇଥିବା ୭୨୫ଟି ଅର୍ଡରରେ ୧୦୬୮.୭୮ ଲିଟର ବିଦେଶୀ ମଦ ଓ ୬୦୨.୧୦୦ ଲିଟର ବିୟର ବିକ୍ରି କରିଛନ୍ତି।

ଅନ୍ୟପକ୍ଷରେ କେବଳ ଅନ୍‌ଲାଇନ୍‌ରେ ମଦ ବିକ୍ରି ଅନୁମତି ରହିଥିବାବେଳେ କାଉଣ୍ଟର ଆଗରେ ଗ୍ରାହକମାନେ ଭିଡ଼ ଲଗାଇ ମଦ କିଣୁଥିବା ଦେଖିବାକୁ ମିଳିଥିଲା। ସାମାଜିକ ଦୂରତ୍ୱକୁ କେହି ମାନି ନ ଥିଲେ। ଆଉ କେତେକ ଜାଗାରେ ଗ୍ରାହକମାନେ ଦୋକାନ ସମ୍ମୁଖକୁ ଯାଇ ଫୋନ୍‌ରେ ଅର୍ଡର ଦେଉଥିଲେ। ଦୋକାନ ପାଖରେ ଅପେକ୍ଷା କରି କର୍ମଚାରୀଙ୍କଠାରୁ ମଦ ସଂଗ୍ରହ କରୁଥିଲେ। ବାଦାମବାଡ଼ି ଅଞ୍ଚଳର ଏକ ଦୋକାନରେ ଏଭଳି ବେଆଇନ ଭାବେ ମଦ ବିକ୍ରି ହେଉଥିବା ଖବର ଡିସିପିଙ୍କ ପାଖରେ ପହଞ୍ଚିଥିଲା। ଘଟଣାର ତଦନ୍ତ ପାଇଁ ବାଦାମବାଡ଼ି ଥାନାକୁ ନିର୍ଦ୍ଦେଶ ଦିଆଯାଇଛି।

### ନିୟମ ନ ମାନି ତଣ୍ଡ ଗଣିଛନ୍ତି ଦୋକାନୀ

ଦୋକାନ ସମ୍ମୁଖରେ ଆଶାତୀତ ଭିଡ଼ ଜମିଯିବାରୁ ଏହାକୁ ନିୟନ୍ତ୍ରଣ କରାଯାଇପାରିଲାନି। ଗ୍ରାହକମାନେ ଧମକ ଦେଇ କାଉଣ୍ଟରରୁ ମଦ କିଣିନେଲେ। ଯେଉଁ ଦୋକାନୀମାନେ ନିର୍ଦ୍ଦେଶ ନ ମାନି କାଉଣ୍ଟରରେ ମଦ ବିକିଛନ୍ତି, ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି।

**– ଅଶୋକ କୁମାର ଶତପଥୀ, ଅବକାରୀ ଅଧୀକ୍ଷକ**

# ହୋଟେଲ ଖୋଲିବାକୁ ଅନୁମତି ମାଗିଲା ଏଚ୍‌ଆର୍‌ଏଓ

- ବିମାନ ଯାତ୍ରୀଙ୍କ ପାଇଁ ହୋଟେଲ ବୁକିଂ ହେଉ
- ବିଏମ୍‌ସି କମିଶନର, ପର୍ଯ୍ୟଟନ ସଚିବଙ୍କୁ ଚିଠି

ଭୁବନେଶ୍ୱର,୨୫।୫(ବ୍ୟୁରୋ)

ଗତ ଦୁଇମାସରୁ ଊର୍ଦ୍ଧ୍ୱ ସମୟ ହେଲା ବନ୍ଦ ହୋଇ ପଡ଼ିଥିବା ହୋଟେଲ ଶିଳ୍ପକୁ ପୁନର୍ବାର ଖୋଲିବା ପାଇଁ ଦାବି ହୋଇଛି। ସୋମବାରଠାରୁ ଦେଶରେ ଘରୋଇ ବିମାନ ଚଳାଚଳ ଆରମ୍ଭ ହୋଇଥିବାବେଳେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ହୋଟେଲ, ରିସର୍ଟ ଆଦି ଖୋଲିବାକୁ ଅନୁମତି ମାଗିଛି ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍‌ଆର୍‌ଏଓ)। ବିଶେଷକରି ଭୁବନେଶ୍ୱର ପାଇଁ ଦାବି କରିଛି ଆସୋସିଏଶନ। ଏନେଇ ସୋମବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଓ ପର୍ଯ୍ୟଟନ ସଚିବ ବିଶାଲ ଦେବଙ୍କୁ ଏଚ୍‌ଆର୍‌ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତି ଏକ ପତ୍ର ଲେଖି ଅନୁରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ଦୁଇ ମାସ ପରେ ସୋମବାର ଭୁବନେଶ୍ୱର ବିମାନ ବନ୍ଦରରେ ଏକାଧିକ ଯାତ୍ରୀବାହୀ ଘରୋଇ ବିମାନ ଅବତରଣ କରିଛି। ଅଧିକାଂଶ ଯାତ୍ରୀ ହୋଟେଲ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ଭୁବନେଶ୍ୱରର ପ୍ରମୁଖ ହୋଟେଲଗୁଡ଼ିକୁ ଯୋଗାଯୋଗ କରିଥିଲେ। ସେହିପରି ଅନ୍ୟ କେତେଜଣ ଯାତ୍ରୀ ରୁମ୍ ବୁକ୍ କରିବାକୁ ଚାହିଁଥିଲେ। ହେଲେ ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ହୋଟେଲଗୁଡ଼ିକ ସମସ୍ତ ଯାତ୍ରୀଙ୍କୁ ରହଣି ପାଇଁ ମନା କରିଥିବା ଏଚ୍‌ଆର୍‌ଏଓ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ମଧ୍ୟ ଦେଶର ବିଭିନ୍ନ ପ୍ରାନ୍ତରୁ ଏକାଧିକ ବିମାନ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରିବ। ସେମାନଙ୍କ ପାଇଁ ସହରର ହୋଟେଲଗୁଡ଼ିକୁ କ୍ୱାରାଣ୍ଟାଇନ୍ ସେଣ୍ଟରଭାବେ ବ୍ୟବହାର କରାଯାଇପାରିବ। ସେହିଭଳି କେନ୍ଦ୍ର ବେସମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ନିୟମାବଳୀ ଅନୁଯାୟୀ ଅନ୍ତର୍ଜାତୀୟ ବିମାନ ତଥା ଦେଶ ବାହାରୁ ଆସିବାକୁ ଥିବା ଯାତ୍ରୀମାନେ ହୋଟେଲରେ ବାଧ୍ୟତାମୂଳକ ଦେୟଯୁକ୍ତ ବା ପେଡ୍ କ୍ୱାରାଣ୍ଟାଇନରେ ରହିବେ। ତେଣୁ ଏହାକୁ ଦୃଷ୍ଟିରେ ରଖି ଲୋକଙ୍କୁ ହୋଟେଲରେ ରହଣି ପାଇଁ ଅନୁମତି ଦେବାକୁ ଆସୋସିଏଶନ ଦାବି କରିଛି। ଜୁନ୍ ମାସ ପର୍ଯ୍ୟନ୍ତ ହୋଟେଲଗୁଡ଼ିକର ସମସ୍ତ ବୁକିଂ ବାତିଲ ହୋଇଥିବାରୁ ଏହାର ସିଧାସଳଖ ପ୍ରଭାବ କର୍ମଚାରୀଙ୍କ ଉପରେ ପଡ଼ିଛି। ହୋଟେଲ ମେଣ୍ଟେନାନ୍ସ, ବିଦ୍ୟୁତ ଦେୟ, ବ୍ୟାଙ୍କ ଋଣ, ଇଏମ୍‌ଆଇ ଆଦି ଦେବାସହ କର୍ମଚାରୀଙ୍କ ମାସିକ ବେତନ ଦେବା ହୋଟେଲ ମାଲିକଙ୍କ ପାଇଁ ସମ୍ଭବ ହେଉନି। ଏଭଳିସ୍ଥଳେ କ୍ୱାରାଣ୍ଟାଇନ୍ ସେଣ୍ଟର ମାଧ୍ୟମରେ ଆଂଶିକଭାବେ ହୋଟେଲ ଶିଳ୍ପକୁ କାର୍ଯ୍ୟକ୍ଷମ କରିବା ଦ୍ୱାରା ବହୁ କର୍ମନିଯୁକ୍ତି ସୁରକ୍ଷିତ କରାଯାଇପାରିବ ବୋଲି ମହାନ୍ତି କହିଛନ୍ତି।

# ପୁଣି ଫୁଟ୍‌ପାଥ୍‌ରେ ଫଳ ବେପାର



ଭୁବନେଶ୍ୱର, ୨୫।୫ (ବ୍ୟୁରୋ)

ବୋଲ ମାନୁନାହାନ୍ତି ଭୁବନେଶ୍ୱରର ଫଳ ବେପାରୀ। ରାଜମହଲରୁ ଏଜି ଛକ ଯାଏ ଥିବା ଫୁଟ୍‌ପାଥ୍‌କୁ କବ୍‌ଜା କରି ଫଳ ବେପାର କରୁଛନ୍ତି। ସାମାଜିକ ଦୂରତ୍ୱ ନିୟମକୁ ଉଲ୍ଲଂଘନ କରୁଥିବାରୁ ଗତ ୧୮ ତାରିଖ ଦିନ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସେମାନଙ୍କୁ ପରିବା ହାଟକୁ ସ୍ଥାନାନ୍ତରିତ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲା। ହେଲେ ସୋମବାର ପୁନର୍ବାର ଫଳ ବ୍ୟବସାୟୀମାନେ ଫୁଟ୍‌ପାଥକୁ ଚାଲି ଆସି ଦୋକାନ ଖୋଲି ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି। ତେବେ ପୂର୍ବପରି ସାମାଜିକ ଦୂରତ୍ୱ ରହୁ ନ ଥିବା ଦେଖିବାକୁ ମିଳିଛି। ଗ୍ରାହକମାନେ ମଧ୍ୟ ସେପରି ସଚେତନ ରହୁ ନ ଥିବାରୁ ସଂକ୍ରମଣ ଆଶଙ୍କା ରହୁଛି।

ଅନ୍ୟପକ୍ଷରେ ଫଳ ବ୍ୟବସାୟୀ ପବିତ୍ର ସେଠ୍‌ଙ୍କ ସମେତ ଅନ୍ୟମାନେ କହିଛନ୍ତି, ପରିବା ହାଟରେ ବେପାର ହେଉନି। ମୁଖ୍ୟ ରାସ୍ତାରୁ ପରିବା ହାଟ ଦୂର ହେଉଥିବାରୁ ଲୋକେ ଫଳ କିଣିବାକୁ ପସନ୍ଦ କରୁନାହାନ୍ତି। ବେପାର ନ ହେଲେ ପରିବାର ଚଳାଇବୁ କେମିତି? ପୁଣି ଫଳ ନଷ୍ଟ ହେଉଥିବାରୁ କ୍ଷତି ସହବାକୁ ପଡୁଛି। ତେଣୁ ବାଧହୋଇ ପୁଣି ଫୁଟ୍‌ପାଥ୍‌ରେ ବସି ବ୍ୟବସାୟ କରୁଛୁ। ବିଏମ୍‌ସି ପ୍ରକୃତ ସମସ୍ୟା ବୁଝି ବେପାର ପାଇଁ ଆବଶ୍ୟକ ପଦକ୍ଷେପ ନେଲେ ଭଲ ହେବ ବୋଲି ବ୍ୟବସାୟୀମାନେ କହିଛନ୍ତି। ବିଏମ୍‌ସି ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି, ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ଚାଲିଛି। ଏନେଇ କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ ଯାହା ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ୟୁନିଟ୍-୧ ହାଟ ସମ୍ମୁଖରେ ଥିବା ୭୦ ଫଳ ଦୋକାନୀଙ୍କୁ ବିଏମ୍‌ସି ୟୁନିଟ୍-୧ ପରିବା ହାଟକୁ ସ୍ଥାନାନ୍ତରିତ କରିଥିଲା। ରାସ୍ତା ଉପରେ ଫଳ ବିକ୍ରି କରିବା ସମୟରେ ସାମାଜିକ ଦୂରତ୍ୱ ନ ମାନିବା, ଗହଳି କରିବା ଆଦି କାରଣ ହେତୁ ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍‌ର ସ୍କ୍ୱାଡ୍ ଓ ବିଡିଏ ଉଚ୍ଛେଦକାରୀ ଟିମ୍ ଫଳ ବ୍ୟବସାୟୀଙ୍କ କାଠ ପିଣ୍ଡିକୁ ଭାଙ୍ଗି ଦେଇଥିଲା।

### ମୂଳ ସ୍ଥାନକୁ ଫେରିବେ ହାଟ ବ୍ୟବସାୟୀ, ନିଷ୍ପତ୍ତି ଆଜି

କରୋନା ମହାମାରୀ ପାଇଁ ବିଏମ୍‌ସି ପକ୍ଷରୁ ସହରର ମୁଖ୍ୟ ହାଟ ବଜାରଗୁଡ଼ିକୁ ଭାଗ ଭାଗ କରାଯାଇ ବିଭିନ୍ନ ସ୍ଥାନରେ ଅବସ୍ଥାପିତ କରାଯାଇଥିଲା। ସେ ସମସ୍ତ ଅସ୍ଥାୟୀ ହାଟ ବଜାରକୁ ପୁନଃ ବିକେନ୍ଦ୍ରୀକରଣ କରାଯିବ। ମୂଳ ସ୍ଥାନକୁ ହାଟ ବ୍ୟବସାୟୀମାନେ ଫେରିବେ। ବର୍ତ୍ତମାନ ପରିସ୍ଥିତିରେ ବ୍ୟବସାୟୀମାନେ ପୁରୁଣା ସ୍ଥାନକୁ ଫେରିବା ଉଚିତ୍ କି ନାହିଁ, ସେନେଇ ବିଏମ୍‌ସି ଅଧିକାରୀମାନେ ବ୍ୟବସାୟୀ ସଂଘଗୁଡ଼ିକ ସହ ଆଜି ଆଲୋଚନା କରିବେ। ନିଷ୍ପତ୍ତି ହେଲେ ହାଟ ବଜାର ଖୋଲିବା ଓ ବନ୍ଦ କରିବା ସମୟ ନିର୍ଦ୍ଧାରଣ କରାଯିବ। ଏଥିସହ କେତେକ ଗାଇଡ୍‌ଲାଇନ୍ ଜରି କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

### ବେପାର ହେଉନି, ବାଧହୋଇ ଆସିବାକୁ ପଡୁଛି: ବ୍ୟବସାୟୀ

# ରେଲ୍‌ୱେ ଡେପୁଟି ଚିଫ୍ ଇଞ୍ଜିନିୟର ଗିରଫ

ଭୁବନେଶ୍ୱର,୨୫।୫ (ବ୍ୟୁରୋ)

ରେଲ୍‌ୱେରେ ବହୁ କୋଟି ଟଙ୍କାର ପ୍ରୋଜେକ୍ଟ ଦେବାକୁ କହି ଜଣେ ଠିକାଦାରଙ୍କଠାରୁ ୫୦ଲକ୍ଷ ଟଙ୍କା ଠକିନେବା ଅଭିଯୋଗରେ ରେଲ୍‌ୱେ ଡେପୁଟି ଚିଫ୍ ଇଞ୍ଜିନିୟର ପ୍ରଶାନ୍ତ କୁମାର ବାଘଙ୍କୁ ସୋମବାର ପୋଲିସ ଗିରଫ କରିଛି। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଆଇପିସି ଦଫା ୪୨୦, ୨୯୪ ଓ ୫୦୬ରେ ମାମଲା (ନଂ.୧୮୦/୧୯) ରୁଜୁ ହୋଇଛି। ତେବେ ଅଭିଯୁକ୍ତଙ୍କ ଜଣେ ସାଙ୍ଗ ଚନ୍ଦ୍ରଶେଖରପୁର ଥାନାରେ ପହଞ୍ଚି ମାମଲା ସମାଧାନ ପାଇଁ ଚାପ ପକାଇବା ସହ ଧମକ ଚମକ ଦେଉଥିବା ଅଭିଯୋଗକାରୀ ଜଣାଇଛନ୍ତି। ସୂଚନା ଅନୁଯାୟୀ, ନୟାପଲ୍ଲୀ ଆଇଆର୍‌ସି ଭିଲେଜରେ ରହୁଥିବା ଠିକାଦାର ଚିତ୍ରସେନ ବାଘଙ୍କ ସମ୍ ଷ୍ଟିଲ୍ ନାମକ ଏକ ସଂସ୍ଥା ରହିଛି। ଅଭିଯୁକ୍ତ ପ୍ରଶାନ୍ତ ରେଲ୍‌ୱେର ଏକ ୩୦ କୋଟିର ପ୍ରୋଜେକ୍ଟ କରାଇ ଦେବାକୁ କହି ୨୦୧୭ ଅକ୍ଟୋବରରେ ଚିତ୍ରସେନଙ୍କଠାରୁ ୫୦ଲକ୍ଷ ଟଙ୍କା ନେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଫାଇଲ୍ କାର୍ଯ୍ୟ ଚାଲିଛି କହି ସେ ୨ବର୍ଷ ସମୟ ଗଡ଼ାଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୋମବାର ସନ୍ଧ୍ୟାରେ ସେ ବରମୁଣ୍ଡା ଜଗନ୍ନାଥବିହାରସ୍ଥିତ ତାଙ୍କ ଘରେ ଥିବା ଖବର ପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଦୁଇଟି ମାମଲାରେ ଖଣ୍ଡଗିରି ଓ ଚନ୍ଦ୍ରଶେଖରପୁର ଥାନା ପୋଲିସ ପ୍ରଶାନ୍ତଙ୍କୁ ଗିରଫ କରିଥିଲା।

**NATIONAL INSURANCE COMPANY LIMITED**
ନ୍ୟାସନାଲ ଇନ୍ସୁରେନ୍ସ National Insurance
(A Govt. of India Undertaking)
CIN: U10200WB1906GOI001713
Bhubaneswar Regional Office, 6th Floor, IDCO Towers, Janpath, Bhubaneswar - 751022, Ph.: 0674-2542966

**TENDER NOTICE**

Tender No.: 160000/BBRO/IT/2020-21/01
Sealed tenders in Two Bid System is invited from reputed frims for supply of UPS Batteries for our Offices across Odisha. Instructions for tenderers including eligibility criteria alongwith the prescribed format for tender are available from IT Department at the above address on all working days during office hours from **26.05.2020 to 08.06.2020**. Details are also available at **https://nationalinsurance.nic.co.in**. The tenders may be submitted in the Tender Box of above address. Company reserves the right to cancel any/all tenders without giving any reason.
Date: 26.05.2020 — Chief Regional Manager

# ୧୦୯୮ ଶ୍ରମିକଙ୍କୁ ନେଇ ବିହାର ଗଲା ଟ୍ରେନ୍

### ଆଜି ଆଉ ଏକ ଟ୍ରେନ୍ ଉତ୍ତରପ୍ରଦେଶ ଯିବ

ଭୁବନେଶ୍ୱର,୨୫।୫(ବ୍ୟୁରୋ)

ଓଡ଼ିଶାରେ ବିଭିନ୍ନ ଜିଲାରେ ଅଟକି ରହିଥିବା ବିହାରର ୧୦୯୮ ଶ୍ରମିକଙ୍କୁ ନେଇ ଭୁବନେଶ୍ୱର-ଦାନପୁର ଶ୍ରମିକ ସ୍ପେଶାଲ ଟ୍ରେନ୍ ବିହାର ଅଭିମୁଖେ ସୋମବାର ଯାତ୍ରା କରିଛି। ଅପରାହ୍ନ ୪ଟାରେ ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ ସ୍ୱାଇଁ ଭୁବନେଶ୍ୱର ନୂଆ ରେଳଷ୍ଟେଶନରେ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ।

ଏହି ଶ୍ରମିକମାନେ କଳାହାଣ୍ଡି, ଯାଜପୁର, କୋରାପୁଟ, ବାଲେଶ୍ୱର, ବରଗଡ଼, ମୟୂରଭଞ୍ଜ, ନୟାଗଡ଼, ସମ୍ବଲପୁର, କେନ୍ଦୁଝର, କନ୍ଧମାଳ, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୋଳ, ନବରଙ୍ଗପୁର, ମାଲକାନଗିରି, ଗଜପତି, ଗଞ୍ଜାମ, ଜଗତ୍‌ସିଂହପୁର, ଢେଙ୍କାନାଳ, କଟକ, ଖୋର୍ଦ୍ଧା ଆଦି ୨୧ ଜିଲାରେ କାମ କରୁଥିଲେ। ସେମାନଙ୍କୁ ବସ୍ ଯୋଗେ ଭୁବନେଶ୍ୱର ନୂତନ ଷ୍ଟେଶନକୁ ଅଣାଯିବା ପରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଶ୍ରମିକଙ୍କ ଡାକ୍ତରୀ ପରୀକ୍ଷା ସହ ଆବଶ୍ୟକ ଷ୍ଟ୍ରିନିଂ କରାଯାଇଥିଲା। ସବୁ କ୍ଷେତ୍ରରେ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଖୋର୍ଦ୍ଧା ଜିଲାପାଳ ସିତାଂଶୁ ରାଉତଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ କରାଯାଇଥିଲା। ଅନ୍ୟପକ୍ଷରେ ରବିବାର ଭୁବନେଶ୍ୱରରୁ ଛତିଶଗଡ଼ର ରାୟପୁର ଅଭିମୁଖେ ଏକ ଶ୍ରମିକ ସ୍ପେଶାଲ ଟ୍ରେନ୍ ଯାଇଥିବାବେଳେ ମଙ୍ଗଳବାର ପ୍ରାୟ ୧୨୦୦ ଶ୍ରମିକଙ୍କୁ ଧରି ଉତ୍ତରପ୍ରଦେଶ ଅଭିମୁଖେ ଆଉଏକ ଟ୍ରେନ୍ ଯାତ୍ରା କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

**SOUTHCO UTILITY**
**OFFICE OF THE SUPERINTENDING ENGINEER, ELECTRICAL CIRCLE, JEYPORE**
PHONE: 06854-241276 Fax:06854-241128
E-mail ID: circlehead.jeypore@southcoodisha.com
Ref: 1033 — Dated:21.05.20

**E-TENDER CALL NOTICE No. 01/20-21/SE/JYPR**

Sealed tenders are invited on two part bidding system from the eligible Electrical Contractors with required license, from Govt. of Odisha who comply with the terms and conditions for carrying out Electrical Installation work on "Turnkey" basis for **"Construction of 33KV Line, DP & Guarding at Mathili in Malkangiri District"**. For details specification, terms & conditions please visit SOUTHCO's website **www.southcoodisha.com/www.tenderwizard.com/SOUTHCO**. The sale of BID document starts from dt. 26.05.2020. The last date of submission of tender document is up to 13.00 Hrs.on dt. 10.06.20 & opening of techno commercial bid is at 15:00Hrs. on 11.06.20. Any addendum/corrigendum to this tender shall be uploaded in the website only. Southco Utility reserves the right to accept/reject any or all bids without assigning any reason thereof.

Sd./- Superintending Engineer
Jeypore Electrical Circle, Jeypore

**ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଗଞ୍ଜାମ, ଛତ୍ରପୁର**
**DISTRICT RURAL DEVELOPMENT AGENCY, GANJAM, CHATRAPUR**
Phone: (06811) 263965, EPBX: (06811) 263920,
Fax: (06811) 263552, E-mail: ori-dganjam@nic.in
No.: 6912 XXVII-07/20 — Date: 25.05.2020

**NOTICE**

**GENERAL INSTRUCTION TO THE CANDIDATES WHO HAVE APPLIED FOR THE POST OF MULTI PURPOSE ASSISTANT (GRAM ROZGAR SEVAK) VIDE ADVERTISEMENT NO. 469 DT.05.09.2019 OF COLLECTOR, GANJAM FOR POSTING IN DIFFERENT BLOCKS OF GANJAM DISTRICT.**

The candidates who have applied as candidate for recruitment for the Post of Multi Purpose Assistant (Gram Rozgar Sevak) recruited vide Advertisement No. 469 Dt.05.09.2019 of Collector, Ganjam, are hereby intimated to visit the Ganjam District website **www.ganjam.nic.in** and verify their name and other details the provisional selected list and rejected list of applications, published in the above website and file written objections if any personally by attending the office of the undersigned within 15 days (working days only) of publication of this notice, with supporting documents.

Sd./- Project Director, DRDA, Ganjam

### ଆସିଲାଣି ୧୧୬ ଶ୍ରମିକ ସ୍ପେଶାଲ ଟ୍ରେନ୍

ଭୁବନେଶ୍ୱର,୨୫।୫(ବ୍ୟୁରୋ)

୨୪ ତାରିଖ ସୁଦ୍ଧା ବିଭିନ୍ନ ରାଜ୍ୟରୁ ଓଡ଼ିଶାକୁ ମୋଟ ୧୦୦ଟି ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍ ଆସିଥିବାବେଳେ ସୋମବାର ଆଉ ୧୬ଟି ଟ୍ରେନ୍ ଓଡ଼ିଶାରେ ପହଞ୍ଚିଥିଲା। ମଙ୍ଗଳବାର ତାମିଲନାଡୁ, ବାଙ୍ଗାଲୋର, ସୁରଟ, ଗୋଆ, ଅହମ୍ମଦାବାଦ ଓ ରାଜକୋଟରୁ ମୋଟ ୯ଟି ଟ୍ରେନ୍ ବାରିପଦା, ବାଲେଶ୍ୱର, ଖୋର୍ଦ୍ଧାରୋଡ୍, ବ୍ରହ୍ମପୁର, କଟକ ଓ ବଲାଙ୍ଗୀର ଷ୍ଟେଶନରେ ଅଟକିବ ବୋଲି ସୂଚନା ମିଳିଛି।

OCPL Odisha Coal and Power Limited

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Corporate Office: Zone-A, Ground Floor, Fortune Towers, Chandrasekharpur Bhubaneswar –751023, Odisha, Ph No: 0674-2300654 /2300664
Site Office: Near Indian Oil Petrol Pump, At/ Po- Hemgir, Pin- 770013, Sundargarh, Odisha

**NOTICE INVITING TENDER**

**NIT No: OCPL/SITE/SER- 14/2020 Date: 26/05/2020**
Sealed bids in prescribed format are invited from reputed agencies/ contractor for following job:

| Sl. No. | Name of the work | Cost of tender paper | BID Security | Last date of sale of tender document | Date of submission/ opening |
|---|---|---|---|---|---|
| 1 | Supply and installation of coal sample collecting platform at road weighbridge of Odisha Coal and Power Limited, Hemgir, Sundargarh, Odisha. | Rs. 5,900/- (Rupees Five Thousand and Nine Hundred Only) inclusive of GST@ 18% | Rs.60,000/- (Rupees Sixty Thousand Only) | 06.06.2020 | 03:00 PM on 16/06/2020<br>03.30 PM on 16/06/2020 |

Interested agencies may download the RFP document from our website, i.e www.ocpl.org.in. Any further clarifications may please be addressed to the undersigned at the above address or by email to: sudhakar.sinha@ocpl.org.in.
Tel -7608008703 (M) — Sd./- Sr. Manager (Commercial & Contracts.), OCPL

**ZILLA SWASTHYA SAMITI, KANDHAMAL**
**OFFICE OF THE CDM & PHO-cum-DISTRICT MISSION DIRECTOR**
NHM, KANDHAMAL, ODISHA - 762001
Advt. No.: 6792/NHM/20 — Dt.25.05.2020

**TENDER CALL NOTICE**

Sealed tenders are invited from the interested eligible bidders for supply of different reagents and consumables for RNTCP, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website **www.kandhamal.nic.in**. Interested bidders fulfilling the eligibility criteria may submit their proposal(s) with EMD, Tender Paper Cost & document as per tender call notice. The bidders have to submit their proposal(s) at the O/o. The CDM & PHO cum District Mission Director, NHM, Kandhamal, DHH, Phulbani. Proposal(s) complete in all respect should reach the undersigned on or before **03.00 P.M. of 16.06.2020** through Regd./Speed Post/Courier/Drop Box and the same will be opened on **17.06.2020 at 10.30 A.M.** The undersigned reserves the right to reject any or all the tender(s) without assigning any reason thereof.

Sd./- CDM & PHO cum District Mission Director, Kandhamal

**ZILLA SWASTHYA SAMITI, KANDHAMAL**
**OFFICE OF THE CDM & PHO-cum-DISTRICT MISSION DIRECTOR**
KANDHAMAL, ODISHA - 762001
Advt. No.: 6790/NHM/2020 — Dt.25.05.2020

**TENDER CALL NOTICE**

Sealed tenders are invited from the interested eligible bidders for supply of different Contingency items to ZSS, Kandhamal. The eligible criteria, the terms of reference and the formats for submission of bid as set forth in tender document can be downloaded from the website **www.kandhamal.nic.in**. Interested bidders fulfilling the eligibility criteria may submit their proposal(s) with EMD & document as per tender notice. The eligible bidders may submit their tender papers on or before **17.06.2020 by 03.00 P.M.** through Registered Post/Speed Post/Courier/Drop Box only to the undersigned. The tender documents will be opened on the same day i.e. 17.06.2020 at 04.00 P.M. in the Office Chamber of the undersigned in presence/absence of the bidders. The undersigned reserves the right to accept or reject any or all the tender without assigning any reason thereof.

Sd./- CDM & Public Health Officer, Kandhamal

ପ୍ରତି ମୁହୂର୍ତ୍ତରେ ଯାହା ସବୁଠାରୁ ଭଲ ବୋଲି ଜଣାଯାଏ– ତାହା ହିଁ କର ଏବଂ କର୍ମଫଳ ଭଗବାନଙ୍କ ହାତରେ ଛାଡିଦିଅ। ତା'ହେଲେ ଯାଇ ତୁମେ ଶାନ୍ତି, ସୁଖ, ଶକ୍ତି, ଉନ୍ନତି ଓ ପରମପୂର୍ଣ୍ଣତା ଲାଭ କରିବାର ନିଶ୍ଚିତ ବାଟ ପାଇଯିବ। –ଶ୍ରୀମା



# ନୂଆ ଶୀତଳଯୁଦ୍ଧ

ଦକ୍ଷିଣ ଚାଇନା ସାଗର ବା ସାଉଥ୍ ଚାଇନା ସି' ହେଉଛି ପ୍ରଶାନ୍ତ ମହାସାଗରର ଏକ ଅଂଶ। ବିଶ୍ୱର ଏକ ତୃତୀୟାଂଶ ଜାହାଜ ଏହି ବାଟ ଦେଇ ଯିବାଆସିବା କରିଥାଏ। ଫଳରେ ପ୍ରତ୍ୟେକ ବର୍ଷ ୩ ଟ୍ରିଲିୟନ ଆମେରିକୀୟ ଡଲାରର ବାଣିଜ୍ୟିକ କାରବାର ଏହାର ଜଳରାଶି ଦେଇ ହୋଇଥାଏ। ଚାଇନା, ତାଇୱାନ, ଫିଲିପାଇନ୍ସ, ବ୍ରୁନେଇ, ମାଲେସିଆ, ଇଣ୍ଡୋନେସିଆ, ସିଙ୍ଗାପୁର ଓ ଭିଏତ୍‌ନାମ ଭଳି ଦେଶ ଏହାର ଚାରିକଡ଼େ ରହିଛନ୍ତି। କିନ୍ତୁ ଚାଇନା ଅନ୍ୟ ଦେଶ ଅପେକ୍ଷା ସେଠାରେ ନିଜର ଆଧିପତ୍ୟ ବିସ୍ତାର କରିଚାଲିଛି। ଅନ୍ତର୍ଜାତୀୟ ସାମୁଦ୍ରିକ ଆଇନକୁ ଚାଇନା ନ ମାନି ସେଠାରେ ନୌଜାହାଜ ମୁତୟନ କରିବା ସହ ସମୁଦ୍ର ଗର୍ଭରୁ ବାଲି ଉଠାଇ କେତୋଟି କ୍ଷୁଦ୍ର ଦ୍ୱୀପ ସୃଷ୍ଟି କରିଥିବାର ଅସମର୍ଥିତ ସୂତ୍ରରୁ ଖବର ମିଳୁଛି। ଏଥିସହିତ ଅନ୍ୟ ଦେଶର ଜାହାଜକୁ ଦୂରେଇ ଦେଉଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଯେହେତୁ ଚାଇନା ଅନ୍ତର୍ଜାତୀୟ ଆଇନକୁ ଉଲ୍ଲଂଘନ କରୁଛି, ଆମେରିକା ସେଠାରେ ମଧ୍ୟସ୍ଥ ଭୂମିକା ଗ୍ରହଣ କରି ଉକ୍ତ ଜଳରାଶିରେ ଅନ୍ୟାନ୍ୟ ଦେଶର ଜାହାଜଗୁଡ଼ିକ କିଭଳି ମୁକ୍ତ ଆତଯାତ କରିବେ ତାହା ଉପରେ ଗୁରୁତ୍ୱ ଦେଇଆସୁଛି। ଆମେରିକାର ଏଭଳି ହସ୍ତକ୍ଷେପକୁ ବେଜିଂ ବିରୋଧ କରୁଛି। ଅନ୍ୟପକ୍ଷରେ ଚାଇନାର ବିରୋଧୀ ରାଷ୍ଟ୍ରଗୁଡ଼ିକୁ ଏକତ୍ରିତ କରି ଆମେରିକା ସେଠାରେ ସାମରିକ ବଳକୁ ସୁଦୃଢ଼ କରୁଥିବାରୁ ଏବେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମସୀମାରେ ପହଞ୍ଚିଛି। ପରିସ୍ଥିତି ଯେଭଳି ଉଗ୍ର ହେବାରେ ଲାଗିଛି ତାହା ଆଉ ଏକ ଶୀତଳଯୁଦ୍ଧକୁ ଜନ୍ମ ଦେଉଛି ବୋଲି ବିଶେଷଜ୍ଞମାନେ ଆଶଙ୍କା କଲେଣି।

ଚାଇନାର ଉହାନରୁ ବାହାରିଥିବା କରୋନା ଭାଇରସ୍ ଏବେ ବିଶ୍ୱବ୍ୟାପୀ ଲୋକଙ୍କୁ କଲବଲ କରିଦେଇଛି। ଅନ୍ତର୍ଜାତୀୟ ସ୍ତରରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଆମେରିକା। ସେଠାରେ ପାଖାପାଖି ଏକ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିସାରିଲାଣି। ୟୁରୋପୀୟ ଦେଶ ସହ ଏସିଆ ମହାଦେଶରେ ଏହାର ପ୍ରାଦୁର୍ଭାବ ବଢ଼ିଚାଲିଥିବାରୁ ସମସ୍ତେ ଚାଇନା ଉପରେ ଖଡ୍ଗହସ୍ତ। ଏଭଳିସ୍ଥଳେ ଚାଇନାର ଖୁଣ ଖୋଜିବାରେ କେତେକ ରାଷ୍ଟ୍ର ଲାଗି ପଡ଼ିଛନ୍ତି। ଆଉ କିଛି ରାଷ୍ଟ୍ର ଚାଇନାକୁ ଏକଘରକିଆ କରିଦେବା ପାଇଁ ମସୁଧା ଚଳାଇଛନ୍ତି। ତା' ସହ ବାଣିଜ୍ୟିକ କାରବାର ବନ୍ଦ କରିଦିଆଯିବା ଉଚିତ ବୋଲି ଅନେକ ଦେଶ ମତଦେଲେଣି। ହେଲେ ଚାଇନା ବିଚଳିତ ହେଉଥିବା ଦେଖାଯାଉ ନାହିଁ। କାରଣ ବିଶ୍ୱ ଅର୍ଥନୀତିରେ ବେଜିଂର ପଲା ଭାରି ରହିଛି। ବିଭିନ୍ନ ଦେଶକୁ ବାଣିଜ୍ୟିକ ରପ୍ତାନି କରିବାରେ ଆଗରେ ରହିବା ସହ ଅନ୍ୟ ଦେଶରେ ତିଆରି ହେଉଥିବା ଅନେକ ସାମଗ୍ରୀ ପାଇଁ ଚାଇନା କଞ୍ଚାମାଲ ଯୋଗାଇଆସୁଛି। ଭାରତ ସମେତ ବହୁ ରାଷ୍ଟ୍ରର ଫାର୍ମାସ୍ୟୁଟିକାଲ କ୍ଷେତ୍ରରେ ଔଷଧ ପ୍ରସ୍ତୁତି ଲାଗି ସକ୍ରିୟ ଉପାଦାନ ବା ଏପିଆଇ ଚାଇନାରୁ ଆମଦାନୀ କରାଯାଇଥାଏ। ସେହିଭଳି ଶସ୍ତା ଶ୍ରମଶକ୍ତି ଯୋଗୁ ଚାଇନା ପ୍ରଚୁର ସାମଗ୍ରୀ ପ୍ରସ୍ତୁତ କରି ତାହାକୁ ବିଶ୍ୱବ୍ୟାପୀ ଖେଳେଇ ଦେଇଛି। ତେଣୁ ଏଭଳି ଏକ ଶକ୍ତିଶାଳୀ ରାଷ୍ଟ୍ର ବିରୋଧରେ ପ୍ରତିଶୋଧ ନେଲା ଭଳି ଅନ୍ୟ ଦେଶଗୁଡ଼ିକ ସହଜରେ ରାଜି ହେବେ ବୋଲି ବିଶ୍ୱାସ ହେଉନାହିଁ। ଏପରିସ୍ଥଳେ ଆମେରିକା ସାଉଥ୍ ଚାଇନା ସି'କୁ ଆଳକରି ବେଜିଂ ବିରୋଧରେ ଶୀତଳଯୁଦ୍ଧ ଆରମ୍ଭ କରିବାକୁ ଯାଉଛି ବୋଲି କୁହାଯାଉଛି। ଚାଇନା ମଧ୍ୟ ସେଥିଲାଗି ପ୍ରସ୍ତୁତ ଥିବା ମନେହେଉଛି। ଏପଟେ ଦେଖିଲେ ଲଦାଖ ଅଞ୍ଚଳରେ ଚାଇନା ଓ ଭାରତୀୟ ସେନା ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। କେବଳ ସେତିକି ନୁହେଁ, ଭାରତର କେତେକ ସୈନ୍ୟଙ୍କୁ ଅନେକ ସମୟ ପର୍ଯ୍ୟନ୍ତ ଚାଇନାର ଲାଲ୍ ସେନା ଅଟକ ମଧ୍ୟ ରଖିଦେଇଥିଲା। ଏଭଳି ଅନ୍ତର୍ଜାତୀୟ ଆଇନ ଉଲ୍ଲଂଘନକାରୀକୁ ଜବାବ ଦେବାକୁ ଭାରତର କ୍ଷମତା ନାହିଁ। ଏଭଳି ପ୍ରଚ୍ଛଦପଟରେ ଖବର ମିଳିଛି ଯେ, ଚାଇନା ସରକାର ତା'ର ନାଗରିକଙ୍କୁ ତୁରନ୍ତ ଭାରତ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଛି। ୨୭ ମେ' ସୁଦ୍ଧା ଦୂତାବାସରେ ପଞ୍ଜୀକୃତ ହୋଇ ଭାରତରୁ ଚାଲିଯିବାର ଯେଉଁ ନିର୍ଦ୍ଦେଶ ଦିଆଯାଇଛି, ସେଥିପାଇଁ କୋଭିଡ୍‌-୧୯ର ଦ୍ୱାହି ଦିଆଯାଇଥିଲେ ମଧ୍ୟ ଉଦ୍ଦେଶ୍ୟ ଭିନ୍ନ ଥିବା ଭଳି ମନେହେଉଛି। ଆଜିର ଭାରତ ସରକାର କେବଳ ପାକିସ୍ତାନକୁ ଶତ୍ରୁ ଭାବି ସେହି ଦେଶ ପ୍ରତି ସତର୍କ ଥିବା ବେଳେ ବାସ୍ତବ ଶତ୍ରୁ ଭାବେ ଚାଇନା ଉଭା ହୋଇଛି।

ଏବେ ହଂକଂରେ ଚାଇନା ନିରାପତ୍ତା ଆଇନ ଲାଗୁ କରି ତାହାକୁ ଡରାଇ ଦେଇଛି। ଆମେରିକା ଯଦି ଭାରତ ସମେତ ଅନ୍ୟାନ୍ୟ ଦେଶକୁ ଚାଇନା ବିରୋଧରେ ଏକଜୁଟ କରିବାକୁ ଚାହିଁବ, ତାହା ହେଲେ ଅନ୍ୟମାନେ ଭାବିଚିନ୍ତି ନିଷ୍ପତ୍ତି ନେବେ। ତେବେ କୋଭିଡ୍‌-୧୯ ସଙ୍କଟକୁ ଖାତିର ନ କରି ଚାଇନା ଆମେରିକା ସହ ମୁହାଁମୁହିଁ ହେଲେ ବିଶ୍ୱବ୍ୟାପୀ ଆଉ ଏକ ବିପଦ ଦେଖାଦେବ। କରୋନା ଭୂତାଣୁ ଦ୍ୱାରା ଭୀତତ୍ରସ୍ତ ଥିବା ଦୁନିଆଯାକର ଲୋକଙ୍କ ପାଇଁ ଚାଇନା-ଆମେରିକା ଶୀତଳଯୁଦ୍ଧ ଅଧିକ ବିପଦ ଆଣିପାରେ ବୋଲି ଆଶଙ୍କା ସୃଷ୍ଟି ହେଲାଣି। ଏଭଳି ସ୍ଥଳେ ଏହାକୁ ସାମ୍ନା କରିବା ପୃଥିବୀ ପାଇଁ ଏକ କଷ୍ଟକର ବ୍ୟାପାର ହୋଇଯିବ।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ମେ ୧୯୯୫**

- ଆବେରଦିନ ଅଭିମୁଖେ ଯାତ୍ରା କରୁଥିବା ଏକ ଯାତ୍ରୀବାହୀ ବିମାନ ଘଡ଼ଘଡ଼ି ମାଡ଼ରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ୧୨ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି।
- ମିଳିତ ଜାତିସଂଘର ମହାସଚିବ ବୁତ୍ରୋସ ବୁତ୍ରୋସ ଘାଲି ପୂର୍ବତନ ୟୁଗୋସ୍ଲାଭିଆରେ ନିଯୁକ୍ତ ସ୍ପେନ୍‌ର ରାଷ୍ଟ୍ରଦୂତ ଆଣ୍ଟୋନିଓ ପେଦାୟୁଇଙ୍କୁ ବୋସନିଆ ହେର୍ଜେଗୋଭିନାରେ ଥିବା ଜାତିସଂଘ ସୁରକ୍ଷା ବାହିନୀର ଚିଫ୍ ଅଫ୍ ମିଶନ ରୂପେ ନିଯୁକ୍ତି ଦେଇଛନ୍ତି।
- ଜାତିସଂଘର ନିରାପତ୍ତା ପରିଷଦରେ ସଦସ୍ୟ ପଦ ପାଇବା ପାଇଁ ଶ୍ରୀଲଙ୍କା କରିଥିବା ଆବେଦନକୁ ପ୍ରତ୍ୟାହାର କରିନେଇଛି।

## su | do | ku
Puzzles by Srikant Ghosh
## ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 1 | | 7 | | 0 | | | | | D | 6 |
| | | 8 | | 5 | 2 | | 4 | | | D | | | | |
| | | | B | 6 | C | | A | | | | | | | |
| | | | | A | 4 | C | | | E | 6 | 3 | | | 1 |
| | 5 | | | | | 6 | 8 | | | | | A | | |
| | | | 5 | 8 | | | C | | 2 | E | | | | |
| 4 | | | | | | 1 | E | | D | | | | C | B |
| | | 2 | 0 | | | D | 7 | B | A | | C | | 4 | |
| | | | | | 6 | 4 | | | | | | | 1 | |
| | | 6 | C | | | | | | 9 | 7 | | | 0 | E |
| | | | 9 | 3 | 8 | | | A | | | B | 4 | | |
| | | 4 | | | 0 | E | 9 | | | | | | 8 | D |
| 7 | | | | 2 | | | 1 | 4 | 5 | | | | | |
| | B | 3 | | | | 0 | | | | A | | 5 | | |
| 8 | 9 | | A | | | 2 | 3 | | C | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | B | 4 | 1 | A | 5 | 7 | 0 | 3 | E | D | 9 | C | 2 | 6 |
| 2 | 9 | 0 | C | D | 4 | 8 | E | 1 | 6 | 5 | B | A | 7 | 3 |
| 6 | 7 | 5 | 0 | 2 | E | A | B | D | 8 | C | 3 | 1 | 4 | 9 |
| 3 | A | C | 6 | 7 | B | 5 | 4 | 9 | 2 | 1 | 0 | D | E | 8 |
| 1 | E | D | 9 | 3 | 8 | 6 | C | 2 | 7 | 4 | A | B | 5 | 0 |
| E | 1 | 3 | 5 | 4 | D | C | 9 | 8 | B | 6 | 7 | 2 | 0 | A |
| D | 8 | B | A | 9 | 0 | 3 | 6 | 4 | 1 | 2 | E | 5 | C | 7 |
| 7 | 2 | 6 | B | C | 1 | D | 5 | A | 0 | 3 | 8 | 4 | 9 | E |
| C | 0 | 9 | 3 | E | 6 | B | 2 | 7 | 4 | A | 5 | 8 | D | 1 |
| 5 | 4 | A | 7 | 8 | 2 | 0 | 1 | E | C | 9 | D | 3 | 6 | B |
| B | D | E | 8 | 6 | C | 1 | 3 | 0 | 5 | 7 | 2 | 9 | A | 4 |
| A | 6 | 8 | 4 | 1 | 9 | 2 | 7 | B | D | E | C | 0 | 3 | 5 |
| 4 | C | 7 | D | B | 3 | 9 | 8 | 5 | A | 0 | 6 | E | 1 | 2 |
| 0 | 3 | 1 | 2 | 5 | A | E | D | 6 | 9 | 8 | 4 | 7 | B | C |
| 9 | 5 | 2 | E | 0 | 7 | 4 | A | C | 3 | B | 1 | 6 | 8 | D |

ଗତକାଲିର ଉତ୍ତର

# ସାର୍ବଜନୀନ ନ୍ୟୂନତମ ଆୟ ବ୍ୟବସ୍ଥା ଚାଲୁ କର



ସହଦେବ ସାହୁ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଲେଣି ନଭେଲ୍ କରୋନା ଭାଇରସ୍ ମଣିଷମାନଙ୍କ ଭିତରେ ରହିବ, ମଣିଷଠୁ ମଣିଷକୁ ବ୍ୟାପିବ, ଯେ ପର୍ଯ୍ୟନ୍ତ ଟିକା ବାହାରି ନାହିଁ ଅଥବା ଯେ ପର୍ଯ୍ୟନ୍ତ ଜନଗୋଷ୍ଠୀର ୬୦ପ୍ରତିଶତ ଲୋକଙ୍କୁ ଭୂତାଣୁ ଘାରି ସର୍ବସାଧାରଣ ପ୍ରତିରୋଧ ଶକ୍ତି (ହର୍ଡ ଇମ୍ୟୁନିଟି) ଆସିନାହିଁ। ବିବର୍ତ୍ତନର ନିୟମ ନୂଆ ନୂଆ ଭାଇରସ୍ ବାହାରିବ। ୧୯୬୭ରୁ ଏ ଯାଏ ବାହାରିଥିବା ଭୂତାଣୁ ଓ ତାହାଦ୍ୱାରା ସଂକ୍ରମିତ ଲୋକଙ୍କ ଭିତରୁ ମୃତ୍ୟୁହାରର ତାଲିକା ହେଲା: ୧୯୬୭ ମାରବର୍ଗ (ମୃତ୍ୟୁହାର ୮୦%), ୧୯୭୬ ଇବୋଲା (ମୃତ୍ୟୁହାର ୪୦.୪%), ୧୯୯୪ ହେନ୍ଦ୍ରା (୫୭%), ୧୯୯୭ ବାର୍ଡ ଫ୍ଲୁ ଏଚ୍‌୫ଏନ୍‌୧ (୫୨.୬%), ୧୯୯୮ ନିପା (୭୭.୬%), ୨୦୦୨ ସାର୍ସ (୯.୬%), ୨୦୦୯ ଏଚ୍‌୧ଏନ୍‌୧ (୦.୨%), ୨୦୧୨ ମର୍ସ (୩୪.୪%), ୨୦୧୩ ଏଚ୍‌୭ଏନ୍‌୯, ବାର୍ଡ ଫ୍ଲୁ (୩୯.୩%), ୨୦୨୦ କୋଭିଡ ୧୯ (୬.୯୨%)। ତେଣୁ ବ୍ୟକ୍ତି ବ୍ୟକ୍ତି ଭିତରେ ଦୂରତା ରକ୍ଷା କରିବା (ସୋସିଆଲ୍ ଡିଷ୍ଟାନ୍ସିଂ) ଓ ମୁହଁରେ ମାସ୍କ ଲଗାଇବା ଆମର ଅଭ୍ୟାସରେ ପଡ଼ିଯିବା ଉଚିତ। ଦୂରତାରକ୍ଷା ପାଇଁ କାମ ବନ୍ଦ ହେବ, ବିଶେଷତଃ ଖଟିଖିଆମାନେ କାମ ପାଇବେ ନାହିଁ, ବଞ୍ଚିବେ କେମିତି? ଦୈନନ୍ଦିନ ଆବଶ୍ୟକତା କ୍ରୟ ଏବଂ ସ୍ୱାସ୍ଥ୍ୟଗତ ଓ ଶିକ୍ଷାଗତ ସେବା ପାଇଁ ଦେୟ ଦରକାର କରେ ହାତରେ ପଇସା। ଭୋକରେ ମରିବେ ନା ସଂକ୍ରମଣରେ ମରିବେ – ଏ ଦ୍ୱନ୍ଦ୍ୱର ସମାଧାନ ହେଉଛି ଦେଶରେ ସାର୍ବଜନୀନ ନ୍ୟୂନତମ ଆୟ ବା ୟୁନିଭର୍ସାଲ୍ ବେସିକ୍ ଇନ୍‌କମ୍ (ୟୁବିଆଇ) ପ୍ରଚଳନ। ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦି ଜିଡିପିର ଦଶମାଂଶ, କୋଡିଏ ଲକ୍ଷ କୋଟି ଟଙ୍କା ଏକା ବେଳକେ ଆତ୍ମନିର୍ଭର ଭାରତ ଯୋଜନାରେ ବରାଦ କରିପାରୁଛନ୍ତି ସେ କାହିଁକି ସମସ୍ତ ଭାରତୀୟଙ୍କୁ ଆତ୍ମନିର୍ଭର ହେବାକୁ ନ୍ୟୂନତମ ଆୟ ଦେବେ ନାହିଁ? ପ୍ରତି ବୟସ୍କଙ୍କୁ ୬୦୦୦ ଓ ନାବାଳକଙ୍କୁ ୩୦୦୦ ଟଙ୍କା ପ୍ରାୟ ୭୦ କୋଟି ଲୋକଙ୍କୁ ଦିଆଗଲେ ମାତ୍ର ଛ'ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ, ଅବଶ୍ୟ ବର୍ଷକୁ ବର୍ଷ ଖର୍ଚ୍ଚ ହେବ। ୟୁବିଆଇ ଅର୍ଥ ହେଉଛି ବିନା ସର୍ତ୍ତରେ ଓ ମାଗଣା ନ୍ୟୂନତମ ଆୟ ସିଧାସଳଖ ଏ ସମସ୍ତଙ୍କ ଏକାଉଣ୍ଟକୁ ଯିବ, ଯେମିତି ସରକାରୀ କର୍ମଚାରୀମାନେ ପାଆନ୍ତି। ସବୁଠୁ ବଡ଼ କଥା ହେଉଛି ଏ ୟୁବିଆଇ ପଇସା ଲୋକେ ତ ଖର୍ଚ୍ଚ କରିବେ, ତେଣୁ ତାହା ଆମ ଜିଡିପିରେ ମିଶିବ – ଯେମିତି ମୋଦିଙ୍କ ୨୦ ଲକ୍ଷ କୋଟି ଟଙ୍କା ଜିଡିପିକୁ ଉପରକୁ ନେବାରେ ସାହାଯ୍ୟ କରିବ କୁହାଯାଉଛି। ଲୋକେ ନିର୍ଦ୍ଦିଷ୍ଟ ନିମ୍ନତମ ଆୟରୁ ବେଶି ରୋଜଗାର କଲେ ଅଧିକ ରୋଜଗାରଟା ତାହାର ହେବ ଓ ସେ ୟୁବିଆଇ ତ୍ୟାଗ କରିବ। ଗରିବ ଲୋକର ଚିନ୍ତା କମିବ ମାନେ ହାପିନେସ୍ ଇଣ୍ଡେକ୍ସ (ଖୁସିର ସୂଚନାଙ୍କ) ବଢିବ। ଦେଖୁନାହାନ୍ତି କେମିତି ଏଡ଼େ ଛୋଟ ଦେଶ ଭୁଟାନ୍ ପୃଥିବୀରେ ସବୁଠାରୁ ବେଶିଖୁସିର ଦେଶ ହୋଇଛି, ହାପିନେସ୍ ଇଣ୍ଡେକ୍ସରେ ନମ୍ବର ୱାନ୍। ନିଉଜିଲାଣ୍ଡ, ଫିନ୍‌ଲାଣ୍ଡ ଭଳି ଦେଶ ସେମାନଙ୍କ ବଜେଟରେ ହାପିନେସ୍ ପାଇଁ ବରାଦ ରଖିଲେଣି। ୟୁବିଆଇ ପାଇଲେ ଯୁବକ ଯୁବତୀମାନେ ଆଉ ଅଭାବ ଅନୁଭବ କରିବେ ନାହିଁ ତ ହାରଛିଣ୍ଡା, ପକେଟ୍‌ମାର୍ ଭଳି ହଠାତ୍ ପଇସା ପାଇବାର ଅନୈତିକ ଓ ବେଆଇନ ଉପାୟ ହାତକୁ ନେବେ ନାହିଁ। ତାଇୱାନ ସରକାର ଏବେ ଚାହିଁଲେଣି ଏକ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ଯୋଜନା ଉପରେ ଭୋଟ୍ ନେବେ। ସେଠାରେ ଗାଁ ଗହଳର ଯୁବତୀ ଯୁବକମାନେ ଭଲ ମଜୁରି ଉଦ୍ଦେଶ୍ୟରେ ଭିଟାମାଟି ଛାଡିବେ ନାହିଁ କି ବିଦେଶ ଯିବା ଇଚ୍ଛା କରିବେ ନାହିଁ। ଫଳରେ ସହରର ଭିତ୍ତିଭୂମି ଉପରେ ଚାପ କମିବ ଓ ଆଧୁନିକ ଦାସତ୍ୱରୁ ରକ୍ଷା ମିଳିବ।

ରାଇଟ୍ ଟୁ ଲାଇଫ୍ ବା ବଞ୍ଚିବାର ଅଧିକାର ଆମ ସମ୍ବିଧାନର ଧାରା ୨୧ରେ ମୌଳିକ ଅଧିକାର ରୂପେ ଲିଖିତ ଅଛି, ୟୁବିଆଇ ଲାଗୁ ହୋଇଗଲେ ଏ ଧାରାଟି ସଫଳ ହୋଇଯିବ। ଭାରତୀୟଟିଏ ମର୍ଯ୍ୟାଦା ସହିତ ବଞ୍ଚି ରହିବ। କାରଣ ଖାଦ୍ୟ, ବସ୍ତ୍ର ଓ ମୁଣ୍ଡ ଉପରେ ଛାତ ଭଳି ତିନୋଟି ମୌଳିକ ନିଶ୍ଚିତତା ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ନିଶ୍ଚିତତା ମଧ୍ୟ ଆସିଯିବ। ଟେକ୍ନୋଲଜିରେ ଯେତେ ଉନ୍ନତି ଆସିବ କର୍ମ କ୍ଷେତ୍ରରେ ସେତେ ଯାନ୍ତ୍ରିକତା ଓ ସ୍ୱୟଂକ୍ରିୟତା (ମେକାନାଇଜେଶନ୍ ଓ ଅଟୋମେଶନ୍) ବଢିବ, ଲୋକେ ସେତେ ବେକାର ହେବେ, ଯେ ପର୍ଯ୍ୟନ୍ତ ନୂଆ କୌଶଳ ଶିକ୍ଷା ନ ନେବେ। ଚାଇନା ଭଳି କମ୍ୟୁନିଷ୍ଟ ଦେଶ ସହ ଟକ୍କର ଦେବାର ଏ ହେବ ଗଣତାନ୍ତ୍ରିକ ସମାଧାନ। ଆମ ରାଜନୈତିକ ନେତାମାନେ ସହଜରେ ରାଜି ହେବେ ନାହିଁ କାରଣ ଗରିବକୁ ପଇସା ଦେଇ ଭୋଟ ଆହରଣ କରିବାର ମୌକା ପ୍ରାୟ ଉଭେଇଯିବ, ନୀତିଗତ ସମସ୍ୟା ବା ଇସୁ ନିର୍ବାଚନ ଇସ୍ତାହାରର ବସ୍ତୁ ହେବ, ଅନୈତିକ ଉପାୟରେ ଧନୀ ହେବାର ମୂଳକଥା ଯେଉଁ ଜନପ୍ରତାରଣା ତାହା ହାତଛଡା ହୋଇଯିବ।

ୟୁବିଆଇ ଧାରଣା ନୂଆ କଥା ନୁହେଁ। ପୃଥିବୀଯାକ ଏବେ ସୋସିଆଲ୍ ସେକ୍ୟୁରିଟି ବା ସାମାଜିକ ନିରାପତ୍ତା ବୋଲି ଯାହା କହୁଛନ୍ତି, ଯାହା ଜାତିସଂଘର ମାନବିକ ଅଧିକାର ଘୋଷଣାନାମା ୧୯୪୮ରେ, ଆମ ସମ୍ବିଧାନ ପ୍ରଚଳିତ ହେବାର ବର୍ଷକ ଆଗରୁ ଉଲ୍ଲିଖିତ ଅଛି ତାହା ୟୁବିଆର ମୂଳଦୁଆ। ସୋସିଆଲ ସେକ୍ୟୁରିଟି ସାଧାରଣତଃ ଟଙ୍କା ପଇସାରେ ଦିଆଯାଏ, ସରକାରଙ୍କଠୁ ମାଗଣା ପାଇବା ହିସାବରେ, କିନ୍ତୁ ତାହା ନାଗରିକର ଦୈନନ୍ଦିନ ଆବଶ୍ୟକତା ସମ୍ପୂର୍ଣ୍ଣ ଭାବେ ପୂରଣ କରେ ନାହିଁ, ପୁଣି ଜାତି, ବର୍ଣ୍ଣ ବା ଧର୍ମ ବାଛବିଚାରରେ ଦିଆଯାଏ। କିନ୍ତୁ ୟୁବିଆଇ ତ ସାର୍ବଜନୀନ, ଏକ ନିର୍ଦ୍ଦିଷ୍ଟ ଆୟରୁ କମ୍ ଆୟ ଥିବା ସମସ୍ତଙ୍କୁ ମିଳିବ। କଳାକାର, ଅଭିନେତା, ଲେଖକ, ବାଲୁକାଶିଳ୍ପୀ, ଓକିଲ, ଡାକ୍ତର ବି ଯଦି ଏକ ନିର୍ଦ୍ଦିଷ୍ଟ ସୀମା ତଳେ ଆୟ କରୁଥାନ୍ତି ସେମାନେ ୟୁବିଆଇ ପାଇଲେ ଖୁସିରେ କାମ କରିବେ। ପାଞ୍ଚ ଶହ ବର୍ଷ ତଳେ ୧୫୧୬ରେ ସାର୍ ଟମାସ୍ ମୋର୍ ତାଙ୍କ ୟୁଟୋପିଆ ବହିରେ ୟୁବିଆଇ ଭଳି ଏକ ବର୍ଣ୍ଣନା କରିଥିଲେ।

ପ୍ରତି ଗାଁରେ ପଞ୍ଚାୟତ ସ୍ତରର କର୍ମୀମାନଙ୍କ ଦ୍ୱାରା ଆଧାର କାର୍ଡ ବା ଅନ୍ୟ ପରିଚୟ ପତ୍ର ଜରିଆରେ ଲୋକମାନଙ୍କୁ (ପିଲାଙ୍କୁ ବି) ୟୁବିଆଇ ଦିଆଗଲେ କେବେ କରୋନା ଭାଇରସ ବା ଅନ୍ୟ ବିପଦଜନିତ ଲୋକ-କଷ୍ଟ ହେବ ନାହିଁ। ଟଙ୍କା କେଉଁଠୁ ଆସିବ ବୋଲି ଯେଉଁମାନେ ସନ୍ଦେହ କରନ୍ତି ସେମାନେ ଏବକାର ୨୦ ଲକ୍ଷ କୋଟି ଟଙ୍କା (ଜିଡିପିର ଦଶମାଂଶ) ଖର୍ଚ୍ଚ କଥା ପରିପ୍ରେକ୍ଷୀରେ ବିଚାର କରନ୍ତୁ। ଏ ଯୋଜନାରେ କାହାକୁ ୟୁବିଆଇ ଦିଆଯିବ ସେ ବିଷୟରେ ଦ୍ୱନ୍ଦ୍ୱ ରହିଛି। କେତେକେ କହନ୍ତି, ପ୍ରତ୍ୟେକ ନାଗରିକକୁ ଦିଆଯାଉ। ତାହାର ଆୟ ଯାହା ଥାଉନା କାହିଁକି। ଆଉ କେତେକେ କହନ୍ତି, ଯେଉଁମାନେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ସେମାନେ ବେକାର ଥାଆନ୍ତୁ ବା କାମରେ ଲାଗିଥାଆନ୍ତୁ ସେମାନଙ୍କୁ ଦିଆଯାଉ। ଆଉ ଗୋଟିଏ ପ୍ରସ୍ତାବ କେତେକେ ଦିଅନ୍ତି ଯେ, ରୋବଟିକ୍ ଯୋଗୁ ବା କଳ, ମଣିଷ ଲାଗୁଥିବା ଯୋଗୁ ଯେଉଁମାନେ ବେକାର ହେଉଛନ୍ତି ସେମାନଙ୍କୁ ଦିଆଯାଉ। ତୃତୀୟ ପ୍ରସ୍ତାବଟିକୁ ଆମ ନେତାମାନେ ସାଙ୍ଗେ ସାଙ୍ଗେ ହଁ କରିଦେବେ। ୨୦୧୮ରେ ଫେସ୍‌ବୁକର ସହ ପ୍ରତିଷ୍ଠାତା କ୍ରସ୍ ହ୍ୟୁସ୍ ତାଙ୍କ ବହି "ଫେୟାର ସଟ୍"ରେ ଗୋଟିଏ ପ୍ଲାନ ଦେଇଛନ୍ତି – ଆମେରିକୀୟ ଶ୍ରମିକ, ଛାତ୍ର ଓ ସ୍ୱାସ୍ଥ୍ୟକର୍ମୀ (କେୟାର ଗିଭର) ଯଦି ବର୍ଷକୁ ୫୦ହଜାର ଡଲାର ବା କମ୍ ପାଉଥାନ୍ତି ମାସକୁ ୫୦୦ଡଲାର ଲେଖାଏ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ଦିଆଯାଉ। ତାଙ୍କ ମତରେ "ଲୋକଙ୍କ ସ୍ୱାସ୍ଥ୍ୟ ଉନ୍ନତ କରିବାରେ, ଶିକ୍ଷା ବଢାଇବାରେ ଓ ଗରିବୀରୁ ଉପରକୁ ଉଠାଇବାରେ ସବୁଠାରୁ ବଡ ଜିନିଷ ହେଉଛି ନଗଦ ଟଙ୍କା।" ଏତେ ଟଙ୍କା ଆଣିବା ପାଇଁ ହ୍ୟୁସଙ୍କ ମତ ହେଉଛି ମାର୍କିନ୍ ସମାଜର ଶୀର୍ଷଭାଗରେ ଥିବା ଶତକଡା ୧ ଭାଗ ଲୋକଙ୍କ ଉପରେ ଟିକସ ବସାଇ ଏହା ଅଣାଯାଉ। ତାଙ୍କ କଥାର ଅର୍ଥ ହେଲା ଆୟକରର ଆଧୁନିକୀକରଣ ହେଉ। ଏବେକାର ଇକନମି ଏମିତିକା ଯେ ହାତ ଗଣତି କେତେକ ଲୋକ ବହୁଳରୁ ବହୁଳତର ସମ୍ପତ୍ତିବାନ୍ ହେଉଛନ୍ତି, ଯେତେବେଳେ ଆଉ ସମସ୍ତେ ପ୍ରତ୍ୟେକେ ଦୁଇ ଓଳି ଖାଇବାକୁ ପାଇବା ଅସମ୍ଭବ ମନେକରୁଛନ୍ତି। ଅଟୋମେଶନ୍ ଓ ଗ୍ଲୋବାଲାଇଜେଶନ୍ ଦୁଇଟି ଯାକ ଏମ୍ପ୍ଲୟମେଣ୍ଟ ମାର୍କେଟକୁ ନଷ୍ଟ କରିଦେଲାଣି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (କୃତ୍ରିମ ଜ୍ଞାନ) ଲୋକଙ୍କଠାରୁ କାମ ଛଡାଇ ନେଲାଣି। ପାର୍ଟ ଟାଇମ୍ କାମ, କଣ୍ଟ୍ରାକ୍ଟ କାମ, ଟେମ୍ପରାରି ଜବ୍ – ଏ ସବୁ ବଢ଼ି ଚାଲିଛି, କିନ୍ତୁ ସେଗୁଡ଼ିକ ଲୋକଙ୍କୁ ଯଥେଷ୍ଟ ପରିମାଣର ଆୟ ଦିଏ ନାହିଁ, ଉତ୍ତମ ଜୀବନ ଶୈଳୀ ଚଳାଇବାକୁ ଯଥେଷ୍ଟ ନୁହେଁ। ମାର୍କ ଜୁକର୍‌ବର୍ଗ ଓ ବିଲ୍ ଗେଟ୍‌ସ ବି ସେହି କଥା କହୁଛନ୍ତି – ଆମେରିକାର ଇକନମିକୁ ବଦଳାଉଥିବା ଅଟୋମେଶନ ପ୍ରକ୍ରିୟାର ସମାଧାନ ହେଉଛି ୟୁବିଆଇ। ସାର୍ ରିଚାର୍ଡ ବ୍ରାନ୍‌ସନ କହନ୍ତି, ଦିନେ ନା ଦିନେ ଗାରେଣ୍ଟିଡ୍ ଇନ୍‌କମ ଦେବାକୁ ପଡ଼ିବ। ତାଇୱାନ୍ ସରକାର ଆଉ ଗୋଟିଏ କଥା କହନ୍ତି –ଏଭଳି ସ୍କିମରେ ଲୋକେ ଗାଁ ଛାଡ଼ି ନ ଥିବା ଯୁବଗୋଷ୍ଠୀ ୟୁବିଆଇ ପାଉଥିବା ସିନିୟର୍ ସିଟିଜେନ (ମାଆ ବାପା)ଙ୍କୁ ଦେଖାଶୁଣା କରିବେ। ସମାଜର କେତେ ମଙ୍ଗଳ ହେବ। ଦେଶର ହାପିନେସ୍ ଇଣ୍ଡେକ୍ସ ବଢ଼ିବ। ୟୁନିଭର୍ସାଲ ଇନ୍‌କମ୍ ଲାଗୁ କରାଗଲେ ଶ୍ରମିକମାନେ ଭଲ କାମ ବା ଅଧିକ ରୋଜଗାର ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିପାରିବେ। ଲୋକେ ଆଉ ଥରେ ପଢ଼ିବାକୁ ଯାଇପାରିବେ ବା କୁଟୁମ୍ବମାନଙ୍କ ସେବା ପାଇଁ ଘରେ ରହିପାରିବେ। ଏ ସ୍ୱାଧୀନତା ସେମାନଙ୍କୁ ଏବେ ମିଳୁନାହିଁ। ଆଜିକାଲିର ଜନମଙ୍ଗଳ ଯୋଜନା ଗରିବକୁ ଗରିବ ହୋଇ ରହିବାରେ ଉତ୍ସାହିତ କରୁଛି, ଏହା ଏକ ଦାରିଦ୍ର୍ୟ-ଯନ୍ତା (ପର୍ଭର୍ଟି ଟ୍ରାପ୍), ତହିଁରୁ ମୁକୁଳାଇବାର ଉପାୟ ହେଉଛି ୟୁବିଆଇ। ତହିଁରୁ ମୁକୁଳିଲେ ଭୋଟରାଜନୀତିରେ ପାରମ୍ପରିକ ଜନମଙ୍ଗଳ ଯୋଜନା ଚଳାଇବାରେ ପ୍ରଶାସନିକ ଖର୍ଚ୍ଚ ଯାହା ହେଉଛି ୟୁବିଆଇ କାର୍ଯ୍ୟକାରିତାରେ (ଆଡ୍‌ମିନିଷ୍ଟ୍ରେଶନ୍‌ରେ) ତାହାଠାରୁ ବହୁତ କମ୍ ହେବ। ଆର୍ଥିକ ଅଭାବ ଯୋଗୁ ଯେଉଁ ପରିବାରରେ ଜନ୍ମ ହାର ଖୁବ୍ କମ୍ ବା ଶିଶୁ ମୃତ୍ୟୁ ହାର ବେଶି ସେଠାରେ ଯୁବ ଦମ୍ପତିଙ୍କୁ ପ୍ରୋତ୍ସାହନ ମିଳିବ। ଦେଶର ଇକନମିରେ କୌଣସି ଅବକ୍ଷୟ ବା ରିସେସନ୍ ଆସିଲେ ୟୁବିଆଇ ପାଉଥିବା ଲୋକେ କାମ କରି ଦେଶର ଅର୍ଥନୀତିକୁ ସ୍ଥିର ରଖିପାରିବେ। ଆମ ଦେଶରେ ପ୍ରାୟ ୯୦୦ପ୍ରକାରର ଜନମଙ୍ଗଳ ଯୋଜନା ନାଁରେ ନିଯୁକ୍ତ କର୍ମଚାରୀ ସଂଖ୍ୟା (ଏବେ ତ କେବଳ କେନ୍ଦ୍ର ସରକାରରେ କର୍ମଚାରୀ ଓ ପେନ୍‌ସନଧାରୀ କୋଟିଏରୁ ବେଶି ଅଛନ୍ତି ) କମିବାରେ ଲାଗିବ। ଏ ଖୁସି ଆମ ନେତାମାନେ ଦେବେ ତ!

sahadevas@yahoo.com

# କର୍ମ, ଶ୍ରମ ଓ ଶ୍ରମଜୀବୀ



ଡ. କିଶୋର ମହାନ୍ତି

ଶ୍ରମିକମାନଙ୍କ ପାଇଁ ତାଲାବନ୍ଦ କିଛି ନୂଆ କଥା ନୁହେଁ। କେତେକେତେ ଏମିତି ତାଲାବନ୍ଦର ସମ୍ମୁଖୀନ ହେଇଛି ସେ, କିନ୍ତୁ ଏପ୍ରକାର କରୋନା ପ୍ରକୋପ ପାଇଁ ତାଲାବନ୍ଦ ତା' ଜୀବନ ଜୀବିକାରେ ଏକବାର ତାଲା ପକାଇ ଦେଇଛି। ସମ୍ପୂର୍ଣ୍ଣ ସେ ତାଲାବନ୍ଦ ଭିତରେ ସମୟ କାଟୁଛି।

ଶିଳ୍ପ କାରଖାନାରେ ଶ୍ରମିକମାନଙ୍କ ଆନ୍ଦୋଳନ ପାଇଁ ତାଲାବନ୍ଦ ହୋଇଥାଏ। ମାଲିକମାନେ ମଜୁରି ଠିକ୍ ଭାବରେ ଠିକ୍ ସମୟରେ ପ୍ରଦାନ ନ କଲେ ତାଲାବନ୍ଦ ହୋଇଯାଏ। ଶିଳ୍ପ କାରଖାନା ଚଳେଇବା ପାଇଁ ଅକ୍ଷମତା ପ୍ରକାଶ ପାଇଲେ ତାଲାବନ୍ଦ ହୋଇଥାଏ। ରୁଗ୍ଣଶିଳ୍ପ କାରଖାନାରେ କ୍ରମଶଃ ଶ୍ରମିକ ଛଟେଇ ହୁଏ ଏବଂ କାରଖାନା ଅନିର୍ଦ୍ଦିଷ୍ଟ କାଳ ଯାଏ ବନ୍ଦ ହୋଇ ରହେ। ଏହା ଅହେତୁକ ବିପଦ ଓ ବିପର୍ଯ୍ୟୟକୁ ଟାଣି ଆଣିଥାଏ। ଶ୍ରମିକ-ଶିଳ୍ପ-ମାଲିକ କହିବାକୁ ଗଲେ ଗୋଟିଏ ସୂତ୍ରରେ ବନ୍ଧା। ଶ୍ରମିକ ନ ଥିଲେ ଉତ୍ପାଦନ କ୍ଷେତ୍ରରେ ବାଧା ଉପୁଜେ। ଶ୍ରମିକମାନଙ୍କର ଶ୍ରମ ବଳରେ ହିଁ ଶିଳ୍ପ କାରଖାନା ବଳିଷ୍ଠ ହୁଏ ଓ ଦେଶର ଅର୍ଥନୀତି ସୁଦୃଢ଼ ହୁଏ, ରପ୍ତାନି ଓ ଆମଦାନୀ ଖୁବ୍ ସୁନ୍ଦର ଭାବରେ ଚାଲେ। ଯାତାୟାତ, ଗମନାଗମନ, ବ୍ୟବସାୟ ସୁରୁଖୁରୁରେ ଚାଲେ। ଶିଳ୍ପ ପ୍ରଗତି ହିଁ ଦେଶର ଅର୍ଥନୀତିର ମେରୁଦଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯେଉଁ ଦେଶ ଶିଳ୍ପ ଦିଗରେ ଅଗ୍ରଣୀ ସେମାନେ ସେତେ ଧନଶାଳୀ।

ଏହି ପରିପ୍ରେକ୍ଷୀରେ ଜାତିର ପିତା ଗାନ୍ଧିଜୀ କହିଥିଲେ 'ଶ୍ରମିକ ଓ ପୁଞ୍ଜିପତିଙ୍କ ମଧ୍ୟରେ କୌଣସି ସଂଘର୍ଷ ଉପୁଜିବା ଉଚିତ ବୋଲି ମୁଁ ଭାବୁନାହିଁ, ପ୍ରତ୍ୟେକ ପ୍ରତ୍ୟେକଙ୍କ ଉପରେ ନିର୍ଭରଶୀଳ। ଏହା ନିତାନ୍ତ ଜରୁରୀ ଯେ, ପୁଞ୍ଜିପତିମାନେ ଶ୍ରମିକମାନଙ୍କ ଉପରେ ପ୍ରଭୁତ୍ୱ ଜାହିର କରିବା ଉଚିତ ନୁହେଁ। ବାସ୍ତବିକ ଏହା ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ। କିନ୍ତୁ ଏ ଅବେଳରେ ତାଲାବନ୍ଦ ଫଳରେ ଭାରତର ୧୩ କୋଟି ଦିନମଜୁରିଆ କି କଷ୍ଟରେ ସମ୍ପ୍ରତି ଜୀବନ କାଟୁଛନ୍ତି। ଆଜି ବିଷାକ୍ତ ଭୂତାଣୁ କରୋନା ଶ୍ରମିକମାନଙ୍କୁ ସଙ୍କଟ ଭିତରକୁ ଟାଣି ଆଣିଛି ଓ ଅନ୍ତତଃ ଯେଉଁମାନେ ସୁସ୍ଥ ସବଳ ଥିଲେ କାର୍ଯ୍ୟକ୍ଷମ ଥିଲେ କରୋନା ଜାଣି ଜାଣି ତାଙ୍କୁ ଦଂଶନ କରୁଛି। ସୁସ୍ଥ ଲୋକଟିଏ ଏହା ଫଳରେ ଅସୁସ୍ଥ ହୋଇପଡୁଛି– କେବଳ ସଂଘବଦ୍ଧ ଓ ଛୁଆଁଛୁତ ପାଇଁ। ତାଲାବନ୍ଦର ପରିଣତି ଏହିକି ଯେ, ଅର୍ଥନୀତିର ପେଟି ଚିପି ଦେବା। କାରଣ କଳକାରଖାନା ବନ୍ଦ ସାଙ୍ଗକୁ ଏଥିପାଇଁ ଗମନାଗମନ ଓ ଯାତାୟାତ କ୍ଷେତ୍ରରେ ଘୋର ଅସୁବିଧା। କିନ୍ତୁ ଏହି ତାଲାବନ୍ଦକୁ ଜୋରଜବରଦସ୍ତ ଲଦିଦିଆଯାଇନାହିଁ, ସମୂହ ଜନତାର ହିତଦୃଷ୍ଟିରୁ ଅଧିକ ଲୋକ ସଂକ୍ରମିତ ନ ହେବା ପାଇଁ ଏହା ଏକ ପ୍ରକାର ପ୍ରାରମ୍ଭିକ ପ୍ରଚେଷ୍ଟା।

କଳ କାରଖାନା, ଖଣିଖାଦାନ ବନ୍ଦ ହେଇଯିବା ଫଳରେ ହଜାର ହଜାର ଶ୍ରମିକ ଏବେ ଘରମୁହାଁ ହେଇଛନ୍ତି। ବସି ଖାଇଲେ ନଈବାଲି ସରେ ନ୍ୟାୟରେ ଏମାନଙ୍କ ସ୍ୱଳ୍ପ ଆୟରେ ପରିବାର ପ୍ରତିପୋଷଣ କରିବା ଖୁବ୍ କଷ୍ଟଦାୟକ। ତେଣୁ କର୍ମକ୍ଷେତ୍ରକୁ ଜୁହାର ପକାଇ ଏମାନେ ନିଜ ଭିଟାମାଟିକୁ ମୁହଁ ଫେରାନ୍ତି। କର୍ମ କ୍ଷେତ୍ରରେ ତାଙ୍କୁ ପେଟପୂରା ଖାଇବାକୁ ମିଳେନା– ଭୋକ ଉପାସରେ କେତେ ଦିନ ଅବା ଦିନ କାଟିବେ ଏମାନେ। ଆସିବା ପାଇଁ ଏମାନଙ୍କୁ ଅନେକ ବିପଦର ସମ୍ମୁଖୀନ ହେବାକୁ ପଡୁଛି। କେହି କେହି ବି ଲୁଚିଛପି ଆସି ଘରେ ପ୍ରବେଶ କରି ସଂକ୍ରମଣକୁ ଦ୍ୱିଗୁଣିତ କରି ଦେଉଛନ୍ତି। କିନ୍ତୁ କଥା ଉଠୁଛି ଯେଉଁ ଶ୍ରମିକମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ମାଲିକଙ୍କୁ ବଞ୍ଚାଇଥିଲେ ସେମାନଙ୍କର କର୍ତ୍ତବ୍ୟ ନ ଥିଲା କି ତାଙ୍କ କାରଖାନାରେ ଶ୍ରମଦାନ କରୁଥିବା ଶ୍ରମିକମାନଙ୍କୁ ଲକ୍‌ଡାଉନ୍ ବେଳେ ସେଇଠାରେ ଥଇଥାନ କରିବା ପାଇଁ! ହୁଏତ ଏ କ୍ଷେତ୍ରରେ ସରକାର ଓ ମାଲିକଙ୍କ ଭିତରେ ଆଗରୁ କିଛି ବୁଝାମଣା ହେଇ ପାରି ନ ଥିଲା। ପରବର୍ତ୍ତୀ ସମୟରେ ସବୁ ରାଜ୍ୟ ସରକାର ଶ୍ରମିକମାନଙ୍କୁ ଫେରାଇ ଆଣିବା ପାଇଁ ବସିଲେ। ସେତେବେଳେ ସମସ୍ୟା ଜଟିଳ ହୋଇ ଯାଇଥିଲା। ୪୦ ଦିନର ଲକ୍‌ଡାଉନ୍ ବେଳେ ଯାହା ରୋକାଯାଇ ପାରିଥିଲା ଏମାନେ ଆସିବା ପରେ ସଂକ୍ରମଣ ଆହୁରି ବୃଦ୍ଧି ପାଇବାରେ ଲାଗିଲା। ସେଥିପାଇଁ ସରକାର ପ୍ରତିକାର କରୁଛନ୍ତି ଏବଂ କିପରି ସବୁ କାର୍ଯ୍ୟ ବ୍ୟବସ୍ଥିତ ମାର୍ଗରେ ସୁଚାରୁରୂପେ ହୋଇପାରିବ ସେ ନେଇ ପ୍ରଶାସନ ସବୁବେଳେ ସଜାଗ। କିନ୍ତୁ ମାଲିକମାନେ ଜାଣିବା ଉଚିତ ଥିଲା ଥରେ ଶ୍ରମିକ ମୁହଁ ଫେରାଇନେବା ଅର୍ଥ ସେମାନେ ପୁନରାୟ ପ୍ରତ୍ୟାବର୍ତ୍ତନ କରିବେ ନାହିଁ– ତେଣୁ ଆଗକୁ ଶିଳ୍ପ କାରଖାନାରେ ସଙ୍କଟ ଦେଖାଦେବା ସ୍ୱାଭାବିକ। ତଥାପି ଏଯାବତ୍ ଶ୍ରମିକମାନଙ୍କର ସମସ୍ୟା ଦୂରେଇ ଯାଇନାହିଁ। ଆପତକାଳରେ ଏମାନେ ଗୋଟିଏ କୋଣରୁ ଆଉ ଗୋଟିଏ କୋଣକୁ ଘୂରି ବୁଲୁଛନ୍ତି। ସେମାନଙ୍କର ଗ୍ରାମାଞ୍ଚଳ କୃଷି ଯୋଗ୍ୟ ଜମି ନାହିଁ। ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଯୋଗୁଁ ଓ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଲୋକଟି ପ୍ରବାସୀ ହେବାକୁ ବାଧ୍ୟ ହେଉଛି। ବୁନିଆଦି ସୁବିଧାରୁ ବଞ୍ଚିତ ଏମାନେ ପଳାୟନବାଦୀ ସାଜିଛନ୍ତି। ବିଜୁଳି, ଶିକ୍ଷା, ସଡ଼କ, ଯୋଗାଯୋଗ, ସ୍ୱାସ୍ଥ୍ୟ ସୁବିଧା ସହରରେ ହିଁ ଉପଲବ୍ଧ। ଏଗୁଡ଼ିକ ଗାଁରେ ମିଳେନାହିଁ। ସେମାନେ ପେଟପାଟଣା ଓ ସୁବିଧା ପାଇଁ ଗାଁ ଛାଡ଼ନ୍ତି। ଏମାନେ ସହରରେ ବସ୍ତିବାସିନ୍ଦା ହୋଇ ସାରିଥାନ୍ତି, ଆଜି ଏଠି ତ କାଲି ସେଠି। ସେମାନଙ୍କର ଜୀବନର କାର୍ଯ୍ୟଧାରା କେତେକ ଜାତିଗତ ଭେଦଭାବର ଚାପରୁ ଓହରି ଯାଇ ଏମାନେ ସହରାଭିମୁଖୀ ହୁଅନ୍ତି। ସହରର ଜନସଂଖ୍ୟା ବଢ଼େ, ସହର ସହରୀକରଣ ହୁଏ।

ଭାରତରେ ଆର୍ଥିକ ଅସମାନତା ଓ ଆଞ୍ଚଳିକ ଅସମାନତା କାରଣରୁ କିଛି ରାଜ୍ୟରେ ଅଧିକ ବିକାଶ ହୋଇଥିବା ସ୍ଥଳେ କିଛି ରାଜ୍ୟ ପଛୁଆ ଶ୍ରେଣୀର ଅନ୍ତର୍ଭୁକ୍ତ। ୨୦୧୧ ଜନଗଣନା ଅନୁସାରେ ଭାରତରେ ୪୫.୩୬ କୋଟି ଲୋକ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପଳାୟନ କରିଛନ୍ତି। ୨୦୧୯ରେ ଜାରି ଏକ ରିପୋର୍ଟ ଅନୁଯାୟୀ ମହାରାଷ୍ଟ୍ର ପ୍ରବାସୀମାନଙ୍କ ପାଇଁ ଆକର୍ଷଣୀୟ ସ୍ଥାନ । ତାଲାବନ୍ଦ ଉଠିଲା ପରେ ଖୁବ୍ କଡ଼ାକଡ଼ି ନିୟମ ପ୍ରଣୟନର ଆବଶ୍ୟକତା ରହିଛି। ଏମାନଙ୍କ ସ୍ଥାୟୀ ଥଇଥାନ ପାଇଁ ଉପଯୁକ୍ତ ବ୍ୟବସ୍ଥା ହେବା ଉଚିତ। ପୁନରାୟ ସେମାନେ ଏପରି ସଂକଟର ସମ୍ମୁଖୀନ ନ ହୁଅନ୍ତୁ ସେଥିପ୍ରତି ଦୃଷ୍ଟିଦେବା ଦରକାର। ଏମାନଙ୍କ ପାଇଁ ସାମାଜିକ ସୁରକ୍ଷା, ଆର୍ଥିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ସୁରକ୍ଷାର ବ୍ୟବସ୍ଥା ହେବା ଉଚିତ।

ମୋ: ୯୪୩୭୭୨୮୪୭୫

## ଏଇ ଭାରତରେ

ଅଧାରୁ ପାଠ ଛାଡ଼ି ନିଶା କବଳରେ ପଡ଼ିଯାଉଥିବା ପିଲାମାନଙ୍କ ଜୀବନରେ ନୂଆ ଆଶା ଭରି ଦେଉଛନ୍ତି ନାଗାଲାଣ୍ଡର ଜେନ୍‌ପୁ ରୋଙ୍ଗମେଇ। ଡିମାପୁର ନିବାସୀ ଜେନ୍‌ପୁ ଏଭଳି ୧,୦୦୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ପୁଣି ସମାଜର ମୁଖ୍ୟ ଧାରାରେ ସାମିଲ କରିପାରିଛନ୍ତି। ଜେନ୍‌ପୁ ୨୦୧୦ରେ ଆରମ୍ଭ କରିଥିଲେ 'ୟଙ୍ଗସ କ୍ଲବ୍'। ପରେ ୨୦୧୩ରେ ଏହାକୁ ପଞ୍ଜୀକରଣ କରିବା ସହ ଏହାର ନାମ ପରିବର୍ତ୍ତନ କରି ରଖିଥିଲେ 'କ୍ୟାନ୍ ୟୁଥ୍'। ଏହା ମାଧ୍ୟମରେ ପାଠ ଛାଡ଼ିଥିବା ପିଲାମାନଙ୍କୁ ପୁଣି ସ୍କୁଲ୍ ଓ କଲେଜରେ ନାମ ଲେଖାଇବାର ବ୍ୟବସ୍ଥା କରୁଛନ୍ତି। ୩୬ ବର୍ଷୀୟ ଜେନ୍‌ପୁ ଏହି ସଂସ୍ଥା ମାଧ୍ୟମରେ କ୍ରୀଡ଼ା ଶିବିର, ରକ୍ତଦାନ ଶିବିର ତଥା ଧନ୍ଦାମୂଳକ ପ୍ରଶିକ୍ଷଣ କ୍ୟାମ୍ପ ଆଦି ଆୟୋଜନ କରୁଛନ୍ତି। ଅର୍ଥାଭାବରୁ ଆଦୌ ସ୍କୁଲ ଯାଇପାରୁ ନ ଥିବା ପିଲାମାନଙ୍କୁ ବି ସେ ସାହାଯ୍ୟ ଯୋଗାଇ ଦେଉଛନ୍ତି। ତାଙ୍କ ୟଙ୍ଗ ଟିମ୍‌ରେ ସ୍ନାତକ ଡିଗ୍ରୀଧାରୀ ମହିଳାଙ୍କ ସମେତ ୧୧ ଜଣ ବୋର୍ଡ ମେମ୍ବର ରହିଛନ୍ତି। ଏବେ ଲକ୍‌ଡାଉନ୍‌ରେ 'କ୍ୟାନ୍ ୟୁଥ୍' ଅସହାୟ ଲୋକମାନଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରୁଛି। ୨୦୧୮ରେ ବିଶ୍ୱବ୍ୟାଙ୍କ ଦ୍ୱାରା କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଥିଲା ଯେ ନାଗାଲାଣ୍ଡରେ ଡ୍ରପ୍‌ଆଉଟ ହାର ଜାତୀୟ ହାରର ୪ଗୁଣ। ଏଭଳି ସ୍ଥିତିରେ ପରିବର୍ତ୍ତନ ଆଣିବାରେ ଜେନ୍‌ପୁଙ୍କ ଭଳି ଯୁବକଙ୍କ ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ।

## ଚିରନ୍ତନୀ

କଲି ତାକୁ ଉପହାସ ବିଚାରିଲି ଛଳନା
ସ୍ୱର୍ଗର ନୁହେ ତାହା ମର୍ତ୍ତ୍ୟର ବାସନା
ଅଙ୍ଗେ ନିଭାଇଥିଲି ଇଙ୍ଗିତ ଯେତେ ମୁଁ
ଚାଖିଥିଲା ଯେତେ ରସ ପୀରତିର ରସନା।
(ପଥର ପ୍ରେମିକ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଖୋଲୁନି ଧାନମଣ୍ଡି, ବଢୁଛି ଅସନ୍ତୋଷ

ମହାଶୟ,

ବର୍ଷା ଋତୁ ଆସନ୍ନ। ଚଳିତ ରବି ଋତୁରେ ବହୁ କଷ୍ଟରେ ଧାନ ଅମଳ କରି ବର୍ଷାଦିନ ପୂର୍ବରୁ ସରକାରୀ ଧାର୍ଯ୍ୟ ଦରରେ ଧାନ ବିକ୍ରୟ ନିମନ୍ତେ ଚାଷୀ ଅପେକ୍ଷା କରି ରହିଛି ଧାନମଣ୍ଡି ଖୋଲିବା ତାରିଖକୁ। ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକ୍‌ର ୨୪ ଗୋଟି ପଞ୍ଚାୟତର ଚାଷୀଙ୍କ ଜୀବନ ଜୀବିକା ପ୍ରତି କରୋନା ଭଳି ଏକ ବିପର୍ଯ୍ୟୟ ସମୟରେ ପୁରୀ ଜିଲା ଯୋଗାଣ ବିଭାଗ ଆଦୌ ଭ୍ରୂକ୍ଷେପ କରୁନି। ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଡାକବାଜି ଯନ୍ତ୍ରରେ ମଣ୍ଡି ଖୋଲିବା ପାଇଁ ପ୍ରଚାର କରାଯାଉଥିବା ବେଳେ ଅନ୍ୟପଟେ ଚାଷୀମାନଙ୍କଠାରୁ ଅମଳ ତୁଳନାରେ ଖୁବ୍ କମ୍ ପରିମାଣର ଧାନ କ୍ରୟ କରିବା ପାଇଁ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ ହେଉଛି। କେଉଁ ଚାଷୀଙ୍କ ଧାନ କ୍ରୟ କରିବେ, କାହାକୁ ବାଦ୍ ଦେବେ, ଏପରି ଗୋଲକ ଧନ୍ଦାରେ ପଡ଼ିଯାଇଛି ସମିତି। କରୋନା ଭଳି ଜାତୀୟ ବିପର୍ଯ୍ୟୟ ସମୟରେ ରାଜ୍ୟ ସରକାର କୃଷି ଓ କୃଷକମାନଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ଦେବା ପାଇଁ ଘୋଷଣା କରିଥିବା ବେଳେ ଯୋଗାଣ ବିଭାଗର କେଉଁ ଅଧିକାରୀ ପ୍ରାୟ ୫ ହଜାର କୁଇଣ୍ଟାଲ ଜାଗାରେ ମାତ୍ର ୧୨୩ କୁଇଣ୍ଟାଲ ଧାନ କ୍ରୟ ନିଷ୍ପତ୍ତି ନେଲେ ଏହା ତଦନ୍ତସାପେକ୍ଷ। ତେବେ ପୁରୀ ଜିଲା ଯୋଗାଣ ବିଭାଗର ଏଭଳି ନିଷ୍ପତ୍ତି କାରଣରୁ ଚାଷୀମାନେ ବାଧ୍ୟ ହୋଇ ବେପାରୀଙ୍କୁ ଧାନ ବିକ୍ରୟ କରି ବିପୁଳ କ୍ଷତି ସହିବାର ସମ୍ଭାବନା ସୃଷ୍ଟି ହୋଇଛି। ଯୋଗାଣ ମନ୍ତ୍ରୀ ଓ ଯୋଗାଣ ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ପଞ୍ଜୀକରଣ ମୁତାବକ ଧାନ କ୍ରୟ କରିବାକୁ ଚାଷୀ ମହଲରେ ଦାବି ହେଉଛି।

–ଦେବବ୍ରତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟ୍ରେନ୍ ଚେନ୍ ଟାଣି ଓହ୍ଲାଇପଡ଼ିଲେ ୨୬୫ ପ୍ରବାସୀ

ନୂଆଗାଁ,୨୫।୫(ଡି.ଏନ.ଏ.)


ଟ୍ରେନ୍‌ରୁ ଓହ୍ଲାଇପଡ଼ିଥିବା ପରେ ପ୍ରବାସୀମାନେ।

- ବିଭିନ୍ନ ରେଳ ଷ୍ଟେଶନରେ ପ୍ରବାସୀଙ୍କୁ ବିରୋଧ
- ଖାଦ୍ୟ,ପାନୀୟ ବ୍ୟବସ୍ଥା କଲେ ପ୍ରଶାସନିକ ଅଧିକାରୀ

ଟ୍ରେନ୍‌ରେ ଫେରୁଥିବା ପ୍ରବାସୀଙ୍କୁ ରାଜ୍ୟର ବିଭିନ୍ନ ରେଳ ଷ୍ଟେଶନରେ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି। କରୋନା ଭୂତାଣୁ ସଂକ୍ରମଣ ଭୟରେ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ସେଥିପାଇଁ ବିଭିନ୍ନ ଜିଲାରୁ ଫେରୁଥିବା ପ୍ରବାସୀମାନେ ଯେଉଁଠି ନିରାପଦ ମଣୁଛନ୍ତି ସେଠାରେ ଚେନ୍ ଟାଣି ଟ୍ରେନ୍‌ରୁ ଓହ୍ଲାଇ ପଡୁଛନ୍ତି। ସୋମବାର ସୁନ୍ଦରଗଡ଼ ଜିଲା ନୂଆଗାଁ ରେଲଷ୍ଟେଶନରେ ଏପରି ଘଟଣା ଦେଖିବାକୁ ମିଳିଛି। ଦିନ ପ୍ରାୟ ୧୨ଟା ବେଳେ ଝାଡ଼ଖଣ୍ଡ ଯାଉଥିବା ଏକ ଟ୍ରେନ୍‌ର ଚେନ୍ ଟାଣି ୨୬୫ ପ୍ରବାସୀ ଓଡ଼ିଆ ଓହ୍ଲାଇ ପଡିଥିଲେ। ଏହା ପରେ ଟ୍ରେନ୍‌ଟି ଝାଡ଼ଖଣ୍ଡ ଅଭିମୁଖେ ଚାଲି ଯାଇଥିଲା। ଏହାଦେଖି ନୂଆଗାଁ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଏ ସଂକ୍ରାନ୍ତରେ ନୂଆଗାଁ ବିଡିଓ ମାଧବଚନ୍ଦ୍ର ପାଣିଗ୍ରାହୀଙ୍କୁ ଖବର ଦେଇଥିଲେ। ବିଡିଓ ପାଣିଗ୍ରାହୀ,ବ୍ଲକ୍ ଅଧ୍ୟକ୍ଷ ମଖଲୁ ଏକ୍କା, ସାମାଜିକ କର୍ମୀ ପ୍ରଦୀପ ସାହୁ, ନୂଆଗାଁ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଓହ୍ଲାଇ ପଡିଥିବା ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ସହ ଆଲୋଚନା କରିଥିଲେ। ପରେ ସେମାନଙ୍କୁ ରେଳ ଷ୍ଟେଶନ ନିକଟରେ ରଖିବାର ବ୍ୟବସ୍ଥା କରାଯାଇଥିଲା। ସୁନ୍ଦରଗଡ଼ ଜିଲାପାଳଙ୍କ ସହ ବିଡିଓ ପାଣିଗ୍ରାହୀ କଥା ହେଲା ପରେ ସମସ୍ତ ଶ୍ରମିକଙ୍କ ପାଇଁ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ୨ଦିନ ପୂର୍ବରୁ ମହାରାଷ୍ଟ୍ରର କୋହ୍ଲାପୁର ରେଲଷ୍ଟେଶନରୁ ଏକ ପାସେଞ୍ଜର ଟ୍ରେନ୍‌ରେ ୨୬୫ ପ୍ରବାସୀ ଓଡିଆ ଫେରୁଥିଲେ। ସେହି ଓଡ଼ିଆ ଶ୍ରମିକଙ୍କ ମଧ୍ୟରେ ବରଗଡ ଜିଲାର ୧୧ଜଣ ଥିବା ବେଳେ ବଲାଙ୍ଗୀରର ୨୩, ବ୍ରହ୍ମପୁର ୮, ଅନୁଗୋଳ ୨୨, ନୟାଗଡ ୨, କଟକ ୧୨, ଢେଙ୍କାନାଳ ୯, ଜଗତ୍‌ସିଂହପୁର ୨୧, ଯାଜପୁର ୪, ବାଲେଶ୍ୱର ୭, ଭଦ୍ରକ ୪୧, ପୁରୀ ୨୭, ନୂଆପଡା ୧୭, ସୁନ୍ଦରଗଡ଼ ୫, ମୟୂରଭଞ୍ଜ ୩, ସମ୍ବଲପୁର ୫, ନୟାଗଡ଼ ୨, ଗଞ୍ଜାମ ୮, କେନ୍ଦୁଝର ୨, କେନ୍ଦ୍ରାପଡ଼ାର ୩୩ ଓ କଳାହାଣ୍ଡି ଜିଲାର ୩ଜଣ ଅଛନ୍ତି। ଆହୁରି ୧ ହଜାରରୁ ଊର୍ଦ୍ଧ୍ୱ ଓଡ଼ିଆ ଶ୍ରମିକ ସେହି ଟ୍ରେନ୍‌ରେ ଥିବା କୁହାଯାଉଛି। ସେମାନେ ଝାଡ଼ଖଣ୍ଡର ବାନୋ ନିକଟସ୍ଥ କାନାରୱାଁ ରେଳ ଷ୍ଟେଶନରେ ଓହ୍ଲାଇଥିବା ଜଣାପଡିଛି। ନୂଆଗାଁ ବିଡିଓ ପାଣିଗ୍ରାହୀ ସମସ୍ତ ଶ୍ରମିକଙ୍କୁ ନିଜ ନିଜ ଜିଲାକୁ ପଠାଇବାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## କୋଭିଡ୍ ହସ୍ପିଟାଲରେ ପ୍ରବାସୀ ଓଡ଼ିଆଙ୍କ ମୃତ୍ୟୁ

ଜୁନାଗଡ଼,୨୫।୫(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଜଣେ ୩୫ବର୍ଷୀୟ ପ୍ରବାସୀ ଓଡ଼ିଆ ଯୁବକଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ତାମିଲନାଡୁରୁ ଫେରିଥିଲେ। ଗତ ୨୧ ତାରିଖରେ ସେ ଜୁନାଗଡ ବ୍ଲକ ହାବସପୁର ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ରହିଥିଲେ। ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହେବାରୁ ତାଙ୍କୁ ଭବାନୀପାଟଣା କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଛି।

## ସଙ୍ଗରୋଧ କେନ୍ଦ୍ରରେ ନିମ୍ନମାନର ଖାଦ୍ୟ

**ବିଞ୍ଝାରପୁର, ୨୫।୫ (ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ କପିଳା ପଞ୍ଚାୟତସ୍ଥିତ ଏସଜି ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀ ଓଡ଼ିଆଙ୍କୁ ମେନୁ ହିସାବରେ ଖାଦ୍ୟ ଦିଆଯାଉନି। ଏପରିକି ନିମ୍ନମାନର ଖାଦ୍ୟ ଦିଆଯାଉଛି। ଏ ନେଇ ଅଭିଯୋଗ କଲେ ବି କିଛି ଲାଭ ହେଉନି। ତେଣୁ ସଂଗରୋଧ କେନ୍ଦ୍ରରେ ରହୁଥିବା ପ୍ରବାସୀମାନେ ଘରୁ ଖାଦ୍ୟ ମଗାଇ ଖାଉଥିବା ଦେଖିବାକୁ ମିଳୁଛି।

## ସିମ୍‌ଡେଗାରେ ଓହ୍ଲାଇପଡ଼ିଲେ ୩୪୨

କୁଆଁରମୁଣ୍ଡା,୨୫।୫(ଡି.ଏନ.ଏ.): ମହାରାଷ୍ଟ୍ରରୁ ପ୍ରବାସୀ ଓଡିଆଙ୍କୁ ନେଇ ଓଡ଼ିଶା ଆସୁଥିବା ଏକ ଶ୍ରମିକ ସ୍ପେଶାଲ ଟ୍ରେନ୍ ସୋମବାର ରାଉରକେଲା ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ଓଡ଼ିଶା–ଝାଡ଼ଖଣ୍ଡ ସୀମା ସିମଡେଗା ନିକଟରେ ଟ୍ରେନର ଚେନ୍ ଟାଣି ୩୪୨ ଜଣ ଓହ୍ଲାଇ ପଡ଼ିଥିଲେ। ସେମାନେ ସେଠାରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ସିମଡେଗା ପୋଲିସ ସମସ୍ତଙ୍କୁ ଅଟକାଇ ବସ୍‌ରେ ଓଡିଶା ପଠାଇଛି। ଓହ୍ଲାଇଥିବା ଶ୍ରମିକମାନ ଯାଜପୁର, ବାଲେଶ୍ୱର, ଭଦ୍ରକ, ନୟାଗଡ଼, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଅଞ୍ଚଳର ବୋଲି ଜଣାପଡିଛି।

## ସଂକ୍ଷେପରେ

### ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀଙ୍କ ଆତ୍ମହତ୍ୟା

**ଫୁଲବାଣୀ ଅଫିସ,୨୫।୫:** ମାଓବାଦୀ ସଙ୍ଗଠନରେ ଯୋଗଦେଇ ପରେ କନ୍ଧମାଳ ପୋଲିସ ପାଖରେ ଆତ୍ମସମର୍ପଣ କରିଥିବା ଜଣେ ମହିଳା କ୍ୟାଡର ମାଓବାଦୀ ସୋମବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତ ଜାର୍ଗିସରୁ ଗ୍ରାମର ସିଜୁ କହଁର। ଗତବର୍ଷ ଆତ୍ମସମର୍ପଣ କରିଥିବା ସିଜୁ ପୋଲିସ ବାରାକ୍ ଭିତରେ ଥିବା ପ୍ରକୋଷ୍ଠରେ ଅସ୍ଥାୟୀ ଭାବେ ରହୁଥିଲେ। ସୋମବାର ସକାଳେ ଉକ୍ତ ପ୍ରକୋଷ୍ଠରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖାଯାଇଥିଲା। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କରିଛନ୍ତି ତାହାର ତଦନ୍ତ ଜାରି ରହିଥିବା ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତୀକ ଗୀତା ସିଂ ପ୍ରକାଶ କରିଛନ୍ତି। ଏ ନେଇ ଟାଉନ ଥାନାରେ ନଂ.୨୧/୨୦ରେ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ସିଜୁ କହଁର ଓରଫ ରିପୁ/ପିଙ୍କି ୨୦୧୬ରେ କେକେବିଏନ୍ ସଂଗଠନରେ ଯୋଗଦେଇ କାର୍ଯ୍ୟ କରୁଥିଲେ। ଖଜୁରିପଡା ଥାନା ସୁଡୁକୁମ୍ପା ଅଞ୍ଚଳରେ ଜଣେ ଠିକାଦାରଙ୍କ କ୍ୟାମ୍ପ ପୋଡ଼ାଜଳା କରିବା, ଗାଗଡ଼ପଟାରେ ପୋଲିସ ମାଓବାଦୀ ଗୁଳି ବିନିମୟ, ରବୀନ୍ଦ୍ର ମଲ୍ଲିକ ହତ୍ୟା ଏବଂ କଞ୍ଜାଲାଗୁ ଓ ଗାଡିମାସ୍କାରେ ଗୁଳି ବିନିମୟ ଘଟଣାରେ ସେ ସମ୍ପୃକ୍ତ ଥିଲେ। ତାଙ୍କୁ ଧରାଇଲେ ସରକାରଙ୍କ ପକ୍ଷରୁ ୧ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ଅନ୍ୟପକ୍ଷରେ ମାଓବାଦୀଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ୨୦୧୯ ମାର୍ଚ୍ଚ ୨୯ ତାରିଖରେ କନ୍ଧମାଳ ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ସରକାରଙ୍କ ପକ୍ଷରୁ ଥଇଥାନ ଯୋଜନାରେ ତାଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଆତ୍ମସମର୍ପଣଜନୀତ ସରକାରୀ ସୁବିଧା ପାଉଥିଲେ ମଧ ସିଜୁଙ୍କ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

### କୋଇଲା ବୋଝେଇ ବଗିରେ ନିଆଁ

**ସଇଁତଳା, ୨୫।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ରେଲଷ୍ଟେଶନରେ ସୋମବାର ଅପରାହ୍ନରେ ଏକ କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏକ କୋଇଲା ବୋଝେଇ ରେଲଗାଡ଼ି ବଲାଙ୍ଗୀର ପଟରୁ ସଇଁତଳା ଆଡକୁ ସୋମବାର ଅପରାହ୍ନ ପ୍ରାୟ ୨ଟାରେ ଯାଉଥିବା ସମୟରେ ଏକ ୱାଗନରୁ ଧୂଆଁ ବାହାରୁଥିଲା । ଧୂଆଁ ବାହାରୁଥିବା ଦେଖି ଷ୍ଟେଶନ ମାଷ୍ଟର ଗାଡ଼ିକୁ ସଇଁତଳା ଷ୍ଟେଶନରେ ଅଟକାଇ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ନିଆଁ ଲିଭିବା ପରେ ଗାଡ଼ି ଗନ୍ତବ୍ୟସ୍ଥଳକୁ ଯାଇଥିଲା। କେଉଁ କାରଣରୁ ୱାଗନରେ ନିଆଁ ଲାଗିଲା ତାହା ଜଣାପଡ଼ିନାହିଁ ।

### କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବାସୀଙ୍କ ଧାରଣା

**ଆଳି,୨୫।୫(ଡି.ଏନ.ଏ.):** ଆଳି ବ୍ଲକର ଆଳି ମହାବିଦ୍ୟାଳୟ କେନ୍ଦ୍ରରେ ୧୦୪ ପ୍ରବାସୀ ରହୁଥିବା ବେଳେ ମେଣ୍ଟପୁର ପଞ୍ଚାୟତ ହାଇସ୍କୁଲରେ ୩୦, ଦିଲ୍ଲୀ ପବ୍ଲିକ ସ୍କୁଲରେ ୨୧ ଜଣଙ୍କ ସମେତ ଅନ୍ୟାନ୍ୟ ସଙ୍ଗରୋଧ କେନ୍ଦ୍ରରେ ପ୍ରବାସୀ ରହୁଥିଲେ। ସୋମବାର ମେଣ୍ଟପୁର ହାଇସ୍କୁଲରେ ରହୁଥିବା ପ୍ରବାସୀମାନେ ସେମାନଙ୍କୁ ଘରକୁ ଛାଡିବା ନିମନ୍ତେ ଦାବି କରି ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ ସରକାରୀ ନିୟମ ଅନୁସାରେ ସେମାନେ ୧୪ ଦିନରୁ ଊର୍ଦ୍ଧ୍ୱ ଦିନ ସଙ୍ଗରୋଧ କେନ୍ଦ୍ରରେ ରହିଥିବାରୁ ଘରକୁ ଛାଡିବା ଦାବିରେ ଧାରଣା ଦେଇଥିଲେ। ଖବର ପାଇ ମେଣ୍ଟପୁର ସରପଞ୍ଚ ପ୍ରତାପ ସାହୁ ଓ ତହସିଲଦାର ତପନ ସେନାପତି ସେମାନଙ୍କୁ ବୁଝାଶୁଝା କରି ଛଡାଯିବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ଏହାପରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ମେଣ୍ଟପୁର ହାଇସ୍କୁଲରୁ ୪, ଆଳି ମହାବିଦ୍ୟାଳୟରୁ ୧୦୪ ଓ ଦିଲ୍ଲୀ ପବ୍ଲିକ ସ୍କୁଲରୁ ୫ ଜଣଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇ ଘରକୁ ଛଡାଯାଇଛି। ଏଥିସହିତ ବ୍ଲକର ଅନ୍ୟ ସଙ୍ଗରୋଧ କେନ୍ଦ୍ରରେ ୧୪ ଦିନରୁ ଅଧିକ ସମୟ ରହିଥିବା ପ୍ରବାସୀଙ୍କୁ ଘରକୁ ଯିବା ନିମନ୍ତେ ଅନୁମତି ପ୍ରଦାନ କରାଯାଇଛି।


ସ୍ୱାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକଙ୍କ ଦ୍ୱାଦଶାହ ଅବସରରେ ଭୁବନେଶ୍ୱରରେ ସୋମବାର ଆୟୋଜିତ ସ୍ମୃତିସଭାରେ ଉପସ୍ଥିତ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଓ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ।

## କଣ୍ଟାବାଞ୍ଜି ରେଳ ଷ୍ଟେଶନରୁ ଫେରାର ମାରିଲେ ୪୫

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୨୫।୫ (ଡି.ଏନ୍.ଏ.)**

ଗୁଜରାଟର ଗାନ୍ଧୀଧାମରୁ କଟକର ନିର୍ଗୁଣ୍ଡି ଅଭିମୁଖେ ଯାଉଥିବା ଶ୍ରମିକ ସ୍ପେଶାଲ ଟ୍ରେନ୍‌ର ଚେନ୍ ଟାଣି ୩୫୦ ପ୍ରବାସୀ ସୋମବାର ବଲାଙ୍ଗୀର ଜିଲାର କଣ୍ଟାବାଞ୍ଜି ରେଲଷ୍ଟେଶନ୍‌ରେ ଓହ୍ଲାଇ ପଡିଥିଲେ। ସେମାନଙ୍କ ଭିତରୁ ୩୦୫ଜଣଙ୍କୁ ଚିହ୍ନଟ କରାଯାଇଥିବାବେଳେ ୪୫ଜଣ କୁଆଡେ ଫେରାର ହୋଇଯାଇଛନ୍ତି। ସୋମବାର ଭୋର ୫ଟାରେ ଗାନ୍ଧୀଧାମ–ନିର୍ଗୁଣ୍ଡି ଶ୍ରମିକ ସ୍ପେଶାଲ ଟ୍ରେନ୍ କଣ୍ଟାବାଞ୍ଜି ଷ୍ଟେଶନ୍‌ରେ ପହଞ୍ଚିଥିଲା। କେତେଜଣ ପ୍ରବାସୀ ହଠାତ୍ ଟ୍ରେନ୍‌ର ଆଲାରାମ ଚେନ୍‌କୁ ଟାଣି ଦେଇଥିଲେ। ଫଳରେ କଣ୍ଟାବାଞ୍ଜି ଷ୍ଟେଶନ୍‌ରେ ଟ୍ରେନ୍ ଅଟକି ଯାଇଥିଲା। ଏହାପରେ ଶତାଧିକ ପ୍ରବାସୀ ସେଠାରେ ଓହ୍ଲାଇ ପଡିଥିଲେ।

## ଅନୁଗୋଳରେ ଓହ୍ଲାଇଲେ ୧୬୫୩ ପ୍ରବାସୀ

ଅନୁଗୋଳ ଅଫିସ, ୨୫।୫


ଅନୁଗୋଳ ରେଳ ଷ୍ଟେଶନ ଠାରେ ପହଞ୍ଚିଥିବା ପ୍ରବାସୀମାନେ।

- ୨୩ରେ ଗୁଜରାଟ ଛାଡ଼ିଥିଲା ଶ୍ରମିକ ଏକ୍ସପ୍ରେସ୍
- ୨୭ ଜିଲାକୁ ବସ୍‌ରେ ପଠାଇଲା ପ୍ରଶାସନ
- ପୌରପାଳିକା ଯୋଗାଇଲା ପାଣି, ବିସ୍କୁଟ

ଦୀର୍ଘ ଦୁଇ ମାସ ପରେ ସୋମବାର ଚଳଚଞ୍ଚଳ ହୋଇପଡ଼ିଥିଲା ଅନୁଗୋଳ ରେଳ ଷ୍ଟେଶନ। ଗୁଜରାଟରୁ ଓଡ଼ିଶାର ୧୬୫୩ ପ୍ରବାସୀଙ୍କୁ ଧରି ଆସୁଥିବା ଶ୍ରମିକ ଏକ୍ସପ୍ରେସ୍ ସକାଳ ୮ଟାରେ ପହଞ୍ଚିବାକୁ ଥିବାରୁ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା। ବିଶେଷକରି ସୁରକ୍ଷା ବଳୟ ମଧ୍ୟରେ କିପରି ଅନୁଗୋଳ ସହ ମୋଟ୍ ୨୭ଟି ଜିଲାର ଏହି ଶ୍ରମିକମାନଙ୍କ ପଞ୍ଜୀକରଣ କରାଯାଇ ନିଜ ଅଞ୍ଚଳ ଅଭିମୁଖେ ବସ୍‌ରେ ପଠାଯିବ ସେ ନେଇ ସମସ୍ତ ପ୍ରସ୍ତୁତି ଶେଷ କରାଯାଇଥିଲା। ଟ୍ରେନ୍ ପହଞ୍ଚିବା ପରେ ଯୋଜନା ଅନୁଯାୟୀ ସାମାଜିକ ଦୂରତ୍ୱ ମଧ୍ୟରେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରାଯାଇ ପ୍ରବାସୀମାନଙ୍କୁ ୪୫ଟି ବସ୍‌ରେ ପଠାଇ ଦିଆଯାଇଥିଲା।

ସକାଳେ ୧ନଂ. ପ୍ଲାଟଫର୍ମରେ ଟ୍ରେନ୍ ପହଞ୍ଚିବାକୁ ଥିବାରୁ ରାତି ୩ଟାରୁ ପ୍ରଶାସନିକ ଅଧିକାରୀ, ପୋଲିସ, ଡାକ୍ତରମାନେ ପ୍ରସ୍ତୁତ ହୋଇଯାଇଥିଲେ। ଟ୍ରେନ୍ ପହଞ୍ଚିବା ମାତ୍ରେ ଶ୍ରମିକମାନଙ୍କୁ ଖୋଲାଯାଇଥିବା ୧୨ଟି କାଉଣ୍ଟରକୁ ନିଆଯାଇ ପଞ୍ଜୀକରଣ, ଥର୍ମାଲ ସ୍କ୍ରିନିଂ ଓ ଷ୍ଟାମ୍ପିଂ କରାଯାଇଥିଲା। ଏହାପରେ ସେମାନଙ୍କ ଜିଲାରୁ ଆସିଥିବା ବସ୍‌ରେ ବସାଯାଇଥିଲା। ପୌରପାଳିକା ପକ୍ଷରୁ ପ୍ରତି ଶ୍ରମିକଙ୍କୁ ପାଣି ବୋତଲ ଓ ବିସ୍କୁଟ୍ ଦିଆଯାଇଥିଲା। ଆସିଥିବା ପ୍ରବାସୀମାନେ ନିଜ ଜିଲାର ଅସ୍ଥାୟୀ ମେଡିକାଲ ଶିବିର ଓ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୧୪ ଦିନ ସଙ୍ଗରୋଧରେ ରହିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ଟ୍ରେନ୍‌ରେ ଅନୁଗୋଳର ୩୪୯ଜଣ ଗୁଜରାଟରୁ ଆସିଥିବା ବେଳେ ଗଞ୍ଜାମର ୧୦୧ ଜଣ, ମୟୂରଭଞ୍ଜର ୧୩୫, ବଲେଶ୍ୱରର ୧୩୦, ଭଦ୍ରକର ୪୮, ପୁରୀର ୯୧, ସମ୍ବଲପୁରର ୯୪, ଖୋର୍ଦ୍ଧାର ୮୦, ବରଗଡ଼ର ୪୭, ବଲାଙ୍ଗୀରର ୪୭, କଟକର ୨୮, ଦେବଗଡ଼ର ୧୪, ଢେଙ୍କାନାଳର ୬୨, ଯାଜପୁରର ୩୭, ନୟାଗଡ଼ର ୨୫ ଜଣ ଓ କେନ୍ଦୁଝରର ୧୦ ଜଣ ପ୍ରବାସୀ ଆସିଥିଲେ। ସେହିପରି ବୌଦ୍ଧର ୭ ଜଣ, ନବରଙ୍ଗପୁର ୨, ସୁନ୍ଦରଗଡ଼ର ୨୪, କେନ୍ଦ୍ରାପଡ଼ାର ୭୩, କନ୍ଧମାଳର ୫, କଳାହାଣ୍ଡିର ୧୩୨, ସୋନପୁରର ୨୯, ଗଜପତିର ୪୫, ରାୟଗଡ଼ାର ୨, ଜଗତସିଂହପୁର ୩୩ ଓ ପଶ୍ଚିମବଙ୍ଗର ୩ ଜଣ ପ୍ରବାସୀ ଆସିଥିଲେ। ଜିଲାପାଳ ମନୋଜ କୁମାର ମହାନ୍ତି, ଉତ୍ତର–କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଓ ଉପଜିଲାପାଳ ବାସୁଦେବ ଶତପଥୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ବାହାନଗା, ୨୫।୫(ଡି.ଏନ.ଏ.)


ଗୁରୁତର କମଳଲୋଚନଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ସ୍ଥାନନ୍ତର କରାଯାଉଛି।

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉଡୁ ଗ୍ରାମରେ ଥିବା ବାବା ତ୍ରିକୂଟେଶ୍ୱର ଶିବ ମନ୍ଦିର ପୂଜକ, ବ୍ଲକ କଂଗ୍ରେସ ସଭାପତି ତଥା ସରପଞ୍ଚଙ୍କ ସ୍ୱାମୀ କମଳଲୋଚନ ପଣ୍ଡାଙ୍କୁ ସୋମବାର ମରଣାନ୍ତକ ଆକ୍ରମଣ ହୋଇଛି। ଗ୍ରାମବାସୀ ଆକ୍ରମଣକାରୀ ଯୁବକଙ୍କୁ କାବୁ କରି ସୋର ଥାନା ପୋଲିସ୍‌କୁ ହସ୍ତାନ୍ତର କରିବା ପରେ ପୋଲିସ ଗିରଫ କରି ତଦନ୍ତ ଆରମ୍ଭ କରିଛି।

ମନ୍ଦିରରେ ପୂଜା ସାରିବା ପରେ କମଳଲୋଚନ ବାରଣ୍ଡାରେ ବସି ଜ୍ୟୋତିଷଶାସ୍ତ୍ର କାମ କରୁଥିଲେ। ଏହି ସମୟରେ ଗ୍ରାମର ଶୁକଦେବ ବାରିକ ନାମକ ଯୁବକ ବିଲକୁ କିଆ କାଟିବାକୁ ଯାଉଥିବା ବେଳେ କୌଣସି କଥାକୁ ନେଇ କମଳଲୋଚନଙ୍କ ସହ ତାଙ୍କର ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଏଥିରେ ଶୁକଦେବ ଉତ୍ତ୍ୟକ୍ତ ହୋଇ ପାଖରେ ଥିବା ଏକ ମାରଣାସ୍ତ୍ରରେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଲୋକେ କମଳଲୋଚନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ସାଉଡୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରୁ ପୁଣି ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଶୁକଦେବଙ୍କୁ ଗିରଫ କରି ଥାନାରେ ରଖି ପଚରାଉଚରା କରିବା ସହ ତଦନ୍ତ ଚଳାଇଛି। ତେବେ ଆକ୍ରମଣର ନିର୍ଦ୍ଦିଷ୍ଟ କାରଣ ଜଣାପଡି ନ ଥିଲେ ମଧ୍ୟ ରାଜନୈତିକ ଶତ୍ରୁତା ଯୋଗୁ ଏପରି ହୋଇଥିବା ତାଙ୍କ ସମର୍ଥକମାନେ ପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, କିଛି ଦିନ ତଳେ ପ୍ରେମଜନିତ ଘଟଣାକୁ ନେଇ ଶୁକଦେବ ଗଣ୍ଡଗୋଳ କରିଥିଲେ। ଝିଅଙ୍କ ପରିବାର ଲୋକେ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶୁକଦେବଙ୍କୁ ଅଟକ ରଖିଥିଲା। ସ୍ଥାନୀୟ ନେତା ତଥା ସରପଞ୍ଚଙ୍କ ପ୍ରତିନିଧି ଭାବେ କମଳଲୋଚନ ସେହି ଘଟଣାର ସମାଧାନ କରି ଶୁକଦେବଙ୍କୁ ଥାନାରୁ ମୁକୁଳାଇ ଆଣିଥିଲେ।

## କୋଭିଡ୍ ହସ୍ପିଟାଲ୍ କର୍ମଚାରୀ ଆନ୍ଦୋଳନରେ ବସିଲେ

କେନ୍ଦୁଝର,୨୫।୫(ଡି.ଏନ୍.ଏ.)

ଛଟେଇ ପ୍ରତିବାଦରେ କେନ୍ଦୁଝର ସହର ଉପକଣ୍ଠ ରାଙ୍କିସ୍ଥିତ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍‌ର କର୍ମଚାରୀମାନେ ସୋମବାର ଆନ୍ଦୋଳନରେ ବସିଥିଲେ। କୋଭିଡ ହସ୍ପିଟାଲ ପାଇଁ ସମସ୍ତ ଖର୍ଚ୍ଚ ଜିଲା ଖଣିଜ ପାଣ୍ଠିରୁ ପ୍ରଦାନ କରାଯାଉଥିବାବେଳେ ଏହାର ପରିଚାଳନା ଦାୟିତ୍ୱ ଉତ୍କଳ ହସ୍ପିଟାଲ ନାମକ ଏକ ଘରୋଇ ସଂସ୍ଥାକୁ ଦିଆଯାଇଛି। ଉକ୍ତ ସଂସ୍ଥା ୪୬ଜଣ ସ୍ଥାନୀୟ ଯୁବକ ଯୁବତୀଙ୍କୁ ହାଉସ୍ କିପିଂ,ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦେଇଥିଲା। ସମ୍ପୃକ୍ତ ଯୁବତୀ ଯୁବକଙ୍କୁ ଚୁକ୍ତି ମୁତାବକ ଦରମା ଦିଆଯାଉ ନ ଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏପରିକି ପୂର୍ବରୁ ସେମାନଙ୍କୁ ୮ଘଣ୍ଟା କାମ କରିବ କହି ସଂସ୍ଥା ନିଯୁକ୍ତି ଦେଇଥିଲେ ମଧ୍ୟ ୧୨ ଘଣ୍ଟା ଡ୍ୟୁଟି ଦିଆଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରିବାରୁ କେତେକ କର୍ମଚାରୀଙ୍କୁ ସଂସ୍ଥା ପକ୍ଷରୁ ଛଟେଇ କରି ଦିଆଯିବା ସହ ତାଙ୍କର ପାଉଣା ମଧ୍ୟ ଦିଆଯାଇ ନ ଥିବା ଅଭିଯୋଗ ହୋଇଛି। ସୋମବାର ଏହାର ପ୍ରତିବାଦରେ କର୍ମଚାରୀମାନେ କୋଭିଡ୍ ହସ୍ପିଟାଲ ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ ସଂସ୍ଥାର ସିଇଓ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହ ଆଲୋଚନା କରିଥିବା ସୂଚନା ମିଳିଛି।

## ବିନା ରୋଶଣିରେ ହେଲା ପତରପେଁଡ଼ି

ସମ୍ବଲପୁର, ୨୫।୫ (ବ୍ୟୁରୋ)

**ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା**

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ପତରପେଡିଁ (ନିର୍ବନ୍ଧ) କାର୍ଯ୍ୟକ୍ରମ କରୋନା କଟକଣା ଯୋଗୁ ଫିକା ପଡିଛି। ଜାକଜମକରେ ହୋଇ ଆସୁଥିବା ପତରପେଁଡି ଉତ୍ସବ ଏଥର ଅତି ନିରାଡମ୍ବର ଭାବେ ନିର୍ବାହ କରାଯାଇଛି। ଏଥିରେ ବାଜା, ରୋଶଣି, ଆତସବାଜି ଦେଖିବାକୁ ମିଳିନାହିଁ। କେବଳ ପରମ୍ପରାକୁ ବଞ୍ଚାଇ ରଖିବା ଲାଗି ଯାତ୍ରା କମିଟିଗୁଡିକ ରୀତିନୀତିରେ ପତରପେଁଡି ଆୟୋଜନ କରିଛନ୍ତି। କନ୍ୟାମାତା ପିତା ସୋମବାର ବର ପିତାଙ୍କଠାରୁ ୭୨ଟି ସର୍ଗିପତ୍ର ଗ୍ରହଣ କରି ପାର୍ବତୀଙ୍କୁ ମହାଦେବଙ୍କ ହସ୍ତରେ ଅର୍ପଣ କରିବା ଲାଗି ସଂକଳ୍ପ କରିଛନ୍ତି। ସର୍ବ ପୁରାତନ ଶ୍ରୀ ଶ୍ରୀ ସୋମନାଥ ବାବା, ଝାଡୁଆପଡାର ଶ୍ରୀ ଶ୍ରୀ ଲୋକନାଥ ବାବା, ମୁଦିପଡାର ଶ୍ରୀ ଶ୍ରୀ ଜାଗେଶ୍ୱର ବାବା, ବଡବଜାରର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡାର ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ପତରପେଡିଁ ସମ୍ପନ୍ନ ହୋଇଛି। ପଣ୍ଡିତମାନଙ୍କ ମନ୍ତ୍ର ଉଚ୍ଚାରଣରେ ନିର୍ବନ୍ଧ ହୋଇଥିଲା। ଝାଡୁଆପଡାର ଶ୍ରୀ ଶ୍ରୀ ଲୋକନାଥ ବାବା ଓ ବାଲିବନ୍ଧାର ସୋମନାଥ ବାବାଙ୍କ ପତରପେଡିଁ ସ୍ୱମନ୍ଦିର ପରିସରରେ ହୋଇଥିଲା। ତେବେ ଅନ୍ୟ ଯାତ୍ରା କମିଟି ହାତ ଗଣତି କର୍ମକର୍ତ୍ତାଙ୍କୁ ନେଇ କନ୍ୟା ମାତାପିତାଙ୍କ ବାସଭବନରେ ପରମ୍ପରାକୁ ରକ୍ଷା କରି ନିର୍ବନ୍ଧ କାର୍ଯ୍ୟ କରିଛନ୍ତି। ଅପରପକ୍ଷେ ସାକ୍ଷୀ ଗୋପୀନାଥ ମଙ୍ଗଳବାର ପୂର୍ବାହ୍ନରେ ଶିବପାର୍ବତୀଙ୍କ ବିବାହ ଉତ୍ସବରେ ସାକ୍ଷୀ ହେବାକୁ ନିଜସ୍ୱ ମନ୍ଦିରରୁ ନନ୍ଦପଡା ବମ୍ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପୀଠରେ ପହଞ୍ଚିବା ରୀତି ରହିଛି। ସେହିପରି ବୀର ହନୁମାନଙ୍କୁ ବିଭିନ୍ନ ଶୈବ ପୀଠ ପରିସରସ୍ଥ ମଣ୍ଡପରେ ଉପବିଷ୍ଟ କରି ପଣ୍ଡିତ, ମନ୍ଦିର ପୂଜକ ଓ ବରପିତା ଦେବୀଦେବଙ୍କୁ ନିମନ୍ତ୍ରଣ କରିବାର ବିଧି ରହିଛି।

## ଉତ୍ତର ଓଡ଼ିଶାରେ କରୋନା: ଦିନକରେ ୧୫ ଚିହ୍ନଟ

### ଭଦ୍ରକ ୧୦୬, ବାଲେଶ୍ୱର ୧୩୬, କେନ୍ଦୁଝର ୧୨, ମୟୂରଭଞ୍ଜ ୧୫

**ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ/ବାରିପଦା ଅଫିସ/ରାସଗୋବିନ୍ଦପୁର/କେନ୍ଦୁଝର/ଚମ୍ପୁଆ, ୨୫।୫ (ସ୍ୱ.ପ୍ର./ଡି.ଏନ୍.ଏ.)**

ଉତ୍ତର ଓଡ଼ିଶାରେ ସୋମବାର ୧୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଭଦ୍ରକ ଜିଲାରେ ୮ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରେ ୫, ମୟୂରଭଞ୍ଜରେ ୧ ଓ କେନ୍ଦୁଝର ଜିଲାରେ ଜଣେ ଚିହ୍ନଟ ହୋଇଛନ୍ତି। ଫଳରେ ଭଦ୍ରକରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟ ୧୦୬ ଛୁଇଁଛି। ବାଲେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୬, ମୟୂରଭଞ୍ଜରେ ୧୫, କେନ୍ଦୁଝର ୧୨ରେ ପହଞ୍ଚିଛି।

ଭଦ୍ରକରେ ୮ ସଂକ୍ରମିତଙ୍କ ମଧ୍ୟରୁ ୪ଜଣ କୋଲକାତା, ଜଣେ ତେଲେଙ୍ଗାନା, ୨ ଜଣ ଗୁଜୁରାଟ ଓ ଜଣେ ଆନ୍ଧ୍ର ଫେରନ୍ତା ବୋଲି ଜଣାପଡ଼ିଛି। ସମସ୍ତେ ଧାମନଗର ବ୍ଲକ ଅଞ୍ଚଳର। ସଂକ୍ରମିତମାନେ ସଙ୍ଗରୋଧ ଗୃହରେ ଥିଲେ। ଉକ୍ତ ସଙ୍ଗରୋଧ କେନ୍ଦ୍ର ଫଳପୁର ହାଇସ୍କୁଲ, ଦଳାଙ୍ଗ ହାଇସ୍କୁଲ, ଧୂଷୁରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରକୁ ଜିଲା ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ବମକୁରା ପଞ୍ଚାୟତ, ଦଳାଙ୍ଗ ପଞ୍ଚାୟତ ଓ ଧୂଷୁରୀ ପଞ୍ଚାୟତକୁ ବଫର୍ ଜୋନ୍ ଭାବେ ଘୋଷଣା କରାଯାଇ କଟକଣା ଜାରି କରାଯାଇଛି।

ବାଲେଶ୍ୱରରେ ଚିହ୍ନଟ ହୋଇଥିବା ୫ ଆକ୍ରାନ୍ତଙ୍କ ମଧ୍ୟରେ ଖଇରା ବ୍ଲକର ୨ଜଣ ଏବଂ ଅନ୍ୟ ୩ଜଣ ହେଲେ ଫକୀରମୋହନ କଲେଜ କମର୍ସ ବ୍ଲକରେ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ଜଣାଯାଇଛି। ଏମାନେ ପଶ୍ଚିମବଙ୍ଗ, ସୁରଟ ଓ ମହାରାଷ୍ଟ୍ର ଫେରନ୍ତା। ସେମାନଙ୍କୁ କୁରୁଡ଼ାସ୍ଥିତ ଜିଲା କୋଭିଡ୍–୧୯ ହସ୍ପିଟାଲକୁ ନିଆଯାଇ ଚିକିତ୍ସା ଆରମ୍ଭ କରାଯାଇଛି।

**ରାସଗୋବିନ୍ଦପୁର, ଚମ୍ପୁଆରେ ପାଦ ଥାପିଲା**



ମୟୂରଭଞ୍ଜ ଜିଲାର କପ୍ତିପଦା, ବାରିପଦା, ଠାକୁରମୁଣ୍ଡା ବ୍ଲକ ପରେ ରାସଗୋବିନ୍ଦପୁର ବ୍ଲକରେ ପ୍ରଥମ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ପୁରୁଷ ହୋଇଥିବା ବେଳେ ତାଙ୍କ ବୟସ ୫୫ ବର୍ଷ। ସେ ଆନ୍ଧ୍ରପ୍ରଦେଶରୁ ଫେରି ଝାଡ଼ିଖଡ଼ା ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ରହୁଥିଲେ। ଚିକିତ୍ସା ପାଇଁ ତାଙ୍କୁ ବାଙ୍କିଶୋଳସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସେହିପରି କେନ୍ଦୁଝର ଜିଲାର ଚମ୍ପୁଆ ବ୍ଲକରେ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେ ମୁମ୍ବାଇରୁ ଫେରି ଚମ୍ପୁଆ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ କ୍ୱାରାଣ୍ଟାଇନ୍‌ରେ ଥିଲେ। ଏହାକୁ ମିଶାଇ ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ୧୨ରେ ପହଞ୍ଚିଛି। ତନ୍ମଧ୍ୟରୁ ୪ ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅନ୍ୟ ୮ ଜଣ ରୋଗୀ ଚିକିତ୍ସାଧୀନ ଅଛନ୍ତି। ଏହି ଚିହ୍ନଟ ପରେ ଚମ୍ପୁଆ ଏନ୍‌ଏସିର ୭ନଂ. ୱାର୍ଡରେ ଥିବା ଆଦର୍ଶ ବିଦ୍ୟାଳୟ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି।

**ସଂକ୍ଷେପରେ**

## ସ୍ଥାୟୀ ନିଯୁକ୍ତି ଦାବି କଲେ ଲାବରେଟୋରି ଟେକ୍ନିସିଆନ

**ଭୁବନେଶ୍ୱର,୨୫।୫ (ବ୍ୟୁରୋ):** ଆରଏନ୍‌ଟିସିପି, ଏନ୍‌ଆର୍‌ଏଚ୍‌ଏମ୍ ଲାବରେଟୋରି ଟେକ୍ନିସିଆନ୍‌ମାନେ ୧୫ବର୍ଷ ହେଲା ସ୍ୱଳ୍ପ ପାରିଶ୍ରମିକରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସେବା ଯୋଗାଇ ଆସୁଛନ୍ତି। ଏମାନେ ସରକାରଙ୍କ ଅଧୀନରେ ମଲ୍‌ଟି ସ୍କିଲ୍ ଟ୍ରେନିଂ ନେଇ ୟୁପିଏଚ୍‌ସି, ସିଏଚ୍‌ସି, ଏସ୍‌ପିଏଚ୍, ଡିଏଚ୍‌କ୍ୟୁ ଓ ନିଦାନ ବିଭାଗରେ ସମସ୍ତ ପରୀକ୍ଷା କରୁଛନ୍ତି। ୨୦୦୫ରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଓ ପରିବର୍ତ୍ତିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ସେବା ପ୍ରଦାନ କରୁଛନ୍ତି। ବର୍ତ୍ତମାନ କରୋନା ଲଢ଼େଇରେ ଏମାନେ ପ୍ରକୃତ ଯୋଦ୍ଧା ସାଜିଛନ୍ତି। ସ୍ୱାବ୍ ସଂଗ୍ରହ ସହ ରକ୍ତ ନମୁନା ପରୀକ୍ଷା କରୁଛନ୍ତି। କିନ୍ତୁ ସରକାର ଅଣଦେଖା କରୁଥିବା ଏହି ଟେକ୍ନିସିଆନମାନେ ଅଭିଯୋଗ କରୁଛନ୍ତି। ସେମାନଙ୍କ କହିବା କଥା ହେଲା, ଯେଉଁ ଲାବରେଟୋରି ଟେକ୍ନସିଆନ୍‌ମାନେ ୬ବର୍ଷରୁ ଉର୍ଦ୍ଧ୍ୱ ବିଭିନ୍ନ ଯୋଜନାରେ କାର୍ଯ୍ୟ କରିଥିବେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି କରାଯିବ ବୋଲି ସରକାର ଗତବର୍ଷ ମାର୍ଚ୍ଚ ୮ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। କିନ୍ତୁ ଏଯାଏ ସେମାନଙ୍କ ଚାକିରି ସ୍ଥାୟୀ କରାଗଲା ନାହିଁ। ତେଣୁ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ନିଯୁକ୍ତି ଦେବାକୁ ସେମାନେ ଦାବି କରିଛନ୍ତି।

## ୧୦ କରୋନା ଆକ୍ରାନ୍ତ ସୁସ୍ଥ

**ପୁରୀ ଅଫିସ,୨୫।୫:** ପୁରୀ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ୁଛି। ସୋମବାର ସୁଦ୍ଧା ସଂଖ୍ୟା ୮୧ ଛୁଇଁଥିବାବେଳେ ଖୁବ୍‌ଶୀଘ୍ର ଏହା ଶତକରେ ପହଞ୍ଚିଯିବ ବୋଲି କୁହାଯାଉଛି। ପୂର୍ବରୁ ୪ଜଣ ସୁସ୍ଥ ହୋଇଥିବାବେଳେ ସୋମବାର ଜିଲାର ଆଉ ୧୦ଜଣ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଏହି ୧୪ଜଣ ସୁସ୍ଥ ବ୍ୟକ୍ତିଙ୍କ ବାଦ୍ ଏବେ ଜିଲାର ୬୭ ଆକ୍ରାନ୍ତ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ନାବାଳିକାଙ୍କୁ ଚେଙ୍କ ଦେଇ ମା’ ଗିରଫ

**କଟକ ଅଫିସ,୨୫।୫:** ସିଡିଏ ଅଞ୍ଚଳରେ ୫ ଦିନ ତଳେ ସେକ୍ଟର-୭ର ଜଣେ ନାବାଳକଙ୍କୁ ତାଙ୍କ ସାବତ ମା’ ଚେଙ୍କ ଦେଇଥିବା ମର୍କତନଗର ଥାନାରେ ଅଭିଯୋଗ ହୋଇଥିଲା। ଏବେ ସିଡିଏର କାଠଯୋଡ଼ି ବିହାରରେ ପୁଣି ଏଭଳି ଏକ ଘଟଣାର ପୁନରାବୃତ୍ତି ଘଟିଛି। ନିର୍ଯାତନାର ଶିକାର ହୋଇଛନ୍ତି ଜଣେ ୬ବର୍ଷର ବାଳିକା। ତାଙ୍କୁ ଖୋଦ୍ ଜନ୍ମକଲା ମା’ ଓ ସାବତ ବାପା ମିଶି ଚେଙ୍କ ଦେବା ସହ ଗୋଡ଼କୁ ପଥରରେ ଛେଚି ଦେଇଛନ୍ତି। ଏ ନେଇ ଚାଇଲ୍ଡ ଲାଇନ ମର୍କତନଗର ଥାନାରେ ଏତଲା ଦେବା ପରେ ନାବାଳିକାଙ୍କ ମା’ ମନୁ ଓଝାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ରବୀନ୍ଦ୍ରନାଥ ମେହେର ସୂଚନା ଦେଇଛନ୍ତି। ଭିଡିଓ କନଫରେନ୍ସ ଦ୍ୱାରା ଜିଲା ଶିଶୁ ମଙ୍ଗଳ ସମିତି ନିକଟରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି। ଶିଶୁଭବନରେ ଚିକିତ୍ସା କରାଯିବା ପରେ ନାବାଳିକାଙ୍କୁ ବସୁନ୍ଧରାରେ ରଖାଯାଇଛି।

# ଆଜିଠୁ ଘରୋଇ ସେବା ଦେବ ‘ମୋ ବସ୍’

ଭୁବନେଶ୍ୱର, ୨୫।୫(ବ୍ୟୁରୋ)



- ୭ ରୁଟ୍‌ରେ ଚାଲିବ ବିନା ଶୀତତାପ ନିୟନ୍ତ୍ରିତ ବସ୍
- ଯେତିକି ସିଟ୍, ସେତିକି ଯାତ୍ରୀ: ମାସ୍କ ନ ଥିଲେ ଯାତ୍ରା ମନା
- ଟିକେଟର ମୂଲ୍ୟ ମୁତାବକ ଖୁଚୁରା ଦେବାକୁ ପଡ଼ିବ
- ଖୁବ୍‌ଶୀଘ୍ର ‘ଟ୍ୟାପ୍ ଆଣ୍ଡ ପେ କାର୍ଡ’ ଓ ‘କ୍ୟୁଆର କୋଡ୍’ ବ୍ୟବସ୍ଥା

| ରୁଟ୍ ନଂ. | ପ୍ରାରମ୍ଭ ସ୍ଥଳ | ଗନ୍ତବ୍ୟ ସ୍ଥଳ | ଭାୟା |
|---|---|---|---|
| ୧୦ | ବିମାନ ବନ୍ଦର | ସିଡିଏ କଟକ | ଏଜି ଛକ, ପଟିଆ |
| ୧୧ | ନନ୍ଦନ ବିହାର | ଲିଙ୍ଗିପୁର | ମାଷ୍ଟର କ୍ୟାଣ୍ଟିନ୍, ବାଣୀବିହାର |
| ୧୬ | ମାଷ୍ଟର କ୍ୟାଣ୍ଟିନ୍ | ସିଡିଏ କଟକ | ରସୁଲଗଡ଼, ବାଦାମବାଡ଼ି |
| ୨୦ | ମାଷ୍ଟର କ୍ୟାଣ୍ଟିନ୍ | ଖୋର୍ଦ୍ଧା ନୂଆ ବସ୍ ଷ୍ଟାଣ୍ଡ | ବାଣୀବିହାର, ବରମୁଣ୍ଡା |
| ୨୩ | ମାଷ୍ଟର କ୍ୟାଣ୍ଟିନ୍ | ସମ୍ ହସ୍ପିଟାଲ | ଫାୟାର ଷ୍ଟେଶନ |
| ୨୫ | ଭୁମ୍‌ଭୁମା | ମଞ୍ଚେଶ୍ୱର | ମାଷ୍ଟର କ୍ୟାଣ୍ଟିନ୍ |
| ୨୭ | ମାଷ୍ଟର କ୍ୟାଣ୍ଟିନ୍ | ଏମ୍‌ସ | ଫାୟାର ଷ୍ଟେଶନ, ବରମୁଣ୍ଡା |

ଲକ୍‌ଡାଉନ୍‌ରେ ଜରୁରିକାଳୀନ ସେବା ଯୋଗାଉଥିବା ‘ମୋ ବସ୍’ ମଙ୍ଗଳବାରଠାରୁ ଘରୋଇ ସେବା ଦେବ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମୋ ବସ୍‌ର ପରିଚାଳନା ଦାୟିତ୍ୱରେ ଥିବା କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏହି ନିଷ୍ପତ୍ତି ନେଇଛି। ଏବେ କେବଳ ବିନା ଶୀତତାପ ନିୟନ୍ତ୍ରିତ ବସ୍ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାକୁ ୭ ରୁଟ୍‌ରେ ସକାଳ ୭ରୁ ସନ୍ଧ୍ୟା ୭ଟା ଯାଏ ଚଳାଚଳ କରିବ। ଆଗାମୀ ଦିନରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆହୁରି ଅଧିକ ରୁଟ୍‌ରେ ବସ୍ ଚଳାଚଳର ବ୍ୟବସ୍ଥା କରାଯିବ ବୋଲି କ୍ରୁଟ୍ ପ୍ରବନ୍ଧକ ଦୀପ୍ତି ମହାପାତ୍ର କହିଛନ୍ତି।

ମୋ ବସ୍ ଚଳାଚଳ ଏବଂ ଏଥିରେ ଯାତ୍ରା କରିବା ଲାଗି କ୍ରୁଟ୍ ପକ୍ଷରୁ କେତେକ ପରାମର୍ଶ ଓ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏ ସମ୍ପର୍କରେ ମହାପାତ୍ର କହିଛନ୍ତି, ମୋ ବସ୍‌ରେ ଯାତ୍ରୀ ଠିଆ ହୋଇ ଯାତ୍ରା କରିପାରିବେ ନାହିଁ। ସମସ୍ତ ସିଟ୍ ଭରିଯାଇଥିଲେ, ଅଧିକ ଯାତ୍ରୀଙ୍କୁ ନ ଉଠାଇବା ଲାଗି ଗାଇଡ୍ ଓ କ୍ୟାପଟେନ୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଯାତ୍ରୀମାନେ ବାଧ୍ୟତାମୂଳକ ଭାବେ ମାସ୍କ ଲଗାଇବେ। ମାସ୍କ ଲଗାଇ ନ ଥିଲେ ସମ୍ପୃକ୍ତ ଯାତ୍ରୀଙ୍କୁ ଯାତ୍ରା ଅନୁମତି ଦିଆଯିବ ନାହିଁ। ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପ୍ରତି ମୋ ବସ୍ କର୍ତ୍ତୃପକ୍ଷ ଧ୍ୟାନ ଦେଉଛନ୍ତି। ଯାତ୍ରୀମାନେ ମଧ୍ୟ ନିଜର ଯତ୍ନ ନିଅନ୍ତୁ ଏବଂ ଯାତ୍ରା ସମୟରେ ସାନିଟାଇଜର ନିଜ ସାଥିରେ ରଖନ୍ତୁ। ଏଥିସହ ଯାତ୍ରୀମାନେ ବର୍ତ୍ତମାନ ସମୟରେ ଟିକେଟର ମୂଲ୍ୟ ମୁତାବକ ଖୁଚୁରା ଦିଅନ୍ତୁ ବୋଲି ମହାପାତ୍ର ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ଆଗାମୀ ଦିନରେ ଡିଜିଟାଲ ଟିକେଟ୍ ବୁକିଙ୍ଗ ସେବାକୁ ଅଧିକରୁ ଅଧିକ ସମୃଦ୍ଧ କରିବା ପାଇଁ କ୍ରୁଟ୍ ପକ୍ଷରୁ ଚେଷ୍ଟା ଚାଲିଛି। ଖୁବ୍‌ଶୀଘ୍ର ଟିକେଟିଂରେ ‘ଟ୍ୟାପ୍ ଆଣ୍ଡ୍ ପେ କାର୍ଡ’ ଓ ’କ୍ୟୁଆର କୋଡ୍’ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ଏହାଦ୍ୱାରା ଯାତ୍ରୀ ଓ କର୍ମଚାରୀମାନେ ସୁରକ୍ଷିତ ରହିପାରିବେ। ଏହାବ୍ୟତୀତ ପ୍ରତ୍ୟେକ ମୋ ବସ୍‌କୁ ପ୍ରତିଦିନ ନିଃସଂକ୍ରମଣ କରାଯିବାର ବ୍ୟବସ୍ଥା ହୋଇଛି। ଏଥିପାଇଁ ବିଶେଷ ଭାବେ ଜୀବାଣୁନାଶକ ଶୋଧକର ବ୍ୟବହାର କରାଯାଉଛି। ଜନସାଧାରଣ ଓ ସମସ୍ତ କର୍ମଚାରୀଙ୍କ ସୁରକ୍ଷା ପାଇଁ କ୍ରୁଟ୍ ପ୍ରତିବଦ୍ଧ ଥିବା ମହାପାତ୍ର ଜଣାଇଛନ୍ତି।

## ହାତୀ ଆକ୍ରମଣରେ ୪ ଗୁରୁତର

ଖୋର୍ଦ୍ଧା ଅଫିସ,୨୫।୫

ଖୋର୍ଦ୍ଧା ବନାଞ୍ଚଳ ଅଧୀନ ମଳିପଡ଼ା ଗ୍ରାମ ନିକଟ କାଜୁ ବଗିଚାରେ ସୋମବାର ସକାଳେ ହାତୀ ଆକ୍ରମଣରେ ୪ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ମଳିପଡ଼ା ଗ୍ରାମର ୩ ଭାଇ ସତ୍ୟନାରାୟଣ, ଜଗବନ୍ଧୁ ଓ କରୁଣାକର ସାହୁଙ୍କ ସମେତ ଅନ୍ୟ ଜଣେ ବ୍ୟକ୍ତି ବାବୁଲି ମହାରଣା। ସୂଚନା ଅନୁଯାୟୀ, ମଳିପଡ଼ା କାଜୁବଗିଚାରେ ଏହି ୪ଜଣ କାଜୁ ମଞ୍ଜି ସଂଗ୍ରହ କରୁଥିଲେ। ଏହି ସମୟରେ ଏକ ବଣୁଆ ହାତୀ ହଠାତ ଚାଲି ଆସି ସେମାନଙ୍କୁ ଆକ୍ରମଣ କରିଥିଲା। ଖବର ପାଇ ଗ୍ରାମବାସୀ ପହଞ୍ଚି ହାତୀକୁ ଘଉଡ଼ାଇ ଦେବା ସହ ଆହତମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ୨ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସ୍ଥାନୀୟ ଜଙ୍ଗଲରୁ ଏକ ହାତୀପଲ ଏହି ଅଞ୍ଚଳକୁ ଖସି ଆସିଥିବା ଜଣାପଡ଼ିଛି। ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

# ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବେ ଦଇତାପତି



ଖବରଦାତା ସମ୍ମିଳନୀରେ ଦଇତାପତି ନିଯୋଗ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ପୁରୀ ଅଫିସ,୨୫।୫

**ନୀତିରେ ସମ୍ପୃକ୍ତ ସେବକଙ୍କ ହେବ କରୋନା ଟେଷ୍ଟ**

ଦଇତାପତିମାନେ ସର୍ବଦା ମହାପ୍ରଭୁଙ୍କୁ ମିଳିତ ଭାବେ ସେବା ଯୋଗାଇ ଦେଇଥାନ୍ତି। ତେଣୁ ସେମାନଙ୍କର ସେବା ହେଉଛି ଗୋଷ୍ଠୀଗତ ସେବା। ଯଦିଓ ଅନ୍ୟ ସେବାୟତ ଏଥିରେ ସହଯୋଗ କରିଥାନ୍ତି କିନ୍ତୁ ଦଇତାପତିମାନେ ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥାନ୍ତି। ଶ୍ରୀମନ୍ଦିର ପ୍ରଶାସନ ନିର୍ଦ୍ଦେଶ ମୁତାବକ ଚଳିତବର୍ଷ ମହାପ୍ରଭୁଙ୍କ ସ୍ନାନଯାତ୍ରା ପହଣ୍ଡିରେ କେତେ ଦଇତାପତି ସାମିଲ ହେବେ ତାହା ଚୂଡ଼ାନ୍ତ ହୋଇଛି। ଏ ସମ୍ପର୍କରେ ରବିବାର ନିଯୋଗ ବୈଠକରେ ସବିଶେଷ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି ବୋଲି ଦଇତାପତି ନିଯୋଗ ସଭାପତି ରବୀନ୍ଦ୍ର ଦାସମହାପାତ୍ର କହିଛନ୍ତି। ସୋମବାର ଖବରଦାତା ସମ୍ମିଳନୀରେ ନିଯୋଗ ସଭାପତି ଦାସମହାପାତ୍ର କହିଛନ୍ତି ଯେ, ଶ୍ରୀଜଗନ୍ନାଥଙ୍କ ପହଣ୍ଡିରେ ୬୦, ଶ୍ରୀବଳଭଦ୍ରଙ୍କ ୫୦, ଦେବୀ ସୁଭଦ୍ରାଙ୍କ ୩୦ ଏବଂ ଶ୍ରୀସୁଦର୍ଶନଙ୍କ ପହଣ୍ଡିରେ ୧୦ ଦଇତାପତି ସାମିଲ ହେବେ। ସ୍ନାନପୂର୍ଣ୍ଣିମା ଦିନ ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ସରି ରୁନ୍ଧା ହେବା ପରେ ସ୍ନାନମଣ୍ଡପରେ ସୀମିତ ସଂଖ୍ୟକ ସେବାୟତ ରହିବେ। କୋଭିଡ୍ ଗାଇଡ୍‌ଲାଇନକୁ ପାଳନ କରିବା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇ ମହାପ୍ରଭୁଙ୍କ ନୀତି କରାଯିବ ବୋଲି ଦାସମହାପାତ୍ର କହିଛନ୍ତି। ସେହିପରି ଦଇତାପତି ସେବକମାନେ ହୋମ୍ କ୍ୱାରାଣ୍ଟାଇନରେ ରହିବେ। ଏମିତି କି ପ୍ରତିବର୍ଷ ସ୍ନାନପୂର୍ଣ୍ଣିମା ପୂର୍ବ ଦିନଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ସେମାନେ ସଙ୍ଗରୋଧରେ ରୁହନ୍ତି। ତାଙ୍କ ଘରକୁ କେହି ଆସନ୍ତି ନାହିଁ, ସେମାନେ ବି କାହା ଘରକୁ ଯାଆନ୍ତି ନାହିଁ। ତେଣୁ ସରକାରଙ୍କ ପକ୍ଷରୁ ଏଥର କରୋନା ଲାଗି ଯେଉଁ ସଙ୍ଗରୋଧରେ ରହିବା ପାଇଁ କୁହାଯାଉଛି ତାହାକୁ ସେମାନେ ମାନିବେ। ଏଥିସହ ଯେଉଁମାନେ ମହାପ୍ରଭୁଙ୍କ ନୀତିରେ ସାମିଲ ହେବେ ସେମାନଙ୍କର କୋଭିଡ୍ ଟେଷ୍ଟ କରାଇବା ପାଇଁ ମଧ୍ୟ ପ୍ରସ୍ତୁତ ରହିଥିବା ନିଯୋଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଯେଉଁ ସେବକମାନେ ନୀତିରେ ସାମିଲ ହେବେ ନାହିଁ ସେମାନଙ୍କୁ ସ୍ନାନପୂର୍ଣ୍ଣିମାରେ ମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିବାର ସୁଯୋଗ ମିଳୁ ବୋଲି ସଭାପତି ଦାସମହାପାତ୍ର କହିଛନ୍ତି।

## ୭ କଏଦୀ, ୫ ଜେଲ କର୍ମଚାରୀଙ୍କ ରିପୋର୍ଟ ନେଗେଟିଭ

**ଅଭିଯୁକ୍ତ କରୋନା ଆକ୍ରାନ୍ତ ଚିହ୍ନଟ ପ୍ରସଙ୍ଗ**

ପୁରୀ ଅଫିସ,୨୫।୫

ଆଶ୍ୱସ୍ତି ହୋଇଛନ୍ତି ପୁରୀ ଜେଲ୍ କର୍ତ୍ତୃପକ୍ଷ। ଜଣେ ଅଭିଯୁକ୍ତ ଜେଲ୍‌କୁ ଆସିବା ପରେ କରୋନା ଆକ୍ରାନ୍ତ ଚିହ୍ନଟ ହେବା ନେଇ ଚିନ୍ତାରେ ପଡ଼ିଥିଲେ ଅନ୍ୟ ବିଚାରାଧୀନ କଏଦୀ ଏବଂ ଜେଲ୍ କର୍ମଚାରୀ। ତେଣୁ ସମ୍ପୃକ୍ତ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିବା ୭ ବିଚାରାଧୀନ କଏଦୀ ଓ ୫ ଜେଲ୍ କର୍ମଚାରୀଙ୍କ କରୋନା ଟେଷ୍ଟ ଲାଗି ସ୍ୱାବ ନମୁନା ସଂଗ୍ରହ କରାଯାଇ ପଠାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ ରହିଥିବା ଜେଲର ଦିଲୀପ କୁମାର ଜେନା କହିଛନ୍ତି। ସମ୍ପୃକ୍ତ ଅଭିଯୁକ୍ତ ଜେଲ୍‌କୁ ଆସିବା ପରେ ତାଙ୍କୁ ଗେଟ୍‌ରେ ରିସିଭ କରିଥିବା, ସର୍ଚ୍ଚ କରିଥିବା ଏବଂ ସେଲ୍‌କୁ ଆଣିଥିବା ୫ କର୍ମଚାରୀଙ୍କ ସ୍ୱାବ ସଂଗ୍ରହ କରାଯାଇଥିଲା। ସେହିପରି ଅଭିଯୁକ୍ତ ଯେଉଁ ରୁମ୍‌ରେ ରହୁଥିଲେ ତାଙ୍କ ସହିତ ଥିବା ଅନ୍ୟ ୭ ବିଚାରାଧୀନ କଏଦୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ସୋମବାର ରିପୋର୍ଟ ମିଳିବା ପରେ ସମସ୍ତଙ୍କ ନେଗେଟିଭ ରହିଛି ବୋଲି ସୂଚନା ମିଳିଛି। ସୂଚନାଥାଉ କି, ଏକ ଚୋରି ମାମଲାରେ ଗିରଫ ଯୁବକଙ୍କୁ କୁମ୍ଭାରପଡ଼ା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସମ୍ପୃକ୍ତ ଅଭିଯୁକ୍ତଙ୍କ କରୋନା ଆକ୍ରାନ୍ତ ବୋଲି ଜଣାପଡ଼ିବା ପରେ କୁମ୍ଭାରପଡ଼ା ଆଇଆଇସିଙ୍କ ସମେତ ପ୍ରାୟ ୩୦ କର୍ମଚାରୀ କ୍ୱାରାଣ୍ଟାଇନରେ ରହିଥିଲେ। ସମସ୍ତଙ୍କର ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିଲା। ସମସ୍ତଙ୍କ ରିପୋର୍ଟ ନେଗେଟିଭ ଆସିଥିଲା।

## ଶ୍ରୀଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ପାଇଁ ଅନୁମତି

**ଭୁବନେଶ୍ୱର, ୨୫।୫ (ବ୍ୟୁରୋ):** ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିବାହ ଉତ୍ସବ ବା ଶୀତଳ ଷଷ୍ଠୀ ପାଇଁ ପ୍ରଶାସନିକ ଅନୁମତି ମିଳିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ସୂଚନା ମୁତାବକ, ଲିଙ୍ଗରାଜଙ୍କ ଶୀତଳଷଷ୍ଠୀ ପର୍ବ ନିରାଡମ୍ବର ଭାବେ ପାଳନ ହେବ। ଏଥିପାଇଁ ବିଏମ୍‌ସି ପକ୍ଷରୁ କେତେକ କଟକଣା ରଖାଯାଇଛି। ମନ୍ଦିରରେ କୌଣସି ସାଜସଜ୍ଜା କରାଯିବ ନାହିଁ। ବିବାହ ଶୋଭାଯାତ୍ରା ପାଇଁ ସୀମିତ ସଂଖ୍ୟକ ସେବାୟତ ଓ ବିବାହ ସମୟରେ ମାତ୍ର ୭ଜଣ ସେବାୟତରେ ଦେବନୀତି ସମ୍ପନ୍ନ କରାଯିବ। ସେବାୟତମାନେ ସାମାଜିକ ଦୂରତ୍ୱ ରଖିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ କରାଯିବ। ଥଣ୍ଡା, କାଶ ଭଳି ଲକ୍ଷଣ ଥିବା ସେବାୟତଙ୍କୁ ଏହି କାର୍ଯ୍ୟରୁ ନିବୃତ୍ତ ରଖାଯିବ। ମନ୍ଦିର ପ୍ରଶାସନ ଓ ବିଏମସି ଦ୍ୱାରା ଏହି କାର୍ଯ୍ୟ ତଦାରଖ କରାଯିବ। ଏନେଇ ବିଭିନ୍ନ ନିଯୋଗର ସଦସ୍ୟଙ୍କ ସହଯୋଗ ଲୋଡ଼ାଯିବ ବୋଲି ବିଏମ୍‌ସି କମିଶନର ଚୌଧାରୀ କହିଛନ୍ତି। ସୋମବାର ବିଏମ୍‌ସି ପକ୍ଷରୁ ଅନୁଷ୍ଠିତ ବୈଠକରେ ମନ୍ଦିର ପ୍ରଶାସନ ଓ ବିଭିନ୍ନ ନିଯୋଗର ସଦସ୍ୟଙ୍କ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି।




ରଥ ଚକରେ ଲୁହା ବଳା ଲଗାଯାଉଛି।

## ଚକ ନିର୍ମାଣ ଶେଷ, ଚାଲିଛି ଦଣ୍ଡା କାମ

**ପୁରୀ ଅଫିସ,୨୫।୫:** ଏଥର ଅନୁକୂଳର ୧୨ଦିନ ବିଳମ୍ବରେ ରଥ ନିର୍ମାଣ କାମ ଆରମ୍ଭ ହୋଇଛି। ତଥାପି ଠିକଣା ସମୟକୁ ମହାପ୍ରଭୁଙ୍କ ତିନିରଥ ପ୍ରସ୍ତୁତ କରିବା ପାଇଁ ସମ୍ପୃକ୍ତ ସେବକମାନେ ଲାଗିପଡ଼ିଛନ୍ତି। ମହାରଣା ସେବକ, ଭୋଇ ଓ ରୂପକାର ସେବକ ରଥଖଳାରେ ଚଳଚଞ୍ଚଳ ଥିବାବେଳେ ଦୋଳବେଦି ପରିସରରେ କରତି ଏବଂ କମାର ସେବକ କାମରେ ଲାଗିଛନ୍ତି। ସୋମବାର ସୁଦ୍ଧା ତିନିରଥର ୪୨ଟି ଯାକ ଚକ କାମ ସରିଥିବାବେଳେ ଏବେ ଦଣ୍ଡା କାମ ଚାଲିଛି। ତାଳଧ୍ୱଜ ରଥର ୯ଟି, ଦେବଦଳନ ରଥର ୭ଟି ଏବଂ ନନ୍ଦିଘୋଷର ୯ଟି ଦଣ୍ଡା ମଧ୍ୟରୁ ପ୍ରତ୍ୟେକର ୫ଟି ଲେଖାଏ ଦଣ୍ଡା ଚଉପଟ ସରିଛି। ରୂପକାର ସେବକ ଗୁଜରେ ସିଂହବିରାଳ ରୂପ ଖୋଦେଇ କରୁଛନ୍ତି। ତିନିରଥର ପ୍ରାୟ ୭୫ ପ୍ରତିଶତ ଖୋଦେଇ ଶେଷ ହୋଇଛି। ଅନ୍ୟପକ୍ଷରେ ନାଟଗୋଡ଼ କାମ ଆରମ୍ଭ ହୋଇଛି। ପ୍ରତି ରଥରେ ୮ଟି ଲେଖାଏ ନାଟଗୋଡ଼ ଲାଗିଥାଏ। ଏଥିରେ ରୂପକାର ସେବକମାନେ ରାହୁରୂପ ଖୋଦେଇ କରିବେ। ସେହିପରି ରଥଖଳାରେ ମୁହାଁଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତି ରଥରେ ୪ଟି ଲେଖାଏ ମୁହାଁଟ ଲାଗିଥାଏ। ଆଗ ମୁହାଁଟ, ପଛ ମୁହାଁଟ ଏବଂ ୨ଟି ପାର୍ଶ୍ୱ ମୁହାଁଟ ଲାଗିଥାଏ ବୋଲି ମହାରଣା ସେବକ କହିଛନ୍ତି। ଦୋଳବେଦି ପରିସରରେ କରତି ସେବକଙ୍କ ଦ୍ୱାରା ପୋଲୋ ଗୟଳ ଚିରଟ କରାଯାଉଛି। ରଥରେ ଦୁଇପ୍ରକାର ଗୟଳ ଯଥା ପୋଲୋ ଗୟଳ ଏବଂ ଛନ୍ଦା ଗୟଳ ଲାଗିଥାଏ। ସେହିପରି ଦୋଳବେଦି ପରିସର ଅସ୍ଥାୟୀ କମାରଶାଳରେ ଓଝା ସେବକଙ୍କ ଦ୍ୱାରା ଦଣ୍ଡା କଣ୍ଟା, ଗୟଳ କଣ୍ଟା, ଯୋଖା ଆଦି ତିଆରି ହେଉଛି। ସୋମବାର ସକାଳେ ରଥଖଳାରେ କାମ ଆରମ୍ଭ ପୂର୍ବରୁ ସମ୍ପୃକ୍ତ ସେବକମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସମସ୍ତ ସେବକ ସୁସ୍ଥ ଥିବା ଜଣାପଡ଼ିଛି।

## ବାଲିଖୋଳା ଗାତରେ ବୁଡ଼ିଗଲେ ଶିଶୁ

କଟକ ଅଫିସ,୨୫।୫

ବାଲିଯାତ୍ରା ପଡ଼ିଆ ନିକଟରେ ଥିବା ଏକ ପାଣି ଭର୍ତ୍ତି ଗାତରେ ପଡ଼ି ୩ ବର୍ଷୀୟ ଜଣେ ଶିଶୁର ଦୁଃଖଦ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ପାଇଁ ଅଭିଭାବକ ଓ ସାହିବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଛି।

ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ବର୍ଫି ଯୋଜନାରେ କ୍ୟାଣ୍ଟନମେଣ୍ଟ ଥାନାରୁ ଯୋବ୍ରାସ୍ଥିତ ସାମୁଦ୍ରିକ ସଂଗ୍ରହାଳୟ ପର୍ଯ୍ୟନ୍ତ ମହାନଦୀ କୂଳରେ ବାଲି ଫିଲିଂ ଚାଲିଛି। ଯେଉଁ ଜାଗାରୁ ବାଲି ଖୋଳାଯାଉଛି, ସେଠାରେ ବଡ଼ ବଡ଼ ଗାତ ହୋଇ ପାଣି ଜମି ରହୁଛି। ସୋମବାର ସକାଳ ୭ଟା ବେଳେ ଆଦିବାସୀ ବସ୍ତିର କେଦାର ମୁର୍ମୁଙ୍କ ୩ ବର୍ଷର ଝିଅ ସରସ୍ୱତୀ ଖେଳୁଥିବା ବେଳେ ବାଲି ଖୋଳା ଗାତରେ ପଡ଼ିଯାଇଥିଲେ। ପରିବାର ଲୋକେ ଝିଅକୁ ନ ପାଇ ଖୋଜାଖୋଜି କରିବା ବେଳେ ସେହି ଗାତରେ ଝିଅ ଭାସୁଥିବା ଦେଖିଥିଲେ। ତୁରନ୍ତ ଉଦ୍ଧାର କରି ମେଡିକାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ସାହିରେ ଉତ୍ତେଜନା, ୧୦ ଲକ୍ଷ କ୍ଷତିପୂରଣ ଦାବି**

ଏହି ଘଟଣାକୁ ନେଇ ସାହିରେ ଉତ୍ତେଜନା ଦେଖାଦେଇଛି। ଠିକାଦାରଙ୍କ ଅବହେଳା ଯୋଗୁ ସରସ୍ୱତୀଙ୍କ ମୃତ୍ୟୁ ହୋଇଥିବା ଅଭିଭାବକ ଓ ସାହିବାସିନ୍ଦା ଅଭିଯୋଗ ଆଣିଛନ୍ତି। କ୍ଷତିପୂରଣ ସହ ବାଲିଖୋଳା କାର୍ଯ୍ୟ ବନ୍ଦ ରଖିବାକୁ ଶତାଧିକ ବସ୍ତିବାସିନ୍ଦା ଦାବି କରିଥିଲେ। ସରସ୍ୱତୀଙ୍କ ମୃତଦେହକୁ ଧରି କ୍ୟାଣ୍ଟନ୍‌ମେଣ୍ଟ ଥାନାକୁ ସେମାନେ ଯାଉଥିବା ବେଳେ ବାଟରେ ପୋଲିସ ସେମାନଙ୍କୁ ଅଟକାଇ ବୁଝାସୁଝା କରିଥିଲା। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ଇମନ କଲ୍ୟାଣୀ ନାୟକ ପ୍ରତିଶ୍ରୁତି ଦେଇଛନ୍ତି। ପୋଲିସ ଆଇପିସି ୩୦୪ (ଏ) ଦଫାରେ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରାଯାଇଛି। ବେଆଇନ୍ ଭାବେ ମହାନଦୀ ପଠାକୁ ବାଲି ଦ୍ୱାରା ପୋତା ଯାଉଥିବା ବସ୍ତି ନେତା ବୃନ୍ଦାବନ ଦାସ ଆଜାଦ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଓ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି ହୋଇଛି।

# ସହାୟତାକୁ ଚାହିଁ ରହିଛନ୍ତି ବିପନ୍ନ

**ଫନୀ ଯାଇ ଅମ୍ଫନ୍ ଗଲା**

ପୁରୀ ଅଫିସ,୨୫।୫

ବର୍ଷକ ତଳେ ପୁରୀ ଜିଲାକୁ ଛିନ୍ନଛତ୍ର କରିଦେଇଥିଲା ବାତ୍ୟା ଫନୀ। ଛାତି ଥରାଇ ଦେଲାଭଳି ପବନ ଓ ମୁଷଳ ବର୍ଷା ସବୁକିଛି ଉଜାଡ଼ି ଦେଇଥିଲା। ଶହ ଶହ ଲୋକଙ୍କ ମୁଣ୍ଡ ଉପରୁ ଛପର ଉଡ଼ାଇ ନେବା ସହ ବହୁ ପରିବାରକୁ ବେଘର କରିଦେଇଥିଲା। କୌଣସି ପ୍ରକାରେ ଜୀବନ ବଞ୍ଚିଗଲା ସିନା ହେଲେ ମାଟିରେ ମିଶିଗଲା ଘର। ସେମାନଙ୍କ ମଧ୍ୟରୁ ଅନେକ ପରିବାର ଜରିପାଲ ଘେରା ଘର କରି ମୁଣ୍ଡ ଗୁଞ୍ଜିଥିଲେ। କିଛିମାସ ପରେ ଘରଭଙ୍ଗା ସହାୟତା ପାଇଲେ ପୁଣି ଘର ତୋଳିବେ ବୋଲି ସ୍ୱପ୍ନ ଦେଖିଥିଲେ। ହେଲେ ଏ ଯାଏ ସେମାନଙ୍କ ଆଶା ପୂରଣ ହୋଇନି। ଅନେକ ବାତ୍ୟା ବିପନ୍ନ ଏବେ ବି ପଲିଥିନ ତଳେ ଦୁଃଖକଷ୍ଟରେ ଜୀବନ ବିତାଉଛନ୍ତି, ଆଉ ସରକାରୀ ସହାୟତାକୁ ଅପେକ୍ଷା କରିଛନ୍ତି। ଏପରି ଜଣେ ବିପନ୍ନ ହେଉଛନ୍ତି କୁମ୍ଭାରପଡ଼ା ଜେନାପୁର ଅଞ୍ଚଳର ପ୍ରଫୁଲ୍ଲ ବିଶୋଇ। ଫନୀରେ ତାଙ୍କ କଚ୍ଚାଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ଇତିମଧ୍ୟରେ ବର୍ଷେ ବିତିଗଲାଣି। ପୁଣି ଏକ ବାତ୍ୟା ଅମ୍ଫନ ଆସି ଚାଲିଗଲାଣି। କିନ୍ତୁ ଏଯାଏ ସହାୟତା ମିଳିନାହିଁ।

**ଏବେ ବି ପାଲ ତଳେ ବିତୁଛି ଜୀବନ**



ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ଘର ଉପରେ ଜରିପାଲ ପକାଯାଇଛି।

ଫନୀରେ ପୁରୀ ଜିଲାର ହଜାର ହଜାର କଚ୍ଚାଘର ଭାଙ୍ଗିଯାଇଥିଲା। ଏହା ପରେ ସରକାରଙ୍କ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ପାଇଁ ଘୋଷଣା ହୋଇଥିଲା। ସେହି ଅନୁସାରେ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଇଥିଲା। ସରକାରୀ ଅଧିକାରୀମାନେ ଯେଉଁ ତାଲିକା କଲେ ତାକୁ ନେଇ ଉଠିଲା କେଁ। ଏଥିରେ ଚଞ୍ଚକତା କରାଯାଇଥିବା ଅଭିଯୋଗ ହେଲା। ତାଲିକାରେ ବହୁ ବଡ଼ବଡ଼ିଆଙ୍କ ନାଁ ଥିବାବେଳେ ବହୁ ଗରିବ ଲୋକ ଯେଉଁମାନେ ପ୍ରକୃତ କ୍ଷତିଗ୍ରସ୍ତ ସେମାନେ ବାଦ୍ ପଡ଼ିଲେ। ଏମିତି କି ଅନେକ ଲୋକଙ୍କ ତାଲିକାରେ ନାଁ ଥିଲେ ବି ଏ ପର୍ଯ୍ୟନ୍ତ ସେମାନଙ୍କୁ ସହାୟତା ମିଳିନାହିଁ। କୁମ୍ଭାରପଡ଼ା ଜେନାପୁରର ଏମିତି ଅନେକ ପରିବାର ଅଛନ୍ତି, ଯେଉଁମାନଙ୍କର ଫନୀ ବାତ୍ୟାରେ ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼ିଥିଲା। ସରକାରୀ ବାବୁମାନେ ଆସି ସର୍ଭେ କଲେ, ବାସ୍ତବ ସ୍ଥିତି ପରଖିଲେ। ତାଲିକାରେ ବି ନାଁ ଆସିଲା। ହେଲେ ସେମାନଙ୍କୁ ଏ ପର୍ଯ୍ୟନ୍ତ ସହାୟତା ମିଳିଲା ନାହିଁ। ଜେନାପୁରର ବାସନ୍ତୀ ଦାସ, ବିଶ୍ୱନାଥ ବିଶୋଇ, ନନ୍ଦ କିଶୋର ବିଶୋଇ, ନିତ୍ୟାନନ୍ଦ ଦାଶ, ବନଲତା ଦାସ ପ୍ରମୁଖ ପରିବାର ଏବେ ବି ସହାୟତାରୁ ବଞ୍ଚିତ ରହିଛନ୍ତି। ତାଲିକାରେ ନାଁ ଥିବା ସତ୍ତ୍ୱେ କାହିଁକି ସେମାନଙ୍କୁ ସହାୟତା ମିଳିପାରୁ ନାହିଁ ବୋଲି ବିପନ୍ନମାନେ ପ୍ରଶ୍ନ କରିଛନ୍ତି। ଫନୀର ବର୍ଷେ ପରେ ବି ବିପନ୍ନଙ୍କୁ ସହାୟତା ମିଳି ନ ଥିବା ନେଇ ସହରର ସରୋଜ ବେହେରା କହିଛନ୍ତି, ତାଲିକାରେ ବହୁ ବଡ଼ବଡ଼ିଆ ଚଞ୍ଚକତା କରି ନିଜର ଓ ସମ୍ପର୍କୀୟଙ୍କ ନାଁ ଯୋଡ଼ି ସରକାରୀ ଅର୍ଥ ହଡ଼ପ କରିଛନ୍ତି। ପ୍ରକୃତ ହିତାଧିକାରୀ କିନ୍ତୁ ଏହାଦ୍ୱାରା ପ୍ରଭାବିତ ହେଉଛନ୍ତି। ତେଣୁ ବଞ୍ଚିତ କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବାକୁ ପ୍ରଶାସନ ପଦକ୍ଷେପ ନେବା ଦରକାର ବୋଲି ବେହେରା ପ୍ରକାଶ କରିଛନ୍ତି। ସୂଚନାଥାଉ କି, ପୁରୀ ଜିଲାରେ ୨,୭୮,୭୬୨ଟି ବାସଗୃହ କ୍ଷତିଗ୍ରସ୍ତ ହୋଇଥିଲା। ତନ୍ମଧ୍ୟରୁ ୭୪ଟି ପକ୍କାଘର, ୮,୯୮୫ଟି କଚ୍ଚାଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ୬,୧୨୭ଟି ପକ୍କାଘର ଏବଂ ୯୮,୫୮୮ କଚ୍ଚାଘର ଅତ୍ୟଧିକ କ୍ଷତିଗ୍ରସ୍ତ ହୋଇଥିଲା। ପକ୍କା କିମ୍ବା କଚ୍ଚାଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲେ ୯୫,୧୦୦ ଟଙ୍କା, ପକ୍କାଘର ଆଂଶିକ ଭାଙ୍ଗିଥିଲେ ୫,୨୦୦ ଏବଂ କଚ୍ଚାଘର ଆଂଶିକ ଭାଙ୍ଗିଥିଲେ ୩,୨୦୦ ଟଙ୍କା ଲେଖାଏ ସରକାରୀ ସହାୟତା ପ୍ରଦାନର ବ୍ୟବସ୍ଥା ରହିଥିଲା।

## ସଂକ୍ଷେପରେ

### ଶ୍ରମ ଆଇନ ଉଚ୍ଛେଦକୁ ନେଇ ଆଇଏଲ୍‌ଓ ଚିନ୍ତା ପ୍ରକଟ କଲା

**ନୂଆଦିଲ୍ଲୀ,୨୫।୫ :** ଭାରତରେ ବିଭିନ୍ନ ରାଜ୍ୟ ପକ୍ଷରୁ ଶ୍ରମ ଆଇନରେ ସଂଶୋଧନ ତଥା ଉଚ୍ଛେଦକୁ ନେଇ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ(ଆଇଏଲ୍‌ଓ) ଚିନ୍ତା ପ୍ରକଟ କରିଛି। ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ଲାଗି ଅନ୍ତର୍ଜାତୀୟ ନିୟମ ତଥା ଚୁକ୍ତିକୁ ସରକାର ମାନିବା ଉଚିତ ବୋଲି ଆଇଏଲ୍‌ଓ ଗୁରୁତ୍ୱାରୋପ କରିଛି। ଏଭଳି ଦିଗକୁ ଭଲ ଭାବେ ବିଚାରକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ତଥା କେନ୍ଦ୍ରକୁ ଏକ ସ୍ୱଚ୍ଛ ସଙ୍କେତ ଦିଅନ୍ତୁ ବୋଲି ଏହା ନିବେଦନ କରିଛି। ଶ୍ରମ ଆଇନର ହେଉଥିବା ବିଭିନ୍ନ ସଂଶୋଧନକୁ ନେଇ ଆଶଙ୍କା ପ୍ରକଟ କରିବା ସହ ଦେଶର ବିଭିନ୍ନ ଟ୍ରେଡ୍ ୟୁନିୟନ ଏହି ଅନ୍ତର୍ଜାତୀୟ ଏଜେନ୍ସିକୁ ଚିଠି ଲେଖିଥିଲେ।

### ୨୦୦ ସହରରେ ଜିଓମାର୍ଟ ସାମଗ୍ରୀ ଡେଲିଭରି ଦେବ

**ନୂଆଦିଲ୍ଲୀ,୨୫।୫:** ରିଲାଏନ୍ସର ଅନ୍‌ଲାଇନ ଗ୍ରସେରି ଡେଲିଭରି ସର୍ଭିସ ପ୍ଲାଟ୍‌ଫର୍ମ ଜିଓମାର୍ଟ ପକ୍ଷରୁ ଦେଶର ୨୦୦ ସହରରେ ସେବା ଯୋଗାଇ ଦିଆଯିବ। ଏହି ସେବା ଦ୍ୱାରା ଆମାଜନ, ଫ୍ଲିପ୍‌କାର୍ଟ ଏବଂ ବିଗ୍ ବାସ୍କେଟ ଭଳି କିରାନା ସାମଗ୍ରୀ ଡେଲିଭରି ଦେଉଥିବା କମ୍ପାନୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି ହେବ ବୋଲି ଜଣାପଡିଛି। ୨୦୦ ସହରରେ ଜିଓମାର୍ଟ ସେବା ଯୋଗାଣ ଆରମ୍ଭ ସମ୍ପର୍କରେ କମ୍ପାନୀ ପକ୍ଷରୁ ଟୁଇଟ ଯୋଗେ ସୂଚନା ଦିଆଯାଇଛି। ଜିଓମାର୍ଟ ଡଟ୍ କମ୍ ଲଗ୍ ଇନ୍ କରି ଗ୍ରାହକ ସାମଗ୍ରୀ ଅର୍ଡର ଦେଇ ପାରିବେ। ସାମଗ୍ରୀ ମୂଲ୍ୟ ୭୫୦ ଟଙ୍କାରୁ କମ୍ ହେଲେ ଏଥିପାଇଁ ଗ୍ରାହକଙ୍କୁ ୨୫ ଟଙ୍କା ଡେଲିଭରି ଚାର୍ଜ ଦେବାକୁ ପଡ଼ିବ।

### ଟ୍ରକ୍‌ରେ ଖଣିଜ ପରିବହନକୁ ନେଇ ତୁଟିଲା ବିବାଦ

**କେନ୍ଦୁଝର, ୨୫।୫(ଡି.ଏନ୍.ଏ.):** ପାରାଦ୍ୱୀପଠାରେ କେନ୍ଦୁଝର ଓ ସୁନ୍ଦରଗଡ ଜିଲାର ଟ୍ରକଗୁଡିକରୁ ଖଣିଜ ପଦାର୍ଥ ଅନଲୋଡକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା ଦୂର ହୋଇଛି । କେନ୍ଦୁଝର ଜିଲାର ଘଟଗାଁଠାରେ ରାଜ୍ୟର ୧୦ଟି ଟ୍ରକମାଲିକ ସଂଘର ମିଳିତ ବୈଠକ ଅନୁଷ୍ଠିତ ହୋଇ ସମାଧାନର ପନ୍ଥା ବାହାର କରାଯାଇଛି । ବୈଠକରେ ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ସଂଘର ୪ଜଣ ସଦସ୍ୟଙ୍କୁ ନେଇ ଏକ କୋର କମିଟି ଗଠନ ହେବା ସହ ଏହି କମିଟି ପାରାଦ୍ୱୀପଠାରେ ମାଲ ଅନଲୋଡ ସମ୍ପର୍କରେ ନିୟମିତ ତଦାରଖ କରିବେ । କୌଣସି ଟ୍ରକ ଓଭରଟେକ କରିପାରିବେ ନାହିଁ ବୋଲି ବୈଠକରେ ପ୍ରସ୍ତାବ ଉପରେ ସମସ୍ତେ ମୋହର ଲଗାଇଛନ୍ତି। ରାସ୍ତାରେ ସିସିଟିଭି ଲଗାଯିବା ସହ ନିୟମିତ ବ୍ୟବଧାନରେ ସମନ୍ୱୟ କମିଟିର ବୈଠକ ବସିବ ବୋଲି ସ୍ଥିର ହୋଇଛି। କେନ୍ଦୁଝର ଟ୍ରକମାଲିକ ସଂଘ ସଭାପତି ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କେନ୍ଦୁଝର, ଯୋଡା, ବଡବିଲ, କୋଇଡା, ଯାଜପୁର, ଚଣ୍ଡିଖୋଲ,ପାରାଦ୍ୱୀପ, ଜଗତସିଂହପୁର ଆଦି ମାଲିକ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। କେନ୍ଦୁଝର ଟ୍ରକମାଲିକ ସଂଘର ଯୁଗ୍ମ ସମ୍ପାଦକ ଦେବୁ ପଟ୍ଟନାୟକ, ରବି ନାରାୟଣ ଶତପଥି, ଦିଲ୍ଲୀପ କୁମାର ପାଣି,ଆଲୋକ ପରିଡା, ଛଇଲ ଜେନା, ସୂର୍ଯ୍ୟନାରାୟଣ କର, ଜୟନ୍ତ କୁମାର ବେହେରା, ଦିଲ୍ଲୀପ କୁମାର ପଣ୍ଡା, ଦେବାଶିଷ ପଟ୍ଟନାୟକ, ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ରିଟେଲ ବ୍ୟବସାୟୀଙ୍କୁ ୯ ଲକ୍ଷ କୋଟି ଟଙ୍କା କ୍ଷତି

**ନୂଆଦିଲ୍ଲୀ,୨୫।୫**



- ଜୀବିକା ହରାଇବେ ୪୦%
- ପ୍ୟାକେଜରେ କିଛି ମିଳିଲାନି
- ସରକାରଙ୍କ ହସ୍ତକ୍ଷେପ ଲୋଡିଲେ
- ସୁଧୁରିପାରିନି କାରବାର

କରୋନା ମହାମାରୀକୁ ରୋକିବା ଲାଗି ସାରା ଦେଶକୁ ଲକ୍‌ଡାଉନ ଘୋଷଣା କରାଯାଇଛି। କଟକଣା ଧୀରେ ଧୀରେ କୋହଳ ହେଉଥିବା ବେଳେ ବଜାର କିନ୍ତୁ କ୍ଷତିଗ୍ରସ୍ତ ହୋଇ ରହିଛି। ଗତ ୬୦ଦିନ ମଧ୍ୟରେ ଦେଶର ରିଟେଲ ବ୍ୟବସାୟୀଙ୍କୁ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଦେଶର ରିଟେଲ ସେକ୍ଟରରେ ଥିବା ୭୦ ଲକ୍ଷ ବ୍ୟବସାୟୀଙ୍କ ମଧ୍ୟରୁ ପ୍ରାୟ ୪୦% ଆଗାମୀ ୪ ମାସରେ ସେମାନଙ୍କ ଜୀବିକା ହରାଇବା ଆଶଙ୍କା ଉପୁଜିଛି। ସରକାର ଏ କ୍ଷେତ୍ର ଲାଗି ଯଦି କୌଣସି ପଦକ୍ଷେପ ନ ନିଅନ୍ତି ତେବେ ସ୍ଥିତି ବିଗିଡ଼ିବ ବୋଲି ବଜାର ବିଶେଷଜ୍ଞମାନେ ମତ ରଖିଛନ୍ତି।

ସର୍ବଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି) ପକ୍ଷରୁ କୁହାଯାଇଛି ଯେ, ଗତ ୬୦ଦିନରେ କାରବାର ଠପ୍ ହୋଇ ପଡିଛି। ଲକ୍‌ଡାଉନ ଯୋଗୁ ରହିଥିବା କଟକଣା ଫଳରେ ଲୋକମାନେ କିଣାକିଣି କରିବାକୁ ବାହାରକୁ ଆସୁ ନ ଥିବାରୁ ଏଭଳି ସ୍ଥିତି ସାମ୍ନା କରିବାକୁ ପଡୁଛି। ଫଳରେ ରିଟେଲ ବ୍ୟବସାୟୀଙ୍କୁ ପ୍ରାୟ ୯ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଛି। ରିଟେଲ କ୍ଷେତ୍ରର ଦୋକାନ ବଜାର ଏବଂ କମର୍ସିଆଲ ମାର୍କେଟରେ ବର୍ତ୍ତମାନ କାରବାର ପ୍ରାୟ ୫% ରହିଛି। ବର୍ତ୍ତମାନ ଶ୍ରମ ଶକ୍ତିର ୮୦% ସେମାନଙ୍କ ଘରକୁ ପଳାଇଯାଇଛନ୍ତି। ଦୋକାନଗୁଡିକରେ କାମ କରୁଥିବା ୮% ଶ୍ରମଶକ୍ତି କାର୍ଯ୍ୟକ୍ଷେତ୍ରକୁ ଫେରିଛନ୍ତି।

ସିଏଆଇଟି ମହାସଚିବ ପ୍ରଭୀନ୍ ଖଣ୍ଡେଲୱାଲ କହିଛନ୍ତି, ଲକ୍‌ଡାଉନ ସମୟରେ ରିଟେଲ ବ୍ୟବସାୟ କ୍ଷତି ହେବାରୁ ଏହାଦ୍ୱାରା ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକର ରାଜକୋଷକୁ ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି ହେବ। ବ୍ୟବସାୟୀମାନେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ସରକାରଙ୍କ ପକ୍ଷରୁ ମଧ୍ୟ କୌଣସି ସହାୟତା ମିଳୁନାହିଁ। ଭବିଷ୍ୟତକୁ ନେଇ ବ୍ୟବସାୟୀମାନେ ଚିନ୍ତାରେ ରହିଛନ୍ତି। କରୋନା ଆଗରୁ ବଜାର ମାନ୍ଦାବସ୍ଥା ଦେଇ ଗତି କରୁଥିଲା। ଗୋଟିଏ ପଟେ ସବୁ କ୍ଷେତ୍ରରେ ଚାହିଦା ପୂରା ଖସିଯାଇଛି। ଅନ୍ୟପକ୍ଷରେ ସରକାର ଆଣିଥିବା ୨୦ ଲକ୍ଷ କୋଟି ଟଙ୍କା ପ୍ୟାକେଜରେ କୌଣସି ବ୍ୟବସ୍ଥା କଲେ ନାହିଁ। ଘରଭଡ଼ା, କାରବାର ଚଳାଇବା, କର୍ମଚାରୀଙ୍କୁ ବେତନ ଦେବା ବର୍ତ୍ତମାନ କଷ୍ଟକର ହୋଇ ପଡିଛି। ସମସ୍ୟା ସମାଧାନ କରିବା ଲାଗି ସରକାର ହସ୍ତକ୍ଷେପ କରନ୍ତୁ ବୋଲି ସଂଘ ପକ୍ଷରୁ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ନିବେଦନ କରାଯାଇଛି। ପୋଷାକ, ଜୁଏଲେରି ସମେତ ଅନ୍ୟ ସାମଗ୍ରୀ ବିକ୍ରି କରୁଥିବା ବ୍ୟକ୍ତି ବ୍ୟବସାୟୀଙ୍କ ରାଜସ୍ୱ ପ୍ରାୟ ୭୫% ଖସିଛି। ଫଳରେ ଉକ୍ତ କ୍ଷେତ୍ରଗୁଡ଼ିକରେ ନିଯୁକ୍ତି କମିବା ଆଶଙ୍କା ଉପୁଜିଛି।

# କୋଭିଡ୍ ଚାପରେ ଦେବାଳିଆ ହେଉଛନ୍ତି କମ୍ପାନୀ




**୧୦ ବିଲିୟନ ଡଲାରର ରିଟେଲ ବ୍ୟାଙ୍କ୍ରପ୍ସି**

**ନୂଆଦିଲ୍ଲୀ,୨୫।୫**

ସାରା ବିଶ୍ୱ ବଜାର ମାନ୍ଦାବସ୍ଥା ସହ ଲଢ଼େଇ ଜାରି ରଖିଥିଲା। ବାଣିଜ୍ୟଗୁଡ଼ିକ ତିଷ୍ଠି ରହିବା ଲାଗି ଲଢ଼େଇ ଜାରି ରଖିଥିଲେ। ହଠାତ୍ କରୋନା ଭଳି ବିଶ୍ୱ ମହାମାରୀ ଆସି ଏହି ସମସ୍ୟାକୁ ଆହୁରି ବଢ଼ାଇଦେଲା। ମାନ୍ଦାବସ୍ଥା ସହ ଲଢୁଥିବା କମ୍ପାନୀଗୁଡିକ କରୋନା ଚାପର ବଶବର୍ତ୍ତୀ ହେଲେ। ସାରା ବିଶ୍ୱ ଲକ୍‌ଡାଉନ ହେବା ଯୋଗୁ କଳକାରଖାନା ବନ୍ଦ ହୋଇପଡିଛି। ବଜାରରେ ଚାହିଦା ନ ଥିବା ବେଳେ ଯୋଗାଣ ଚେନ୍ ପ୍ରଭାବିତ ହୋଇଛି। ବିଭିନ୍ନ ସମସ୍ୟା ସହ ଜୁଝୁଥିବା କମ୍ପାନୀଗୁଡ଼ିକ ଚାପ ସମ୍ଭାଳିବାରେ କଷ୍ଟକର ହେଉଛି ଫଳରେ ସାରା ବିଶ୍ୱରେ କମ୍ପାନୀଗୁଡିକ ବର୍ତ୍ତମାନ ଦେବାଳିଆ ହୋଇଯାଉଥିବା ନଜରକୁ ଆସିଛି।

ଜେ.ସି.ପେନି ନାମକ ଆମେରିକୀୟ କମ୍ପାନୀ ଏହାର ୩୮୭ ଷ୍ଟୋରକୁ ବନ୍ଦକରି ଦେଇଛି। କାରବାର ନ ଥିବାରୁ କମ୍ପାନୀକୁ ଏହି ସେଗ୍‌ମେଣ୍ଟରେ ମାତ୍ରାଧିକ କ୍ଷତି ସହିବାକୁ ପଡିଛି। ଫଳରେ କମ୍ପାନୀ ବ୍ୟାଙ୍କ୍ରପ୍ସି ପାଇଁ ଫାଇଲିଂ କରିଥିବା ଜଣାପଡିଛି। ପେନିର ଭାଗ୍ୟ ବର୍ତ୍ତମାନ ରିଟେଲ ତୁଳନାରେ ରିୟଲ ଇଷ୍ଟେଟ ଉପରେ ନିର୍ଭର କରୁଛି। କମ୍ପାନୀର ପୁନର୍ଗଠନ ଯୋଜନାକୁ ୨ଟି ଭାଗରେ ବିଭକ୍ତ କରାଯାଇଛି। ନିବେଶକ ହୁଏତ ରିଟେଲ ସେଗ୍‌ମେଣ୍ଟ ସମ୍ପତ୍ତିକୁ ରଖିବେ କିମ୍ବା ରିୟଲ ଇଷ୍ଟେଟ ସେଗ୍‌ମେଣ୍ଟ ଅଧୀନରେ କିଛି କିମ୍ବା ସବୁ ରିଟେଲ ଷ୍ଟୋରକୁ ରଖିବା ନିଷ୍ପତ୍ତି ନେବେ। ବର୍ତ୍ତମାନ ସବୁ କିଛି ସମ୍ଭାଳିବା ଲାଗି ଚାପ କମ୍ପାନୀ ଉପରେ ରହିଛି। ଧାର୍ଯ୍ୟ ସମୟରେ ଯଦି ପେନି ସବୁ କିଛି ନ ସମ୍ଭାଳିପାରେ ତେବେ ଫାଇଲିଂ ନିୟମ ଅନୁସାରେ ଏହାକୁ ଯିବାକୁ ପଡିବ। ମୋଟାମୋଟି ଭାବେ ଏହି ରିଟେଲର କମ୍ପାନୀକୁ ବ୍ୟାଙ୍କଗୁଡିକ ଦ୍ୱାରା ପ୍ରସ୍ତାବିତ ବିଜ୍‌ନେସ ପ୍ଲାନ୍ ସହ ଆଗକୁ ବଢ଼ିବାକୁ ହେବ।

ସେହିଭଳି ଅନ୍ୟ ଏକ ଦେବାଳିଆ ଘଟଣା ସାମ୍ନାକୁ ଆସିଛି। ଲକ୍‌ଜ୍ୟୁରି ସାମଗ୍ରୀ ଲାଗି ପରିଚିତ ବ୍ରାଣ୍ଡ ନୈମ୍ୟାନ ମାର୍କସ ବ୍ୟାଙ୍କ୍ରପ୍ସି ପାଇଁ ଫାଇଲିଂ କରିଥିବା ଜଣାପଡ଼ିଛି। ଆମେରିକାର ଟେକ୍ସାସର ଏକ ବ୍ୟାଙ୍କ୍ରପ୍ସି କୋର୍ଟରେ କମ୍ପାନୀ ରିଷ୍ଟ୍ରକ୍‌ଚରିଂ ପାଇଁ ଦ୍ୱାରସ୍ଥ ହୋଇଥିବା ଜଣାପଡିଛି। କାରବାର ଚଳାଇବା ବର୍ତ୍ତମାନ କଷ୍ଟକର ହୋଇ ପଡ଼ିଥିବା କମ୍ପାନୀ ଏହାର ଷ୍ଟୋର ସବୁ ବନ୍ଦ କରି ଦେଇଛି। ଏହି ପ୍ରକ୍ରିୟା ଦ୍ୱାରା ସ୍ଥିତି ଯଦି ସୁଧୁରେ ତେବେ କମ୍ପାନୀ ଆଗାମୀ ଯୋଜନା ହାତକୁ ନେବ। ଏଭଳି ପ୍ରମୁଖ ଷ୍ଟୋରଗୁଡିକ ବ୍ୟାଙ୍କ୍ରପ୍ସି ପ୍ରୋଟେକ୍ସନ ଲାଗି ଫାଇଲିଂ କରିଥିବାରୁ ପ୍ରାୟ ୧୦ ବିଲିୟନ ଡଲାରର ମୂଲ୍ୟର କ୍ରୟ ନେଇ ସୁଯୋଗ ରହିବ ବୋଲି ମ୍ୟାକିସ ଇଙ୍କ୍ ସିଇଓ ଜେଫ୍ ଜେନେଟ କହିଛନ୍ତି। ସେହିଭଳି ନ୍ୟୁ ଇଂଲଣ୍ଡର ଜେ.କ୍ରିଉ ଫ୍ୟାଶନ ହାଉସ ଭଳି କମ୍ପାନୀ ମଧ୍ୟ ବ୍ୟାଙ୍କ୍ରପ୍ସି ପାଇଁ ଆବେଦନ କରିଥିବା ଜଣାପଡିଛି।

# ଏମ୍‌ଏସ୍‌ଏମ୍‌ଇଙ୍କ ଚିନ୍ତା ବଢୁଛି

**ନୂଆଦିଲ୍ଲୀ,୨୫।୫**

**କମ୍ପାନୀ, ସରକାରୀ ଏଜେନ୍ସି ଉପରେ ୫ ଲକ୍ଷ କୋଟି ଟଙ୍କା ବକେୟା**



ବର୍ତ୍ତମାନର କ୍ଷତିଗ୍ରସ୍ତ ବଜାର ଏବଂ ନଗଦ ସମସ୍ୟାକୁ ନେଇ ଦେଶର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ବର୍ତ୍ତମାନ ଚିନ୍ତାରେ ରହିଛନ୍ତି। ଗୋଟିଏ ପଟେ ବର୍ତ୍ତମାନ ନଗଦ ସମସ୍ୟା ରହିଥିବା ବେଳେ ଅନ୍ୟ ପଟେ ବଡ଼ ବଡ଼ କମ୍ପାନୀ ଏବଂ ସରକାରୀ ଏଜେନ୍ସିଗୁଡ଼କ ଉପରେ ପଡି ରହିଥିବା ବକେୟା ବର୍ତ୍ତମାନ ଆସିପାରୁ ନାହିଁ। ଏଭଳି ଭାବେ କମ୍ପାନୀଗୁଡିକର ୫ ଲକ୍ଷ କୋଟି ଟଙ୍କା ପଡି ରହିଛି। ଏଭଳି ସମସ୍ୟାକୁ ବିଚାରକରି କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ପଦକ୍ଷେପ ନେବ ବୋଲି ଜଣାପଡିଛି। ଆଗାମୀ ୪୫ ଦିନ ମଧ୍ୟରେ ସମସ୍ତ ସରକାରୀ ଏଜେନ୍ସି ଏବଂ ମନ୍ତ୍ରଣାଳୟଗୁଡିକର ବକେୟା ରାଶି ପଇଠ କରିବା ଦିଗରେ ସରକାର ଯୋଜନା ହାତକୁ ନେବେ। ସେହିଭଳି ରାଜ୍ୟ ସରକାର ଏବଂ କମ୍ପାନୀଗୁଡିକ ସେମାନଙ୍କ ବକେୟା ଅର୍ଥ ଏମ୍‌ଏସ୍‌ଏମ୍‌ଇଗୁଡିକୁ ପଇଠ କରିବା ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି କେନ୍ଦ୍ର ମନ୍ତ୍ରୀ ନୀତିନ୍ ଗଡକରୀ କହିଛନ୍ତି। ଦେଶର ଅଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ(ଏନ୍‌ବିଏଫ୍‌ସି)ଗୁଡ଼ିକୁ ପୁଞ୍ଜି ପ୍ରଦାନ ଦିଗରେ ମଧ୍ୟ ଯୋଜନା ହାତକୁ ନିଆଯାଇଛି। ଏହାବାଦ ଗ୍ରାମାଞ୍ଚଳ ସ୍ତରରେ ଶିଳ୍ପ ପ୍ରତିଷ୍ଠାକୁ ସରକାର ଗୁରୁତ୍ୱ ଦେଉଥିବା ସେ ମତବ୍ୟକ୍ତ କରିଛନ୍ତି।

# ୪୦% ଟ୍ରାଭେଲ୍-ଟୁରିଜମ ସଂସ୍ଥା ଉପରେ ସଙ୍କଟ

**ନୂଆଦିଲ୍ଲୀ,୨୫।୫**

କରୋନା ସଂକ୍ରମଣରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ସରକାର ପର୍ଯ୍ୟାୟ ପରେ ପର୍ଯ୍ୟାୟ ଲକ୍‌ଡାଉନ ବୃଦ୍ଧି କରୁଛନ୍ତି। କୋଭିଡ୍-୧୯ ଦେଶର ସବୁ ଶ୍ରେଣୀ ଓ କ୍ଷେତ୍ରକୁ ପ୍ରଭାବିତ କରିଛି। ଫଳରେ ଦେଶର ଅର୍ଥ ବ୍ୟବସ୍ଥା ଏହାଦ୍ୱାରା ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଲକ୍‌ଡାଉନ-୪ ମଧ୍ୟରେ ସରକାର ବିଭିନ୍ନ କ୍ଷେତ୍ର ପାଇଁ କିଛି ସୁବିଧା ଓ କୋହଳ ନୀତି ଅବଲମ୍ବନ କରିଥିଲେ ମଧ୍ୟ ଟ୍ରାଭେଲ ଆଣ୍ଡ ଟୁରିଜମ୍ କ୍ଷେତ୍ର ପାଇଁ ସେପରି କିଛି ବ୍ୟବସ୍ଥା କରିନାହାନ୍ତି। କରୋନା ପ୍ରଭାବ ଯୋଗୁ ୪୦% ଟ୍ରାଭେଲ ଆଣ୍ଡ ଟୁରିଜମ୍ ସଂସ୍ଥା ସଙ୍କଟ ମଧ୍ୟ ଦେଇ ଗତି କରୁଛନ୍ତି। ସୋମବାର ଆସିଥିବା ରିପୋର୍ଟରେ ଏହା ପ୍ରକାଶ ପାଇଛି। ଦେଶରେ ଯଦି ଲକ୍‌ଡାଉନ ପରିସ୍ଥିତିରେ ସୁଧାର ନ ଆସେ ତା'ହେଲେ ଆସନ୍ତା ୩ରୁ ୬ମାସ ମଧ୍ୟରେ ୪୦% ଟ୍ରାଭେଲ ଆଣ୍ଡ ଟୁରିଜିମ୍ ସଂସ୍ଥା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଆଶଙ୍କା ଦେଖାଦେଇଛି। ସେହିଭଳି ଏହି ସମୟରେ ପ୍ରାୟ ୩୬% ଏଭଳି ସଂସ୍ଥା ଆଂଶିକ ବନ୍ଦ ହୋଇ ରହିବ ବୋଲି ବୋଟ୍ ଟ୍ରାଭେଲ ସେଣ୍ଟିମେଣ୍ଟ ଟ୍ରାକର ପକ୍ଷରୁ ଏଭଳି ରିପୋର୍ଟ ସାମ୍ନାକୁ ଆସିଛି।

# ଲକ୍ଷଣ ନ ଥାଇ ବାହାରିଲା ପଜିଟିଭ

**ପଡ଼ିଆ,୨୫।୫(ଡି.ଏନ୍.ଏ.)**

**ପଡ଼ିଆ ଆଶାକର୍ମୀଙ୍କୁ ନେଇ ଚିନ୍ତାରେ ଗ୍ରାମବାସୀ**

ମାଲକାନଗିରି ଜିଲାରେ କରୋନା ଦିନକୁ ଦିନ କାୟା ବିସ୍ତାର କରୁଛି। ଫଳରେ ଲୋକଙ୍କ ମନରେ ଭୟ ପ୍ରକାଶ ପାଇଛି। ବ୍ଲକ ପ୍ରଶାସନର ନିଦ ହଜାଇଦେଇଛି କରୋନା। ପଡ଼ିଆ ବ୍ଲକର ବାପନପାଲି ପଞ୍ଚାୟତ ମୋଟାଗୁଡ଼ା ଗ୍ରାମର ଆଶାକର୍ମୀଙ୍କ ପଜିଟିଭ ବାହାରିଥିବାରୁ ବ୍ଲକବାସୀ ଚିନ୍ତାରେ ପଡ଼ିଛନ୍ତି। ଆଶାକର୍ମୀ ଜଣକ ଗତ ୨୨ରେ ସିନାକାଟା ଗ୍ରାମରେ ରହୁଥିବା ଜଣେ ଗର୍ଭବତୀ ମହିଳାଙ୍କୁ ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେ ରୋଡନପାଲି , ମୋଟାଗୁଡ଼ା, ମୁଲିଗୁଡ଼ା ଗ୍ରାମରେ ନିଜ ଡିୟୁଟି କରନ୍ତି । ବାହାରକୁ କୁଆଡ଼େ ଯାଇନାହାନ୍ତି। କୌଣସି ଲକ୍ଷଣ ମଧ୍ୟ ତାଙ୍କ ନିକଟରେ ଦେଖାଦେଇ ନ ଥିଲା। ଏହା ସତ୍ତ୍ୱେ ତାଙ୍କର କିପରି ପଜିଟିଭ ବାହାରିଲା ସେନେଇ ସରପଞ୍ଚ ନିର୍ମଦା କାମରାମି, ବିଡିଓ ରଘୁନାଥ ମୁଣ୍ଡଲି ଚିନ୍ତାରେ ପଡିଛନ୍ତି। ଖବର ପାଇ ମୋଟାଗୁଡା ଗ୍ରାମକୁ ଉପଜିଲାପାଳ ରାମେଶ୍ୱର ପ୍ରଧାନ, ସରପଞ୍ଚ କାମରାମି, ବିଡିଓ ମଣ୍ଡାରି ଏବଂ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଗ୍ରାମରେ ପହଞ୍ଚି ଗ୍ରାମକୁ କଣ୍ଟେନମେଣ୍ଟ ଘୋଷଣା କରିବା ସହ ସମ୍ପୂର୍ଣ୍ଣ ସିଲ୍ କରି ଦେଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଶାକର୍ମୀଙ୍କ ସ୍ୱାମୀ, ସନ୍ତାନ ଓ ସମ୍ପର୍କୀୟଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଅନ୍ୟପକ୍ଷରେ ବୋଡନପାଲି ଗ୍ରାମବାସୀ ସିଲାକାଟାକୁ ସଂଯୋଗ କରିଥିବା ମୁଖ୍ୟରାସ୍ତା ଉପରେ ବାଡ଼ ପକାଇ ଦେଇଛନ୍ତି । ଫଳରେ ଗ୍ରାମର କୌଣସି ଲୋକ ବାହାରକୁ ଯାଇପାରିବେନି କିମ୍ବା ବାହାରୁ କେହି ଗ୍ରାମ ଭିତରକୁ ଆସିପାରିବେ ନାହିଁ।

### କ୍ୱାରାଣ୍ଟାଇନ୍ ସେଣ୍ଟରରେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

**ଦାରିଙ୍ଗବାଡ଼ି,୨୫।୫(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର ଏକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଜଣେ ଅନ୍ତେବାସୀଙ୍କୁ ଅଟକ ରଖି ପୋଲିସ ତଦନ୍ତ ଆରମ୍ଭ କରିଛି। କ୍ୱାରାଣ୍ଟାଇନ୍ ଅବଧି ସରିଥିବାରୁ ଅନ୍ୟମାନଙ୍କୁ ଘରକୁ ପଠାଇଦିଆଯାଇଛି। ବିଭିନ୍ନ ରାଜ୍ୟରୁ ଫେରିଥିବା ୨୯ ଜଣଙ୍କୁ ୧୨ଦିନ ତଳେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଥିଲା। ରବିବାର ବିଳମ୍ବିତ ରାତିରେ ଜଣେ ଯୁବତୀଙ୍କୁ ଅଭିଯୁକ୍ତ ଅନ୍ତେବାସୀ ଟଣାଓଟରା କରିଥିଲେ। ଯୁବତୀଙ୍କ ପାଟିଶୁଣି ସୁରକ୍ଷା କର୍ମୀ ପହଞ୍ଚି ଦାରିଙ୍ଗବାଡି ବିଡିଓ ଜଗଦୀଶ ଷଡ଼ଙ୍ଗୀଙ୍କୁ ଫୋନରେ ଜଣାଇଥିଲେ। ବିଡିଓଙ୍କଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି। ଏ ନେଇ ଥାନାରେ ନଂ. ୫୬/୨୦ରେ ଏକ ମାମଲା ରୁଜୁ ହୋଇଛି।

# ଗୋହତ୍ୟା ଅଭିଯୋଗ: ମଣିତାପୁରରେ ଉତ୍ତେଜନା

**ବିଞ୍ଝାରପୁର, ୨୫।୫ (ଡି.ଏନ୍.ଏ.)**

ବିଞ୍ଝାରପୁର ଥାନା ଚିକଣା ପଞ୍ଚାୟତରେ ଗୋହତ୍ୟାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ବିଞ୍ଝାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଜଣକୁ ଅଟକ ରଖି ପଚରାଉଚରା କରୁଛି। ପ୍ରକାଶ ଯେ, ଚିକଣା ପଞ୍ଚାୟତ ମଣିତାପୁର ଗ୍ରାମର ମଥୁରି ମଲିକଙ୍କର ଗୋଟିଏ ଗୋରୁ ରବିବାର ବିଲକୁ ଚରିବାକୁ ଯାଇ ଆଉ ଫେରି ନ ଥିଲା। ସୋମବାର ମଥୁରି ଆଖପାଖର ବିଭିନ୍ନ ଗାଁକୁ ଯାଇ ଖୋଜାଖୋଜି କରିଥିଲେ। ଚିକଣା-ସୟଦପୁର ବିଲ ମଝିରେ ଥିବା ଏକ ଜଙ୍ଗଲିଆ ସ୍ଥାନରେ ଗୋରୁର ଖଣ୍ଡବିଖଣ୍ଡ ଦେହ ପଡ଼ିଥିବା ମଥୁରି ଦେଖିଥିଲେ। ଖବର ପ୍ରଚାର ହେବା ପରେ ମଣିତାପୁର, ଚିକଣା ଓ ପଇରଖ ଗ୍ରାମର ଶତାଧିକ ଲୋକ ସେଠାରେ ପହଞ୍ଚିବା ସହ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକଙ୍କୁ ସନ୍ଦେହ କରି ପାଟିତୁଣ୍ଡ କରିଥିଲେ। ଖବରପାଇ ବିଞ୍ଝାରପୁର ଥାନାଧିକାରୀ ଶିବଚରଣ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ପୋଲିସ ସନ୍ଦେହରେ ଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି।



# ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ପ୍ରବାସୀଙ୍କ ଭିଡ଼

**ସୋହେଲା,୨୫।୫(ଡି.ଏନ.ଏ.)**



ଲୁହୁରାଚଟିରେ ଭିଡ଼ ଜମାଇଥିବା ପ୍ରବାସୀ ।

- ସୋହେଲାରେ ଆତଙ୍କ
- ଲୁହୁରାଚଟିକୁ ଶଟ୍‌ଡାଉନ୍ ଘୋଷଣା
- ପ୍ରବାସୀଙ୍କ ପାଇଁ ପୋଲିସ ନାକେଦମ୍

ବରଗଡ଼ ଜିଲା ସୀମାନ୍ତ ସୋହେଲା ଥାନା ଲୁହୁରାଚଟି ପୁରୁଣା ଚେକ୍ ପଏଣ୍ଟରେ ରବିବାର କେହି ନ ଥିଲେ। ହେଲେ ସୋମବାର ଭୋର୍ ୩ଟାରୁ ପ୍ରବାସୀଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେମାନେ ବସ୍ ଯୋଗେ ମହାରାଷ୍ଟ୍ର ଓ ଗୁଜରାଟରୁ ଆସି ଓଡ଼ିଶାର କେନ୍ଦ୍ରାପଡା, ଗଞ୍ଜାମ ଆଦି ଜିଲା ଏବଂ ପଶ୍ଚିମବଙ୍ଗ ଯିବା ପାଇଁ ଲୁହୁରାଚଟିରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ହଜାର ହଜାର ପ୍ରବାସୀ ସେଠାରେ ଭିଡ ଜମାଇବାରୁ ସେହି ରାସ୍ତା ଦେଇ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା । ସେମାନଙ୍କ ପାଇଁ ଆବଶ୍ୟକ ଖାଦ୍ୟପେୟ ଏବଂ ବସ୍ ବ୍ୟବସ୍ଥା କରିବାରେ ପୋଲିସକୁ ମଧ୍ୟ ନାକେଦମ୍ ହେବାକୁ ପଡିଥିଲା ।

କରୋନା ପାଇଁ ଲକ୍‌ଡାଉନ ଯୋଗୁ ବହୁ ଲୋକ ବିଭିନ୍ନ ରାଜ୍ୟରେ ଫସି ରହିଛନ୍ତି। ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ କଟକଣା କୋହଳ ହେବା ପରେ ସେମାନେ ଏବେ ଘରମୁହାଁ ହୋଇଛନ୍ତି। ଏହି କ୍ରମରେ ଗୁଜରାଟ ଓ ମହାରାଷ୍ଟ୍ରରୁ ଫେରୁଥିବା ପ୍ରବାସୀମାନେ ବିଭିନ୍ନ ଉପାୟରେ ଆସି ପ୍ରଥମେ ଓଡ଼ିଶା-ଛତିଶଗଡ ସୀମାନ୍ତ ଲୁହୁରାଚଟିରେ ପ୍ରବେଶ କରୁଛନ୍ତି। ଏଭଳି ଭାବେ ସୋମବାର ସକାଳେ ହଜାର ହଜାର ପ୍ରବାସୀ ବସ୍ ଯୋଗେ ଆସି ଲୁହୁରାଚଟିରେ ପହଞ୍ଚିଥିଲେ। ବିନା ସୂଚନାରେ ଏତେସଂଖ୍ୟକ ପ୍ରବାସୀ ଆସିଯିବାରୁ ପ୍ରଶାସନ ସେମାନଙ୍କୁ ଗନ୍ତବ୍ୟସ୍ଥଳକୁ ପଠାଇବାରେ ବିଳମ୍ବ ହୋଇଥିଲା। ଫଳରେ ସେମାନେ ରାସ୍ତା ଅବରୋଧ କରି ବସିଥିଲେ। ଏଥିପାଇଁ ଯାନବାହନ ଚଳାଚଳ ଓ ପ୍ରବାସୀ ପଞ୍ଜୀକରଣ ବନ୍ଦ ହୋଇଯାଇଥିଲା। ପରେ ଜିଲା ପ୍ରଶାସନ ପ୍ରାୟ ୧ହଜାର ପ୍ରବାସୀଙ୍କୁ ୧୯ଟି ବସ୍‌ରେ ସେମାନଙ୍କ ନିଜ ଜିଲାକୁ ପଠାଇଥିଲା। ଗଞ୍ଜାମ ଜିଲାକୁ ୧୦ଟି ବସ୍, ପୁରୀ, ଖୋର୍ଦ୍ଧା ଜିଲାପାଇଁ ୩ଟି, ବାଲେଶ୍ୱର ପାଇଁ ୫ଟି ବସ୍ ଏବଂ କଟକ ଓ କେନ୍ଦ୍ରାପଡା ଜିଲାକୁ ଗୋଟିଏ ବସ୍‌ରେ ପ୍ରବାସୀଙ୍କୁ ପଠାଯାଇଥିଲା। ସେହିପରି ଚେକ୍‌ଗେଟରେ ରହିଥିବା କଲିକତାର ପ୍ରବାସୀମାନଙ୍କୁ ପୋଲିସ ପକ୍ଷରୁ ବିଭିନ୍ନ ଟ୍ରକ୍ ଓ ବସ୍‌ରେ ପଠାଯାଇଛି । ପ୍ରବାସୀମାନଙ୍କୁ ପଠାଯିବା ପରେ ବର୍ତ୍ତମାନ ଚେକ୍‌ଗେଟ ଅଞ୍ଚଳରେ ପରିସ୍ଥିତି ଶାନ୍ତ ରହିଥିବା ବିଡିଓ ବିଶ୍ୱରଞ୍ଜନ କର ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୋହେଲା ବ୍ଲକ ପଣ୍ଡକିପାଲି ସରପଞ୍ଚ ପ୍ରମିଳା ନାୟକ ସୀମାନ୍ତ ଲୁହୁରାଚଟିକୁ ୨୪ଘଣ୍ଟିଆ ଶଟ୍‌ଡାଉନ ଘୋଷଣା କରିଛନ୍ତି ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**VINOYANA FINANCE**
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
**Shinghania Tower**
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର, ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ ୨୦ ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
088871-84570

**DHANLAXMI FINANCE LIMITED**
(Reg. No. KA08FS113 )
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଳେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, ଜୁଆ-ସଟ୍ଟା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠ୍‌କରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ବ୍ୱାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ALL EDITION - B/W (Every Day)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ସେଲ୍ଫ ଆଇସୋଲେଶନରେ କିରଣ କୁମାର

ବଲିଉଡ୍ ଅଭିନେତା କିରଣ କୁମାର(୭୪) କରୋନାରେ ଆକ୍ରାନ୍ତ ହୋଇଛନ୍ତି। ମଙ୍ଗଳବାର ଆଉଥରେ ତାଙ୍କର ନମୁନା ପରୀକ୍ଷା ହେବ। କରୋନା ପଜିଟିଭ୍ ଆସିବା ସତ୍ତ୍ୱେ ସେ ଡାକ୍ତରଖାନାରେ ଭର୍ତ୍ତି ହୋଇନାହାନ୍ତି। ସେ ଏବେ ନିଜ ଘରେ ସେଲ୍ଫ ଆଇସୋଲେଶନରେ ଥିବାବେଳେ ଡାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ସବୁ ନିୟମ ପାଳନ କରୁଛନ୍ତି। ମୁମ୍ବାଇସ୍ଥିତ ତାଙ୍କ ଘରର ଉପର ମହଲାରେ ସେ ଏବେ ରହୁଥିବା ବେଳେ ପରିବାର ଲୋକେ ତଳ ମହଲାରେ ରହୁଥିବା ସେ ଗଣମାଧ୍ୟମକୁ ଜଣାଇଛନ୍ତି।

# ହସ ଆଣିଦେଲା ସୋସିଆଲ ମିଡିଆ





### ବିକ୍ରିହେଲା ଟନ୍ ଟନ୍ କୋବି

**ଇରୋଡ୍(ତାମିଲନାଡୁ):** ସମ୍ପ୍ରତି ଅନେକ ଯୁବଗୋଷ୍ଠୀ ସୋସିଆଲ ମିଡିଆର ଦୁରୁପଯୋଗ କରୁଥିବା ନଜରକୁ ଆସୁଛି। ଏହା ସମାଜ ଉପରେ ଖରାପ ପ୍ରଭାବ ପକାଉଛି। ଯଦି ମହତ୍ ଉଦ୍ଦେଶ୍ୟରେ ଏହାର ବ୍ୟବହାର କରାଯାଏ, ଲାଭଦାୟକ ହୋଇଥାଏ। ଲକ୍‌ଡାଉନ୍ ବେଳେ ସୋସିଆଲ ପ୍ଲାଟ୍‌ଫର୍ମ ହିଁ ସାରା ଦୁନିଆକୁ ଯୋଡ଼ି ରଖିବାରେ ସାହାଯ୍ୟ କରିଛି। ଏହା ମାଧ୍ୟମରେ ଅନେକ ଅସହାୟ ଏବଂ ଅସୁବିଧାରେ ଥିବା ଲୋକ ସାହାଯ୍ୟ ମଧ୍ୟ ପାଉଛନ୍ତି। ଠିକ୍ ସେହିଭଳି ଟୁଇଟରର ଉପଯୋଗ କରି ତାମିଲନାଡୁର ଜଣେ ଚାଷୀ ନିଜର ହାଡ଼ଭଙ୍ଗା ପରିଶ୍ରମ ଏବଂ ଟନ୍ ଟନ୍ ବନ୍ଧାକୋବି ନଷ୍ଟହେବାରୁ ରକ୍ଷା କରିପାରିଛନ୍ତି।

ତାମିଲନାଡୁର ଇରୋଡ୍ ଜିଲା ଅନ୍ତର୍ଗତ ଆରଚାଲୁରସ୍ଥିତ କନ୍ନାଇୟାନ୍ ସୁବ୍ରମଣ୍ୟନ୍ ନିଜ ଜମିରେ ପ୍ରାୟ ୯୫ ଟନ୍ କୋବିଚାଷ କରିଥିଲେ। ତେବେ ଲକ୍‌ଡାଉନ୍ ଯୋଗୁ କୋବି ବିକ୍ରି ହେବା କଷ୍ଟକର ହୋଇପଡ଼ିଥିଲା। ଚାଷରେ ଲଗାଇଥିବା ୪ଲକ୍ଷ ଟଙ୍କା ନଷ୍ଟ ହୋଇଯିବ ଭାବି ସେ ମୁଣ୍ଡରେ ହାତ ଦେଇ ବସିଥିଲେ। ଏହି ସମୟରେ ସେ ନିଜ ପରିଶ୍ରମ ଏବଂ ଫସଲକୁ ରକ୍ଷାକରିବା ସହ ଖାଇବାକୁ ପାଉ ନ ଥିବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସବୁଠାରୁ ସରଳ ଏବଂ ଉତ୍ତମ ମାଧ୍ୟମ ଆପଣାଇଥିଲେ। ଏ ନେଇ ସେ ଟୁଇଟ୍ କରିବା ସହ ଜମିରେ ହୋଇଥିବା ୯୫ ଟନ୍ ବନ୍ଧାକୋବି ଫସଲର ଏକ ଛୋଟ ଭିଡିଓ ପ୍ରସ୍ତୁତକରି ସେଥିରେ ଶେୟାର କରିଥିଲେ। ଆଉ ଏହି ସୋସିଆଲ ପ୍ଲାଟ୍‌ଫର୍ମ ତାଙ୍କୁ ନିରାଶ ମଧ୍ୟ କରି ନ ଥିଲା। ଏପ୍ରିଲ ୧୮ରେ ୧୫ ସେକେଣ୍ଡର ଭିଡିଓଟିକୁ ୩ଲକ୍ଷ ୪୦ହଜାର ଜଣ ଦେଖିଥିବା ବେଳେ ତାଙ୍କୁ ଗ୍ରାହକ ମିଳିବାରେ ମଧ୍ୟ ସହାୟକ ହୋଇଥିଲା। ଭିଡିଓଟି ଭାଇରାଲ୍ ହେବା ଦେଖି ସେ ଉତ୍ସାହିତ ହୋଇପଡ଼ିଥିଲେ। ପୋଷ୍ଟଟିକୁ ବହୁ ସଂଖ୍ୟାରେ ରିଟୁଇଟ୍ ଏବଂ କମେଣ୍ଟସ୍ ମିଳିଥିବା ନେଇ ପୁଅ ଦେଖାଇଥିଲା। ଲକ୍‌ଡାଉନ୍ ସମୟରେ ଲୋକଙ୍କ ସାହାଯ୍ୟ କରିବାର ଆଗ୍ରହ ତାଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ୫୦ ବର୍ଷୀୟ ସୁବ୍ରମଣ୍ୟନ୍ କୁହନ୍ତି। ତାଙ୍କ ଟୁଇଟ୍ ପରେ ପ୍ରଥମ ଗ୍ରାହକଭାବେ ଚେନ୍ନାଇର ଏକ ଷ୍ଟାର୍ଟଅପ୍ ତଥା ସୋସିଆଲ ଏଣ୍ଟରପ୍ରାଇଜ୍ ୧ଟନ୍‌ରୁ ଊର୍ଦ୍ଧ୍ୱ ବନ୍ଧାକୋବି କେଜି ୫.୫ଟଙ୍କାରେ କିଣିନେଇଥିଲା। କିଛିଦିନ ପରେ ରାଜନୈତିକ ବ୍ୟକ୍ତିବିଶେଷ, ଏନ୍‌ଜିଓ, ସେବା ଅନୁଷ୍ଠାନ କୋବି କିଣି ନେଇ ଆବଶ୍ୟକ କରୁଥିବା ଲୋକଙ୍କୁ ସାହାଯ୍ୟ କରିଥିଲେ। ୨୮ ଏପ୍ରିଲ ସୁଦ୍ଧା ୪୨ ଟନ୍ କୋବି ବିକ୍ରି କରିବାରେ ସଫଳ ହୋଇଥିବା ସେ କୁହନ୍ତି। ସୁବ୍ରମଣ୍ୟନ୍ ନିଜେ ନୀଳଗିରି ଏବଂ ଥାଲାବାଡ଼ିର ଆଦିବାସୀ ଲୋକଙ୍କୁ ୧୨ ଟନ୍ କୋବି ଦେଇଥିବା କହିଛନ୍ତି। ଟ୍ରେନ ଦ୍ୱାରା ୩ ଟନ୍ କୋବି ଇରୋଡ୍‌ରୁ ଚେନ୍ନାଇ ପଠାଇବାରେ ରେଳବାଇ ସାହାଯ୍ୟ କରଥିବା ସେ କହିଛନ୍ତି। ତେବେ କେବଳ ଲାଭ ପାଇବା ତାଙ୍କର ଲକ୍ଷ୍ୟ ନୁହେଁ। ଅନେକ ଲୋକ ଭୋକରେ ରହୁଥିବାବେଳେ ଏଠାରେ ପରିବା ନଷ୍ଟହେବା ସେ ଚାହୁଁନାହାନ୍ତି ବୋଲି ସୁବ୍ରମଣ୍ୟନ୍ କହିଛନ୍ତି। ତାଙ୍କର ଅଧିକାଂଶ କୋବି ବିକ୍ରି ହୋଇସାରିଥିବା ବେଳେ ସେ ଏବେ ଅନ୍ୟ ଚାଷୀଙ୍କ ଆଦାୟ ଫସଲ ବିକ୍ରିରେ ସାହାଯ୍ୟ କରିବାକୁ ଚେଷ୍ଟାରତ ଥିବା ପ୍ରକାଶ କରିଛନ୍ତି।

# ନିଃସର୍ତ୍ତ ସହଯୋଗ ଲାଗି ଶ୍ରଦ୍ଧାଙ୍କ ଗୁରୁତ୍ୱ


ଶ୍ରଦ୍ଧା କପୁର

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଶ୍ରଦ୍ଧା କପୁର ନିକଟରେ ନିଜର ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ କ୍ୟୁଟ୍ ଭିଡିଓ ଶେୟାର କରିଛନ୍ତି। ଯେଉଁଥିରେ ଏକ ଛୋଟ ହାତୀ ତାର ଶୁଣ୍ଢରେ ପାଣି ନେଇ ତା'ର ଅନ୍ୟ ପାର୍ଶ୍ୱରେ ଥିବା ଏକ ଓଟ ଉପରକୁ ଫୋପାଡୁଛି। ଏହାକୁ ଶେୟାର କରି ସେ ଉଲ୍ଲେଖ କରିଛନ୍ତି ଯେ, ବନ୍ୟ ପ୍ରାଣୀ ମଧ୍ୟ ସହାନୁଭୂତି ଅନୁଭବ କରିପାରନ୍ତି। ଏହି କ୍ୟୁଟ୍ ହାତୀଟି ପାଣି ଢାଳି ତା'ର ବନ୍ଧୁ ଓଟକୁ ଗରମରୁ ଥଣ୍ଡା କରିବାକୁ ଚେଷ୍ଟା କରୁଛି। ଏହି ଭିଡିଓଟି କେବେକାର ସେ ଜାଣି ନ ଥିବାବେଳେ ଜଣେ ଏହାକୁ ଶେୟାର କରିଥିଲେ। ସେତେବେଳେ ସେ ଆଶ୍ଚର୍ଯ୍ୟ ହେବା ସହ ଖୁସି ମଧ୍ୟ ହୋଇଥିଲେ ବୋଲି କହିଛନ୍ତି। ସାହାଯ୍ୟ କରିବାକୁ ସେମାନଙ୍କ ପାଖରେ କୌଣସି ସର୍ତ୍ତ ନାହିଁ। ସେମାନଙ୍କଠାରୁ ମନୁଷ୍ୟ ବହୁତ କିଛି ଶିଖିବା ଦରକାର। କରୋନା ଭାଇରସ୍ ସଂକ୍ରମଣ ରୋକିବାକୁ ଭାରତରେ ବର୍ତ୍ତମାନ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଚାଲିଛି। ସମଗ୍ର ମାନବଜାତି ଏବେ ବିପଦରେ। ଏଥିରୁ ଆମକୁ ବାହାରିବାକୁ ହେଲେ କରୋନାକୁ ହରେଇବାକୁ ପଡ଼ିବ। କୌଣସି ସର୍ତ୍ତ ନ ରଖି ସମସ୍ତେ ସମସ୍ତଙ୍କୁ ସହାୟତା କରିବା ଦରକାର ବୋଲି ସେ ପ୍ରକାଶ କରିଛନ୍ତି।

# ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ଜନ୍ମ ନେଲେଣି ୩୦ ଶିଶୁ

**ନୂଆଦିଲ୍ଲୀ:** କରୋନା ସଂକ୍ରମଣକୁ ରୋକିବାକୁ ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ ବାହାର ରାଜ୍ୟରେ ଫସି ରହିଥିବା ଶ୍ରମିକମାନେ ଘରକୁ ଆସିବାକୁ ବ୍ୟତିବ୍ୟସ୍ତ ହେବା ସ୍ୱାଭାବିକ କଥା। ଏହି ସମୟରେ ପ୍ରବାସୀ ଶ୍ରମିକଙ୍କୁ ନିଜ ନିଜ ରାଜ୍ୟରେ ପହଞ୍ଚାଇବା ପାଇଁ ସରକାରଙ୍କ ତରଫରୁ ଶ୍ରମିକ ସ୍ପେଶାଲ ଟ୍ରେନ୍ ଚଳାଚଳ ଆରମ୍ଭ କାଯାଇଛି। ଏପର୍ଯ୍ୟନ୍ତ ଏହି ଟ୍ରେନ୍‌ରେ ପାଖାପାଖି ୩୭ ଲକ୍ଷ ପ୍ରବାସୀ ଶ୍ରମିକଙ୍କୁ ନିଜ ନିଜ ରାଜ୍ୟରେ ପହଞ୍ଚା ଯାଇଥିବା କୁହାଯାଉଛି। ତେବେ ଏହି ଟ୍ରେନ୍‌ରେ ଯାତ୍ରା କରିବା ସମୟରେ ଏପର୍ଯ୍ୟନ୍ତ ପାଖାପାଖି ୩୦ ଶିଶୁ ଜନ୍ମ ନେଇସାରିଲେଣି। ପ୍ରଥମ କରି ମେ' ୮ରେ ଗୁଜରାଟରୁ ବିହାର ଯାତ୍ରା କରୁଥିବା ମମତା ଯାଦବ ଟ୍ରେନ୍ ଭିତରେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ ସେତେବେଳେ ଶିଶୁଟିର ନାମ ରଖାଯାଇଥିଲା 'ଲକ୍‌ଡାଉନ ଯାଦବ'। ସେହିପରି ଉତ୍ତର ପ୍ରଦେଶ ଯାଉଥିବା ଏକ ଟ୍ରେନ୍‌ରେ ନିକଟରେ ଏକ ଶିଶୁ କନ୍ୟା ଜନ୍ମନେବା ପରେ ତା'ର ନାମ ରଖାଯାଇଥିଲା 'କରୋନା କୁମାରୀ'। କରୋନା ଭାଇରସ୍ ଆତଙ୍କ ଖେଳାଇ ଚାଲିଥିବା ବେଳେ ଲକ୍‌ଡାଉନ୍‌ର ବିଶେଷ ଆବଶ୍ୟକତା ରହିଛି। ତେଣୁ ଏହି ସମୟରେ ଜନ୍ମ ନେଉଥିବା ଶିଶୁମାନଙ୍କ ନାମ ସେଇଭଳି ରଖାଯାଉଛି।



### ନାମ ରହିଛି 'କରୋନା କୁମାରୀ', 'ଲକ୍‌ଡାଉନ ଯାଦବ'

# ରବର୍ଟ ୱାଡ୍‌ଲୋ: ଦ ଟଲେଷ୍ଟ ମ୍ୟାନ୍



**ୱାଶିଂଟନ:** ସାଧାରଣତଃ ବିଶ୍ୱରେ ଲମ୍ବା ବ୍ୟକ୍ତିଙ୍କ ରେକର୍ଡ ବାରମ୍ବାର ବଦଳିଥାଏ। କିନ୍ତୁ ଏକ ରେକର୍ଡ ଅଛି, ଯାହା ୮୦ ବର୍ଷ ପର୍ଯ୍ୟନ୍ତ ସ୍ଥିର ରହିଛି। ୧୯୪୦ ପରଠାରୁ କେହି ସେହି ରେକର୍ଡ ଭାଙ୍ଗି ନାହାନ୍ତି। ଏହି ରେକର୍ଡର ଅଧିକାରୀ ରବର୍ଟ ୱାଡ୍‌ଲୋ। ଯିଏ କି ଇତିହାସରେ ସବୁଠାରୁ ଉଚ୍ଚବ୍ୟକ୍ତି ଭାବରେ ଜଣାଶୁଣା। ତାଙ୍କର ଲମ୍ବ ୮ ଫୁଟ ୧୧.୧ ଇଞ୍ଚ ଥିଲା। ଏହିପରି ଲମ୍ବା ବ୍ୟକ୍ତି ଆଜି ପର୍ଯ୍ୟନ୍ତ ପୃଥିବୀରେ ଜନ୍ମ ହୋଇନାହାନ୍ତି। ତାଙ୍କ ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ଲିପିବଦ୍ଧ ହୋଇଛି। ରୋବର୍ଟ ଆମେରିକାର ଏଲ୍‌ଟନ (ଇଲିନୋଇସ୍) ସହରର ବାସିନ୍ଦା ଥିଲେ। ୨୨ ଫେବୃୟାରୀ ୧୯୧୮ରେ ସେ ଜନ୍ମ ନେଇଥିଲେ। ଜନ୍ମର କିଛିମାସ ପରେ ତାଙ୍କର ଉଚ୍ଚତା ଅସ୍ୱାଭାବିକ ଭାବରେ ବଢ଼ିବାରେ ଲାଗିଲା। ମାତ୍ର ଛଅମାସ ମଧ୍ୟରେ ତାଙ୍କର ଲମ୍ବ ୩ ଫୁଟ ପାଖାପାଖି ହୋଇଯାଇଥିଲା। ଯାହାକି ସାଧାରଣ ପିଲାଙ୍କୁ ଅତି କମ୍‌ରେ ଦୁଇ ବର୍ଷ ସମୟ ଲାଗେ। ଯେତେବେଳେ ରୋବର୍ଟଙ୍କୁ ୧ ବର୍ଷ ହୋଇଥିଲା, ସେ ୩ ଫୁଟ ଛଅ ଇଞ୍ଚ ଲମ୍ବ ଥିଲେ। ଯାହା ଦୁଇବର୍ଷ ବେଳକୁ ୪ ଫୁଟ ୬ ଇଞ୍ଚରୁ ଅଧିକ ବଢ଼ିଥିଲା। ୫ ବର୍ଷ ବୟସରେ ସେ ୫ଫୁଟ ୬ ଇଞ୍ଚରୁ ଅଧିକ ଏବଂ ୧୨ ବର୍ଷ ବୟସରେ ୭ ଫୁଟ ଉଚ୍ଚର ହୋଇଯାଇଥିଲେ। ରୋବର୍ଟ ସେତେବେଳେ ବିଶ୍ୱର ସବୁଠାରୁ ଲମ୍ବା ବାଳକ ବୋଲି ରେକର୍ଡ ସୃଷ୍ଟି କରିଥିଲେ।

୧୯୩୬ ମସିହାରେ ମାତ୍ର ୧୮ ବର୍ଷ ବୟସରେ ସେ ବିଶ୍ୱର ସବୁଠାରୁ ଉଚ୍ଚ ବ୍ୟକ୍ତିଙ୍କ ରେକର୍ଡ ଭାଙ୍ଗିଥିଲେ। ସେତେବେଳେ ତାଙ୍କର ଉଚ୍ଚତା ୮ ଫୁଟ ୪ ଇଞ୍ଚ ଥିଲା। ଯଦିଓ ଲୋକମାନେ ସାଧାରଣତଃ ୯,୧୦ କିମ୍ବା ୧୧ ନଂ. ଜୋତା ପିନ୍ଧନ୍ତି। ମାତ୍ର ଏକ ଜୋତା କମ୍ପାନୀ ରୋବର୍ଟଙ୍କ ପାଇଁ ୩୭ ନଂ. ଜୋତା ତିଆରି କରିଥିଲା। ରୋବର୍ଟଙ୍କ ଅସାଧାରଣ ଲମ୍ବ ବୃଦ୍ଧି ହେବାର ମୁଖ୍ୟ କାରଣ ହେଲା ତାଙ୍କ ପିଟୁଇଟାରୀ ଗ୍ରନ୍ଥି ବୃଦ୍ଧି। ଅବଶ୍ୟ ରୋବର୍ଟଙ୍କ ପାଇଁ ତାହା ସାଂଘାତିକ ହୋଇଥିଲା। କାରଣ ତାଙ୍କର ଗୋଡ଼ ଦୁର୍ବଳ ଥିଲା, ଯାହା ତାଙ୍କୁ ଚାଲିବାରେ କଷ୍ଟ ହେଉଥିଲା। ତାଙ୍କ ଗୋଡରେ ଫୁଲା ମଧ୍ୟ ହୋଇଥିଲା। ପରେ ସଂକ୍ରମଣର କାରଣ ପାଲଟିଥିଲା। ଏପରି ସମସ୍ୟା ସହ ସଂଗ୍ରାମ କରୁଥିବାବେଳେ ସେ ୧୫ ଜୁଲାଇ ୧୯୪୦ରେ ମାତ୍ର ୨୨ ବର୍ଷ ବୟସରେ ପୃଥିବୀରୁ ସବୁଦିନ ପାଇଁ ବିଦାୟ ନେଇଥିଲେ।

# କରୋନା ଭାଇରସ୍ ସୋପ୍ ମେଶିନ

**ନ୍ୟୁୟର୍କ:** ସୃଜନଶୀଳତାର ବିକଳ୍ପ ନାହିଁ। ଭାବୁକ ଆଉ ଉଦ୍ୟମୀ ମନଟିଏ ଥିଲେ ସୃଜନଶକ୍ତିର ବିକାଶ ହୋଇପାରେ। ଏହାର ଏକ ଉଦାହରଣ ହେଉଛନ୍ତି ଲାଉରେଲ୍ ଓ ମେରିଲାଣ୍ଡ। ଏହି ଦୁଇ ଭାଇ ଏବେ ନ୍ୟୁୟର୍କର ରୁବେ ଗୋଲ୍ଡବର୍ଗ ବାର୍ଷିକ ପ୍ରତିଯୋଗିତାରେ ଭାଗନେବା ପାଇଁ ଚୟନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଏକ ସହଜ କାମକୁ ଜଟିଳ ଭାବରେ କରିବା ପାଇଁ ନିୟମ ରହିଥାଏ। ତେଣୁ ଏଥର କେହି ହେଲେ ଏଥିପାଇଁ ଚୟନ ହୋଇପାରି ନ ଥିଲେ। କିନ୍ତୁ ଏହି ଦୁଇଭାଇ ଏକ ସ୍ୱତନ୍ତ୍ର କରୋନା ଭାଇରସ୍ ସୋପ୍ ମେଶିନ ବାହାର କରି ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହେବା ସହିତ ସେମାନଙ୍କ ସୃଜନଶକ୍ତିର ପରିଚୟ ଦେଇଛନ୍ତି। ସେମାନେ ଏଭଳି ଏକ ମେଶିନ ବାହାର କରିଛନ୍ତି, ଯାହାକୁ ଚାଲୁ କରିବା ମାତ୍ରେ ତାହା ସେଥିରେ ପ୍ରଥମେ ଏକ ମାର୍ବଲ ପକାଏ, ପରେ ତାହା ଏକ ଦ୍ରୁତ ଟଏ ଟ୍ରେନ୍‌କୁ ଠେଲି ଥାଏ। ଯାହା ମାଧ୍ୟମରେ ଏକ ସାବୁନ ଠେଲି ହୋଇ ସିଧା ବାଥ୍‌ରୁମରେ ଅପେକ୍ଷା କରିଥିବା ଲୋକ ହାତରେ ପଡ଼ିଥାଏ। ନ୍ୟୁୟର୍କରେ ଏ ବର୍ଷ କରୋନା ଭାଇରସ୍ ପାଇଁ ଏହି ପ୍ରତିଯୋଗିତାକୁ ବନ୍ଦ କରି ଦିଆଯାଇଥିଲା। କିନ୍ତୁ ଶେଷରେ ଏଥିପାଇଁ ପ୍ରତିଯୋଗିତାର ଆହ୍ୱାନ କରାଯାଇଥିଲା। ମାତ୍ର କେହି ହେଲେ ଅଜବ ପ୍ରକାରର ମେଶିନ କିଛି ପ୍ରଦର୍ଶନ କରିପାରି ନ ଥିବାରୁ ଓହରି ଯାଇଥିଲେ। କିନ୍ତୁ ଦୁଇ ଭାଇଙ୍କ ଏହି ମେଶିନଟି ଅଜବ ପ୍ରକାରରେ ସାବୁନ ପହଞ୍ଚାଇ ପାରୁଥିବାରୁ ସେମାନେ ପୁରସ୍କାର ଜିତିବା ପାଇଁ ସମର୍ଥ ହୋଇଛନ୍ତି।



# ନଦୀ ପାରହୋଇ ପହଞ୍ଚିଲେ କନ୍ୟାଘରେ



**ଭୋପାଳ:** ବାହାଘର ପାଇଁ କନ୍ୟାଘରକୁ ଗାଡ଼ି ନେଇଯିବା ପାଇଁ ମିଳିଲାନି ଅନୁମତି। ସେଥିପାଇଁ ସେ ନଦୀ ପାର ହୋଇ ପହଞ୍ଚିଗଲେ କନ୍ୟା ଘରେ, ଆଉ ବିବାହ ପରେ ସେଇ ନଦୀ ବାଟେ ବି କନ୍ୟାକୁ ଧରି ଘରକୁ ଚାଲି ଆସିଲେ। ମଧ୍ୟପ୍ରଦେଶର ବାଲାଘାଟରେ ଏମିତିଭାବେ ଏକ ବାହାଘରକୁ ନେଇ ଏବେ ଚର୍ଚ୍ଚା।

ମହାରାଷ୍ଟ୍ର ଗୋନ୍ଦିଆ ଜିଲାର ଧାପେୱାଡ଼ା ଗାଁର ଇନ୍ଦ୍ରମେଧଙ୍କର ବିବାହ ସ୍ଥିର ହୋଇଥିଲା ମଧ୍ୟପ୍ରଦେଶର ବାଲାଘାଟର ଓକୋଲା ଗାଁରେ। ତେଣୁ ବିବାହ ପାଇଁ ଇନ୍ଦ୍ରମେଧଙ୍କ ଘର ଲୋକେ ଗାଡ଼ି ନେଇ ଯିବା ପାଇଁ ପ୍ରଶାସନର ଅନୁମତି ମାଗିଥିଲେ। ମାତ୍ର ମହାରାଷ୍ଟ୍ରରେ ଲଗାତର କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ଏଥିପାଇଁ ଅନୁମତି ଦିଆଯାଇ ନ ଥିଲା। ଏହାପରେ ଇନ୍ଦ୍ରମେଧ ନଦୀ ପାର ହୋଇ ଯିବା ପାଇଁ ସ୍ଥିର କରିଥିଲେ। ତେଣୁ ନିଜର ମାତ୍ର ଛଅ ଜଣ ନିକଟ ସମ୍ପର୍କୀୟଙ୍କ ସହିତ ସେ ନଦୀ ପାର ହୋଇ ମଧ୍ୟପ୍ରଦେଶରୁ ମହାରାଷ୍ଟ୍ରରେ ପହଞ୍ଚି ଯାଇଥିଲେ।

ଏହି ରାସ୍ତାରେ ବି ତାଙ୍କୁ କନ୍ୟାଘର ଲୋକେ ସ୍ୱାଗତ କରି ନେଇ ଯାଇଥିଲେ। ଆଉ ବିବାହ ପରେ ଏହି ରାସ୍ତା ଦେଇ ବିଦା କରିଥିଲେ। ବିବାହ ସମୟରେ ସାମାଜିକ ଦୂରତା ରକ୍ଷା କରାଯାଇଥିଲା। କିନ୍ତୁ ପ୍ରଶାସନକୁ ଏ ସମ୍ପର୍କରେ ଖବର ମିଳିବା ମାତ୍ରେ ତୁରନ୍ତ ଏହି ରାସ୍ତାକୁ ବି ସିଲ୍ କରି ଦିଆଯାଇଥିଲା। କାହିଁକି ନା ଇନ୍ଦ୍ରମେଧଙ୍କ ଭଳି ଏହି ରାସ୍ତାରେ ଯଦି ଅନ୍ୟମାନେ ଯିବା ଆସିବା କରିବେ ତେବେ ସଂକ୍ରମଣ ବଢ଼ିବାର ଆଶଙ୍କା ରହିଛି। ତେଣୁ ବାଧ୍ୟ ହୋଇ ପ୍ରଶାସନ ଏହି ପଦକ୍ଷେପ ନେଇଛି।

# ଇଦ୍‌ରେ ରୋଷେୟା ସାଜିଲେ ଶୈଫ୍



**ମୁମ୍ବାଇ:** ଦେଶରେ କରୋନା ଭାଇରସ୍ ଯୋଗୁ ଲକ୍‌ଡାଉନ ଚାଲିଥିବାରୁ ଏଥର ଇଦ୍ ପର୍ବ ସମାନ୍ୟ ଫିକା ପଡିଯାଇଛି। ବିଶେଷ ଭାବେ ମାୟାନଗରୀରେ ସେଲିବ୍ରିଟିମାନେ ନିଜ ନିଜ ଘରେ ଇଦ୍ ପାଳନ କରିଛନ୍ତି। ଆଉ ଏଥର ଇଦ୍‌ରେ ବଲିଉଡ୍ ନାୟକ ଶୈଫ ଅଲି ଖାଁ ନିଜ ଘରେ ସମସ୍ତଙ୍କ ପାଇଁ ମଟନ ବିରିୟାନି ତିଆରି କରିଥିବା ଜଣାପଡିଛି। ତେବେ କରିସ୍ମା କପୁର ଯେତେବେଳେ ଲଞ୍ଚ୍‌ରେ ବିରିୟାନି ପ୍ଲେଟ୍‌ର ଫଟୋ ଶେୟାର କରି କହିଥିଲେ ଯେ ଶୈଫ୍‌ଙ୍କ ହାତ ତିଆରି ବିରିୟାନି ଖୁବ୍ ସୁନ୍ଦର ହୋଇଛି। ଫଟୋ ସହ କରିସ୍ମା ଲେଖିଥିଲେ ଶୈଫ୍ ଆଜି ପର୍ଯ୍ୟନ୍ତ ଯେତେଥର ମଟନ ବିରିୟାନି ପ୍ରସ୍ତୁତ କରିଛନ୍ତି, ଏହା ସବୁଠାରୁ ଅଧିକ ଟେଷ୍ଟି ହୋଇଛି। ତେବେ ଏଥର ଘରେ ଇଦ୍ ପାଳନ କରାଯାଉଥିବାରୁ ଶୈଫ୍ ଅଲି ଖାଁ ଏଥର ସମସ୍ତଙ୍କ ପାଇଁ ଘରେ ନିଜ ହାତରେ ଖାଦ୍ୟ ପ୍ରସ୍ତୁତ କରିଥିବା ଜଣାପଡିଛି।

ସୌନ୍ଦର୍ଯ୍ୟ



# ତ୍ୱଚାକୁ ସୁସ୍ଥ ରଖେ ଟମାଟୋ

ଟମାଟୋ ଦେଖିବାକୁ ଯେତିକି ଆକର୍ଷଣୀୟ, ଖାଦ୍ୟକୁ ବି କରେ ସେତିକି ସ୍ୱାଦିଷ୍ଟ। କେବଳ ଏତିକି ନୁହେଁ ଏଥିରେ ମଧ ଭରିରହିଛି ଏକାଧିକ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଉପାଦାନ। ଜାଣିରଖନ୍ତୁ ସୁନ୍ଦର ତ୍ୱଚା ଲାଗି ଟମାଟୋକୁ ବ୍ୟବହାର କରିବାର ବିଭିନ୍ନ ଉପାୟ...

– ଟମଟୋ ରସରେ ମହୁ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ରଖିବା ପରେ ପାଣିରେ ଧୋଇଦିଅନ୍ତୁ। ଏହାଦ୍ୱାରା ଟମାଟୋରେ ଥିବା ବିଟା– କେରାଟିନ ଏବଂ ଲାଇକୋପିନ୍ ତ୍ୱଚାକୁ ଚିକଣ ଏବଂ ଉଜ୍ୱଳ କରିଥାଏ।

– ଟମାଟୋକୁ ଆପଣ କ୍ଲିଞ୍ଜର ଭାବେ ବ୍ୟବହାର କରିପାରିବେ। ଏହାକୁ ବାଟି କିମ୍ବା ରସ ବାହାର କରି କ୍ଷୀରରେ ମିଶାନ୍ତୁ। ଏହି ମିଶ୍ରଣକୁ ତୁଳା ସାହାଯ୍ୟରେ ବେକ ଏବଂ ମୁହଁରେ ଲଗାଇ କିଛି ସମୟ ରଖିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏହା ତ୍ୱଚାକୁ ସଫା ରଖିବା ସହ ଗ୍ଲୋ ବଢ଼ାଇବାରେ ସାହାଯ୍ୟ କରିଥାଏ।

– ଟମାଟୋକୁ ଅଧା କାଟି ସେଥିରେ ଅଳ୍ପ ଚିନି ପକାଇ ଧୀରେ ଧୀରେ ମୁହଁରେ ଘଷିବା ଦ୍ୱାରା ଏହା ସ୍କ୍ରବ୍ ଭଳି କାର୍ଯ୍ୟ କରିଥାଏ। ଏହା ସ୍କିନ୍‌କୁ ଏକ୍ସଫୋଲିଏଟ୍ କରିବାରେ ବା ସ୍କିନ୍‌ରେ ଥିବା ଡେଡ୍ ସେଲ୍ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ମଧ ବ୍ଲାକ୍ କିମ୍ବା ହ୍ୱାଇଟ୍ ହେଡ୍ ସମସ୍ୟା ଦୂର କରିଥାଏ।

– ଚନ୍ଦନ ପାଉଡ଼ରରେ ଅଳ୍ପ ଗୋଲାପଜଳ ଏବଂ ଟମାଟୋ ରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାଇଲେ ତ୍ୱଚା ଚମକଦାର ଏବଂ ସୁନ୍ଦର ଲାଗିଥାଏ।

– ଅଏଲି ତ୍ୱଚା ଅନେକଙ୍କ ମୁହଁରେ ବ୍ରଣ ସମସ୍ୟ ସୃଷ୍ଟି କରିଥାଏ। ତେଣୁ ଏହି ସମସ୍ୟା ଦୂର କରିବା ଲାଗି ଟମାଟୋ ରସରେ ଅଳ୍ପ ଲେମ୍ବୁ ରସ ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ରଖିବା ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ଅଏଲି ସ୍କିନ୍ ନର୍ମାଲ ହେବା ସହ ସ୍କିନ୍ ଟୋନ୍ ବି ବଢ଼ିଥାଏ।





ଡା. ଲିପ୍‌ସା ମିଶ୍ର

# କରୋନା ଓ ମାତୃତ୍ୱ

''ହର୍ମୋନରେ ପରିବର୍ତ୍ତନ କାରଣରୁ ଗର୍ଭଧାରଣ ସମୟରେ ମହିଳାମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ ଏବଂ ଏହାର ପ୍ରଭାବରେ ଚାପ, ଉନ୍ମାଦନା, ଅବସାଦ, ରାଗ, ମନ ବଦଳିବା ଭଳି ସମସ୍ୟା ଦେଖାଦିଏ ଏବଂ ଏହି ପର୍ଯ୍ୟାୟରେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଇଭିଏଫ୍ ଚିକିତ୍ସା ଗ୍ରହଣ କରୁଥିବା କିମ୍ବା ଗର୍ଭବତୀ ମହିଳାଙ୍କୁ ସକାରାତ୍ମକ ରହିବାକୁ ହେବ ଏବଂ ମାନସିକକଲ୍ୟାଣ ପାଇଁ ଏକ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ରହିଛି।'





କୋଭିଡ୍–୧୯ ବିଶ୍ୱ ମହାମାରୀ ପରିପ୍ରେକ୍ଷୀରେ ସାରା ଦେଶ ଲକ୍‌ଡାଉନ୍‌ରେ ଅଛି ଏବଂ ଯେଉଁ ହାରରେ ମାମଲା ସଂଖ୍ୟା ବର୍ତ୍ତମାନ ବଢ଼ୁଛି ଏହି ସ୍ଥିତି ଲାଗିରହିବ ବୋଲି ଅନୁମାନ କରାଯାଉଛି। ପ୍ରାୟ ପେସାଦାରଙ୍କୁ ଘରେ ରହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ କର୍ମକ୍ଷେତ୍ରରୁ ଦୂରେଇ ରହିବା ଦ୍ୱାରା ମାନସିକ ଅବସାଦ ଦେଖାଦେବାର ଆଶଙ୍କା ରହିଛି। ଏହା ସେହି ଦମ୍ପତିଙ୍କ ପାଇଁ ସମାନ କିମ୍ବା ଆହୁରି ଜଟିଳ, ଯେଉଁମାନେ ମାତାପିତା ହେବାକୁ ଚାହୁଁଛନ୍ତି କିନ୍ତୁ ଆଇଭିଏଫ୍ ଚିକିତ୍ସା ହାସଲ କରିପାରୁ ନାହାନ୍ତି।

ନୋଭେଲ୍ କରୋନା ଭାଇରସ୍ (ଏନ୍ କୋଭିଡ୍–୧୯) ଲିଙ୍ଗଠାରୁ ବୟସ ପର୍ଯ୍ୟନ୍ତ ସବୁ ବର୍ଗଙ୍କୁ ସମାନ ଭାବେ ସଂକ୍ରମିତ କରିବାର କ୍ଷମତା ରହିଥିଲେ ମଧ୍ୟ ଅନେକଙ୍କ ଏହି ଧାରଣା ରହିଛି ଯେ ଗର୍ଭଧାରଣ କରିବାକୁ ଚାହୁଁଥିବା (ପ୍ରାକୃତିକ କିମ୍ବା ଏଆରଟି ଜରିଆରେ) ସଂକ୍ରମଣର ବିପଦ ଅଧିକ ରହିଛି କାରଣ ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସପାଏ। ଏହାକୁ ନଜରରେ ରଖି, ଯେଉଁ ଦମ୍ପତିମାନେ ଆଇଭିଏଫ୍ ଚିକିତ୍ସା କରାଇବାକୁ ଯୋଜନା ରଖିଥିଲେ ସେମାନେ ନିଜର ଡାକ୍ତରୀ ପରାମର୍ଶକୁ ସ୍ଥଗିତ ରଖିଥିବାବେଳେ ଅନ୍ୟମାନେ ଏହି ବିଶ୍ୱ ମହାମାରୀ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଉଚିତ ମଣୁଛନ୍ତି। ଆଇଭିଏଫ୍ ଚିକିତ୍ସା ହାସଲ କରିବାକୁ ଚାହୁଁଥିବା ମହିଳାମାନେ ଏହି ପ୍ରକ୍ରିୟା ନେବାବେଳେ ସ୍ୱତନ୍ତ୍ର ଧ୍ୟାନ ଓ ଯତ୍ନର ଆବଶ୍ୟକତା ରହିବା ସହ ନିୟମିତଭାବେ କ୍ଲିନିକ ଆସି ଡାକ୍ତରଙ୍କ ସହ ପରାମର୍ଶ ନେବା ଉଚିତ୍, ନଚେତ୍ ମାତୃତ୍ୱଲାଭ କରିବାକୁ ଥିବା ମହିଳାଙ୍କଠାରେ କୋଭିଡ୍–୧୯ ସଂକ୍ରମଣ ହେବାର ଆଶଙ୍କା ବଢ଼ିଯାଏ।

**ବିଳମ୍ବିତ ଗର୍ଭଧାରଣ ବଦଳରେ ବିଳମ୍ବ ଭଲ:** ଯଦିଓ ଏହା ଦୁଃଖଦ, ହୃଦୟ ବିଦାରକ ଏବଂ ମାନସିକ ସ୍ତରରେ ଯନ୍ତ୍ରଣା ସୃଷ୍ଟିକାରୀ ସ୍ଥିତି ଏବଂ ଅନେକ ସେମାନଙ୍କ ସନ୍ତାନ ପ୍ରସବ ସମୟ (ମେନୋପଜ) ଶେଷ ପର୍ଯ୍ୟାୟରେ ପହଞ୍ଚିଗଲେଣି, କିନ୍ତୁ ମାତୃତ୍ୱକୁ ଉପଭୋଗ କରିବାଲାଗି ଅପେକ୍ଷା କରିଛନ୍ତି ଏବଂ ଚାହିଁ ବସିଛନ୍ତି, ସେମାନେ ମା' ହେବାର ସ୍ୱପ୍ନ ପୂରଣ କରିବା ଲାଗି ଶେଷ ପ୍ରୟାସ ଜାରି ରଖିଛନ୍ତି। ଅନେକ ମହିଳା ଏମ୍ବ୍ରିଓ ପ୍ରତିରୋପଣ କିମ୍ବା ଓସାଇଟୋରିଟ୍ରିଭିଲାଙ୍କ ସ୍ତରକୁ ଅପେକ୍ଷା କରିଛନ୍ତି, ଯାହାର ସମୟସୀମା ଏହି ସଂକ୍ରମଣ କାରଣରୁ ବଢ଼ିଚାଲିଛି। କୃତ୍ରିମ ଉପାୟରେ ଗର୍ଭଧାରଣ କରିବା ଲାଗି ସେମାନେ ଦୀର୍ଘସମୟ ଅପେକ୍ଷା କଲେଣି ଏବଂ ବର୍ତ୍ତମାନ କୋଭିଡ୍–୧୯ ସେମାନଙ୍କ ସ୍ୱପ୍ନକୁ ବରଫ ଭିତରକୁ ଠେଲି ଦେଇଛି।

ହର୍ମୋନରେ ପରିବର୍ତ୍ତନ କାରଣରୁ ଗର୍ଭଧାରଣ ସମୟରେ ମହିଳାମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ ଏବଂ ଏହାର ପ୍ରଭାବରେ ଚାପ, ଉନ୍ମାଦନା, ଅବସାଦ, ରାଗ, ମନ ବଦଳିବା ଭଳି ସମସ୍ୟା ଦେଖାଦିଏ ଏବଂ ଏହି ପର୍ଯ୍ୟାୟରେ ସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଇଭିଏଫ୍ ଚିକିତ୍ସା ଗ୍ରହଣ କରୁଥିବା କିମ୍ବା ଗର୍ଭବତୀ ମହିଳାଙ୍କୁ ସକାରାତ୍ମକ ରହିବାକୁ ହେବ ଏବଂ ମାନସିକ କଲ୍ୟାଣ ପାଇଁ ଏକ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ରହିଛି।

ଯଦିଓ ବର୍ତ୍ତମାନ ସୁଦ୍ଧା ମାତାପିତାଙ୍କଠାରୁ ସନ୍ତାନ ପର୍ଯ୍ୟନ୍ତ ସଂକ୍ରମଣ ହେଉଥିବାର କୌଣସି ପ୍ରମାଣ ମିଳିନାହିଁ କିନ୍ତୁ ଗର୍ଭବତୀ ମହିଳାମାନେ ଏହି ରୋଗକୁ ସନ୍ତାନକୁ ଦେଇପାରିବେ ବୋଲି ଆଶଙ୍କା କରାଯାଇପାରେ। ସନ୍ତାନକୁ ଜନ୍ମ ଦେବା ପରେ ତାହାର ନିକଟତର ରହିବା କାରଣରୁ ଅନ୍ୟ ମାମଲା ଭଳି ଏହା ସ୍ଥାନାନ୍ତରିତ ହୋଇପାରେ, କିନ୍ତୁ ଆଜି ପର୍ଯ୍ୟନ୍ତ ମାତାପିତାଙ୍କ ଜରିଆରେ ଏହା ସଂକ୍ରମିତ ହେବାର କୌଣସି ପ୍ରମାଣିତ ତଥ୍ୟ ନାହିଁ।

ମାନବ ଜାତି ପାଇଁ ଏହି ନୋଭେଲ କରୋନା ଭାଇରସ୍ ନୂଆ ହୋଇଥିବାବେଳେ ଏହାର ସାମଗ୍ରିକ ସ୍ୱାସ୍ଥ୍ୟ, ଗର୍ଭଧାରଣ ଏବଂ ବିକଶିତ ହେଉଥିବା ଭ୍ରୁଣ ଉପରେ ପ୍ରଭାବକୁ ବର୍ତ୍ତମାନ ସୁଦ୍ଧା ଆକଳନ କରାଯାଇନାହିଁ। କିନ୍ତୁ ଗର୍ଭପାତ ହେବା, ଆଗୁଆ ଶିଶୁ ଜନ୍ମ ହେବା କିମ୍ବା ଜନ୍ମଜାତ ସମସ୍ୟା ସହ ଶିଶୁ ଜନ୍ମ ହେବାର ମଧ୍ୟ କୌଣସି ପ୍ରମାଣ ନାହିଁ। ଚାଲୁ ରହିଥିବା ଫର୍ଟିଲିଟି ଚିକିତ୍ସା ଉପରେ କଟକଣା ଲଗାଇବା ସମ୍ପର୍କିତ କୌଣସି ଦିଶାନିର୍ଦ୍ଦେଶ ବର୍ତ୍ତମାନ ସୁଦ୍ଧା ଜାରି ହୋଇନାହିଁ, କିନ୍ତୁ ଏହା ବର୍ତ୍ତମାନ ଏକ ଇଚ୍ଛାଧୀନ ବିକଳ୍ପ। ମାତ୍ର ବାରମ୍ବାର କ୍ଲିନିକ ପରିଦର୍ଶନ ଏବଂ ସ୍ୱତନ୍ତ୍ର ଯତ୍ନ ଦରକାର ହେଉଥିବାରୁ ସଂକ୍ରମଣଠାରୁ ମାତା ଏବଂ ଭ୍ରୁଣକୁ ଦୂରେଇ ରଖିବା ଜରୁରୀ। କୋଭିଡ୍–୧୯ ବିଶ୍ୱ ମହାମାରୀର ବର୍ତ୍ତମାନ ସ୍ଥିତି ସମସ୍ତଙ୍କ ପାଇଁ ସବୁକିଛି ବଦଳାଇ ଦେଇଥିବା ବେଳେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞମାନେ ଗର୍ଭାବସ୍ଥା ସମୟରେ ବାହ୍ୟ ଦୁନିଆକୁ ନ ବାହାରି ଅନ୍‌ଲାଇନ ଭିଡିଓ ପରାମର୍ଶ ଜରିଆରେ ଆଣ୍ଟେନାଟାଲ ଯତ୍ନ ନେଉଛନ୍ତି ଏବଂ ସେହି ସମୟରେ ସନ୍ତାନ ପ୍ରସବ ହେବା ପର୍ଯ୍ୟନ୍ତ ସୁରକ୍ଷା ଓ ପ୍ରତିଷେଧମୂଳକ ପଦକ୍ଷେପଗୁଡ଼ିକୁ ଗ୍ରହଣ କରିବା ଜରୁରୀ।

ଯଦିଓ ପ୍ରି–ନାଟାଲ୍ ଓ ଆଣ୍ଟେନାଟାଲ କେୟାର ବିକଳ୍ପ ଚୟନ କରାଯାଇଛି, କିନ୍ତୁ ବର୍ଦ୍ଧିତ ବିପଦ ମଧ ରହିଛି। ତେଣୁ ଗର୍ଭାବସ୍ଥା ଯୋଜନା କରିବା ବେଳେ ତାହା ଯେଉଳି ଜଣକ ଏବଂ ସମସ୍ତଙ୍କ ପାଇଁ ଲାଭଦାୟକ ହୋଇପାରିବ ତାହାକୁ ବିଚାରକୁ ନେବାଲାଗି ଦମ୍ପତିମାନଙ୍କୁ ପରାମର୍ଶ ଦିଆଯାଉଛି।



*–ସ୍ତ୍ରୀ ଓ ପ୍ରସୂତି ଏବଂ ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ୍, ଭୁବନେଶ୍ୱର*

# ଲକ୍‌ଡାଉନ୍‌ରେ ବାହାରକୁ ଯାଉଥିଲେ...

କରୋନା ସଂକ୍ରମଣ ପାଇଁ ଏବେ ଗୃହିଣୀମାନେ ବହୁ ଭାବରେ ସତର୍କ। କାହିଁକି ନା ପରିବାର ସଦସ୍ୟଙ୍କୁ ସୁସ୍ଥ ରଖିବା ଦାୟିତ୍ୱ ଅନେକାଂଶରେ ସେମାନଙ୍କର। ତେଣୁ ଏ ସମୟରେ ବାହାରକୁ କୌଣସି ଜିନିଷ ଆଣିବାକୁ ବା କୌଣସି କାମରେ ଯାଉଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସାବଧାନ ରହିବା ଆବଶ୍ୟକ...



- ଘରୁ ବାହାରକୁ ଯିବା ପୂର୍ବରୁ ରାଶନ କିମ୍ବା ଅନ୍ୟ ଯାହା କିଣିବାକୁ ଚାହୁଁଛନ୍ତି ସେସବୁର ତାଲିକା କରି ଦିଅନ୍ତୁ। ଘରର ବୟସ୍କ ଓ ପିଲାମାନଙ୍କର ମଧ କ'ଣ ଆବଶ୍ୟକତା ରହିଛି ଭଲ ଭାବେ ଚେକ୍ କରିନିଅନ୍ତୁ। ଏହାଦ୍ୱାରା ଆପଣଙ୍କୁ ବାରମ୍ବାର ବାହାରକୁ ଯିବାକୁ ପଡ଼ିବ ନାହିଁ।
- ଭବିଷ୍ୟତ ବିଷୟରେ ଚିନ୍ତା କରି ଏବେଠାରୁ ଅନେକ ଆବଶ୍ୟକତାକୁ ଭୁଲିଯିବା ଠିକ୍ ନୁହେଁ। ଯଦି ଆପଣ କିଣିବାକୁ ସମର୍ଥ ତେବେ ରାଶନ ବ୍ୟତୀତ ଅନ୍ୟ ଆବଶ୍ୟକ ଜିନିଷକୁ ବି କିଣି ଆଣନ୍ତୁ।
- ବର୍ତ୍ତମାନ ସମୟରେ ଛୋଟ ପିଲାମାନେ ସମ୍ପୂର୍ଣ୍ଣ ଘରେ ରହୁଥିବାରୁ ଯେପରି ବୋର୍ ନ ହୁଅନ୍ତି ସେଥିପାଇଁ ବାହାରକୁ ଯାଉଥିଲେ ସେମାନଙ୍କ ଉତ୍ସାହ ବୃଦ୍ଧି ଲାଗି କିଛି କିଣାକିଣି କରନ୍ତୁ। ଛୋଟ ଚକୋଲେଟ୍‌ଟିଏ ହେଲେ ବି ତାଙ୍କ ପାଇଁ ସର୍‌ପ୍ରାଇଜ୍ ଭଳି ମନେ ହେବ।
- ଅଟା କୁଲ୍‌ଚା, ବ୍ରେଡ, ପିଜା ବେସ୍ ଆଦି ଜିନିଷ ଯଦି ବାହାରେ ମିଳୁଥାଏ ତେବେ ସେ ସବୁକୁ ବେଳେବେଳେ ଘରକୁ ଆଣନ୍ତୁ। ଆପଣଙ୍କର କିଛିଟା କାମର ବୋଝ କମ୍ ହୋଇଯିବ।
- ଗୁଣ୍ଡ କ୍ଷୀର, ମସଲା ପେଷ୍ଟ ଆଦି ବଜାରରୁ ଆଣି ରଖିଥାନ୍ତୁ। ଅଧିକ କାମ ଥିବା ସମୟରେ ଏ ସବୁର ବହୁ ଆବଶ୍ୟକତା ପଡ଼ିପାରେ।

# ଘରୁ ଦୂରାନ୍ତୁ ଅସରପା

ରୋଷେଇ ଘରେ ଖାଦ୍ୟ ପଦାର୍ଥ ଠାରୁ ଆରମ୍ଭ କରି ବାସନ ଆଦି ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀ ରହୁଥିବାରୁ ଅସରପା ରହିବା ମାରାତ୍ମକ। କାରଣ ଏହା କିଚେନ୍‌ର କୋଣଗୁଡ଼ିକ ଏବଂ ପ୍ରତି ଛୋଟ ବଡ଼ ସ୍ଥାନକୁ ସହଜରେ ଯାଇ ଜୀବାଣୁ ଛାଡ଼ିଥାନ୍ତି, ଯାହାକି ଆମ ଶରୀରକୁ ଆସି ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ। ତେଣୁ କିପରି ଅସରପା ଦୂର କରିବେ ଜାଣି ରଖନ୍ତୁ...

– ବୋରାକ୍ସ ଏବଂ ଚିନିକୁ ଏକାଠି ଗୋଳାଇ ରାତିରେ କିଚେନ୍‌ରେ ଥିବା ଡ୍ର, ଆଲମିରା, ଡଷ୍ଟବିନ୍, ସିଙ୍କ୍ ଆଦି ଅସରପା ହେଉଥିବା ସ୍ଥାନରେ ରଖି ଦିଅନ୍ତୁ। ସକାଳୁ ଉଠି ଦେଖିବେ ଉକ୍ତ ସ୍ଥାନରେ ଅସରପା ମରି ପଡ଼ିଥିବେ। ତେବେ ମନେରଖନ୍ତୁ ଏପରି କରିବା ସମୟରେ ଖାଦ୍ୟ ପଦାର୍ଥ ଖୋଲାରେ ଆଦୌ ରଖନ୍ତୁ ନାହିଁ। ଘରେ ଛୋଟପିଲା କିମ୍ବା ପୋଷା ଜୀବଜନ୍ତୁ ଥିଲେ ଯେପରି ଏହା ସଂସ୍ପର୍ଶରେ ନ ଆସନ୍ତି ଧ୍ୟାନ ରଖନ୍ତୁ।

– ବୋରାକ୍ସ ବଦଳରେ ଆପଣ ବେକିଂ ସୋଡ଼ା ସହିତ ଚିନି ଗୋଳାଇ ପାରିବେ। ଏହା ମଧ ଅସରପା ମାରିବାରେ ସାହାଯ୍ୟ କରିବ।

– ଏକ ବାଲ୍‌ଟି ପାଣିରେ ୨ କପ୍ ଆମୋନିଆ ମିଶାଇ କିଚେନ୍ ସହିତ ଘରର ଅନ୍ୟ ଚଟାଣଗୁଡ଼ିକୁ ମଧ ଭଲ ଭାବେ ପୋଛି ଦିଅନ୍ତୁ। ପ୍ରତି ଦୁଇ ସପ୍ତାହରେ ଥରେ ଏପରି କରିବା ଦ୍ୱାରା ଅସରପା ସମ୍ପୂର୍ଣ୍ଣ ଦୂର ହୋଇଯିବେ।

– ୩–୪ଟି ତେଜପତ୍ରକୁ ଖରାରେ ଭଲ ଭାବେ ସୁଖାଇ ଗୁଣ୍ଡ କରିଦିଅନ୍ତୁ। କିଚେନ୍‌ରେ ଅସରପା ହେଉଥିବା ସ୍ଥାନଗୁଡ଼ିକରେ ଏହି ଗୁଣ୍ଡ ଛିଞ୍ଚିଦିଅନ୍ତୁ ଦେଖିବେ ଅସରପା ଚାଲିଯିବେ।





# ଆୟୁର୍ବେଦିକ୍ ହର୍ବାଲ୍ ଟି

**ଆବଶ୍ୟକ ସାମଗ୍ରୀ–** ପାଣି, ଅଁଳା ଗୁଣ୍ଡ, ଅଦା, ପୁଦିନା ପତ୍ର, ଆବଶ୍ୟକ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–** ଅଁଳା ଚା ତିଆରି କରିବା ପାଇଁ ଏକ ପ୍ୟାନରେ ଦେଢ଼ କପ୍ ପାଣି ବସାଇ ଗରମ କରନ୍ତୁ। ପାଣି ଫୁଟିବା ପରେ ସେଥିରେ ଏକ ଚାମଚ ଅଁଳା ଗୁଣ୍ଡ ଓ ଅଳ୍ପ ଅଦା ଛେଚି ପକାନ୍ତୁ। ଏହାପରେ ସେଥିରେ ୩–୪ଟି ପୁଦିନା ପତ୍ର ପକାନ୍ତୁ। ଏସବୁକୁ କମ୍ ଆଞ୍ଚରେ ୫ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ଏହାପରେ ଚା ଛଣାରେ ଛାଣି ପିଅନ୍ତୁ।

**ଫାଇଦା–**

– ଅଁଳା ଖାଇବା ଦ୍ୱାରା ଆଖି ବହୁତ ଭଲ ରହିଥାଏ। ମୋତିଆବିନ୍ଦୁ, ବର୍ଣ୍ଣାନ୍ଧତା କିମ୍ବା କମ୍ ଦୃଷ୍ଟିଶକ୍ତି ଥିବା ଲୋକଙ୍କ ପାଇଁ ଏହା ବହୁତ ଭଲ।

– ଫଙ୍ଗାଲ୍ ଇନ୍‌ଫେକସନ୍ ଏବଂ ବ୍ୟାକ୍ଟେରିଆ ସହ ଲଢ଼ିବା ପାଇଁ ଶକ୍ତି ମିଳିଥାଏ। ଅଁଳା ଆମ ଶରୀରରେ ଥିବା ବିଷାକ୍ତ ପଦାର୍ଥ ଅର୍ଥାତ ଟକ୍ସିନକୁ ବାହାର କରିବାରେ ସାହାଯ୍ୟ କରିଥାଏ।

– ଅଁଳା ଖାଇବା ଫଳରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଥଣ୍ଡା, ସର୍ଦ୍ଦି, ଅଲ୍‌ସର୍ ଏବଂ ପେଟର ବିଭିନ୍ନ ସମସ୍ୟା ମଧ ଭଲ ହୋଇଥାଏ।

– ଡାଇବେଟିସ୍ ରୋଗୀଙ୍କ ଲାଗି ଏହା ବହୁତ ଉପକାରୀ। କାରଣ ଏହାକୁ ପିଇବା ଦ୍ୱାରା ଶରୀରରେ ଶର୍କରା ମାତ୍ରା ନିୟନ୍ତ୍ରିତ ହୋଇଥାଏ।

## ଫନୀ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ଦାବିରେ ଧାରଣା

ସାକ୍ଷୀଗୋପାଳ,(ଡି.ଏନ୍.ଏ.): ଲକ୍‌ଡାଉନ୍ ସତ୍ତ୍ୱେ 'ଫନୀ' କ୍ଷତିଗ୍ରସ୍ତ ପରିବାରଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସୋମବାର ସାକ୍ଷୀଗୋପାଳ ବସଷ୍ଟାଣ୍ଡ ସ୍ଥିତ ଓଭରବ୍ରିଜ ତଳେ ସୋମବାର ଧାରଣା ଦିଆଯାଇଛି। ପୁରୀ ଜିଲା ଫନୀ କ୍ଷତିଗ୍ରସ୍ତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନକ୍ରମେ ବହୁ ମହିଳା, ପୁରୁଷ ଓ ଯୁବକମାନେ ଧାରଣା ଦେଇଥିଲେ। ଗୋଟିଏ ପରିବାର ୩ ଜଣ ଘରଭଙ୍ଗା ସହାୟତା ୯୫ହଜାରଟଙ୍କା ହାତେଇ ନେଇଥିବା ବେଳେ ଅନେକେ ବାସହରା ପରିବାର ଏବେ ବି ପଲିଥିନ ତଳେ ଦିନ କାଟୁଛନ୍ତି। ପ୍ରକୃତ ହିତାଧିକାରୀଙ୍କୁ ୭ଦିନ ମଧ୍ୟରେ କ୍ଷତିପୂରଣ, କ୍ଷତିଗ୍ରସ୍ତ ଚାଷୀଙ୍କୁ ୫ ହଜାର ଟଙ୍କା ଆନ୍ଦୋଳନର ଲକ୍ଷ୍ୟ ବୋଲି କମିଟି ଆବାହକ ଗୋବିନ୍ଦ ମହାପାତ୍ର କହିଛନ୍ତି।

## ସଂକ୍ଷେପରେ

### ଆସିବ ନୂଆ ଗ୍ୟାସ୍ ଶବଦାହ ଚୁଲା

କଟକ ଅଫିସ,୨୫।୫: ଖାନନଗର ଶ୍ମଶାନରେ ଶବ ପୋଡ଼ିବା ପାଇଁ ବ୍ୟବହାର କରାଯାଉଥିବା ଗ୍ୟାସ୍ ଶବଦାହ ଚୁଲା ଅଚଳ ଅବସ୍ଥାରେ ପଡ଼ିଛି। ଫନୀ ବାତ୍ୟାରେ ଏହି ଚୁଲା ଭାଙ୍ଗିଯାଇଥିଲା। ଏହାକୁ ବର୍ଷେ ବିତିଯାଇଥିଲେ ମଧ ତାହାକୁ ପୁନଃ କାର୍ଯ୍ୟକାରୀ କରାଯାଇପାରୁନାହିଁ। ଫଳରେ ଶବଦାହ ପାଇଁ ଆସୁଥିବା ଲୋକେ ନିରାଶ ହେଉଛନ୍ତି। ଏନେଇ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର ଅନନ୍ୟା ଦାସଙ୍କୁ ମୈତ୍ରୀ ସଂସଦ ପକ୍ଷରୁ ସ୍ମାରକପତ୍ର ଦିଆଯାଇଛି। ଫନୀରେ ଚୁଲାଟି ସମ୍ପୂର୍ଣ୍ଣ ନଷ୍ଟ ହେବା ପରେ ନୂଆ ଚୁଲା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଯଥାଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସଂସଦର ସଭାପତି ଅଜୟ ମହାନ୍ତି ଦାବି କରିଛନ୍ତି।

### ଭଜନ ସମ୍ରାଟ ଭିକାରୀ ବଳଙ୍କ ଜୟନ୍ତୀ

କଟକ ଅଫିସ,୨୫।୫-କଣ୍ଠଶିଳ୍ପୀ ଭିକାରୀ ବଳଙ୍କ ୯୧ତମ ଜୟନ୍ତୀ ସୋମବାର ପାଳିତ ହୋଇଛି। ଭଜନ ସମ୍ରାଟ ଭିକାରୀ ସ୍ମୃତି ସଂସଦ ପକ୍ଷରୁ ଖାନନଗରସ୍ଥିତ ଭିକାରୀ ବଳ ପାର୍କଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ଅରୁଣ କୁମାର ପଣ୍ଡା ଯୋଗଦେଇ ଭଜନ ସମ୍ରାଟଙ୍କ ସଙ୍ଗୀତ ସାଧନା ଉପରେ ନିଜର ମତ ରଖିଥିଲେ। ଉପସଭାପତି ତଥା ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ କହିଥିଲେ ଯେ ଭିକାରୀ ବଳ ନିଜ ସଙ୍ଗୀତ ମାଧମରେ ଜଗନ୍ନାଙ୍କେ ପରମଭକ୍ତର ପରିଚୟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଡ. ସୁନାମଣି ରାଉତ, ଗୌରହରି ଦଳାଇ, କଳ୍ପନା ବଳ, କମଳ ମାହୁନ୍ତ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ।

### ବୀରେନ ମିତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

କଟକ ଅଫିସ,୨୫।୫-ବୀରେନ ମିତ୍ର ଫାଉଣ୍ଡେଶନ ଆନୁକୂଲ୍ୟରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ୪୨ତମ ଶ୍ରାଦ୍ଧବାର୍ଷିକୀ ସୋମବାର ପାଳିତ ହୋଇଛି। ଏହି ଅବସରରେ ମିଶନରୋଡସ୍ଥିତ ବିରେନ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ମୃତିଚାରଣ କରାଯାଇଥିଲା। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ଦେ ଯୋଗଦେଇ ବୀରେନ ମିତ୍ରଙ୍କ ରାଜନୈତିକ କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। ଫାଉଣ୍ଡେଶନର ସାଧାରଣ ସମ୍ପାଦକ ନିମାଇଁ ସାହୁ, ଅମିତ ମିତ୍ର, କଟକ ମହାନଗର ଶାନ୍ତି କମିଟିର ସମ୍ପାଦକ ଭିକାରୀ ଦାସ, ନଗର ଭାଜପା ସଭାପତି ଲଲାଟେନ୍ଦୁ, ସିବେଶ ମିଶ୍ର ଉପସ୍ଥିତ ଥିଲେ।

### ମଦ ଦୋକାନ ଖୋଲିବା ପରେ ଗ୍ରାହକଙ୍କ ଭିଡ଼

ନିଶ୍ଚିନ୍ତକୋଇଲି,୨୫।୫(ଡି.ଏନ୍.ଏ)- ରାଜ୍ୟ ସରକାର ମଦ ଦୋକାନ ଖୋଲିବା ନେଇ ସୂଚନା ଦେବା ପରେ କଟକ ଜିଲା ନିଶ୍ଚିନ୍ତକୋଇଲି ଅବକାରୀ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅବକାରୀ ଇନ୍ସପେକ୍ଟର ସିମାଞ୍ଚଳ ରାୟ ବିଭିନ୍ନ ଅଫ୍ ଓ ଅନ୍ ମଦ୍ ଦୋକାନକୁ ଯାଇ ଷ୍ଟକ୍ ଯାଞ୍ଚ କରିଛନ୍ତି। ଅପରପକ୍ଷେ ମଦ ଦୋକାନ ଖୋଲିବା ପରେ ସେଠାରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ଦୋକାନ କର୍ମଚାରୀମାନେ ସରକାରୀ ନିୟମ ଅନୁସାରେ ଘରେ ମଦ ପହଞ୍ଚାଇବାକୁ ସୂଚନା ଦେଇଛନ୍ତି।

### ୮ ହଜାର ଶ୍ରମିକଙ୍କୁ ସହାୟ ହେଲାଣି 'ବିକାଶ'

ଭୁବନେଶ୍ୱର,୨୫।୫(ବ୍ୟୁରୋ): ଲକ୍‌ଡାଉନ୍ କଟକଣା ସମୟରେ ବିପର୍ଯ୍ୟୟ ପରିଚାଳନା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବିକାଶ' ଆଗେଇଆସିଛି। ଭୁବନେଶ୍ୱରସ୍ଥିତ ଘାଟିକିଆଠାରେ ଏକ ରୋଷେଇଶାଳ ଖୋଲାଯାଇ ପ୍ରସ୍ତୁତ ରନ୍ଧାଖାଦ୍ୟ ରାଜଧାନୀ ଦେଇ ଯାଉଥିବା ଶ୍ରମିକମାନଙ୍କୁ ଖଣ୍ଡଗିରି ଛକଠାରେ ପ୍ରଦାନ କରାଯାଉଛି। ଦିନରେ ମଧ୍ୟାହ୍ନଭୋଜନ, ସନ୍ଧ୍ୟାରେ ଶୁଖିଲା ଖାଦ୍ୟ ପୁଡ଼ିଆ ଯୋଗାଇ ଦିଆଯାଉଛି। ପ୍ରତିଦିନ ୧୦୦୦ ଶ୍ରମିକଙ୍କୁ ଖାଇବାକୁ ଦେଉଛି ଏହି ଅନୁଷ୍ଠାନ। ଗତ ୮ ଦିନ ହେଲା ସାନିଟାଇଜ ହେବା, ମାସ୍କ ପିନ୍ଧିବା ଓ କରୋନା ଗାଇଡ୍‌ଲାଇନ ମାନିବାକୁ ମଧ ଏହି ଅନୁଷ୍ଠାନ ଶ୍ରମିକଙ୍କୁ ସଚେତନ କରୁଛି। ଏଯାବତ୍ ୮ ହଜାର ୨୦ ଜଣ ଶ୍ରମିକଙ୍କୁ ସହାୟତା ଦେଲାଣି ଅନୁଷ୍ଠାନ। ଯାଯାବର ତଥା ବାସହୀନ ଲୋକଙ୍କୁ ଉଦ୍ଧାର କରି ବିଭିନ୍ନ ସରକାରୀ କ୍ୱାରାଣ୍ଟାଇନରେ ରଖିବା ସହ ଘାଟିକିଆ ଓ ବରମୁଣ୍ଡା ସହରାଞ୍ଚଳ ବାସହୀନ ଆଶ୍ରୟସ୍ଥଳରେ ବିଭିନ୍ନ ସେବା ଦେଉଛି 'ବିକାଶ'। ଏହାର ପ୍ରତିଷ୍ଠାତା ସମ୍ପାଦକ ଅଶୋକ ନନ୍ଦଙ୍କ ନେତୃତ୍ୱରେ ସମ୍ପାଦକ ବିବେକାନନ୍ଦ ମିଶ୍ର, ଆଶୁତୋଷ ହୋତା ଓ ଅନ୍ୟମାନେ ଏଥିରେ ସକ୍ରିୟ ଭାବେ ସେବାକାର୍ଯ୍ୟରେ ଲାଗିଛନ୍ତି।

# ୬ ଟ୍ରେନ୍‌ରେ ଫେରିଲେ ୪୫୮୮ ପ୍ରବାସୀ

**ଖୋର୍ଦ୍ଧା ଅଫିସ/ଜଟଣୀ (ଡି.ଏନ.ଏ)୨୫।୫:**

ଲକ୍‌ଡାଉନରେ ବାହାର ରାଜ୍ୟରେ ଫସିଥିବା ପ୍ରବାସୀ ସ୍ୱତନ୍ତ୍ର ଟ୍ରେନ ଯୋଗେ ଓଡ଼ିଶାକୁ ଫେରୁଛନ୍ତି। ଗତ ୨ଦିନରେ ୬ଟି ଟ୍ରେନରେ ୪୫୮୮ ଜଣ ପ୍ରବାସୀ ଓଡ଼ିଶା ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ସୋମବାର ୫ଟି ଟ୍ରେନରେ ୨୯୭୯ ଓ ରବିବାର ରାତିରେ ୧୬୫୯ଜଣ ଫେରିଥିବା ସୂଚନା ମିଳିଛି।

ମହାରାଷ୍ଟ୍ର ପୁନେରୁ ଆସିଥିବା ସ୍ୱତନ୍ତ୍ର ଶ୍ରମିକ ଟ୍ରେନ ସୋମବାର ସକାଳ ୬ଟାରେ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ପହଞ୍ଚିଥିଲା। ଏହି ଟ୍ରେନରେ ୬ଟି ଜିଲାରୁ ୧୨୨ଜଣ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ବୌଦ୍ଧର ୨, କଟକର ୧, ଖୋର୍ଦ୍ଧାର ୫୭, ନୟାଗଡ଼ର ୨୩, ପୁରୀର ୩୮ ଏବଂ ସୁବର୍ଣ୍ଣପୁରର ଜଣେ ପ୍ରବାସୀ ରହିଛନ୍ତି। ସେହିପରି ବେଙ୍ଗାଲୁରୁରୁ ଆସିଥିବା ସ୍ୱତନ୍ତ୍ର ଟ୍ରେନ ପୂର୍ବାହ୍ନ ସାଢେ ୯ଟାରେ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ ପହଞ୍ଚିଥିଲା। ଏହି ଟ୍ରେନରେ ୧୭ଟି ଜିଲାରୁ ୧୧୦୯ ଜଣ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ବରଗଡ଼ ଜିଲାର ୪୬, ବଲାଙ୍ଗିରର ୪୭୯, ବୌଦ୍ଧର ୫, ଗଜପତିର ୧୭, ଗଞ୍ଜାମର ୧୧୩, କଳାହାଣ୍ଡିର ୩୯, କେନ୍ଦ୍ରାପଡ଼ାର ୧୪, ଖୋର୍ଦ୍ଧାର ୯୭, କୋରାପୁଟର ୨, ମାଲକାନଗିରିର ୨, ନବରଙ୍ଗପୁରର ୩୦, ନୟାଗଡ଼ର ୬୪, ନୂଆପଡ଼ାର ୧୨୧, ପୁରୀର ୬୮, ରାୟଗଡ଼ାର ୫, ସମ୍ବଲପୁରର ୨ ଏବଂ ସୁବର୍ଣ୍ଣପୁର ଜିଲାର ୫ଜଣ ରହିଛନ୍ତି। ମହାରାଷ୍ଟ୍ରର ପାନ୍‌ଭେଲରୁ ଆସିଥିବା ସ୍ୱତନ୍ତ୍ର ଟ୍ରେନ ପୂର୍ବାହ୍ନ ସାଢେ ୧୧ଟାରେ ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ପହଞ୍ଚିଥିଲା। ଏଥିରେ ୫ଟି ଜିଲାରୁ ୩୬୦ ପ୍ରବାସୀ ଓଡ଼ିଆ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ଗଜପତିର ୬୩, ଗଞ୍ଜାମର ୨୧୯, ଖୋର୍ଦ୍ଧାର ୩୬, ନୟାଗଡ଼ର ୧୦ ଏବଂ ପୁରୀର ୩୨ଜଣ ରହିଛନ୍ତି। ସେହିଭଳି ମୁମ୍ବାଇ ପାଲଘରରୁ ଆସିଥିବା ସ୍ୱତନ୍ତ୍ର ଶ୍ରମିକ ଟ୍ରେନ ଅପରାହ୍ନ ୧.୧୦ରେ ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ପହଞ୍ଚିଥିଲା। ଏହି ଟ୍ରେନରେ ୧୭ଟି ଜିଲାରୁ ୧୧୫୧ଜଣ ପ୍ରବାସୀ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ଅନୁଗୋଳର ୮, ବାଲେଶ୍ୱରର ୨୮୩, ଭଦ୍ରକର ୯୦, ବଲାଙ୍ଗୀରର ୧, ବୌଦ୍ଧର ୨, ଢେଙ୍କାନାଳର ୪୭, ଗଜପତିର ୫, ଗଞ୍ଜାମର ୧୯୪, ଯାଜପୁରର ୬୭, କଳାହାଣ୍ଡିର ୩, କେନ୍ଦୁଝରର ୩୭, ଖୋର୍ଦ୍ଧାର ୨୨୭, ନୟାଗଡ଼ର ୨୩, ନୂଆପଡ଼ାର ୨, ପୁରୀର ୧୫୧, ରାୟଗଡ଼ାର ୪, ସମ୍ବଲପୁରର ୧ ଏବଂ ସୁନ୍ଦରଗଡ଼ର ୪ଜଣ ରହିଛନ୍ତି। ସେହିପରି ଚେନ୍ନାଇରୁ ଆସିଥିବା ସ୍ୱତନ୍ତ୍ର ଶ୍ରମିକ ଟ୍ରେନ ଅପରାହ୍ନ ସାଢେ ୩ଟାରେ ଖୋର୍ଦ୍ଧା ରୋଡ୍‌ରେ ପହଞ୍ଚିଥିଲା। ଏହି ଟ୍ରେନରେ ୪ଟି ଜିଲାରୁ ୧୮୭ ଜଣ ଫେରିଛନ୍ତି। ସେମାନଙ୍କ ମଧ୍ୟରେ ଗଞ୍ଜାମର ୮୫, ଖୋର୍ଦ୍ଧାର ୧୪୭, ନୟାଗଡ଼ର ୧୮ ଏବଂ ପୁରୀର ୧୭ଜଣ ରହିଛନ୍ତି। ବେଙ୍ଗାଲୁରୁରୁ ଆସିଥିବା ସ୍ୱତନ୍ତ୍ର ଶ୍ରମିକ ଟ୍ରେନ ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ରବିବାର ରାତିରେ ପହଞ୍ଚିଥିଲା। ଏଥିରେ ୨୮ଟି ଜିଲାରୁ ୧୬୫୯ ପ୍ରବାସୀ ଓଡ଼ିଆ ଶ୍ରମିକ ଫେରିଛନ୍ତି। ଏମାନଙ୍କ ମଧ୍ୟରେ ଅନୁଗୋଳର ୧, ବାଲେଶ୍ୱରର ୧୮୭, ଭଦ୍ରକର ୧୩, ବଲାଙ୍ଗୀରର ୮୫, ବୌଦ୍ଧର ୧, କଟକର ୩୫, ଦେବଗଡ଼ର ୫, ଢେଙ୍କାନାଳର ୧୭, ଗଜପତିର ୩୬, ଗଞ୍ଜାମର ୧୪୯, ଜଗତ୍‌ସିଂହପୁରର ୮୧, ଯାଜପୁରର ୧୧୯, କଳାହାଣ୍ଡିର ୩୧, କନ୍ଧମାଳର ୩୪, କେନ୍ଦ୍ରପଡ଼ାର ୧୫୬, କେନ୍ଦୁଝରର ୭୮, ଖୋର୍ଦ୍ଧାର ୬୦, କୋରାପୁଟର ୩, ମାଲକାନଗିରିର ୨, ମୟୂରଭଞ୍ଜର ୯୪, ନବରଙ୍ଗପୁରର ୧୫, ନୟାଗଡ଼ର ୨୦, ନୂଆପଡ଼ାର ୭୫, ପୁରୀର ୧୪୬, ରାୟଗଡ଼ାର ୧୫, ସମ୍ବଲପୁରର ୧୫ ଓ ସୁନ୍ଦରଗଡ଼ ଜିଲାର ୨୨ଜଣ ପ୍ରବାସୀ ରହିଛନ୍ତି।



ଖୋର୍ଦ୍ଧା ରୋଡ ଷ୍ଟେଶନରେ ଟ୍ରେନ୍ ପହଞ୍ଚିବା ପରେ ପ୍ରବାସୀମାନେ ଓହ୍ଲାଉଛନ୍ତି ।

# ଖୋଲିଲା ପାର୍କ, ମାନିଲେନି କଟକଣା

**କଟକ ଅଫିସ୍,୨୫।୫**

କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନରେ ଥିବା ପାର୍କ ସୋମବାରଠାରୁ ଖୋଲିଛି। ପ୍ରଥମ ପର୍ଯ୍ୟାୟରେ ୧୨ଟି ପାର୍କ ଖୋଲାଯାଇ ଏଥିପାଇଁ କିଛି କଟକଣା ଜାରି କରାଯାଇଛି। ମାତ୍ର ଆରମ୍ଭରୁ ଲୋକେ କଟକଣା ଭାଙ୍ଗିଛନ୍ତି। ପାର୍କରେ ଥିବା ଜିମ୍ ସାମଗ୍ରୀଠାରୁ ଆରମ୍ଭ କରି ପିଲାଙ୍କ କ୍ରୀଡ଼ା ସାମଗ୍ରୀ ବ୍ୟବହାର କରିବାକୁ ମନା କରାଯାଇଥିଲା। କିନ୍ତୁ ଯୋବ୍ରାସ୍ଥିତ ପାର୍କରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ କ୍ରୀଡ଼ା ସାମଗ୍ରୀରେ ଖେଳାଉଥିବା ଦେଖିବାକୁ ମିଳିଥିଲା। ଏହାଦ୍ୱାରା କରୋନା ସଂକ୍ରମଣ ଆଶଙ୍କା ରହୁଛି। ପାର୍କ ଦିନରେ ଦୁଇଥର ଖୋଲିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ ଥରୁଟିଏ ବି ଏହାକୁ ସାନିଟାଇଜ କରାଯାଇନାହିଁ। ପାର୍କ ଭିତରେ ଆଣ୍ଠୁଏ ଉଚ୍ଚର ଘାସ ଜମିଛି। ସୁରକ୍ଷାକର୍ମୀଙ୍କ ଅବହେଳା ଯୋଗୁ ଖାନ୍‌ନଗରସ୍ଥିତ ବିଶ୍ୱନାଥ ପଣ୍ଡିତ ପାର୍କରେ ସୋମବାର ସକାଳେ ଗାଈ ବୁଲୁଥିଲେ। ଏପିରିକି ପାର୍କର ମୁଖ୍ୟ ଫାଟକରେ ସ୍ଥାନୀୟ ଲୋକେ ଗାଈକୁ ବାନ୍ଧୁଛନ୍ତି।

# କଟକଣାରେ ଇଦ୍, ଘରେ ନମାଜ



ମୁସଲମାନ ଭାଇମାନେ ଘରେ ନମାଜପାଠ କରୁଛନ୍ତି ।

**କଟକ ଅଫିସ,୨୫।୫**

କଟକଣା ମଧ୍ୟରେ ସୋମବାର ପାଳିତ ହୋଇଛି ଇଦ୍-ଉଲ୍-ଫିତର। ମୁସଲମାନ ଭଉଣୀଭାଇ ମସ୍‌ଜିଦ୍ ଓ ଇଦ୍‌ଗାହ ପରିବର୍ତ୍ତେ ଘରେ ରହି ଏହାକୁ ପାଳିଛନ୍ତି। ସମୂହ ନମାଜ ପାଠ ନ କରି ଘରେ ନମାଜ ପଢ଼ାଯାଇଛି। କିଛି ସ୍ଥାନରେ ମୁସଲିମ ସମ୍ପ୍ରଦାୟର ଲୋକେ ମସଜିଦ୍ ସାମ୍ନାରେ ସାମାଜିକ ଦୂରତ୍ୱ ରଖି ନମାଜ ପଢୁଥିବା ଦେଖିବାକୁ ମିଳିଛି। ସନ୍ଧ୍ୟାରେ ଘରକୁ ବନ୍ଧୁବାନ୍ଧବ ନିମନ୍ତ୍ରଣ କରି ବିରିୟାନୀ, ଲଚ୍ଛା ସାଙ୍ଗକୁ ସିମେଇ ଭଳି ଖାଦ୍ୟରେ ଆପ୍ୟାୟିତ କରାଯାଇଛି। ଏହାସହ ମୁସଲମାନ ଭାଇମାନେ ଗରିବ ଓ ଅସହାୟଙ୍କୁ ଦାନ କରିଛନ୍ତି। ଏକ ମାସ ଧରି ରମଜାନ ପାଳିବା ସହ ପ୍ରତ୍ୟେକ ଦିନ ସେମାନେ ସୂର୍ଯ୍ୟୋଦୟ ପୂର୍ବରୁ ରୋଜା ରଖି ଦିନ ସାରା ଉପବାସ କରୁଥିଲେ। ସୂର୍ଯ୍ୟାସ୍ତ ପରେ ଖଜୁରୀ, ଲେମ୍ବୁ ପାଣି ଆଦି ଇଫତାରୀ ଗ୍ରହଣ କରୁଥିଲେ। କରୋନା ଯୋଗୁ ଚଳିତବର୍ଷ ସାମାଜିକ ଦୂରତ୍ୱ ରକ୍ଷା କରି ଇଦ୍ ପାଳିବାକୁ ଚାନ୍ଦ୍ କମିଟିର ସଭାପତି ମୁଫତି ଓଜୁଉଲ୍ କମର କହିଥିଲେ। ସୋମବାର ଇଦ୍‌ରେ ସୁରକ୍ଷା ପାଇଁ ପ୍ରାୟ ୯ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

### ଇଦ୍‌ରେ କରୋନା ଯୋଦ୍ଧାଙ୍କୁ ସମ୍ମାନ

ଇଦ୍ ଉପଲକ୍ଷେ କଟକ ମୁସଲିମ ଯୁଥ୍ ଆସୋସିଏଶନ ପକ୍ଷରୁ କରୋନା ଯୋଦ୍ଧାଙ୍କୁ ସମ୍ମାନିତ କରାଯାଇଥିଲା। ଆସୋସିଏଶନର କାର୍ଯ୍ୟକର୍ତ୍ତାମାନେ କଟକ ଜିଲାପାଳ ଭବନୀ ଶଙ୍କର ଚୟନୀ, ଏସିପି ଜୋନ-୨, ଦରଘା ବଜାର ଥାନାଧିକାରୀ, ଲାଲବାଗ ଥାନା ଅଧିକାରୀଙ୍କୁ ସମ୍ମାନିତ କରିଥିଲେ।

# ଭୁବନେଶ୍ୱରରେ ଫିକା ପଡ଼ିଲା ଇଦ୍

**ଭୁବନେଶ୍ୱର,୨୫।୫(ବ୍ୟୁରୋ)**

କରୋନା ପାଇଁ ଇଦ୍-ଉଲ୍-ଫିତର ଏଥର ରାଜଧାନୀରେ ଫିକା ପଡ଼ିଥିଲା। ସହର ବିଭିନ୍ନ ମସ୍‌ଜିଦ୍ ଓ ଇଦ୍‌ଗାହ ଖାଁ ଖାଁ ରହିଥିଲା। ବାହାରେ ପୋଲିସ ଜଗିଥିବାବେଳେ କାଁଭାଁ ଲୋକଙ୍କୁ ଦେଖିବାକୁ ମିଳିଥିଲା। ଲୋକେ ଘରେ ରହି ସଙ୍ଗରୋଧରେ ନମାଜ ପାଠ କରିଥିଲେ। ଏକମାସ ଧରି ରୋଜା ରଖିଥିବା ମୁସଲମାନ ଭଉଣୀଭାଇମାନେ ସୋମବାର ବ୍ରତ ଭାଙ୍ଗିଥିଲେ। ଆଲ୍ଲାଙ୍କୁ ସମର୍ପଣ ପୂର୍ବକ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ନମାଜ ପାଠ ପୂର୍ବରୁ ସେମାନେ ଗରିବ ଓ ଅସହାୟ ଲୋକମାନଙ୍କୁ ଦାନ କରିଥିଲେ।

ଅନ୍ୟପକ୍ଷରେ ୟୁନିଟ-୪ସ୍ଥିତ ଅହମଦୀୟା ମୁସଲିମ ମସ୍‌ଜିଦ ହମଦଠାରେ ମୌଲାନା ଫଜଲ ହକ ଖାନ ଏବଂ ମୋଅଜିନ ଅବ୍ଦୁଲ ଶମିମ ଖାଁ ସପରିବାର କେବଳ ୪ଜଣଙ୍କ ସହ ସକାଳ ସାଢେ ୮ଟାରେ ଇଦ୍ ନମାଜ ପାଠ କରିଥିଲେ। ମସ୍‌ଜିଦ୍‌ରେ ସମୂହ ନମାଜ ପାଠକୁ ବାରଣ କରାଯାଇଥିବାରୁ ଇଦ୍ ନମାଜ ପରିବର୍ତ୍ତେ ଲୋକେ '୪ ରକାତ୍ ଚସତ୍ ନମାଜ' ପାଠ କରିଥିଲେ ବୋଲି ସତ୍ୟନଗରସ୍ଥିତ ମସ୍‌ଜିଦ୍-ଇ ଫାମିଦାର ସଭାପତି ମିର୍ଜା ଜିଆଉଲ୍ ବେଗ୍ କହିଛନ୍ତି। ସେହିଭଳି ଘରେ ଘରେ ମଟନ୍, ବିରିୟାନୀ, ଲଚ୍ଛା, ସିମେଇ ଭଳି ଅନେକ ସୁସ୍ୱାଦୁ ଖାଦ୍ୟର ଆସର ଜମିଥିଲା।



ସୁନ୍ଦରପଦା ଆଜାଦ ନଗରରେ ମୁସଲମାନ ଭାଇମାନେ ଖୁସି ମନାଉଛନ୍ତି ।

# ଟ୍ରକ୍‌କୁ ଧକ୍କା ଦେଇ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

**ପିପିଲି,୨୫।୫(ଡି.ଏନ୍.ଏ./ସ୍ୱ.ପ୍ର.):**

ପିପିଲି ଦାଣ୍ଡମକୁନ୍ଦପୁର ଜୟଗୋପାଳ ମନ୍ଦିର ସମ୍ମୁଖରେ ସୋମବାର ଏକ ଟ୍ରକ୍‌କୁ ଧକ୍କା ଦେବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଅରିସଲ ପଞ୍ଚାୟତ ନୂଆଗାଁ (ପଡା ଡିହସାହି)ଗ୍ରାମର ଅକ୍ଷୟ ପ୍ରଧାନ(୨୮)। ଗୁରୁତର ବିଷ୍ଣୁପୁର ଗ୍ରାମର ଦେବାଶିଷ ଜେନାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୫ଟା ୩୦ରେ ଅକ୍ଷୟ ଏକ ବାଇକ୍ (ଓଡି୦୨ ଏଡବ୍ଲୁ ୯୨୨୭)ରେ ସାଙ୍ଗ ଦେବାଶିଷ ସହ ଭୁବନେଶ୍ୱର ଅଭିମୁଖେ ଯାଉଥିଲେ। ଜୟଗୋପାଳ ମନ୍ଦିର ସମ୍ମୁଖରେ ଛିଡା ହୋଇଥିବା ଟ୍ରକ (ଓଡ଼ି୦୨ ଡିଜେ ୧୨୭୬) ପଛରେ ପିଟି ହୋଇଯାଇଥିଲେ। ଖବରପାଇ ପିପିଲି ପୋଲିସ ପହଞ୍ଚି ଉଭୟ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅକ୍ଷୟଙ୍କୁ ମୃତ ଘୋଷଣା କରିଥିଲେ। ଦେବାଶିଷଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# କ୍ୱାରାଣ୍ଟାଇନ୍ ସେଣ୍ଟରରେ ବିବାହ କଲେ ପ୍ରେମୀଯୁଗଳ

**ନିମାପଡ଼ା,୨୫।୫(ଡି.ଏନ୍.ଏ.):**

ନିମାପଡ଼ା ଥାନା ଅଞ୍ଚଳର ଏକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା ପ୍ରେମୀ ଯୁଗଳ ସୋମବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସୂଚନା ଅନୁଯାୟୀ, ଗତ ୪ମାସ ପୂର୍ବେ ଏହି ଥାନା ଅଞ୍ଚଳର ସୌରଭ ଦାସ ଓ ଡେଲାଙ୍ଗ ଥାନା ଅଞ୍ଚଳର ପିଙ୍କିରାଣୀ ଦାସ ଘର ଛାଡି ଗୁଜରାଟର ଅହମ୍ମଦାବାଦରେ ରହୁଥିଲେ। ସୌରଭ ସେଠାରେ ଏକ ପ୍ଲାଷ୍ଟିକ କମ୍ପାନୀରେ କାର୍ଯ୍ୟ କରୁଥିଲେ। କରୋନା ଲାଗି ଗତ ୧୦ତାରିଖରେ ଉଭୟେ ଅହମ୍ମଦବାଦରୁ ଫେରି ଉକ୍ତ କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିଲେ। ସେମାନଙ୍କ ସ୍ୱାବ୍ ପରୀକ୍ଷା କରାଯିବା ପରେ ରିପୋର୍ଟ ନେଗେଟିଭ ଆସିଥିଲା। ୧୫ଦିନ ରହିବା ପରେ ସେଣ୍ଟରରେ ବିବାହ କରି ଘରକୁ ଫେରିଥିଲେ। ସେଣ୍ଟର ଦାୟିତ୍ୱରେ ଥିବା ଶିକ୍ଷକ ମୋହନ ସାହୁ ବର ପିତା ଓ ଶିକ୍ଷକ ଭଗବାନ ସେଠୀ କନ୍ୟା ପିତା ଭାବେ କାର୍ଯ୍ୟ ସମ୍ପନ୍ନ କରିଥିଲେ।

# ମୃତଦେହ ରଖି ଥାନା ଆଗରେ ବସିଲେ

**ବେଗୁନିଆ,୨୫।୫(ଡି.ଏନ୍.ଏ.):**

- ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର
- ହତ୍ୟା ଅଭିଯୋଗ ଆଣିଲେ ପରିବାରଲୋକେ

ବେଗୁନିଆ ଥାନା ଅନ୍ତର୍ଗତ ବାଗଲପୁର ରାସ୍ତା ପାର୍ଶ୍ୱରେ ଥିବା ଏକ ପୋଖରୀରୁ ରବିବାର ରାତିରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ବେଗୁନିଆ ଗ୍ରାମର ପିଣ୍ଟୁ ଶ୍ରୀଚନ୍ଦନ(୨୫)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୦) ରୁଜୁକରି ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ତାଙ୍କୁ କେହି ହତ୍ୟା କରି ପୋଖରୀରେ ପକାଇଦେଇଛନ୍ତି ବୋଲି ପରିବାରଲୋକେ ଅଭିଯୋଗ ଆଣିଛନ୍ତି। ଦୋଷୀଙ୍କୁ ତୁରନ୍ତ ଗିରଫ ଦାବିରେ ପରିବାରଲୋକେ ଏବଂ ତାଙ୍କ ସମ୍ପର୍କୀୟ ସୋମବାର ଥାନା ଆଗରେ ଧାରଣା ଦେଇଥିଲେ।

ସୂଚନା ଅନୁଯାୟୀ, ବେଗୁନିଆ ଗ୍ରାମର ପିଣ୍ଟୁ ଓ ତାଙ୍କ ଦୁଇ ସାଙ୍ଗ ରବିବାର ସନ୍ଧ୍ୟାରେ କେଉଁଆଡେ ବୁଲିବାକୁ ଯାଇଥିଲେ। ପିଣ୍ଟୁ ଫେରିବାରେ ବିଳମ୍ବ ହେବାରୁ ଘରଲୋକ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ରାତିପ୍ରାୟ ୧୧ଟା ବାଗଲପୁରର ଏକ ପୋଖରୀରୁ ପିଣ୍ଟୁଙ୍କ ମୃତଦେହକୁ ଦୁଇ ସାଙ୍ଗ ଉଦ୍ଧାର କରି ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପିଣ୍ଟୁଙ୍କୁ ହତ୍ୟା କରାଯାଇଛି ବୋଲି ପରିବାର ଲୋକ ଅଭିଯୋଗ ଆଣିବା ସହ ଥାନା ଆଗରେ ଧାରଣା ଦେଇଥିଲେ। ଖବରପାଇ ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ ମିଶ୍ର ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୋଧରେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମିଶ୍ର କହିଛନ୍ତି।

# କ୍ୱାରାଣ୍ଟାଇନ୍ ସେଣ୍ଟର ଆଗରେ ଅନ୍ତେବାସୀଙ୍କ ଅନଶନ

**ବାଲୁଗାଁ,୨୫।୫(ଡି.ଏନ୍.ଏ.):**

### ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ

ବାଲୁଗାଁ ଏନ୍‌ଏସି ଅଧିନ ବାଲଗାଁ ମହାବିଦ୍ୟାଳୟରେ ଖୋଲାଯାଇଥିବା ୧ନଂ. କ୍ୱାରାଣ୍ଟାଇନ୍ ସେଣ୍ଟରରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅନ୍ତେବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସମସ୍ତ ଅନ୍ତେବାସୀ ଖାଦ୍ୟ ବର୍ଜନ କରିବା ସହ ସୋମବାର କ୍ୱାରାଣ୍ଟାଇନ ସେଣ୍ଟର ଫାଟକ ନିକଟରେ ଅନଶନରେ ବସିଥିଲେ। ସୂଚନା ଅନୁଯାୟୀ, ଉକ୍ତ କ୍ୱାରାଣ୍ଟାଇନ ସେଣ୍ଟରରେ ମୋଟ୍ ୨୫ଜଣ ଅନ୍ତେବାସୀ ରହିଛନ୍ତି । ରବିବାର ରାତିରେ ନିର୍ଦ୍ଧାରିତ ଖାଦ୍ୟସୂଚୀ ମୁତାବକ ଖାଦ୍ୟ ମିଳିବା ପରିବର୍ତ୍ତେ ନିମ୍ନମାନର ଖାଦ୍ୟ ଦିଆଯାଇଥିଲା। ଅନ୍ତେଃବାସୀ ଏହାର ଏକ ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ୍ କରିବା ସହ ଖାଦ୍ୟ ବର୍ଜନ କରିଥିଲେ। ସୋମବାର ସମସ୍ତ ଅନ୍ତେବାସୀ କ୍ୱାରାଣ୍ଟାଇନ ସେଣ୍ଟର ଫାଟକ ନିକଟରେ ଅନଶନରେ ବସିଥିଲେ । ଖବରପାଇ ବାଲୁଗାଁ ଥାନା ଆଇଆଇସି ରମାକାନ୍ତ ମହାଲିକ୍ ପହଞ୍ଚି ଅନ୍ତେବାସୀଙ୍କୁ ବୁଝାଶୁଝା କରି ଜଳଖିଆ ବ୍ୟବସ୍ଥା କରିଥିଲେ। ଜିଲାପାଳ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପରେ ବାଲୁଗାଁ ଏନ୍‌ଏସି ଅତିରିକ୍ତ ନୋଡାଲ ଅଫିସର କୃଷ୍ଣମୋହନ ବଳବନ୍ତରାୟ ଉକ୍ତ କେନ୍ଦ୍ରରେ ପହଞ୍ଚି ଖାଦ୍ୟ ସୂଚୀ ବଦଳାଯାଇ ଉନ୍ନତମାନର ଖାଦ୍ୟ ଦିଆଯିବ ଏବଂ ଅନ୍ୟାନ୍ୟ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନ୍ତେବାସୀ ଅନଶନରୁ ଓହରି ଖାଦ୍ୟ ଗ୍ରହଣ କରିଥିଲେ।



# ମଦ ପାଇଁ କଟକଣା ଭୁଲିଗଲେ

**ପୁରୀ ଅଫିସ/ଖୋର୍ଦ୍ଧା ଅଫିସ,୨୫।୫:**

କରୋନା ପାଇଁ ପ୍ରାୟ ଦୁଇମାସ ହେବ ଦୋକାନ ବଜାର ସବୁ ବନ୍ଦ ରହିଥିଲା। ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନରେ ସାମାନ୍ୟ କୋହଳ ପରେ ରାଜ୍ୟରେ କେବଳ ଅନ୍‌ଲାଇନରେ ମଦ ବିକ୍ରି ପାଇଁ ସରକାର ଅନୁମତି ଦେଇଛନ୍ତି। କେବଳ ହୋମ୍ ଡେଲିଭରି କରିହେବ ବୋଲି କୁହାଯାଇଛି। ହେଲେ ଏହି ନିର୍ଦ୍ଦେଶ ପୁରୀ ଓ ଖୋର୍ଦ୍ଧାରେ ଖୋଲାଖୋଲି ଉଲ୍ଲଂଘନ ହୋଇଛି। ମଦ ବ୍ୟବସାୟୀ ଏବଂ ଗ୍ରାହକ ସମସ୍ତେ ସାମାଜିକ ଦୂରତାର ନିୟମକୁ ମୋଡ଼ି ମକଚି ଦେଇଛନ୍ତି। ସୋମବାର ଶଟର ବନ୍ଦ ରଖି ଗଳାବାଟରେ ବିକ୍ରି ହେଉଥିବା ମଦ ନେବା ପାଇଁ ଦୋକାନ ସମ୍ମୁଖରେ ଗ୍ରାହକଙ୍କ ଅସମ୍ଭାଳ ଭିଡ଼ ଲାଗିଥିଲା। ସଦର ଥାନାଠାରୁ ମାତ୍ର କେଇ ହାତ ଦୂରରେ ଏଭଳି ଚିତ୍ର ସାମ୍ନାକୁ ଆସିଥିଲା। ହେଲେ ପୋଲିସ ଏବଂ ଅବକାରୀ ବିଭାଗର ଦେଖା ମିଳି ନ ଥିଲା। ସେହିପରି ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଏବଂ ଟିଏଲ୍‌ସି ଛକର ଦୁଇ ମଦ ଦୋକାନ ଆଗରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ମଦ ଲାଗି ଲୋକେ ସାମାଜିକ ଦୂରତ୍ୱ କଟକଣାକୁ ଭୁଲି ଯାଇଥିଲେ। ଅଧିକାଂଶ ଗ୍ରାହକଙ୍କ ମୁହଁରେ ମାସ୍କ ନ ଥିଲା। ରାସ୍ତା ଉପରେ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ମଧ ସୃଷ୍ଟି ହୋଇଥିଲା। ଅନେକ ମଦ ଦୋକାନରେ ଡିସ୍‌ପ୍ଲେ ଲାଗି ନ ଥିଲା। ଏ ସଂକ୍ରାନ୍ତରେ ଅବକାରୀ ନିରୀକ୍ଷକ ପ୍ରସନ୍ନ ଆଚାର୍ଯ୍ୟଙ୍କୁ ପଚାରିବାରେ ଗାଇଡ୍‌ଲାଇନକୁ କଡ଼ାକଡ଼ି କରାଯିବ ବୋଲି କହିଛନ୍ତି।




# ପ୍ରଶାସନକୁ ଦାୟୀକରି ଗ୍ରାମବାସୀଙ୍କ ଧାରଣା

**ଡେଲାଙ୍ଗ, ୨୫।୫ (ଡି.ଏନ୍.ଏ):**

### ଅଳଭତା ଗାଁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

ପୁରୀ ଜିଲା ଡେଲାଙ୍ଗ ବ୍ଲକ ମୁନିନ୍ଦା ପଞ୍ଚାୟତର ଅଳଭତା ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଅଳଭତା ଗାଁରୁ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ଅଳଭତା ବେଲପଡ଼ା, ଅଳଭତା (ହାମ୍‌ଲେଟ), ମଲ୍ଲିକ ସାହି ଓ ସେଠୀ ସାହି ଅଞ୍ଚଳକୁ ରବିବାରଠାରୁ କଣ୍ଟେନମେଣ୍ଟ ଜୋନ (ଆବଦ୍ଧ ଅଞ୍ଚଳ) ଘୋଷଣା କରାଯାଇଛି। ତେବେ ଏଥିଲାଗି ପ୍ରଶାସନର ଖାମଖିଆଲ ମନୋଭାବ ଦାୟୀ ବୋଲି ଗ୍ରାମବାସୀ ଅଭିଯୋଗ ଆଣିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ଧାରଣା ଦେଇଛନ୍ତି।

ସୂଚନା ଅନୁଯାୟୀ, ଜେନାପୁର ପଞ୍ଚାୟତର ହାକପଡ଼ା କ୍ୱାରାଣ୍ଟାଇନ ସେଣ୍ଟରର ଗୋଟିଏ ରୁମ୍‌ରେ ୮ଜଣ ରହୁଥିବାବେଳେ ୪ଜଣଙ୍କର ରିପୋର୍ଟ ପଜିଟିଭ ଜଣାପଡ଼ିଥିଲା। ଫଳରେ ସମ୍ପୃକ୍ତ ୪ଜଣଙ୍କୁ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୧୮ ତାରିଖରେ ଅନ୍ୟ ୪ଜଣଙ୍କ ନମୁନା ନେଗେଟିଭ ରିପୋର୍ଟ ଆସିଥିଲା। ତେଣୁ ସେମାନଙ୍କୁ ନିଜ ଘରକୁ ଫେରିଯିବାକୁ ନିର୍ଦ୍ଦେଶ ମିଳିଥିଲା। କିନ୍ତୁ ଅଳଭତା ଗ୍ରାମର ସମ୍ପୃକ୍ତ ଯୁବକଙ୍କ ଦେହ ଅସୁସ୍ଥ ହେବାରୁ ସେ ୨୧ ତାରିଖରେ ମୁନିନ୍ଦା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାବ୍ ନମୁନା ଦେଇ ଫେରିଥିଲେ। ଗତ ୨୩ ତାରିଖରେ ତାଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ରବିବାର ରାତିରେ ତାଙ୍କୁ କୋଭିଡ ହସ୍ପିଟାଲକୁ ନିଆଯାଇଥିଲା। ଏଥିସହ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିଲା। ଏଥିଯୋଗୁ ସୋମବାର ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୂର୍ବାହ୍ନ ୧୧ଟାରୁ ଗ୍ରାମବାସୀ ରାସ୍ତାରେ ଧାରଣା ଦେଇଥିଲେ। ଗ୍ରାମର ସର୍ବେଶ୍ୱର ପରିଡ଼ା, ମାନସ ପରିଡ଼ା, ଅଜୟ ପରିଡ଼ା, ହେମନ୍ତ ପରିଡ଼ା ପ୍ରମୁଖ କହିଥିଲେ ଯେ, ସଙ୍ଗରୋଧ କେନ୍ଦ୍ରରୁ ପ୍ରଶାସନିକ ଅଧିକାରୀମାନେ କିଭଳି ପଜିଟିଭ ଥିବା ଯୁବକଙ୍କୁ ଘରକୁ ପଠାଇଦେଲେ ତାହା ବୁଝିହେଉନାହିଁ। ଏ ଦିଗରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ। ଘଟଣାସ୍ଥଳରେ ତହସିଲଦାର ରାଜେନ୍ଦ୍ର ଆଚାରିଆ ଓ ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଜିଲାପାଳଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ଧାରଣାରେ ବସିଛନ୍ତି ଗ୍ରାମବାସୀ ।

## ପାଟ୍ନା ଫେରିଲେ ୪୪ ପ୍ରବାସୀ

ନୟାଗଡ଼ ଅଫିସ,୨୫।୫: ନୟାଗଡ଼ ଜିଲାପାଳ ପୋମା ଟୁଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୋମବାର ୪୪ ପ୍ରବାସୀ ବିହାରର ପାଟ୍ନା ଅଭିମୁଖେ ଫେରିଛନ୍ତି। ଏମାନେ କିଛିଦିନ ଧରି ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ରହୁଥିଲେ। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ଖାଦ୍ୟ ପାନୀୟ ବ୍ୟବସ୍ଥା କରାଯାଉଥିଲା। ସେହିପରି ୨୦୦ ଶ୍ରମିକ ଟ୍ରେନ ଯୋଗେ ଆସି ନୟାଗଡ଼ରେ ପହଞ୍ଚିଛନ୍ତି। ନୟାଗଡ଼ ପୌରାଞ୍ଚଳ ପକ୍ଷରୁ ସେମାନଙ୍କୁ ନିଜ ଅଞ୍ଚଳକୁ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### ସୂଚନା ଅଧିକାରୀ କର୍ମୀଙ୍କୁ ଆକ୍ରମଣ ଘଟଣା
## ବିଚାର ପାଇଁ ଗ୍ରହଣ କଲେ ଏନ୍ଏଚ୍ଆର୍ସି

**ନୟାଗଡ଼ ଅଫିସ, ୨୫।୫:** ନୟାଗଡ ଜିଲା ଇଟାମାଟି ଥାନା ବିରୁଡା ଗାଁରେ ସୂଚନା ଅଧିକାରୀ କର୍ମୀ ଭୁବନ ଚନ୍ଦ୍ର ହାତୀଙ୍କୁ ଗତ ଏପ୍ରିଲ ୭ ତାରିଖ ସନ୍ଧ୍ୟାରେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଅଭିଯୁକ୍ତମାନେ ଭୁବନଙ୍କୁ ମାଡ଼ ମାରିବା ସହ ଦାମି ମୋବାଇଲ ଛଡାଇ ନେଇଥିଲେ। ଏପରି କି ଗାଁ ନ ଛାଡିଲେ ପରିବାର ଲୋକଙ୍କୁ ହତ୍ୟା କରିବେ ବୋଲି ଚେତାବନୀ ଦେଇଥିଲେ। ଭୁବନ ନିଜ ଘର ପିଣ୍ଡାରେ ବସିଥିବାବେଳେ ୭ରୁ ୮ଜଣ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଲୋକ ଆକ୍ରମଣ କରିଥିଲେ। ପରେ ଭୁଜାଲିରେ ମାରିବାକୁ ଉଦ୍ୟମ କରିଥିଲେ। ଏ ନେଇ ମାନବାଧିକାର କର୍ମୀ ଦିଲୀପ ସାମନ୍ତରାୟଙ୍କ ଅଭିଯୋଗକ୍ରମେ ଜାତୀୟ ମାନବିକ ଅଧିକାର କମିଶନ(ଏନ୍ଏଚ୍ଆର୍ସି) ଏହାର ବିଚାର ପାଇଁ ଗ୍ରହଣ କରିଥିବା ଜଣାପଡିଛି।

## ଜବ୍ କାର୍ଡଧାରୀଙ୍କୁ କାମ ଯୋଗାଇଦେବାକୁ ନିର୍ଦ୍ଦେଶ

**ସୁକିନ୍ଦା, ୨୫।୫ (ଡି.ଏନ୍.ଏ.):** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ଲକ ଅଧୀନ ସମସ୍ତ ଜବ୍ କାର୍ଡଧାରୀଙ୍କୁ କାମ ଯୋଗାଇଦେବାକୁ ବିଡିଓ ବିଶ୍ୱଜିତ ଦାସ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମିକମାନଙ୍କ ଅସୁବିଧା ଦୂର କରିବା ସକାଶେ ପ୍ରତି ପଞ୍ଚାୟତରେ ବିଭିନ୍ନ ପ୍ରୋଜେକ୍ଟ ତିଆରି କରି ସେମାନଙ୍କୁ କାମ ଯୋଗାଇ ଦେବାକୁ ଜେଇ, ଗ୍ରାମରୋଜଗାର ସେବକ ଓ ପିଇଓମାନଙ୍କୁ ବିଡିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାଦ୍ୱାରା ପ୍ରାୟ ୧୦ହଜାର ଜବ୍ କାର୍ଡଧାରୀ ଉପକୃତ ହୋଇପାରିବେ।

## ନୂଆ ୧୫, ଆକ୍ରାନ୍ତ ସଂଖ୍ୟା ୫୫ ହେଲା

**କେନ୍ଦ୍ରାପଡ଼ା ଅଫିସ, ୨୫।୫:** କେନ୍ଦ୍ରାପଡ଼ା ଜିଲାର ୮ ବ୍ଲକରେ ନୂତନ ଭାବେ ୧୫ ଜଣ ଚିହ୍ନଟ ହେବା ପରେ କରୋନା ଆକ୍ରାନ୍ତ ସଂଖ୍ୟା ୫୫ରେ ପହଞ୍ଚିଛି। ସେହିପରି ପୂର୍ବରୁ ୯ ଓ ସୋମବାର ୧୩ ଜଣଙ୍କୁ ମିଶାଇ ମୋଟ ୨୨ଜଣ ସୁସ୍ଥ ହୋଇ କଟକ କୋଭିଡ୍ ହସ୍ପିଟାଲରୁ ଫେରିଛନ୍ତି ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି ଯେ, ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ୧୨ ଜଣ ସଙ୍ଗରୋଧ କେନ୍ଦ୍ରରେ ଥିବାବେଳେ ୩ ଜଣ ସଙ୍ଗରୋଧ ନିୟମ ମାନି ଘରେ ରହିଥିଲେ। ଏଥିପାଇଁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା ନାହିଁ। ସୋମବାର ଚିହ୍ନଟ ୧୫ଜଣଙ୍କ ମଧ୍ୟରୁ ୭ଜଣ ପଶ୍ଚିମବଙ୍ଗରୁ ଆସିଥିବା ବେଳେ ୪ ଜଣ ତେଲଙ୍ଗାନା, ୨ଜଣ କର୍ନାଟକ, ଜଣେ ଲେଖାଏ ତାମିଲନାଡୁ ଓ ଗୁଜରାଟରୁ ଆସିଥିଲେ। ଆକ୍ରାନ୍ତମାନେ କେନ୍ଦ୍ରାପଡା ପୌରାଞ୍ଚଳର ୩ ଜଣ ହୋଇଥିବା ବେଳେ ଜଣେ ବ୍ଲକ ଅଞ୍ଚଳର। ସେହିପରି ରାଜକନିକା ବ୍ଲକର ୪, ରାଜନଗରର ୨, ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ଓ ଡେରାବିଶ ବ୍ଲକ ସଙ୍ଗରୋଧ କେନ୍ଦ୍ରରୁ ୪ଜଣ ଚିହ୍ନଟ ହୋଇଛନ୍ତି । ସମସ୍ତ ଆକ୍ରାନ୍ତଙ୍କୁ କେନ୍ଦ୍ରାପଡ଼ା ଜିଲା ଛତାସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜିଲାପାଳ ବର୍ମା ସୂଚନା ଦେଇଛନ୍ତି।

## ନୂତନ କୋଠାରେ ହେବ କରୋନା ଚିକିତ୍ସା

**ରସୁଲପୁର, ୨୫।୫ (ଡି.ଏନ୍.ଏ.):** ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠାରେ କରୋନା ଚିକିତ୍ସା କରାଯିବ। ଏ ନେଇ ରବିବାର ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। କୋଠାର ମରାମତି କାର୍ଯ୍ୟ ଚାଲିଥିବା ବେଳେ ତୁରନ୍ତ କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱ ଦିଆଯାଇଛି। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଓ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ପ୍ରମୁଖ ନୂତନ କୋଠା ପରିଦର୍ଶନ କରିଥିଲେ। ଏହାପରେ ଅନୁଷ୍ଠିତ ବୈଠକରେ ନୂତନ କୋଠା କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଆଲୋଚନା ହୋଇଥିଲା।

# ବୁଣାକାରଙ୍କ ଉପରେ କରୋନା ପ୍ରହାର

**ଦୁର୍ଦ୍ଦିନରେ ବୁଣାକାର**
- କଞ୍ଚାମାଲ ଅଭାବ, ତନ୍ତ ଚାଲୁନି
- ବିକ୍ରି ହୋଇପାରୁନି ଉତ୍ପାଦିତ ସାମଗ୍ରୀ
- ବୁଣାକାରଙ୍କୁ ମିଳୁନି ସରକାରୀ ସହାୟତା

**ରସୁଲପୁର, ୨୫।୫ (ଡି.ଏନ୍.ଏ.)**

ଗ୍ରାମାଞ୍ଚଳରେ ଖଟି ଖାଉଥିବା ବୁଣାକାରଙ୍କ ଉପରେ ପଡ଼ିଛି କରୋନା ପ୍ରହାର। ଆବଶ୍ୟକ କଞ୍ଚାମାଲ ପହଞ୍ଚୁ ନ ଥିବାରୁ ତନ୍ତ ଚାଲି ପାରୁ ନ ଥିବା ବେଳେ ଉତ୍ପାଦିତ ସାମଗ୍ରୀ ବିକ୍ରି ହୋଇ ପାରୁନି। ରୋଜଗାର ହରାଇ ହାତବାନ୍ଧି ବସିଛନ୍ତି ହଜାର ହଜାର ବୁଣାକାର ପରିବାର। ନ୍ୟାଯ୍ୟ ଦାବି ମୁତାବକ ସରକାରୀ ସହାୟତା ଓ ଉତ୍ପାଦିତ ଦ୍ରବ୍ୟ ଉଚିତ୍ ମୂଲ୍ୟରେ ବିକ୍ରି କରିବାର ବ୍ୟବସ୍ଥା କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଚେତାଇ ଦେଇଛନ୍ତି ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗାଁର ହଜାରରୁ ଊର୍ଦ୍ଧ୍ୱ ବୁଣାକାର ପରିବାର।

ମହାମାରୀ କରୋନା ଯୋଗୁ ଦେଶବ୍ୟାପୀ ଲକ୍ଡାଉନ୍ ଯୋଗୁ ଗୋପାଳପୁର ଗ୍ରାମର ୧ହଜାରରୁ ଊର୍ଦ୍ଧ୍ୱ ବୁଣାକାର ରୋଜଗାର ହରାଇଛନ୍ତି। ଏବେ ସେମାନେ ସହାୟତାକୁ ଅନାଇଥିବା ବେଳେ ସରକାର ସେମାନଙ୍କ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଗତବର୍ଷ ଫନୀରେ ବୁଣାକାର ପରିବାର ବହୁ କ୍ଷତି ସହିଥିବା ବେଳେ ଚଳିତ ବର୍ଷ କରୋନା ସେମାନଙ୍କ ଅଣ୍ଟା ଭାଙ୍ଗି ଦେଇଛି। ରୋଜଗାରର ଏକମାତ୍ର ପନ୍ଥା ଭାବେ କୌଳିକ ବୃତ୍ତି ବା ତନ୍ତକୁ ଆଶ୍ରା କରିଥିବା ବୁଣାକାର ପରିବାର ବହୁ ଅସୁବିଧା ଭୋଗୁଛନ୍ତି। ଏ ନେଇ ମାସେ ତଳେ ଗୋପାଳପୁର ଗ୍ରାମର ଜୟ ଜଗନ୍ନାଥ ବୁଣାକାର ମହାପ୍ରସାଦ ସେବା ସମିତି ଲିଃ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଯୋଗପତ୍ର ପଠାଯାଇଥିଲେ ବି କିଛି ସୁଫଳ ମିଳିନି। ତୁରନ୍ତ କଞ୍ଚାମାଲ ଯୋଗାଣ, ଉତ୍ପାଦିତ ସାମଗ୍ରୀ ଉଚିତ୍ ଦାମରେ ବିକ୍ରି କରିବା ସହ ବୁଣାକାର ପରିବାରକୁ କ୍ଷତିପୂରଣ ପ୍ରଦାନ କରା ନ ଗଲେ କୌଳିକ ବୃତ୍ତି ଛାଡ଼ିବାକୁ ସେମାନେ ବାଧ ହେବେ ବୋଲି ବୁଣାକାରମାନେ କହିଛନ୍ତି। ଅନ୍ୟ ଆର୍ଟିସିଆନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଥିବା ବେଳେ ଫନୀ ସହାୟତା ବୁଣାକାରଙ୍କୁ ପ୍ରଦାନ କରିବା ସହ କମ୍ ସୁଧରେ ଋଣ, ବୁଣାକାର କ୍ଲଷ୍ଟର ଜରିଆରେ ଆର୍ଥିକ ସହାୟତା ଆଦି ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି।



ପ୍ରବାସୀମାନେ କ୍ୱାରାଣ୍ଟାଇନ ସେଣ୍ଟରରେ କାମ କଲେ ସରକାର ସେମାନଙ୍କୁ ମଜୁରି ଦେବାର ବ୍ୟବସ୍ଥା କରିଛନ୍ତି। ନିର୍ମାଣ ଶ୍ରମିକମାନଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଛି। ହେଲେ ବୁଣାକାରମାନଙ୍କ ସମସ୍ୟାକୁ ଭୁଲିଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାଛଡ଼ା ସଙ୍ଗରୋଧ ଗୃହରେ ତନ୍ତବୁଣା ବେଡସିଟ୍ ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରିବାକୁ ସ୍ଥିର କରାଯାଇଥିଲେ ବୁଣାକାରମାନେ ରୋଜଗାର ପାଇପାରିଥାନ୍ତେ।

**- ଶ୍ରୀବିଷ୍ଣୁ ତନ୍ତବାୟ ସମିତି ସଭାପତି, ରମେଶ ଦାସ**



ବୁଣାକାର ପରିବାର ବହୁ ଦୁଃଖକଷ୍ଟରେ କାଳ କାଟୁଛନ୍ତି। ସେମାନଙ୍କ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରାଗଲା ପରେ ବି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ଦୁଃଖଦାୟକ। ତେବେ ସରକାର ବୁଣାକାରମାନଙ୍କ ସମସ୍ୟା ପ୍ରତି ନିଶ୍ଚୟ ଧାନ ଦେବେ ବୋଲି ଆଶା ରହିଛି।

**- ଓଡ଼ିଶା ବୁଣାକାର ମହାସଂଘ କାର୍ଯ୍ୟକାରୀ ସଭାପତି, ଶ୍ରୀଧର ବେହେରା**

ଗୋପାଳପୁର ହେଉଛି କଳାକୃତିର ଗାଁ। ଏଠି ସବୁ ବର୍ଗର କାରିଗର ଅଛନ୍ତି। ଗାଁର ଆର୍ଟିସିଆନମାନଙ୍କୁ ଫନୀ ସହାୟତା ବାବଦକୁ ୮,୨୦୦ଟଙ୍କା ମିଳିଲା।



ମାତ୍ର ବୁଣାକାରଙ୍କୁ ସେତକ ମିଳିଲାନି। କରୋନା ପାଇଁ ବୁଣାକାରମାନଙ୍କ ତନ୍ତ ଆଉ ହାତ ଚାଲୁନି। ପରିବାରର ଭାତହାଣ୍ଡି ପ୍ରଭାବିତ ହୋଇଛି। ସରକାର ଆମ ସମସ୍ୟାକୁ ଅଣଦେଖା କରିଛନ୍ତି।

**- ବୁଣାକାର, ପୀତାମ୍ବର ସୁର**



କରୋନା ଦ୍ୱାରା ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ବଜାରର ଅସୁବିଧା ହୋଇଛି। ବୟନିକା ଦ୍ୱାରା ବୁଣା ଯାଇଥିବା ବସ୍ତ୍ରକୁ କ୍ରୟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏବେ ସ୍ଥିତି କ୍ରମଶଃ ସ୍ୱାଭାବିକ ହେବାରେ ଲାଗିଛି। ବୁଣାକାରମାନଙ୍କ ସମସ୍ୟା ଖୁବ୍ ଶୀଘ୍ର ସମାଧାନ ହୋଇଯିବ। ଏହାଛଡା ଅକ୍ଷୟ କୋଷରୁ ବୁଣାକାରମାନଙ୍କୁ ସେମାନଙ୍କ ପ୍ରାପ୍ୟ(ପ୍ରସ୍ତୁତି ଖର୍ଚ୍ଚ) ପ୍ରଦାନ କରାଯାଇଛି। ଏପ୍ରିଲରେ ବୁଣାକାର ସମିତିଗୁଡ଼ିକୁ କଞ୍ଚାମାଲ ଯୋଗାଇ ଦିଆଯାଇଥିଲା। ତେବେ ରିପୋର୍ଟ ପ୍ରଦାନରେ ତ୍ରୁଟି ଯୋଗୁ ଫନୀ ସହାୟତା ବୁଣାକାରମାନଙ୍କୁ ମିଳିପାରିନାହିଁ। ମାତ୍ର ଏ ନେଇ ପୁନର୍ବାର ରିପୋର୍ଟ ପ୍ରଦାନ କରାଯିବ। ଅନ୍ତତଃପକ୍ଷେ ବୁଣାକାର ପରିବାରରୁ ଜଣଙ୍କୁ ଏହି ସହାୟତା ପ୍ରଦାନ କରିଯିବାକୁ ପ୍ରୟାସ ଜାରି ରହିଛି।

**- ଉପ ନିର୍ଦ୍ଦେଶକ-କଟକ ବୟନ ମଣ୍ଡଳ, ଦେବଜିତ୍ ନନ୍ଦି**

## ୩ ସଙ୍ଗରୋଧ କେନ୍ଦ୍ର ଅନ୍ତେବାସୀଙ୍କ ମଧ୍ୟାହ୍ନଭୋଜନ ବର୍ଜନ



କୁରାଳ ସଙ୍ଗରୋଧ କେନ୍ଦ୍ରର ଅନ୍ତେବାସୀ।

**ଓଡ଼ଗାଁ,୨୫।୫(ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକ କୁରାଳ ପଞ୍ଚାୟତ ଅନ୍ତର୍ଗତ ୩ ସଙ୍ଗରୋଧ କେନ୍ଦ୍ରର ସମସ୍ତ ଅନ୍ତେବାସୀ ସୋମବାର ମଧ୍ୟାହ୍ନଭୋଜନ ବର୍ଜନ କରିଛନ୍ତି। ଏ ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। କେନ୍ଦ୍ରରେ ସେମାନେ ୧୩ରୁ ୧୮ଦିନ ପର୍ଯ୍ୟନ୍ତ ରହିଥିବାବେଳେ ସେମାନଙ୍କୁ ଖାଦ୍ୟ ପାନୀୟ, ସାବୁନ, ସାନିଟାଇଜର ଓ ଫିନାଇଲ ଠିକ୍ ଭାବେ ପ୍ରଦାନ କରାଯାଉ ନ ଥିବା ସୂଚନା ଦେଇଛନ୍ତି। କୁରାଳ ହାଇସ୍କୁଲ, କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଓ ନାଥିଆପଲ୍ଲୀ ସଙ୍ଗରୋଧ କେନ୍ଦ୍ରରେ ସମୁଦାୟ ୮୮ ଅନ୍ତେବାସୀ ମଧ୍ୟରୁ ୧୬ ଜଣଙ୍କୁ ବିଭିନ୍ନ କାରଣରୁ ବିଦାୟ କରାଯାଇଥିବା ବେଳେ ଅବଶିଷ୍ଟ ୭୨ ଜଣ ରହିଥିବା ସରପଞ୍ଚଙ୍କ ପ୍ରତିନିଧି ପ୍ରଭାତ ପ୍ରଧାନ ପ୍ରକାଶ କରିଛନ୍ତି। ସେମାନେ ସରକାରଙ୍କ ନୂତନ ନିୟମ ଅନୁସାରେ ୧୪ ଦିନରେ ସଙ୍ଗରୋଧ କେନ୍ଦ୍ର ଛାଡିବା ନିମନ୍ତେ ଜିଦ୍ ଧରିବା ସହିତ ଖାଦ୍ୟ ପାନୀୟ ଆଦିର ଅବ୍ୟବସ୍ଥା ନେଇ ବାହାନା କରୁଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସେ ବିଡିଓ, ତହସିଲଦାର ଓ ଉପଜିଲାପାଳଙ୍କ ସହିତ ଯୋଗାଯୋଗ କରିଥିଲେ ସୁଦ୍ଧା ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅନ୍ତେବାସୀଙ୍କ ନିକଟରେ କୌଣସି ଅଧିକାରୀ ପହଞ୍ଚି ନ ଥିବା ସେ କହିଛନ୍ତି। ଉପଜିଲାପାଳ ଲଗ୍ନଜିତ ରାଉତଙ୍କ ମତାମତ ନେବାରୁ ଅନ୍ତେବାସୀଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରାଯାଉଥିବା ବେଳେ ମଙ୍ଗଳବାର ଜିଲାପାଳଙ୍କ ବୈଠକ ପରେ ଅବଧି ସରିଯାଉଥିବା ଅନ୍ତେବାସୀଙ୍କୁ ଛାଡିଦିଆଯିବ ବୋଲି ସୂଚନା ଦେଇଛନ୍ତି।

## କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଇଦ୍ ପାଳିଲେ ପ୍ରବାସୀ



କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ମୁସଲିମ ପ୍ରବାସୀ ଇଦ୍ ପାଳନ କରୁଛନ୍ତି।

**ଆଳି,୨୫।୫(ଡି.ଏନ.ଏ.):** ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତର ସରପଞ୍ଚ ପ୍ରତାପ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଳି ମହାବିଦ୍ୟାଳୟ କ୍ୱାରାଣ୍ଟାଇନ୍ରେ ରହୁଥିବା ଶତାଧିକ ମୁସଲିମ ପ୍ରବାସୀ ସୋମବାର ସାମାଜିକ ଦୂରତା ରକ୍ଷାକରି ଇଦ୍ ପାଳନ କରିଛନ୍ତି। ସେମାନେ ସରପଞ୍ଚଙ୍କଠାରୁ ଅନୁମତି ନେଇ ନମାଜ ପାଠ କରିବା ସ୍ଥାନକୁ ସଫା କରିବା ପରେ ସେଠାରେ ଏକ ମିଟର ଦୂରତା ରକ୍ଷାକରି ଧଳା ଗୋଲେଇ ଟାଣିଥିଲେ । ପରେ ସେହି ଗୋଲେଇ ମଧ୍ୟରେ ରହି ନମାଜ ପାଠ କରିଥିଲେ। ମୌଲବି ହାଫିଜ ରେହବର ଖାଁ ପ୍ରବାସୀମାନଙ୍କୁ ନମାଜ ପାଠ କରାଇଥିଲେ। ସେହିପରି ଏରଡଙ୍ଗ ପଞ୍ଚାୟତର ସରପଞ୍ଚ ପୁରୁଷୋତ୍ତମ ପଲାଇଙ୍କ ସହାୟତାରେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହୁଥିବା ପ୍ରବାସୀ ନମାଜ ପାଠ କରି ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ।

## ୧୦ନଂ. ୱାର୍ଡ କଣ୍ଟେନ୍ମେଣ୍ଟ ଜୋନ୍ ଘୋଷଣା

**କେନ୍ଦ୍ରାପଡ଼ା ଅଫିସ, ୨୫।୫**



୧୦ନଂ. ୱାର୍ଡରେ ପୋଲିସ ଓ ପ୍ରଶାସନିକ ଅଧିକାରୀ।

କେନ୍ଦ୍ରାପଡ଼ା ପୌରାଞ୍ଚଳର ୧୦ନଂ. ୱାର୍ଡକୁ ଜିଲାପାଳ ସମର୍ଥ ବର୍ମା ୪୮ ଘଣ୍ଟା ପାଇଁ କଣ୍ଟେନ୍ମେଣ୍ଟ ଜୋନ୍ ଭାବେ ସୋମବାର ଘୋଷଣା କରିଛନ୍ତି। ଏହି ଅଞ୍ଚଳରେ ଯାତାୟାତକୁ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି। ପୋଲିସ ପ୍ରଶାସନ ଏହି ଜୋନ୍ର ସୁରକ୍ଷା ଦାୟିତ୍ୱ ନେଇଥିବାବେଳେ ସମସ୍ତ ପଥକୁ ସିଲ୍ କରାଯାଇଛି। ଏହି ଅଞ୍ଚଳରେ ସଙ୍ଗରୋଧ ନିୟମ ମାନି ଜଣେ ମାନସିକ ବାଧିତ ଯୁବକ ଗତ ୨୧ ତାରିଖରୁ ରହିଆସୁଛନ୍ତି। ସେ ଗତ ୧୬ ତାରିଖରେ ହାଇଦ୍ରାବାଦରୁ ଆସି ପଟ୍ଟାମୁଣ୍ଡାଇ ଚନ୍ଦନଗରସ୍ଥ ପିଏଲ୍ ବିଦ୍ୟାପୀଠ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ତେବେ ତାଙ୍କଠାରୁ କରୋନା ଭୂତାଣୁ ନମୁନା ପାଇଁ ସ୍ୱାବ୍ ସଂଗ୍ରହ ପରେ ୨୧ ତାରିଖରେ ଡିସ୍ଚାର୍ଜ କରାଯାଇଥିଲା। ତାଙ୍କୁ ସଙ୍ଗରୋଧ ନିୟମ ମାନି ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଘରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ଏହି ଆକ୍ରାନ୍ତ ଯୁବକ ଘରେ ନ ରହି ସ୍ଥାନୀୟ ସହରରେ ମିଳାମିଶା କରିଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଜିଲାପାଳ ବର୍ମା କହିଛନ୍ତି, ଚିହ୍ନଟ କଣ୍ଟେନ୍ମେଣ୍ଟ ଜୋନ୍ ଅଞ୍ଚଳ ସହିତ ଆଖପାଖ ଅଞ୍ଚଳକୁ ବିଶୋଧିତ କରାଯାଉଛି। ଏହାକୁ ନେଇ ସହରବାସୀ ଆତଙ୍କିତ ନ ହେବା ପାଇଁ ସେ ପରାମର୍ଶ ଦେଇଛନ୍ତି।

## ଗାଁର ୨ ଘରୁ ଚୋରି

**ବାଲିଗୁଡା, ୨୫।୫(ସ୍ୱ.ପ୍ର):** ବାଲିଗୁଡା ଥାନା ଅନ୍ତର୍ଗତ ଇଚ୍ଛାପୁର ପଞ୍ଚାୟତସ୍ଥିତ ପରାହାଟ ଗାଁର ୨ ଘରୁ ରବିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ରଞ୍ଜନ ଭୋଇ ଓ କାର୍ତ୍ତିକ ଭୋଇଙ୍କ ଘର କବାଟ ତାଡ଼ି ନଗଦ ଟଙ୍କା ସମେତ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଗରମ ଯୋଗୁ ରଞ୍ଜନ ପରିବାର ସଦସ୍ୟଙ୍କ ସହ ନିଜର କୋଠାଘର ନିକଟରେ ଥିବା ଚାଳଘର ବାରଣ୍ଡାରେ ଶୋଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ କୋଠାଘର କବାଟ ତାଡି ଘରେ ପଶି ୨ଟି ଆଟାଚି ଚୋରି କରି ନେଇଛନ୍ତି। ପରେ ଚୋରମାନେ କାର୍ତ୍ତିକଙ୍କ ଘର କବାଟ ତାଡି ୪ଟି ବାକ୍ସକୁ ଉଠାଇ ନେଇଛନ୍ତି। ଅଭିଯୋଗ ପରେ ଥାନାରେ ମାମଲା (ନଂ ୧୧୮/୨୦) ରୁଜୁ କରାଯାଇଛି।

## ଯାଜପୁର: ଆରୋଗ୍ୟଙ୍କ ସଂଖ୍ୟା ୧୦୩

**ଯାଜପୁର ଅଫିସ,୨୫।୫**

ଯାଜପୁର ଜିଲାରେ ବଢ଼ି ଚାଲିଥିବା ସଂକ୍ରମିତଙ୍କ ସଂଖ୍ୟାରେ ବ୍ରେକ୍ ଲାଗିଛି। ଗତ ୨ ଦିନ ହେଲା ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଦୁବୁରିସ୍ଥିତ କୋଭିଡ୍ ହସ୍ପିଟାଲରୁ କରୋନା ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିବା ସଂଖ୍ୟା ମଧ୍ୟ ବୃଦ୍ଧିପାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସୋମବାର ରସୁଲପୁର ବ୍ଲକ ମଧୁବନ ଗ୍ରାମର ସୁରଟ ଫେରନ୍ତା ଜଣେ ୩୦ ବର୍ଷୀୟ ଯୁବକ କରୋନା ସଂକ୍ରମିତ ହୋଇଥିବାବେଳେ ମୋଟ ସଂଖ୍ୟା ୧୪୦ରେ ପହଞ୍ଚିଛି। ଅନ୍ୟପକ୍ଷେ ୧୩ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଥିବାବେଳେ ଆରୋଗ୍ୟଙ୍କ ସଂଖ୍ୟା ୧୦୩ରେ ପହଞ୍ଚିଛି। ସୁସ୍ଥ ହୋଇଥିବା ବ୍ୟକ୍ତିମାନେ ହେଲେ ବିଞ୍ଝାରପୁର ବ୍ଲକ ଇଚ୍ଛାପୁରର ୪୮ ବର୍ଷୀୟ ପୁରୁଷ, ବରପଦାର ୫୬ ବର୍ଷୀୟ ପୁରୁଷ, ଛନ୍ଦାମୁଣ୍ଡର ୩୦ ବର୍ଷୀୟ ପୁରୁଷ, ନାଉପାଳର ୪୪ ବର୍ଷୀୟ ପୁରୁଷ, ଚିକଣା ଗ୍ରାମର ୬୦ ବର୍ଷୀୟ ପୁରୁଷ, ଶିଶିରଣାର ୪୯ ବର୍ଷୀୟ ପୁରୁଷ ଓ ବାଙ୍ଗରା ଗ୍ରାମର ୨୨ ବର୍ଷୀୟ ପୁରୁଷ, ରସୁଲପୁର ବ୍ଲକ କରଞ୍ଜିଆରିର ୨୯ ବର୍ଷୀୟ ପୁରୁଷ, ଖଣ୍ଡିତରର ୨୯ ବର୍ଷୀୟ ପୁରୁଷ, ଦେଉଳିର ୬୮ ଓ ୪୭ ବର୍ଷୀୟ ପୁରୁଷ, ଲଙ୍କାବାଲିସାହିର ୫୦ ବର୍ଷୀୟା ମହିଳା ଏବଂ ବରୀ ବ୍ଲକ ଭବାନୀପୁରର ୪୦ ବର୍ଷୀୟ ପୁରୁଷ ବୋଲି ସୂଚନା ମିଳିଛି। ସରକାରଙ୍କ ଗାଇଡ୍ଲାଇନ୍ ଅନୁସାରେ ହସ୍ପିଟାଲରୁ ସୁସ୍ଥ ଓ ଅସ୍ଥାୟୀ ଚିକିତ୍ସାକେନ୍ଦ୍ର(ଟିଏମ୍ସି)ର ନେଗେଟିଭ ରିପୋର୍ଟ ଥିବା ବ୍ୟକ୍ତିମାନେ ଘରକୁ ଗଲେ ମଧ୍ୟ ନିଜ ଘରେ କ୍ୱାରାଣ୍ଟାଇନ୍ରେ ରହିବେ ବୋଲି ପ୍ରଶାସନ ପକ୍ଷରୁ କଡ଼ା ତାଗିଦ କରାଯାଇଛି।

## ବାଲି ଚାଲାଣ: ୩ ଟ୍ରାକ୍ଟର ଜବତ

**ରସୁଲପୁର, ୨୫।୫ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅଧୀନ ଯାବରା ପଞ୍ଚାୟତ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ମାନପୁର ଘାଟରୁ ବେଆଇନ ବାଲି ଚାଲାଣ ବେଳେ ୩ଟି ଟ୍ରାକ୍ଟର ଜବତ ହୋଇଛି। ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ନିର୍ଦ୍ଦେଶକ୍ରମେ କୁଆଖିଆ ଥାନା ପୋଲିସ ମାନପୁର ଘାଟରେ ଚଢ଼ାଉ କରିଥିଲେ। ଏହାପରେ ସେମାନଙ୍କଠାରୁ ୧୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ନୋଟିସ ପରେ ବି ଚାଲିଛି ଚିଙ୍ଗୁଡ଼ିଘେରି

**ଏରସମା,୨୫।୫(ସ୍ୱ.ପ୍ର.)** ଏରସମା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଗଢ଼ି ଉଠିଥିବା ଚିଙ୍ଗୁଡ଼ିଘେରିଗୁଡ଼ିକୁ ଗତ ୧୭ ତାରିଖ ମଧ୍ୟରେ ବନ୍ଦ କରିବା ପାଇଁ ତହସିଲଦାର ଚିତ୍ତରଞ୍ଜନ ମହାନ୍ତି ଏକ ନୋଟିସ ଜାରି କରିଥିଲେ। ମାତ୍ର ଧାର୍ଯ୍ୟ ତାରିଖଠାରୁ ୮ ଦିନ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଏନେଇ ପୂର୍ବତନ ମନ୍ତ୍ରୀ ଡା. ଦାମୋଦର ରାଉତ, ଏରସମାର ପୂର୍ବତନ ସରପଞ୍ଚ ନିବାରଣ ନାୟକ, ଜଟାଧାରୀ ସ୍ୱାଇଁ, କ୍ଷେତ୍ରମୋହନ ପାଇଟାଳ ଓ ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖ ତହସିଲଦାର ମହାନ୍ତିଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ, ବ୍ଲକର କେତେଜଣ ବ୍ୟକ୍ତି ଗୋଚର, ଅନାବାଦୀ ଓ ଝାଟି ଜଙ୍ଗଲ ଜମିରେ ଚିଙ୍ଗୁଡ଼ି ଘେରି କରିଛନ୍ତି। ଯାହାଫଳରେ ନିକଟସ୍ଥ ନଦୀ ଓ ନାଳ ଦେଇ ଲୁଣା ପାଣି ଆସୁଛି । ସରକାର ପ୍ରତି ପଞ୍ଚାୟତରେ ଉଠା ଜଳ ସେଚନ ପ୍ରକଳ୍ପ ପ୍ରତିଷ୍ଠା କରିଥିଲେ ମଧ୍ୟ ନଦୀ ନାଳରେ ଲୁଣି ପାଣି ଆସୁଥିବାରୁ ପ୍ରକଳ୍ପ ଅଚଳ ହୋଇ ଯାଇଛି। ମିଠା ପାଣିର ଅଭାବ ଯୋଗୁ ଧାନ ଚାଷ ହୋଇ ପାରୁନାହିଁ । ଏଥିସହ ମିଠା ଜଳରେ ବଢୁଥିବା ରୋହି ଓ ଭାକୁର ମାଛ ଚାଷ ବାଧାପ୍ରାପ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଘେରି ଉଚ୍ଛେଦ ନିମନ୍ତେ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

## ପୁଅର ଚିକିତ୍ସା ସହାୟତା ପାଇଁ ମା'ବାପାଙ୍କ ନିବେଦନ

**ରତ୍ନଗିରି, ୨୫।୫ (ଡି.ଏନ୍.ଏ)**



ଶୁଭରଞ୍ଜନ

ଜନ୍ମର ବର୍ଷେ ପରେ ରକ୍ତହୀନତା (ଥାଲାସେମିଆ) ରୋଗରେ ଆକ୍ରାନ୍ତ ହୋଇଛନ୍ତି ବରୀ ବ୍ଲକ ସାହୁପଡ଼ା ପଞ୍ଚାୟତ ହଳଦୀବସନ୍ତ ଗ୍ରାମର ନଣ୍ଡା ସାମଲଙ୍କ ପୁଅ ଶୁଭରଞ୍ଜନ। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନଠାରୁ ଆରମ୍ଭ କରି କେତେଜଣ ସହୃଦୟ ବ୍ୟକ୍ତିଙ୍କ ସହଯୋଗ ପାଇଁ ୧୦ ବର୍ଷ ହେଲା ମା'ବାପା ଶୁଭରଞ୍ଜନଙ୍କ ଚିକିତ୍ସା କରାଇ ପାରିଛନ୍ତି। ହେଲେ ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗୁଡୁଥିବା ବେଳେ ଚିକିତ୍ସା ନିମନ୍ତେ ଅଧିକ ଅର୍ଥର ଆବଶ୍ୟକତା ରହିଥିବା ଡାକ୍ତର କହିବା ପରେ ଦୁଃଖରେ ଭାଙ୍ଗି ପଡ଼ିଛି ପୂରା ପରିବାର। ନଣ୍ଡା ଚା' ଦୋକାନ କରି ପରିବାର ଚଳାଉଥିବା ବେଳେ ଶୁଭରଞ୍ଜନଙ୍କ ଚିକିତ୍ସା ପାଇଁ ଏତେ ଅର୍ଥ ଯୋଗାଡ଼ କରିବା ପାଇଁ ସେ ଅସମର୍ଥ। ଏଭଳି ସ୍ଥିତିରେ କୌଣସି ରାଜନୈତିକ ବ୍ୟକ୍ତିବିଶେଷ ବା ସରକାରୀ ସହାୟତା ମିଳିପାରିଲେ ପୁଅ ସୁସ୍ଥ ହୋଇପାରନ୍ତା ବୋଲି ଶୁଭରଞ୍ଜନଙ୍କ ମା' କୋହଭରା କଣ୍ଠରେ କହିଛନ୍ତି। ଜୀବନ ପାଇଁ ଯୁଦ୍ଧ କରୁଥିବା ଶୁଭରଞ୍ଜନ କହିଛନ୍ତି, ମୋର ଜୀବନ ବଞ୍ଚିଗଲେ, ମୁଁ ଭାରତ ମା'ର ସେବା କରିବି। ପୁଅର ଏହି କଥା ଶୁଣି ମା'ବାପାଙ୍କ ଆଖିରୁ ଲୁହ ଝରି ପଡୁଥିବା ବେଳେ ତାଙ୍କ ଚିକିତ୍ସା ପାଇଁ ସହାୟତା ଯୋଗାଇ ଦେବାକୁ ମା' ଓ ବାପା ନିବେଦନ କରିଛନ୍ତି।

# ଉନ୍ନୟନ କାର୍ଯ୍ୟରେ ଅନୁଦାନ ହଡ଼ପ

**ନୟାଗଡ଼ ଅଫିସ/ ରଣପୁର,୨୫।୫(ସ୍ୱ.ପ୍ର.)**



**କେରେଣ୍ଡାଟାଙ୍ଗୀ ପଞ୍ଚାୟତ**
- ମନ୍ଦିର କୂଅ, ବିଦ୍ୟୁତ୍ କରଣ ନାଁରେ ଫଲ୍ସ ବିଲ୍
- ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ

ନୟାଗଡ଼ ଜିଲା ରଣପୁର ବ୍ଲକ କେରେଣ୍ଡାଟାଙ୍ଗୀ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟରେ ଅନୁଦାନ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏପରି କି ମନ୍ଦିର କୂଅ, ବିଦ୍ୟୁତ୍କରଣ ଓ ପାଇପ୍ଲାଇନ୍ କାର୍ଯ୍ୟରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଫଲ୍ସ ବିଲ୍ ହୋଇଛି। ପଞ୍ଚାୟତର ଅନ୍ୟାନ୍ୟ ଉନ୍ନୟନ କାର୍ଯ୍ୟରେ ମଧ୍ୟ ଦୁର୍ନୀତି କରାଯାଇଛି। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀ, କର୍ମଚାରୀ ଓ ରାଜନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ପଞ୍ଚାୟତିରାଜ ସଚିବ, ନୟାଗଡ଼ ଜିଲାପାଳ, ପିଡି ଡିଆରଡିଏ, ଭିଜିଲାନ୍ସ ଏସ୍ପି ଭୁବନେଶ୍ୱର, ନୟାଗଡ଼ ଭିଜିଲାନ୍ସ ଡିଏସ୍ପି, ରଣପୁର ବିଡିଓଙ୍କୁ ଫେରାଦ ହୋଇଛନ୍ତି।

ଅଭିଯୋଗ ଅନୁସାରେ ବୃନ୍ଦାବନ ବିହାରୀପୁରରେ ଏକ ଶିବ ମନ୍ଦିର ରହିଛି। ଏଠାରେ ଏକ କୂଅ ବେଣୁଧର ତାଡ ନିଜ ଖର୍ଚ୍ଚରେ ଖୋଳାଇଛନ୍ତି। ତେବେ କୂଅ ନାଁରେ ଅର୍ଥ ମଞ୍ଜୁର କରାଯାଇ ଫଲ୍ସ ବିଲ୍ ମାଧ୍ୟମରେ ଅନୁଦାନ ହଡପ କରାଯାଇଛି। ସେହିପରି ଗ୍ରାମିଣ ବିଦ୍ୟୁତ୍କରଣ କାର୍ଯ୍ୟରେ ସିଏଫ୍ସି ଓ ଏସ୍ଏଫସି ଅନୁଦାନ ଖର୍ଚ୍ଚ ନ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି। ତେବେ ଏହାକୁ ଅଣଦେଖା କରି ଉପେନ୍ଦ୍ରପୁର ଓ ବୃନ୍ଦାବନ ବିହାରୀପୁର ଗାଁରେ ବିଦ୍ୟୁତ୍କରଣ କରାଯାଇଥିବା ଦର୍ଶାଇ ୨ ଲକ୍ଷ ୯୦ ହଜାର ଟଙ୍କା ଫଲ୍ସ ବିଲ୍ କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ନିମ୍ନମାନର ଉପକରଣ ଲଗାଇ ସିଏଫ୍ସି ଓ ଏସ୍ଏଫସି ଅନୁଦାନ ହଡ଼ପ ହୋଇଛି। ବଲ୍ବ ଜଳିବାର କେଇଦିନ ପରେ ସମ୍ପୃକ୍ତ ଅଞ୍ଚଳ ଅନ୍ଧାରରେ ରହିଛି। ପୁଣି ପଞ୍ଚାୟତ ଉପର ମହଲା ମୁକ୍ତାପୁର ପାଇପଲାଇନ୍ରେ ୨୦୧୮-୧୯ ଆର୍ଥିକ ବର୍ଷରେ ମିଥ୍ୟା ବିଲ୍ କରାଯାଇଛି। ତାଲାବନ୍ଦ ଆଳରେ କାର୍ଯ୍ୟାରମ୍ଭ ସଭା କରାଯାଇ ନ ଥିବାବେଳେ କାର୍ଯ୍ୟାଦେଶ ନ ଦେଇ ସି ୧, ସି ୨ ଫର୍ମ ଇସ୍ୟୁ ନ କରି ବାଳକୃଷ୍ଣ ବିଦ୍ୟାପୀଠ ଖେଳପଡିଆ ଉନ୍ନତୀକରଣ ପାଇଁ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ପଡିଆରେ ଜେସିବି, ଟ୍ରାକ୍ଟର ଓ ପୋକ୍ଲିନ ମେଶିନ ଲଗାଇ କିଛିଦିନ ଏମ୍ଜିଏନ୍ଆରଇଜିଏସ୍ କାମ କରାଯାଇଥିଲା। ଏ ନେଇ ଗ୍ରାମବାସୀ କବିରାଜ ପ୍ରଧାନ କୁହନ୍ତି, କେରେଣ୍ଡାଟାଙ୍ଗୀ ପଞ୍ଚାୟତ ଏବେ ଦୁର୍ନୀତିରେ ବୁଡ଼ିରହିଛି। ଏଠାରେ ବିକାଶ ନାଁରେ ସରକାରୀ ଅନୁଦାନ ହଡ଼ପ ଚାଲିଛି। ଆଉ କିଛି ସ୍ଥାନରେ ଲୋକଦେଖାଣିଆ କାର୍ଯ୍ୟ କରି ସରକାରୀ ଅନୁଦାନ ଆତ୍ମସାତ୍ କରାଯାଉଛି। ଏହାର ଭିଜିଲାନ୍ସ ତଦନ୍ତ କରାଯାଉ। ରଣପୁର ବିଡିଓ ପଞ୍ଚାନନ ପଟ୍ଟାୟତ କୁହନ୍ତି, ଜେଇ କୃଷ୍ଣଚନ୍ଦ୍ର ଦାସ କେରେଣ୍ଡାଟାଙ୍ଗୀ ପଞ୍ଚାୟତ ଦାୟିତ୍ୱରେ ଅଛନ୍ତି। ପଞ୍ଚାୟତର କିଛି ଲୋକ ଫଲ୍ସ ବିଲ୍ ଓ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ନେଇ ମୋତେ ମୌଖିକ ଅଭିଯୋଗ କରିଛନ୍ତି। କିନ୍ତୁ ଲିଖିତ ଅଭିଯୋଗ ଦେଇ ନାହାନ୍ତି। ତଥାପି ଅନିୟମିତତା ସମ୍ପର୍କରେ ମୁଁ ଜେଇଙ୍କୁ ଅବଗତ କରାଇ ସତ୍ୟତା ଜଣାଇବାକୁ କହିଛି। ଜେଇ ଦାସ କୁହନ୍ତି, ମୋ ଜାଣିବାରେ କିଛି ଦୁର୍ନୀତି ହୋଇ ନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି।

# ଅଣ୍ଟା ସଳଖି ପାରୁନାହାନ୍ତି ପାନଚାଷୀ

ଭୋଗରାଇ,୨୫।୫(ଡି.ଏନ.ଏ.)



ଚାଷୀମାନେ ପଚି ଯାଇଥିବା ପାନକୁ ଫୋପାଡ଼ିଛନ୍ତି।

- କୋଟି କୋଟି ଟଙ୍କାର କ୍ଷତି
- ସଂରକ୍ଷଣ ପାଇଁ ନାହିଁ ଶୀତଳଭଣ୍ଡାର
- ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା ଦାବି

କରୋନା ପାଇଁ ସାରାଦେଶ ୨ମାସ ଧରି ଲକ୍‌ଡାଉନ ରହିବା ଯୋଗୁ ଏହାର ସିଧାସଳଖ ପ୍ରଭାବ ପାନଚାଷୀ ଓ ବ୍ୟବସାୟୀଙ୍କ ଉପରେ ପଡ଼ିଛି। ବାଲେଶ୍ୱର ଜିଲା ସମେତ ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ହେଉଥିବା ପାନଚାଷ ଏବଂ ପାନ ବ୍ୟବସାୟୀଙ୍କ ଉପରେ କରୋନା ଚଡ଼କ ପଡ଼ିଛି। ଏବେ ବି ଚାଷୀ ଅଣ୍ଟା ସଳଖି ପାରୁନାହିଁ। ପାନ ଚାଷ ଉପରେ ନିର୍ଭର କରି ଚଳୁଥିବା ଚାଷୀମାନେ ରୋଜଗାର ହରାଇ ଏବେ ହତାଶ ହୋଇପଡିଛନ୍ତି।

ବାଲେଶ୍ୱର ଜିଲା ଭୋଗରାଇ ଓ ବାଲିଆପାଳ ଅଞ୍ଚଳରେ ଅନ୍ୟୁନ ୨୫ହଜାରରୁ ଊର୍ଦ୍ଧ୍ୱ ପାନଚାଷୀ ଥିବା ବେଳେ ହଜାର ହଜାର ବ୍ୟବସାୟୀ ଅଛନ୍ତି। ବାଲେଶ୍ୱର ସମେତ ଅନ୍ୟ ଜିଲାରୁ ଉତ୍ପାଦନ ହେଉଥିବା ପାନକୁ ପାଚିଲା କିମ୍ବା କଞ୍ଚାରେ ପାନ ଟୋକେଇ ବା ଝୁଡ଼ିରେ ବାନ୍ଧି ମୁମ୍ବାଇ, ଦିଲ୍ଲୀ, ଗୋଆ, ଆଗ୍ରା, ବନାରସ, ବାଲିଆ, ଅଜମଗଡ଼, ମହୁ, ଟାଟାନଗର, ବେଙ୍ଗାଲୁରୁ ଆଦି ସ୍ଥାନକୁ ଟ୍ରେନ୍ ଓ ଟ୍ରକ୍ ଯୋଗେ ପଠାଯାଇଥାଏ। ଲକ୍‌ଡାଉନ ପରେ ଏସବୁ ସ୍ଥାନକୁ ପାନ ପଠାଇବା ଠପ୍ ହୋଇଯାଇଛି। ଫଳରେ ବ୍ୟବସାୟୀମାନେ କୋଟି କୋଟି ଟଙ୍କାର କ୍ଷତି ସହିବା ସହ ମାନସିକ ସନ୍ତୁଳନ ହରାଇଛନ୍ତି। ବହୁ ପାନଚାଷୀ ଏବେ ମୂଲ୍ୟ ନ ପାଇ ବ୍ୟବସାୟୀଙ୍କ ଘରେ ପହଞ୍ଚି ଗଣ୍ଡଗୋଳ କରୁଥିବା ସୂଚନା ମିଳିଛି।

ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ପାଚିଲା ପାନ ଭାଟି ବ୍ୟବସାୟୀ। ପାନ ବ୍ୟବସାୟୀମାନେ ଚାଷୀଙ୍କଠାରୁ ପାନ ଉଧାର ଆଣି ପାନଭାଟିରେ ପାଚିଲା ପାନ ପ୍ରସ୍ତୁତ କରିଥାନ୍ତି। ଲକ୍‌ଡାଉନ ଯୋଗୁ ପାଚିଲା ପାନ ଉଠାଇ ନ ପାରି ଘରେ ରଖିଥିବାରୁ ସେସବୁ ପଚି ଦୁର୍ଗନ୍ଧ ହେଉଛି। ସମସ୍ତ ପଚିଯାଇଥିବା ପାନକୁ ଗଛମୂଳେ ଫୋପାଡ଼ି ଦେଉଛନ୍ତି। ପାନକୁ ଅଦ୍ୟାବଧି କୃଷିର ମାନ୍ୟତା ମିଳିନାହିଁ। ପାନକୁ ସୁରକ୍ଷିତ ଏବଂ ସାଇତି ରଖିବା ନିମନ୍ତେ ଶୀତଳଭଣ୍ଡାର ନ ଥିବାରୁ ଚାଷୀ ଓ ବ୍ୟବସାୟୀ ବହୁ କ୍ଷତି ସହୁଛନ୍ତି। ପାନ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭର କରୁଥିବା ଲକ୍ଷାଧିକ ବ୍ୟକ୍ତି ଏବେ ବେରୋଜଗାର ହୋଇ ପରିବାର ଉପରେ ବୋଝ ପାଲଟିଛନ୍ତି। ଲକ୍‌ଡାଉନ ପାନ ଚାଷରେ ବ୍ୟବହୃତ ଖଡ଼ି ଓ ଇକଡ଼ ଚାଷୀଙ୍କ ଆର୍ଥିକ ସ୍ଥିତି ଉପରେ ମଧ୍ୟ ପ୍ରଭାବ ପକାଇଛି। ପାନ ଟୋକେଇ, ଝୁଡ଼ି ବୁଣାକାର ସହିତ ବାସନା, ରଶି ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରେତାମାନେ ଏବେ ହାତବାନ୍ଧି ବସିଛନ୍ତି।

ବିଶିଷ୍ଟ ପାନ ବ୍ୟବସାୟୀ ଭୋଗରାଇ ଚୌକିଗ୍ରାମର ରାଖାଲ ଚନ୍ଦ୍ର ମହାନ୍ତି କୁହନ୍ତି, ଏହି ଋତୁରେ ପାନଭାଟି ବ୍ୟବସାୟୀଙ୍କ ପୁଷମାସ ହୋଇଥିବା ବେଳେ କରୋନା ଓ ଲକ୍‌ଡାଉନ୍ ଆମକୁ ସର୍ବନାଶ କରିଛି। ୪୫ଲକ୍ଷ ଟଙ୍କାର ପାନ ପଚି ନଷ୍ଟ ହୋଇଛି। ଚାଷୀଙ୍କଠାରୁ ୪୨ଲକ୍ଷ ଟଙ୍କା ପାନ ଉଧାର ଆଣିଥିଲି। ଏଥିସହିତ ୧୦ରୁ ୧୫ଜଣ କର୍ମଚାରୀ ମାସକୁ ଲକ୍ଷାଧିକ ଟଙ୍କା ନେଉଥିବା ବେଳେ ମୁଁ କିପରି ଧାର ଶୁଝିବି ସେନେଇ ଦୁଃଖ ପ୍ରକାଶ କରିଛନ୍ତି। ଉକ୍ତ ଗ୍ରାମର ଚୈତନ୍ୟ ଆଧେକ, ଶ୍ରୀପତି ଆଧେକ, ଅନନ୍ତ ଆଧେକ, ହରିପୁର ଗ୍ରାମର ଶାନ୍ତନୁ କୁମାର ପାତ୍ରଙ୍କ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପାନ ପଚି ନଷ୍ଟ ହୋଇଥିବା ପ୍ରକାଶ କରିଥିବା ବେଳେ ପରିବାର ପ୍ରତିପୋଷଣ ପାଇଁ ଚିନ୍ତା ଘାରିଛି ବୋଲି କହିଛନ୍ତି। କ୍ଷତିଗ୍ରସ୍ତ ହୋଇଥିବା ପାନ ଚାଷୀ ଓ ବ୍ୟବସାୟୀଙ୍କ ନିମନ୍ତେ ସରକାର ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା କରିବାକୁ ଦାବି ହୋଇଛି।

## ଶିମିଳିପାଳରୁ ଶିକାରୀ ଗିରଫ



ଖୁଣ୍ଟା,୨୫।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ଢୁଙ୍କୁରା ୱାଇଲ୍ଡ ଲାଇଫ୍ ରେଞ୍ଜ ଅଞ୍ଚଳରୁ ସୋମବାର ବନ ବିଭାଗ ଜଣେ ଶିକାରୀକୁ ଗିରଫ କରିଛି। ଗିରଫ ଶିକାରୀ ଜଣକ ହେଲେ ନୂଆଗାଁ ଗ୍ରାମର ଚନ୍ଦ୍ର ମୋହନ ହେମ୍ବ୍ରମ। ଭୋର ସମୟରେ ବିଭିନ୍ନ ଶିକାର ସରଞ୍ଜାମ ଧରି ଚନ୍ଦ୍ର ମୋହନ ଶିମିଳିପାଳ ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ପଶିଥିବା ବେଳେ ବ୍ୟାଘ୍ର ପ୍ରକଳ୍ପର କେନ୍ଦୁଟୁଆ ନାଳ ନିକଟରେ ବନ କର୍ମଚାରୀଙ୍କ ହାବୁଡ଼ରେ ପଡିଥିଲେ। ବନ କର୍ମଚାରୀମାନେ ତାଙ୍କ ନିକଟରୁ ଧନୁ, ତୀର ,କଟୁରି କୁରାଢ଼ୀ,ଟର୍ଚ୍ଚ ଲାଇଟ ଓ ରନ୍ଧା ଖାଦ୍ୟ ଇତ୍ୟାଦି ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରି ରେଞ୍ଜ କାର୍ଯ୍ୟାଳୟକୁ ନେଇ ଯାଇଥିଲେ। ପଚରା ଉଚରା ସମୟରେ ବ୍ୟାଘ୍ର ପ୍ରକଳ୍ପ ଅଧୀନ ମାରୁଆଡିବନ୍ଧ ନିକଟରେ ଜଙ୍ଗଲ ସଫାକରି ଏକ ମଞ୍ଚା ବାନ୍ଧି ଶିକାର ଉଦ୍ଦେଶ୍ୟରେ ଯାଉଥିଲେ ବୋଲି ଚନ୍ଦ୍ର ମୋହନ ସ୍ୱୀକାର କରିଥିବା ବନ ବିଭାଗ ସୂଚନା ଦେଇଛି।

## ସଂକ୍ଷେପରେ

### ଇଦ୍‌ଗା ପଡ଼ିଆରେ ନମାଜ ପାଠ

ସୋର,୨୫।୫(ଡି.ଏନ.ଏ.): ପବିତ୍ର ଇଦ୍ ଉଲ ଫିତର ଉପଲକ୍ଷେ ସୋର ଇଦ୍‌ଗା ପଡ଼ିଆରେ ମୁସଲମାନ ସମ୍ପ୍ରଦାୟ ତରଫରୁ ନମାଜ ପାଠ ହୋଇଛି। ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ ହୋଇଥିବାରୁ ଇଦ୍‌ଗା ପଡିଆରେ ୧୭ଜଣ ଶ୍ରଦ୍ଧାଳୁ ନମାଜପାଠ କରିଥିଲେ। ସୋରର ସମସ୍ତ ମସଜିଦ୍ ଓ ଦରଘାରେ ୧୪୪ ଧାରା ଲାଗୁ କରାଯାଇଥିବାରୁ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ନିଜ ଘରେ ନମାଜପାଠ କରିବା ସହିତ ପବିତ୍ର କୋରାନ ପାଠ କରିଥିଲେ। ମୁସଲମାନ ଶ୍ରଦ୍ଧାଳୁମାନେ ଚଳିତବର୍ଷ ବିଶ୍ୱ ମହାମାରୀ କରୋନାରୁ ମୁକ୍ତ ସହିତ ବିଶ୍ୱବାସୀ ସୁଖ ଶାନ୍ତିରେ ରହିବାକୁ ପ୍ରାର୍ଥନା କରିଥିଲେ। ଇଦଗା ପଡିଆ ନିକଟରେ ପୋଲିସ ପକ୍ଷରୁ ଶାନ୍ତି ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବାଲେଶ୍ୱର ସଦର ଏସ୍‌ଡ଼ିପିଓ ପ୍ରଭାସ ପାଲ, ସୋର ଥାନା ଆଇଆଇସି ଶ୍ରୀବଲ୍ଲଭ ସାହୁ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଥିଲେ।

### ବିଦ୍ୟୁତ୍ ଖୁଣ୍ଟରେ ପିଟିହୋଇ ବାଇକ୍ ଆରୋହୀଙ୍କ ଜୀବନ ଗଲା

ବେତନଟୀ,୨୫।୫ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ବେତନଟୀ-ସରବଣା ରାସ୍ତାର ରେଣୁଗାଁ ନିକଟରେ ସୋମବାର ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ପ୍ରାଣହାନୀ ଘଟିଛି। ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ପେଟୁ ମହାନ୍ତ (୩୦)। ତାଙ୍କ ଘର ବେତନଟୀ ଥାନା ଅନ୍ତର୍ଗତ ଶୁଖିଲାହାର ଗ୍ରାମରେ। ପୋଲିସ ସୂଚନା ଅନୁଯାୟୀ, ମହାବୀର ନାମକ ଜଣେ ଯୁବକଙ୍କ ସହ ପେଟୁ ମହାନ୍ତ ଏକ ବାଇକ୍ ଯୋଗେ ବେତନଟୀରୁ ରେଣୁଗାଁ ଦେଇ ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ପେଟୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ବେତନଟୀ ଥାନାରେ ଏକ ମାମଲା(ନଂ.୧୧୭/୨୦) ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଜଳିଗଲା ୨ବଖରା, ମହିଳା ଆହତ

ଖଇରା, ୨୫।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଜଳଦା ଗ୍ରାମରେ ସୋମବାର ସକାଳେ ଅଗ୍ନିକାଣ୍ଡ ଘଟି ରମାକାନ୍ତ ପାଣିଗ୍ରାହୀଙ୍କର ୨ ବଖରା ଘର ପୋଡି ପାଉଁଶ ହୋଇଯାଇଛି । ରମାକାନ୍ତଙ୍କ ସ୍ତ୍ରୀଙ୍କ ଦେହରେ ନିଆଁଝୁଲ ପଡିବା କାରଣରୁ ସେ ଆହତ ହୋଇଛନ୍ତି। ଏକ ଗୋରୁକୁ ମଧ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଛି। ଚିକିତ୍ସା ପାଇଁ ରମାକାନ୍ତଙ୍କ ସ୍ତ୍ରୀଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଉକ୍ତ ଗ୍ରାମର ରାସ୍ତା ଅବସ୍ଥା ଠିକ୍ ନ ଥିବାରୁ ଅଗ୍ନିଶମ ବାହିନୀ ଯାଇ ନ ପାରି ଫେରି ଆସିଥିଲା । ଗ୍ରାମବାସୀଙ୍କ ଉଦ୍ୟମରେ ବହୁ ବିଳମ୍ବରେ ନିଆଁକୁ ଆୟତ୍ତ କରାଯାଇଥିଲା।

### ଭୁଶୁଡ଼ିଲା ସୁରକ୍ଷା ପାଚେରି

ପଦ୍ମପୁର, ୨୫।୫(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତରେ ଦେଢ଼ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟରେ ନିର୍ମିତ ଓଭରହେଡ଼ ପାଣି ଟାଙ୍କିର ସୁରକ୍ଷା ପାଚେରି ଭୁଶୁଡ଼ି ପଡ଼ିଛି। କୋଟି କୋଟି ଟଙ୍କାର ବ୍ୟୟରେ ଶେଷ ହେବାକୁ ଥିବା ଏହି କାର୍ଯ୍ୟର ଫଳକଟିଏ ମଧ ଲାଗିପାରିନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ପରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବେ ବୋଲି କହି ସମୟ ଗଡ଼ାଇ ଚାଲିଛନ୍ତି। ଏ ବିଷୟରେ ଜଳ ଓ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀ ଭରତ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ସେ କିଛି ଜାଣି ନ ଥିବା କହିଛନ୍ତି।

### ସହରାଞ୍ଚଳରେ ସଙ୍ଗରୋଧ ନିୟମ ପରିବର୍ତ୍ତନ

ସୋର, ୨୫।୫(ଡି.ଏନ.ଏ.)-ସହରାଞ୍ଚଳରେ ସଙ୍ଗରୋଧ ନିୟମରେ ପରିବର୍ତ୍ତନ ହୋଇଥିବା ମ୍ୟୁନିସିପାଲଟି ପକ୍ଷରୁ ସୂଚନା ଜାରି କରାଯାଇଛି। ପ୍ରବାସୀ ଓଡ଼ିଆମାନେ ଏବେ ନିଜ ଘରେ ୧୪ଦିନ ପାଇଁ ସଙ୍ଗରୋଧରେ ରହିପାରିବେ। ସଙ୍ଗରୋଧରେ ରହୁଥିବା ପ୍ରତ୍ୟେକ ପ୍ରବାସୀଙ୍କୁ ଅଙ୍ଗନୱାଡ଼ି କର୍ମୀମାନେ ଯାଞ୍ଚ କରିବେ। ପ୍ରବାସୀମାନେ ସଙ୍ଗରୋଧରେ କୌଣସି ବ୍ୟତିକ୍ରମ କଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ମ୍ୟୁନିସିପାଲିଟିର ନିର୍ବାହୀ ଅଧିକାରୀ ପଣ୍ଡା କହିଛନ୍ତି।



୫ ଜଣ ନମାଜ ପାଠ କରୁଛନ୍ତି।

## ଫିକା ପଡ଼ିଲା ଇଦ୍-ଉଲ୍-ଫିତର

ଭଦ୍ରକ ଅଫିସ, ୨୫।୫

କରୋନା କଟକଣା ଯୋଗୁ ଭଦ୍ରକ ସହରରେ ସୋମବାର ସମ୍ପୂର୍ଣ୍ଣ ନିରାଡ଼ମ୍ବର ଭାବେ ପାଳନ ହୋଇଛି ଇଦ୍-ଉଲ୍-ଫିତର। ପ୍ରଶାସନିକ ସ୍ତରରେ ଧାର୍ମିକ ଅନୁଷ୍ଠାନରେ ୧୪୪ ଧାରା ଜାରି ହୋଇଥିବା କାରଣରୁ ଏହା ଫିକା ପଡ଼ିଛି। ସାମାଜିକ ଦୂରତା ରଖି ଇଦଘା ଓ ମସ୍‌ଜିଦରେ ନମାଜ ପାଠ କରାଯାଇଥିଲା। ବିଶେଷ କରି ୫ ଜଣ କରି ମୁସଲିମ ଧର୍ମାବଲମ୍ବୀ ଆସି ସକାଳୁ ନମାଜ ପାଠ କରିଛନ୍ତି। ଅନ୍ୟମାନେ ନିଜ ନିଜ ଘରେ ରହି ନମାଜ ପାଠ କରିଛନ୍ତି। ତେବେ ଭଦ୍ରକ ସହରରେ ଥିବା ଇଦ୍‌ଘାରେ ଦିନରେ ହଜାର ହଜାର ମୁସଲମାନ ସମୂହ ନମାଜ ପାଠ କରିବାକୁ ଥିବା ବେଳେ ଚଳିତବର୍ଷ ଏହି କଟକଣା କାରଣରୁ ମାତ୍ର ୫ଜଣରେ ସୀମିତ ରହିଛି। ସେହିଭଳି ଜାମା ମସ୍‌ଜିଦ୍, ଛଡ଼ାକମହଲା, ମୁଲ୍ଲାସାହି, ନଙ୍ଗାମହଲା, ଅଲାଲପୁର, ବାଙ୍କାଛକ, ହଜାରୀନଗର, ସାହାପୁର, ମିର୍ଜାପୁର, ଶେଖ୍ ସାହି, ଦୁର୍ଗାପୁର ଓ ଚରମ୍ପା ମସ୍‌ଜିଦ୍‌ଠାରେ ଜିଲା ପ୍ରଶାସନର ନିୟମକୁ ମାନି ନମାଜ ପାଠ କରାଯାଇଥିଲା। ସେହିପରି ପୋଲିସ ପ୍ରଶାସନ ପକ୍ଷରୁ ପର୍ବକୁ ଶୃଙ୍ଖଳିତ କରିବା ପାଇଁ ୧୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। କଟକଣା ସତ୍ତ୍ୱେ ଘରେ ଘରେ ବନ୍ଧୁ ବାନ୍ଧବ ଏବଂ ପାଖ ପଡ଼ିଶାଙ୍କୁ ନେଇ ଖିଆପିଆର ଆସର ଅନୁଷ୍ଠିତ ହୋଇଛି ।

## ଷ୍ଟକ୍ ଯାଞ୍ଚ ପରେ ଅନ୍‌ଲାଇନ ମଦ ବୁକିଂ

କେନ୍ଦୁଝର, ୨୫।୫(ସ୍ୱ.ପ୍ର.)

ସରକାର ମଦ ବିକ୍ରି ଉପରେ ଥିବା କରୋନା କଟକଣାକୁ କୋହଳ କରିଛନ୍ତି। କେବଳ ଅନ୍‌ଲାଇନରେ ମଦ ବିକ୍ରି ହେବ ବୋଲି ଘୋଷଣା ହୋଇଛି। ଫଳରେ ମଦ ବ୍ୟବସାୟୀ ଓ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏଥି ପାଇଁ ସୋମବାର ଅବକାରୀ ବିଭାଗ ପକ୍ଷରୁ ମଦ ଦୋକାନ ବୁଲି ବୁଲି ଷ୍ଟକ ଯାଞ୍ଚ ଆରମ୍ଭ ହୋଇଛି। ଷ୍ଟକ ଯାଞ୍ଚ ପରେ ପ୍ରତ୍ୟେକ ମଦ ଦୋକାନୀ ପକ୍ଷରୁ ଡେଲିଭରି ପାଇଁ ନିଯୁକ୍ତ କର୍ମଚାରୀଙ୍କ ନାଁ ଓ ଫୋନ ନମ୍ବର ଘୋଷଣା ହେବ। ଅବକାରୀ ବିଭାଗ ପକ୍ଷରୁ ଉକ୍ତ କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ। ଲୋକେ ଅନ୍‌ଲାଇନ ବା ଫୋନ ଯୋଗେ ମଦ ବୁକ କରିବେ। ଗୋଟିଏ ଓଳି ବୁକିଂ ହେଲେ, ଅନ୍ୟ ଓଳି ମଦ ଡେଲିଭରି ହେବ। ଏଥିପାଇଁ ଅବକାରୀ ଓ ପୋଲିସ ବିଭାଗ କଡ଼ାକଡ଼ି ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପରେ ଉକ୍ତ କର୍ମଚାରୀ ଘରକୁ ଯାଇ ମଦ ଦେଇ ପଇସା ଆଣିବେ। ମଦର ସର୍ବାଧିକ ମୂଲ୍ୟ ସହିତ ୫୦ ପ୍ରତିଶତ କୋଭିଡ ଟ୍ୟାକ୍ସ ଆଦାୟ କରିବାକୁ ସରକାର ଆଦେଶ କରିଛନ୍ତି। ସୋମବାର ମଦ ଦୋକାନରେ ବହୁ ଗ୍ରାହକ ପହଞ୍ଚିଥିଲେ।

## କାର୍‌ରୁ ବିଦେଶୀ ମଦ ଜବତ

ପାଟଣା,୨୫।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ନିହୁଆଁ ଗ୍ରାମରେ ଥିବା ଏକ ସରକାରୀ ମଦ ଦୋକାନରୁ ସୋମବାର ଅପରାହ୍ନରୁ ଏକ କାରରେ ୭ ପେଟି ମଦ ନେଇଯାଉଥିବା ବେଳେ ଗ୍ରାମର ମହିଳା ମାନେ ଉକ୍ତ କାରରେ ଥିବା ବିପୁଳ ପରିମାଣର ବିଦେଶୀ ମଦକୁ ଜବତ କରିଛନ୍ତି। ମହିଳା ମାନେ ମଦ ଜବତ କରିବା ପରେ ତୁରୁମୁଙ୍ଗା ପୋଲିସକୁ ଖବର ଦେଇଥିଲେ ମଧ ପୋଲିସ ଆସି ନ ଥିବାରୁ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖାଦେଇଥିଲା ।

## ପୋଲିସ ଜୁଲମ ପ୍ରତିବାଦରେ ଥାନା ଘେରାଉ

କେନ୍ଦୁଝର/ରାଇସୁଆଁ, ୨୫।୫,(ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଗୁହାଳଡ଼ିହି ରେଳ ସାଇଡ଼ିଂରେ କର୍ମସଂସ୍ଥାନ ପାଇଁ ଜମି ହରାଇ ଥିବା ସ୍ଥାନୀୟ ଅଧିବାସୀଙ୍କ ଉପରେ ପୋଲିସର ଜୁଲମ ପ୍ରତିବାଦରେ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଲୋକେ ଥାନା ଘେରାଉ କରିଥିଲେ। ଏହି ରେଳ ସାଇଡ଼ିଂରେ କର୍ମ ସଂସ୍ଥାନ ଯୋଗାଇ ଦେବାକୁ ଗ୍ରାମବାସୀ ଆନ୍ଦୋଳନ କରି ଆସୁଛନ୍ତି। ଏହାକୁ ନେଇ ୩ ଦିନ ତଳେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିବା ବେଳେ ପୋଲିସ ଲାଠିଚାର୍ଜ କରି ସେମାନଙ୍କୁ ଉଠାଇ ଦେଇଥିଲା। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରିବା ସହ ସୋମବାର କେତେଜଣ ଗ୍ରାମବାସୀଙ୍କୁ ଗିରଫ କରିଥିଲା। ଏହାର ପ୍ରତିବାଦରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଥାନାକୁ ଘେରାଉ କରିଥିଲେ। ରିପୋର୍ଟ ଲେଖା ହେଲା ବେଳକୁ ପୋଲିସ ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରଖିଥିଲା।



ଗ୍ରାମବାସୀ ଥାନା ଆଗରେ ବିକ୍ଷୋଭ କରୁଛନ୍ତି।

## ମିଶନ ଶକ୍ତି ଗୃହ ଆଗରେ ମହିଳାଙ୍କ ହୋହଲ୍ଲା



ମହିଳାମାନଙ୍କ ସହ ପୋଲିସ ଆଲୋଚନା କରୁଛି।

ବାସୁଦେବପୁର/ ପଦ୍ମପୁର, ୨୫।୫(ଡି.ଏନ.ଏ.)

ଫନୀ କ୍ଷୟକ୍ଷତି ଟଙ୍କା ଠିକ୍ ଭାବେ ମିଳୁ ନ ଥିବାରୁ ସୋମବାର ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବିରସ ପଞ୍ଚାୟତରେ ଥିବା ମିଶନ ଶକ୍ତି ଗୃହ ସାମ୍ନାରେ ଶତାଧିକ ମହିଳା ଏକାଠି ହୋଇ ଅସନ୍ତୋଷ ପ୍ରକାଶ କରିବା ସହ ହୋହଲ୍ଲା କରିଥିଲେ। ଏହି ଟଙ୍କା ମହିଳା ଗୋଷ୍ଠୀର ସଦସ୍ୟମାନଙ୍କ ଆକାଉଣ୍ଟକୁ ଏଯାଏ ଯାଇନାହିଁ। ଦାୟିତ୍ୱରେ ଥିବା ଏମ୍‌ବିକେ ସେମାନଙ୍କୁ ସନ୍ତୋଷଜନକ ଉତ୍ତର ଦେଇପାରି ନ ପାରିବାରୁ ଅସନ୍ତୋଷ ଉଗ୍ରରୂପ ଧାରଣ କରିଥିଲା। ବିରସ ପଞ୍ଚାୟତ ସରପଞ୍ଚ ଦୟାନିଧି ଦାସ ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଏ ବିଷୟରେ ମହାସଂଘ ସହିତ ଆଲୋଚନା କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ସ୍ଥାନୀୟ ନାୟକାଣିଡିହୀ ପୋଲିସ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ମହିଳାମାନେ ଦାବି କରିଛନ୍ତି। ଏହି ଘଟଣା ସମ୍ପର୍କରେ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବା ନାୟକାଣିଡିହୀ ଥାନାଧିକାରୀ ଉମାଶଙ୍କର ନାୟକ କହିଛନ୍ତି।

## ୪ଜଣଙ୍କ ନାମରେ ମାମଲା

ଖଇରା, ୨୫।୫(ଡି.ଏନ.ଏ.)

**ସଙ୍ଗରୋଧ କେନ୍ଦ୍ର ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ଆକ୍ରମଣ ଘଟଣା**

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ତୋଟାପଡା ହାଇସ୍କୁଲ ସଙ୍ଗରୋଧ କେନ୍ଦ୍ର ଦାୟିତ୍ୱରେ ଥିବା ଖେଳ ଶିକ୍ଷକ ଲକ୍ଷ୍ମୀଧର ପରିଡାଙ୍କୁ ଆକ୍ରମଣ ଘଟଣାରେ ସିମୁଳିଆ ପୋଲିସ ଗଗନଧୂଳି ଗ୍ରାମର ଦୀପକ ମାଝି, ନାରାୟଣ ମାଝି, ବିକାଶ ମାଝି ଓ ବସନ୍ତ ଦାସଙ୍କ ନାମରେ ଏକ ମାମଲା(ନଂ. ୧୧୭/୨୦) ରୁଜୁ କରିଛି । ଆକ୍ରମଣକାରୀ ଯୁବକମାନଙ୍କୁ ତୁରନ୍ତ ଗିରଫ କରା ନ ଗଲେ ସମସ୍ତ ଶିକ୍ଷକ କୋଭିଡ-୧୯ ମୁକାବିଲା କାର୍ଯ୍ୟକୁ ବର୍ଜନ କରିବେ ବୋଲି ଖଇରା ଶିକ୍ଷକ ସମନ୍ୱୟ ସମିତିର ସଭାପତି ରାଧାକାନ୍ତ ପଣ୍ଡା ଓ ସମ୍ପାଦକ ବିଜୟ ଦ୍ୱିବେଦୀ ବାଲେଶ୍ୱର ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଗଗନଧୂଳି ଗ୍ରାମର ରମାକାନ୍ତ ମାଝି ଓ ଗୋଲକ ମାଝି ବମ୍ବେରୁ ଆସି ତୋଟାପଡା କେନ୍ଦ୍ରରେ ସଙ୍ଗରୋଧରେ ରହିଥିଲେ । ସେମାନେ ମାର୍କୋଣାରୁ ତୋଟାପଡା ଆସିବା ପାଇଁ ବ୍ୟବହାର କରିଥିବା ବାଇକକୁ ସଙ୍ଗରୋଧ କେନ୍ଦ୍ରରେ ବିଶୋଧନ ପାଇଁ ରଖାଯାଇଥିଲା । ଏହି ବାଇକ ନେବାକୁ କେନ୍ଦ୍ର କରି ରମାକାନ୍ତ, ଗୋଲକଙ୍କ ପୁଅ ଓ ସେମାନଙ୍କ ସହଯୋଗୀ ରବିବାର ଅପରାହ୍ନରେ ଉକ୍ତ ଶିକ୍ଷକଙ୍କୁ ବାଡିରେ ପିଟି ପିଟି ଗୁରୁତର କରିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେମାନଙ୍କ ଗିରଫ ସମ୍ପର୍କରେ ସିମୁଳିଆ ଥାନା ଆଇଆଇସି ପର୍ଶୁରାମ ସାହୁଙ୍କୁ ପଚାରିବାରେ ସେମାନେ ଫେରାର ଥିବାରୁ ଗିରଫ କରାଯାଇପାରୁ ନ ଥିବା କହିଛନ୍ତି ।

## ତାମିଲନାଡୁରୁ ୨ ଟ୍ରେନ୍‌ରେ ଫେରିବେ ପ୍ରବାସୀ

ବାରିପଦା ଅଫିସ,୨୫।୫




ପ୍ରବାସୀମାନେ ରହିବା ପାଇଁ ଟେଣ୍ଟ ବନ୍ଧା ଚାଲିଛି।

**ଭଞ୍ଜପୁର ଷ୍ଟେଶନରେ ୧୪୪ ଧାରା ଜାରି**

ଲକ୍‌ଡାଉନ ଯୋଗୁ ତାମିଲନାଡୁରେ ଫସି ରହିଥିବା ପ୍ରବାସୀ ଓଡ଼ିଆ ମଙ୍ଗଳବାର ୨ଟି ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ବାରିପଦାକୁ ଫେରିବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ଟ୍ରେନ୍ ୨ଟି ବାରିପଦାର ଭଞ୍ଜପୁର ଷ୍ଟେଶନଠାରେ ଅଟକିବ। ଏଥିପାଇଁ ସୋମବାର ଭଞ୍ଜପୁର ଷ୍ଟେଶନଠାରେ ରେଳ ଟ୍ରାକ୍‌ରେ ଏକ ଇଞ୍ଜିନ ଚଳାଇ ପରୀକ୍ଷଣ କରାଯାଇଥିଲ। ୨ ମାସ ହେଲାଣି ଟ୍ରାକରେ କୌଣସି ଟ୍ରେନ୍ ଚାଲି ନ ଥିବାରୁ ଏପରି ପରୀକ୍ଷଣ କରାଯାଇଥିଲା। ଶ୍ରମିକମାନେ ଆସିବାଠାରୁ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ଯିବା ପର୍ଯ୍ୟନ୍ତ ଭଞ୍ଜପୁର ଷ୍ଟେଶନଠାରେ ଏଥିପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମଙ୍ଗଳବାର ସକାଳ ୮ଟାରୁ ଭଞ୍ଜପୁର ରେଲୱେ ଷ୍ଟେଶନର ୫୦୦ମିଟର ପରିଧି ମଧ୍ୟରେ ୧୪୪ ଧାରା ଜାରି କରାଯିବା ସହିତ ଏହାକୁ ଜିଲାପାଳ ବିନୀତ ଭରଦ୍ୱାଜ ନିଷେଧାଞ୍ଚଳ ଘୋଷଣା କରିଛନ୍ତି। ଗୋଟିଏ ଟ୍ରେନ୍ ଅପରାହ୍ନ ୧୧ଟା ୩୦ ସମୟରେ ଓ ଅନ୍ୟଟି ସନ୍ଧ୍ୟା ୬ଟା ୩୦ରେ ପହଞ୍ଚିବ। ଏଥିରେ ପ୍ରାୟ ୧୦୦୦ ଶ୍ରମିକ ଆସିବେ ବୋଲି ସୂଚନା ମିଳିଛି। ପ୍ରବାସୀ ଶ୍ରମିକମାନଙ୍କ ସୁବିଧା ପାଇଁ ଷ୍ଟେଶନଠାରେ ୨୭ଟି କାଉଣ୍ଟର ଖୋଲାଯାଇଛି। ଶ୍ରମିକମାନେ ଓହ୍ଲାଇବା ପରେ ସେମାନଙ୍କୁ ଷ୍ଟେଶନଠାରେ ହୋଇଥିବା ଅସ୍ଥାୟୀ କେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏହା ପରେ ବସ୍ ଯୋଗେ ସେମାନଙ୍କୁ ନିଜ ଅଞ୍ଚଳର ସଙ୍ଗରୋଧ କେନ୍ଦ୍ରକୁ ପଠାଯିବ। ଉଲ୍ଲେଖଯୋଗ୍ୟ ଯେ, ଜିଲାରେ କରୋନା ସନ୍ଦେହରେ ସୋମବାର ସୁଦ୍ଧା ୩୬୦୩ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ସେଥି ମଧ୍ୟରୁ ୩୬୦୩ ଜଣଙ୍କ ରିପୋର୍ଟ ଆସିଛି। ବାକି ୧୦୦ ଜଣଙ୍କ ରିପୋର୍ଟ ଅପେକ୍ଷାରେ ରହିଛି। ୩୬୦୩ ରିପୋର୍ଟରୁ ୧୫ଜଣଙ୍କ ରିପୋର୍ଟ ପଜିଟିଭ ଥିବା ବେଳେ ଅନ୍ୟମାନଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ଆକ୍ରାନ୍ତ ୧୫ ଜଣଙ୍କ ମଧ୍ୟରୁ ୯ ଜଣ ସୁସ୍ଥ ହୋଇଥିବା ବେଳେ ବର୍ତ୍ତମାନ ୬ ଜଣ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ଗଞ୍ଜାମରେ ୨୪୮ କରୋନା ଆକ୍ରାନ୍ତ ସୁସ୍ଥ

ଛତ୍ରପୁର,୨୫।୫(ଡି.ଏନ.ଏ.)-ଗଞ୍ଜାମ ଜିଲାରେ ସୋମବାର ଆଉ ୧୫ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି। ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି । ଏମାନେ ଘରେ କ୍ୱାରାଣ୍ଟାଇନ୍‌ରେ ରହିବେ। ସ୍ୱାସ୍ଥ୍ୟ ଟିମ୍ ନିୟମିତ ଘରକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବେ ବୋଲି ସୂଚନା ଦିଆଯାଇଛି । ତେବେ ଜିଲାରେ ଏ ପର୍ଯ୍ୟନ୍ତ ୨୪୮ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ଜଣାପଡିଛି।

### ବାଇକ୍ ଦୁର୍ଘଟଣାରେ ମହିଳା ମୃତ

ଜି.ଉଦୟଗିରି,୨୫।୫(ଡି.ଏନ.ଏ.):ଜ.ଉଦୟଗିରି ଥାନା ଅନ୍ତର୍ଗତ ରୁଦାଙ୍ଗିଆ ଘାଟିରେ ରବିବାର ଅପରାହ୍ନ ୪ଟାରେ ଏକ ବାଇକ୍ ଦୁର୍ଘଟଣାରେ ପେନଲା ଗ୍ରାମର ମେନକା ପ୍ରଧାନଙ୍କର ମୃତ୍ୟୁ ଘଟିଛି। ବାଇକ୍ ଚାଳକ ଫେରାର ହୋଇଯାଇଛନ୍ତି। ସୂଚନା ପ୍ରକାରେ, ରାଇକିଆରୁ ନିଜ ଗ୍ରାମକୁ ଉକ୍ତ ମହିଳା ଜଣଙ୍କ ବାଇକ୍(ନଂ ଓଆର୧୨ବି-୩୪୭୯)ରେ ବସି ଆସୁଥିବା ବେଳେ ରୁଦାଙ୍ଗିଆ ଘାଟିରେ ଦୁର୍ଘଟଣା ଘଟିଥିଲା। ବାଇକ୍ ଚାଳକ ମହିଳାଙ୍କ ମୃତ୍ୟୁ ଘଟିଥିବା ଜାଣି ବାଇକ୍‌କୁ ଏକ ବୁଦା ମୂଳେ ରଖି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

### ପୋର୍ଟକୁ ମାଲ ପରିବହନ ନେଇ ତ୍ରିପାକ୍ଷିକ ବୈଠକ

ଛତ୍ରପୁର,୨୫।୫(ଡି.ଏନ୍.ଏ):ଗୋପାଳପୁର ପୋର୍ଟକୁ ଟ୍ରକ୍ ଯୋଗେ ମାଲ ପରିବହନ ହେଉଛି । ତେବେ ସ୍ଥାନୀୟ ଲୋକଙ୍କ କେତେକ ଦାବିକୁ ନେଇ ସୋମବାର ଛତ୍ରପୁର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ତ୍ରିପାକ୍ଷିକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧକ୍ଷତା କରିଥିଲେ। ପୋର୍ଟକୁ ଯେଭଳି ଶୃଙ୍ଖଳିତ ଭାବେ ଟ୍ରକ୍ ଯୋଗେ ମାଲ ପରିବହନ ହେବ ସେଥିପାଇଁ ସ୍ଥାନୀୟ ପଞ୍ଚାୟତର ଯୁବକମାନଙ୍କୁ ସୁରକ୍ଷା କର୍ମୀ ଭାବେ ନିଯୁକ୍ତି ଦେବା ନେଇ ପୂର୍ବରୁ ନିଷ୍ପତ୍ତି ହୋଇଥିଲା। ଏହାକୁ କାର୍ଯ୍ୟକାରୀ କରିବା, ରାସ୍ତା ଉନ୍ନତୀକରଣ ଓ ଗାଡ଼ିର ସ୍ପିଡ୍ କମାଇବା ନେଇ ଦାବି ଉପସ୍ଥାପନ ହୋଇଥିଲା । ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ୫ ଦିନ ସମୟ ମଗାଯାଇଥିବାରୁ ଆଲେଚାନା କରି ଜଣାଇବେ ବୋଲି ଉପସ୍ଥିତ ଜନପ୍ରତିନିଧିମାନେ କହିଥିଲେ । ବୈଠକରେ ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ, କଣମଣା ସରପଞ୍ଚ ଏସ୍. ଚକ୍ରପାଣି ରେଡ୍ଡୀ, ସମିତିସଭ୍ୟା ରଶ୍ମିତା ବେହେରା ଓ ପୋର୍ଟ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ ।

### ଜୁଆ ଆଡ୍ଡାରୁ ୪ ଗିରଫ

ଆସିକା,୨୫।୫(ଡି.ଏନ.ଏ.):ଗାଙ୍ଗପୁର ଥାନା ପୋଲିସ ରବିବାର ରାତିରେ ଗାଙ୍ଗପୁର ଠାକୁରାଣୀ ମନ୍ଦିର ପଛପଟେ ଚାଲିଥିବା ଏକ ଜୁଆ ଆଡ୍ଡାରେ ଚଢାଉ କରି ୪ ଜଣଙ୍କୁ ଗିରଫ କରିଛି। ସେଠାରୁ ୧୫,୬୬୦ ଟଙ୍କା ଜବତ କରାଯାଇଛି । ଏ ନେଇ ନଂ. ୧୨୫/୨୦ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧୀରେଶ କୁମାର ଦାସ କହିଛନ୍ତି।

### ଜେଲ ଗଲେ ଗଞ୍ଜେଇ ଚାଲାଣକାରୀ

ବ୍ରହ୍ମପୁର ଅଫିସ,୨୫।୫-ବଡବଜାର ଥାନା ପୋଲିସ ସୋମବାର ଜଣେ ଗଞ୍ଜେଇ ଚାଲାଣକାରୀ ତଥା ଦୁର୍ଦ୍ଦାନ୍ତ ଅପରାଧୀ ପ୍ରହଲ୍ଲାଦ ନଗର ୪ର୍ଥ ଲେନ୍‌ର ଡିମ୍ବ ଓରଫ ସୁଦାମ ଡାଙ୍ଗୁଆଙ୍କୁ ମାମଲା ନଂ.୧୧୭/୨୦ରେ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ତଦନ୍ତ ବେଳେ ସେ ଜଣେ ପେଷାଦାର ଅଭିଯୁକ୍ତ ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଡିମ୍ବଙ୍କ ନାଁରେ ବିଭିନ୍ନ ଥାନାରେ ୧୬ ସଙ୍ଗୀନ ମାମଲା ରହିଥିବା ବେଳେ ଗତ ୨୦ ତାରିଖ ପାଣ୍ଡବ ନଗର ବୋମାମାଡ ଘଟଣାରେ ସାମିଲ ରହି ଘଟଣା ପରେ ଫେରାର ହୋଇଯାଇଥିଲେ ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ରବିବାର ରାତିରେ ବଡବଜାର ପୋଲିସ ଚନ୍ଦନିଆ ପାହାଡ଼ ରାସ୍ତା ଓଁ ନଗର ଛକରେ ପାଟ୍ରୋଲିଂ କରୁଥିବା ବେଳେ ହରିଡାଖଣ୍ଡି ଛକ ଆଡକୁ ଏକ ନମ୍ବର ବିହୀନ ବାଇକ୍‌ରେ ଯାଉଥିବା ବେଳେ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ବାଇକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲା। ବାଇକ୍‌ରୁ ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ପୋଲିସ ଜବତ କରିଥିଲା। ଏହା ଭିତରେ ୨୫.୫୭୦ କିଗ୍ରା ଗଞ୍ଜେଇ ରହିଥିଲା ବୋଲି ପୋଲିସ କହିଛି।

# କ୍ୱାରାଣ୍ଟାଇନ୍ ଅବଧି ପରେ ମିଳିବ କର୍ମନିଯୁକ୍ତି

ଛତ୍ରପୁର,୨୫।୫(ଡି.ଏନ.ଏ.)

ଗଞ୍ଜାମ ଜିଲାକୁ ଅନ୍ୟ ରାଜ୍ୟରୁ ପ୍ରବାସୀଙ୍କ ଆସିବା ଜାରି ରହିଛି। ଜିଲାକୁ ଫେରିବାପରେ ସେମାନଙ୍କୁ ବିଭିନ୍ନ ପଞ୍ଚାୟତ ଓ ସହରାଞ୍ଚଳରେ ଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଉଛି । ଅପରପକ୍ଷରେ ଏମାନଙ୍କ କ୍ୱାରାଣ୍ଟାଇନ୍ ଅବଧି ସରିବାପରେ କର୍ମ ନିଯୁକ୍ତି ଚିନ୍ତା ରହିବ। ଏଥିଲାଗି ପ୍ରଶାସନ ପକ୍ଷରୁ କର୍ମନିଯୁକ୍ତି ବ୍ୟବସ୍ଥା କରାଯାଇଛି । ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଏମାନେ ଚାହିଁଲେ କାମକରି ରୋଜଗାରକ୍ଷମ ହୋଇପାରିବେ। ଯାହାର ଏହି ଯୋଜନାରେ ଜବ୍‌କାର୍ଡ ନାହିଁ ସେମାନଙ୍କୁ ପ୍ରଦାନ ପାଇଁ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଉକ୍ତ ଯୋଜନାରେ କାମ ଯୋଗାଇ ଦେବାକୁ କୁହାଯାଇଛି। କୋଭିଡ୍-୧୯ ବେଳେ ଏମ୍‌ଜିଏନ୍‌ଆରଇଜିଏସ୍‌ର ବଳିଷ୍ଠ ଭୂମିକା ରହିଛି । ବିଶେଷକରି ଗଞ୍ଜାମ ଜିଲାକୁ ଫେରିଥିବା ପ୍ରବାସୀଙ୍କୁ ଏଥିରେ କର୍ମ ନିଯୁକ୍ତି ମିଳିବ । ଉକ୍ତ ଯୋଜନାରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇ କାମ ଏବେ ସମସ୍ତ ପଞ୍ଚାୟତରେ ଚାଲିଥିବା ଡିଆରଡିଏ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯୋଜନାରେ ପୋଖରୀ ଉନ୍ନତୀକରଣ, କେନାଲ ରାସ୍ତା, ଜମି ସମତଳ, ଖେଳପଡିଆ, ଆଦର୍ଶ ଗୁହାଳ, ଜଳ ସଂରକ୍ଷଣ, ଆଦର୍ଶ ପୋଖରୀ, ଗଭୀର କୂପ ଓ ଫାର୍ମ ପୋଖରୀ ଆଦି ଚାଲିଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ କୋଭିଡ୍-୧୯ ଗାଇଡ୍‌ଲାଇନ୍‌କୁ ପାଳନ କରି ଏହି କାମ କରିବା ବେଳେ ଶ୍ରମିକମାନେ ସାମାଜିକ ଦୂରତ୍ୱ ରକ୍ଷା କରୁଛନ୍ତି । ବ୍ଲକ ଓ ପଞ୍ଚାୟତ ପକ୍ଷରୁ ଏହାର ମନିଟରିଂ କରାଯାଉଛି । କ୍ୱାରାଣ୍ଟାଇନ୍ ସେଣ୍ଟରରେ ମଧ୍ୟ କେତେକ ଏହି ଯୋଜନାରେ କାମ କରିବା ପାଇଁ ଜବ୍‌କାର୍ଡ ପଞ୍ଚାୟତ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ଜଣାପଡିଛି ।



ସାମାଜିକ ଦୂରତ୍ୱ ରକ୍ଷା କରି କାମ ଚାଲିଛି ।

**ସାମାଜିକ ଦୂରତ୍ୱ ରଖି ଏମ୍‌ଜିଏନ୍‌ଆରଇଜିଏସ୍ କାମ**



ବ୍ରହ୍ମପୁରରେ ଦୁଇ ମୁସଲମାନ ଇଦ୍ ଅବସରରେ ମସ୍‌ଜିଦ ଆଗରେ ନମାଜ ପାଠ କରୁଛନ୍ତି ।

## ମହାରାଷ୍ଟ୍ର, ଗୁଜରାଟରୁ ୮ ବସ୍‌ରେ ଆସିଲେ ପ୍ରବାସୀ

ଭଞ୍ଜନଗର,୨୫।୫(ଡି.ଏନ.ଏ.)

**ସ୍ୱାବ୍ ରିପୋର୍ଟ ଆସିବାରେ ବିଳମ୍ବ**

ଅନ୍ୟ ରାଜ୍ୟରୁ ଓଡ଼ିଶାକୁ ପ୍ରବାସୀଙ୍କୁ ନେଇ ସ୍ୱତନ୍ତ୍ର ଟ୍ରେନ ଆସୁଥିଲେ ମଧ ଏବେ ବି ଗଞ୍ଜାମ ଜିଲାକୁ ବସ୍, କାର ଓ ବାଇକ୍ ଯୋଗେ ପ୍ରବାସୀ ଫେରୁଥିବା ଦେଖାଯାଉଛି। ସୋମବାର ଗୁଜରାଟ ଓ ମହାରାଷ୍ଟ୍ରରୁ ୮ ବସ୍‌ରେ ପ୍ରବାସୀ ଗଞ୍ଜାମ ଜିଲାକୁ ଫେରିଛନ୍ତି। ଏଥିସହ ଏକାଧିକ ବାଇକ୍ ଓ କାରରେ ବି ଲୋକେ ଆସିଛନ୍ତି । ତାରସିଂଠାରେ ସେମାନଙ୍କୁ ଯାଞ୍ଚ କରାଯିବା ପରେ ସଙ୍ଗରୋଧ କେନ୍ଦ୍ରରେ ରଖିବା ବ୍ୟବସ୍ଥା କରାଯାଉଛି । ଦୈନନ୍ଦିନ ହଜାର ହଜାର ଓଡ଼ିଆ ଆସୁଥିବାରୁ ସଙ୍ଗରୋଧ କେନ୍ଦ୍ର ଅଭାବ ଦେଖାଦେଲାଣି। ଏଭଳି ସ୍ଥିତିରେ ସଙ୍ଗରୋଧ ନିୟମ ପରିବର୍ତ୍ତନ କରାଯାଇଛି। ତେଣୁ ଭଞ୍ଜନଗର ଉପଖଣ୍ଡର ଅଧିକାଂଶ ସଙ୍ଗରୋଧ କେନ୍ଦ୍ରରେ ଆଗରୁ ଥିବା ଅନ୍ତେବାସୀଙ୍କୁ ଘରକୁ ଛଡ଼ାଯାଇ ନୂଆଙ୍କୁ ରଖାଯାଉଛି। କାଁ ଭାଁ କେଉଁଠି କିଛି ସମସ୍ୟା ଦେଖାଦେଉଛି। ଅନ୍ୟପକ୍ଷରେ ଭଞ୍ଜନଗର ବ୍ଲକର କ୍ୱାରାଣ୍ଟାଇନ୍ ସେଣ୍ଟର ବାହାରୁ ଜଣେ ମହିଳା ୫ଦିନ ପୂର୍ବେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ତାଙ୍କ ସହ ମିଶିଥିବା ବ୍ୟକ୍ତିଙ୍କ ସ୍ୱାବ୍ ସଂଗ୍ରହ କରି ୫ଦିନ ତଳୁ ପରୀକ୍ଷା ପାଇଁ ନିଆଗଲାଣି। ସୋମବାର ସୁଦ୍ଧା ସେମାନଙ୍କ ରିପୋର୍ଟ ଆସି ପାରୁ ନ ଥିବାରୁ ସମ୍ପୃକ୍ତ ଅଞ୍ଚଳବାସୀ ଦ୍ୱନ୍ଦ୍ୱରେ ପଦାକୁ ବାହାରିବାକୁ ଭୟ କରୁଛନ୍ତି। ତେବେ କୌଣସିଠାରେ ଗୋଷ୍ଠୀ ସଂକ୍ରମଣ ହୋଇ ନ ଥିବାରୁ ଲୋକେ ଭୟଭୀତ ନ ହେବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି ।

## ୬ ଟ୍ରେନ୍‌ରେ ଫେରିଲେ ୬୨୩୮ ପ୍ରବାସୀ

ବ୍ରହ୍ମପୁର ଅଫିସ,୨୫।୫

**ପଞ୍ଜୀକରଣ ପରେ ସଙ୍ଗରୋଧ କେନ୍ଦ୍ରକୁ ଗଲେ**

ବ୍ରହ୍ମପୁର ରେଲଷ୍ଟେଶନରେ ପୁଣି ୬ଟ୍ରେନ ପ୍ରବାସୀଙ୍କୁ ନେଇ ପହଞ୍ଚିଛି। ଗୁଜରାଟ, ତାମିଲନାଡୁ, ମହାରଷ୍ଟ୍ର ଓ ଆନ୍ଧ୍ରପ୍ରଦେଶରୁ ଆସିଥିବା ୬୨୩୮ ପ୍ରବାସୀ ଫେରିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଥିଲା। ପଞ୍ଜୀକରଣ ପରେ ସମସ୍ତ ଯାତ୍ରୀଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ବିଭିନ୍ନ ବ୍ଲକ ସଙ୍ଗରୋଧ କେନ୍ଦ୍ରକୁ ପଠାଯାଇଛି। ରବିବାର ରାତି ପ୍ରାୟ ୧୧ ଟାରୁ ସୋମବାର ସନ୍ଧ୍ୟା ସୁଦ୍ଧା ବ୍ରହ୍ମପୁର ରେଳ ଷ୍ଟେଶନର ୪ ନମ୍ବର ପ୍ଲାଟଫର୍ମରେ ୬ ଟ୍ରେନ କିଛି ଘଣ୍ଟା ବ୍ୟବଧାନରେ ପହଞ୍ଚିଥିଲା। ଏଥିରେ ଗଞ୍ଜାମ ଜିଲା ସମେତ ଅନ୍ୟ ଜିଲାର ପ୍ରବାସୀମାନେ ଫେରିଥିଲେ। ମୋଟ ୬୨୩୮ ଫେରିଥିବା ବେଳେ ସେଥିରୁ ଗଞ୍ଜାମ ଜିଲାର ୫୩୧୩ ରହିଥିବା ସୂଚନା ମିଳିଛି। ପୁଣେରୁ ଆସିଥିବା ସ୍ୱତନ୍ତ୍ର ଟ୍ରେନଟି ରାତି ପ୍ରାୟ ୧୧ ଟାରେ ବ୍ରହ୍ମପୁରରେ ପହଞ୍ଚିଥିଲା । ଏଥିରେ ମୋଟ ୩୦୫ ଯାତ୍ରୀ ଫେରିଥିବା ବେଳେ ସେଥିରୁ ଗଞ୍ଜାମର ୨୩୫ ରହିଥିବା ସୂଚନା ମିଳିଛି। ସେହିପରି ସୁରଟ ଟ୍ରେନରେ ୧୭୧୮ ରହିଥିବା ବେଳେ ଗଞ୍ଜାମର ୧୫୭୪ ରହିଛନ୍ତି। ମୁମ୍ବାଇ ଟ୍ରେନରେ ୧୬୯୩ ଯାତ୍ରୀ ରହିଥିବା ବେଳେ ସେଥିରୁ ଗଞ୍ଜାମର ୧୩୦୫ ରହିଛନ୍ତି। ପରେ ସୁରଟରୁ ଆସିଥିବା ଅନ୍ୟ ଏକ ଟ୍ରେନ୍‌ରେ ୧୭୬୪ ଯାତ୍ରୀ ଆସିଛନ୍ତି। ସେଥିରୁ ଗଞ୍ଜାମର ୧୬୪୭ ରହିଛନ୍ତି। ସେହିପରି ଚେନ୍ନାଇରୁ ୫୭୧ଯାତ୍ରୀ ଆସିଥିବା ବେଳେ ସେଥିରୁ ଗଞ୍ଜାମର ୩୮୪ ଜଣ ରହିଥିବା ସୂଚନା ମିଳିଛି। ସେହିପରି ହାଇଦ୍ରାବାଦରୁ ୧୮୭ ଆସିଥିବା ବେଳେ ସେଥିରେ ଗଞ୍ଜାମର ୧୬୮ ଜଣ ଯାତ୍ରୀ ରହିଛନ୍ତି।

ଟ୍ରେନ ଲାଗିବା ପରେ ଜିଲାର ପ୍ରଶାସନିକ ଅଧିକାରୀ, ପୋଲିସ ଓ ଆରପିଏଫ ସହାୟତାରେ ସାମାଜିକ ଦୂରତ୍ୱ ରକ୍ଷା କରାଯାଇ ଓହ୍ଲାଯାଇଥିଲା। ମଙ୍ଗଳବାର ସକାଳ ସୁଦ୍ଧା ବ୍ରହ୍ମପୁର ଷ୍ଟେଶନରେ ୧୪ଟ୍ରେନ ପହଞ୍ଚିବାକୁ ଥିବା ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ସୂଚନା ଦେଇଛନ୍ତି।

## ନିରାଡ଼ମ୍ବର ଇଦ୍-ଉଲ୍-ଫିତର

ଆସିକା/ସୋରଡ଼ା,୨୫।୫(ଡି.ଏନ.ଏ.)

କରୋନା ଲାଗି କଟକଣା ଯୋଗୁ ସୋମବାର ନିରାଡମ୍ବର ଭାବେ ଇଦ୍-ଉଲ୍-ଫିତର ପାଳନ କରାଯାଇଛି। ଆସିକା ଜାମିଆ ମସଜିଦରେ ସମୁହ ନମାଜ ପାଠହୋଇପାରି ନ ଥିଲା। ସମସ୍ତ ପରିବାର ନିଜ ନିଜ ଘରେ ନମାଜ ପାଠ କରିଥିଲେ। ପରେ କବରସ୍ଥାନକୁ ଯାଇ ପୂର୍ବଜମାନଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥିଲେ। ମସଜିଦର ଇମାମ ସାହାନାୱାଜ ଅହମ୍ମଦ ଏକାକୀ ମସଜିଦରେ ନମାଜ ପାଠ କରିଥିବା ଜଣାଯାଇଛି । ସେହିପରି ସୋରଡାରେ ମଧ୍ୟ ନିଜ ଘରେ ଆତ୍ମୀୟ ସ୍ୱଜନଙ୍କ ଗହଣରେ ନମାଜ ପାଠ କରାଯାଇଥିଲା।

## ମେଶିନ୍ ସହ ଗୁଟ୍‌ଖା ଜବତ, ଜଣେ ଗିରଫ

ପାତ୍ରପୁର,୨୫।୫(ଡି.ଏନ.ଏ.)

ଜରଡ଼ା ଥାନା ଗୁଣ୍ଡା ଗ୍ରାମରେ ଚାଲିଥିବା ଗୁଟ୍‌ଖା କାରଖାନାକୁ ରବିବାର ରାତିରେ ପୋଲିସ ଠାବ କରିଛି । ସେଠାରୁ ମେଶିନ୍, ନକଲି ଗୁଟ୍‌ଖା, କଞ୍ଚାମାଲ ଓ ଟଙ୍କା ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କେଶବ ବେହେରା। ସେ ତାଙ୍କ ଶ୍ୱଶୁର ଘରେ ୨ ବର୍ଷ ହେଲା ଗୁଟ୍‌ଖା କାରଖାନା ଚଳାଇଥିଲେ। କୌଣସି ସୂତ୍ରରୁ ଖବରପାଇ ପୋଲିସ କେଶବଙ୍କ ଶ୍ୱଶୁର ଘର ଉପରେ ଚଢ଼ାଉ କରି ୧୧୦ ପ୍ୟାକେଟ ଗୁଟ୍‌ଖା, ବହୁମୂଲ୍ୟର କଞ୍ଚାମାଲ, ମେଶିନ, ୫୦ ହଜାର ଟଙ୍କା ସହିତ ନକଲି ଗୁଟ୍‌ଖା ଜବତ କରିଥିଲା। କେଶବ ଏଠାରୁ ଗୁଟ୍‌ଖାକୁ ବ୍ରହ୍ମପୁର, ନୂଆପଡ଼ା, ପାତ୍ରପୁର ଓ ଆନ୍ଧ୍ରପ୍ରଦେଶର ବ୍ୟବସାୟୀଙ୍କୁ ଚାଲାଣ କରୁଥିଲେ ବୋଲି ଜଣାପଡ଼ିଛି ।

## ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନେଇ ପଦଯାତ୍ରା

ବ୍ରହ୍ମପୁର ଅଫିସ,୨୫।୫

- ବୁଲିଲେଣି ୫୦୦୦ ରୁ ଉର୍ଦ୍ଧ୍ୱ କି.ମି.
- ରାଜ୍ୟର ୧୭୫ ବ୍ଲକରେ କଲେଣି ସଚେତନ
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ସହ ଲୋକଙ୍କୁ ସଚେତନ ନେଇ ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ ଭାଗବନ ସିନ୍ଧଳା ଗ୍ରାମର ସତ୍ୟବ୍ରତ ଦାସ ପଦଯାତ୍ରାରେ ଓଡିଶା ଭ୍ରମଣରେ ବାହାରି ସୋମବାର ବ୍ରହ୍ମପୁରରେ ପହଞ୍ଚିଛନ୍ତି। ବ୍ରହ୍ମପୁରର ବିଭିନ୍ନ ଅଞ୍ଚଳ ବୁଲି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ସହ ମହାନଦୀ ଜଳ ସମସ୍ୟାର ସମାଧାନ, ପୋଲାଭରାମ୍ ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲାର ୨୧ ପଞ୍ଚାୟତ ଜଳମଗ୍ନ ସମସ୍ୟା ସମ୍ପର୍କରେ ସହରବାସୀଙ୍କୁ ସଚେତନ କରିଥିଲେ। ସେ ମଙ୍ଗଳବାର ବ୍ରହ୍ମପୁରରୁ ଛତ୍ରପୁର ଯାଇ ସେଠାରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି କହିଛନ୍ତି ।

ସୂଚନା ପ୍ରକାରେ, ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ସହ ମହାନଦୀ ଜଳ ସମସ୍ୟାର ସମାଧାନ, ପୋଲାଭରମ୍ ପ୍ରକଳ୍ପ ଯୋଗୁ ମାଲକାନିଗିରି ଜିଲାର ୨୧ ପଞ୍ଚାୟତ ଜଳମଗ୍ନ ହେବାକୁ ଥିବା ନେଇ ଓଡିଶାବାସୀଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରି ୨୦୧୯ ଜୁଲାଇ ୧୦ରେ ସତ୍ୟବ୍ରତ ଯାଜପୁର ଜିଲା ବଡଚଣା ବ୍ଲକରୁ ପଦଯାତ୍ରା ଆରମ୍ଭ କରିଥିଲେ। ସେ ରାଜ୍ୟର ୩୧୪ ବ୍ଲକକୁ ଯାଇ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୫୦୦୦ ରୁ ଉର୍ଦ୍ଧ୍ୱ କି.ମି.ପଥ ଅତିକ୍ରମ କରିଥିଲା ବେଳେ ରାଜ୍ୟର ୧୭୫ ବ୍ଲକ ଅଞ୍ଚଳରେ ପଦଯାତ୍ରା କରି ଏ ଦିଗରେ ସଚେତନତା ସୃଷ୍ଟି କରିଛନ୍ତି। ଇତିମଧ୍ୟରେ ସେ ୧୨ ଜିଲା ଅତିକ୍ରମ କରିବା ସହ ବିଡ଼ିଓଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିବା କହିଛନ୍ତି । ୨୦୨୦ ସୁଦ୍ଧା ପଦଯାତ୍ରା ଶେଷ ନେଇ ଲକ୍ଷ୍ୟ ରଖିଛନ୍ତି ।




ପଦଯାତ୍ରାରେ ବାହାରିଥିବା ସତ୍ୟବ୍ରତ ଦାସ ।

## ପିଇଓ ସଂଘର କଲମଛାଡ଼ ଆନ୍ଦୋଳନ ଚେତାବନୀ

ପୁରୁଷୋତ୍ତମପୁର, ୨୫।୫(ଡି.ଏନ.ଏ.)

ପୁରୁଷୋତ୍ତମପୁର ବ୍ଲକ ଟଙ୍କାଛାଇ ପଞ୍ଚାୟତ ପିଇଓ ରତିକାନ୍ତ ସାହୁଙ୍କୁ ବ୍ଲକ ଏପିଓ ଗାଳିଗୁଲଜ ସହ ଧମକ ଦେବା ଘଟଣା ସମ୍ପର୍କରେ ବିଡିଓଙ୍କୁ ଅବଗତ କରାଯାଇ ମଧ୍ୟ ୪ ଦିନ ପରେ ବି କୌଣସି ପଦକ୍ଷେପ ନିଆଯାଇନି। ଏଥିରେ ରାଜ୍ୟ ଓ ଜିଲା ପିଇଓ ସଂଘ ହସ୍ତକ୍ଷେପ କରି ସୋମବାର ରାତିରେ ବିଡିଓ ସୀମାଞ୍ଚଳ ମହାନ୍ତିଙ୍କୁ ଭେଟି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଛନ୍ତି । ତେବେ ଏହି ଘଟଣା ନେଇ କେହି ଜଣାଇ ନ ଥିବା ବିଡିଓ କହିବା ସହ ଉଭୟ ପକ୍ଷଙ୍କୁ ଚିଠି ମାଧ୍ୟମରେ ଡାକି ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଏପିଓଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଜିଲାର ସମସ୍ତ ପିଇଓ କଲମ ଛାଡ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ସମ୍ପାଦକ କମଳକାନ୍ତ ପଣ୍ଡା କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ନବଦମ୍ପତିଙ୍କ ଅର୍ଥ ପ୍ରଦାନ



ଚେକ୍ ଗ୍ରହଣ କରୁଛନ୍ତି ସହକାରୀ ଯନ୍ତ୍ରୀ ।

ଦିଗପହଣ୍ଡି,୨୫।୫(ଡି.ଏନ.ଏ.)

**କରୋନା ଯୋଗୁ ନିରାଡମ୍ବର ବିବାହ**

କରୋନା ପ୍ରଭାବରେ ରାଜ୍ୟରେ ଲକ୍‌ଡାଉନ୍ କଟକଣା ଜାରି ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ଉତ୍ସବ ମହୋତ୍ସବ, ବାହାଘର ଓ ସଭାସମିତି ବନ୍ଦ କରାଯାଇଛି। ଏଭଳି ସ୍ଥିତିରେ ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରେ ଅନୁଷ୍ଠିତ ହୋଇଛି ନିଆରା ବାହାଘର। ଗ୍ରାମ ନୀଳକଣ୍ଠ ନଗରରେ ରହୁଥିବା ଆନନ୍ଦ ମହାରଣାଙ୍କ ପୁଅ ମଗୁଲୁ ଲକ୍‌ଡାଉନ୍ କଟକଣା ନିୟମ ପାଳନ ସହ ସାମାଜିକ ଦୂରତ୍ୱ ରକ୍ଷା କରି ବ୍ରହ୍ମପୁର ନିକଟ ବୋରିଗାଁର ସୁନୀତା ମହାରଣାଙ୍କୁ ବିବାହ କରିଛନ୍ତି। ଏହି ନବଦମ୍ପତି ଦ୍ୱୟ ବର୍ତ୍ତମାନ କରୋନା ଭଳି ବିପର୍ଯ୍ୟୟ ସମୟରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଛନ୍ତି। ଦିଗପହଣ୍ଡି ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ଗଙ୍ଗାଧର ଲେଙ୍କା ମଗୁଲୁଙ୍କ ବାସଭବନରେ ପହଞ୍ଚି ସରପଞ୍ଚଙ୍କ ଉପସ୍ଥିତିରେ ୧୦ ହଜାର ଟଙ୍କାର ଚେକ୍ ଗ୍ରହଣ କରିଥିଲେ।

## ଅଧୁରା ରହିଲା ଘରବାହୁଡ଼ା ଟ୍ରେନ୍‌ରେ ପ୍ରବାସୀ ଓଡ଼ିଆଙ୍କ ମୃତ୍ୟୁ

ଆସିକା,୨୫।୫(ଡି.ଏନ.ଏ.)

ସୁରଟରୁ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍‌ରେ ଫେରୁଥିବା ଜଣେ ପ୍ରବାସୀ ଓଡ଼ିଆଙ୍କର ରବିବାର ସନ୍ଧ୍ୟାରେ ରାସ୍ତାରେ ମୃତ୍ୟୁ ଘଟିଛି। ସେ ହେଲେ ଆସିକା ଥାନା ଅନ୍ତର୍ଗତ ପାଟଳିଗୁଡା ଗ୍ରାମର ପ୍ରଫୁଲ୍ଲ କୁମାର ସ୍ୱାଇଁ (୪୫)। ପୁଅ ଅନିଲଙ୍କ ସହ ପ୍ରଫୁଲ୍ଲ ସୁରଟରୁ ଶ୍ରମିକ ଟ୍ରେନରେ ଫେରୁଥିଲେ। ରବିବାର ସନ୍ଧ୍ୟାରେ ଟ୍ରେନ୍‌ରେ ହଠାତ୍ ସେ ଅସୁସ୍ଥ ହୋଇ ପଡ଼ିଥିଲେ । ଛତିଶଗଡ଼ ରାୟପୁର ନିକଟସ୍ଥ ମହାସମୁନ୍ଦ ରେଳ ଷ୍ଟେଶନରେ ତାଙ୍କୁ ଟ୍ରେନରୁ ଓହ୍ଲାଇ ସେଠାକାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ କିଛି ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପ୍ରଫୁଲ୍ଲଙ୍କ ଆତ୍ମୀୟମାନେ ରବିବାର ରାତିରେ ସେଠାକୁ ଯିବାଲାଗି ଆସିକା ଥାନା ପୋଲିସର ସହାୟତା ଲୋଡ଼ିଥିଲେ । ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଏ ନେଇ ଗଞ୍ଜାମ ଏସ୍‌ପିଙ୍କୁ ଜଣାଇଥିଲେ। ଏସ୍‌ପି ବ୍ରିଜେଶ କୁମାର ରାୟ ଛତିଶଗଡ ପୋଲିସ ପ୍ରଶାସନ ସହ ଯୋଗାଯୋଗ କରି ପ୍ରଫୁଲ୍ଲଙ୍କ ଆତ୍ମୀୟଙ୍କୁ ସେଠାରେ ପହଞ୍ଚାଇବା ବ୍ୟବସ୍ଥା କରିଥିଲେ। ସୋମବାର ସନ୍ଧ୍ୟାରେ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି । ପ୍ରଫୁଲ୍ଲଙ୍କର କରୋନା ସଂକ୍ରମଣ ନେଇ ଲକ୍ଷଣ ମିଳି ନ ଥିବାରୁ ମୃତଦେହକୁ ଗ୍ରାମକୁ ଆଣିବା ଲାଗି ବ୍ୟବସ୍ଥା କରାଯାଉଥିବା ଜଣାପଡିଛି ।

## ହାଟରେ ରହୁନି ସାମାଜିକ ଦୂରତ୍ୱ

ଆର.ଉଦୟଗିରି, ୨୫।୫(ଡି.ଏନ.ଏ.)

କରୋନା ସଂକ୍ରମଣ ରୋକିବା ପାଇଁ ତାଲା ବନ୍ଦ ଜାରି ରହିଛି। ସରକାର ଚାଷୀ ଓ ସାଧାରଣ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ସାପ୍ତାହିକ ହାଟ ପନିପରିବା ଓ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ବଜାର ଖୋଲିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ଗଜପତି ଜିଲା ଆର.ଉଦୟଗିରି ହାଟରେ ସାମାଜିକ ଦୂରତ୍ୱ କେହି ମାନୁ ନ ଥିବା ଦେଖିବାକୁ ମିଳୁଛି। ପୋଲିସ ଉପସ୍ଥିତରେ ହାଟ ହେଉଥିଲେ ମଧ ଲୋକେ ବେଖାତିର କରୁଥିବା ଜଣାପଡିଛି। ଅନେକ ବେପାରୀ ମାସ୍କ ନ ପିନ୍ଧି ବିକ୍ରି କରୁଛନ୍ତି। ସ୍ଥାନୀୟ ପୋଲିସ ଦେଖିଥିଲେ ମଧ ଚୁପ ରହୁଛି।



ହାଟରେ ଲୋକଙ୍କ ଗହଳି ।

## ଆହାର କେନ୍ଦ୍ର ନିର୍ମାଣ ନିମ୍ନମାନର ଅଭିଯୋଗ

ଗଞ୍ଜାମ,୨୫।୫(ଡି.ଏନ.ଏ.)

ଗଞ୍ଜାମ ସହର ଜୟଶ୍ରୀ ଛକରେ ଏନ୍‌ଏସି ପକ୍ଷରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ଆହାର କେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲିଛି। ଏହାର ଛାତ ପଡି ସାରିଲାଣି। କିନ୍ତୁ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳର ମନୋଜ କୁମାର ପ୍ରଧାନ, ବୁଲୁ ରେଡ୍ଡୀ, ପପି ମହାକୁଡ଼, ଭାଗୀରଥି ନାୟକ ଓ ପପୁ ପଣ୍ଡା ପ୍ରମୁଖ ସୋମବାର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପୁରୁଣା ଇଟା ବ୍ୟବହାର କରାଯାଇଥିବା ଓ ପିଲରର ଲୁହା ଛଡ଼ ଦେଖାଯାଉଥିବା ଆଦି ଦାବିପତ୍ରରେ ଦର୍ଶାଯାଇଛି। ଏହାର ନକଲ ଜିଲାପାଳ, ଉପ ଜିଲାପାଳ ଓ ଡିଆରଡିଏ ପିଡ଼ିଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି। ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭୁ କଲ୍ୟାଣ ଦାସଙ୍କୁ ପଚାରିବାରେ ଦାବିପତ୍ର ଦେଇଛନ୍ତି।

## ଜୁନ୍ ପହିଲାରୁ ଟ୍ରାଏଲ ରନ୍, ଏମ୍‌ଓୟୁ ସ୍ୱାକ୍ଷରିତ

ବ୍ରହ୍ମପୁର ଅଫିସ,୨୫।୫

ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ହେଉଥିବା ସମସ୍ତ ସରକାରୀ ପ୍ରକଳ୍ପ କାର୍ଯ୍ୟ ପରିଚାଳନା ବ୍ୟବସ୍ଥା ଡିଜିଟାଲାଇଜ୍ ହେବ। ଏହି କ୍ରମରେ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳରେ ହେବାକୁ ଥିବା ସମସ୍ତ ନିର୍ମାଣ କାର୍ଯ୍ୟର ଏଷ୍ଟିମେଟଠାରୁ ଅର୍ଥ ପ୍ରଦାନ ପର୍ଯ୍ୟନ୍ତ ପ୍ରକ୍ରିୟା ଏଣିକି ଡିଜିଟାଲାଇଜ୍ କରାଯିବ। ଏନେଇ ସୋମବାର ବିଏମ୍‌ସି ଓ ଏଚଡିଏଫସି ବ୍ୟାଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଏଥିପାଇଁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସ୍ୱତନ୍ତ୍ର ପୋର୍ଟାଲ ତଥା ସ୍ୱତନ୍ତ୍ର ଆପ୍ଲିକେଶନ ପ୍ରସ୍ତୁତ କରିବ। ଯାହାଦ୍ୱାରା ସହରରେ ହେଉଥିବା ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟକୁ ଜିପିଏସ୍ ଜରିଆରେ ଅନୁଧ୍ୟାନ କରାଯାଇ ପାରିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି । ତେବେ ଏହି ଆପ୍ଲିକେଶନ ପ୍ରସ୍ତୁତିର ସମସ୍ତ ଖର୍ଚ୍ଚ ଏଚ୍‌ଡିଏଫସି ବ୍ୟାଙ୍କ ବହନ କରିବାକୁ ଥିବା ଏମ୍‌ଓୟୁରେ ଦର୍ଶାଯାଇଛି। ଜୁନ ପହିଲାରୁ ଏହି ବ୍ୟବସ୍ଥାର ଟ୍ରାଏଲ ରନ୍ ଆରମ୍ଭ ହେବାକୁ ଥିବା ବେଳେ ଏକ ମାସ ମଧ୍ୟରେ ସମ୍ପୂର୍ଣ୍ଣ ଆପ୍ଲିକେଶନ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚାଯାଇଛି । ଏମ୍‌ଓୟୁ ସ୍ୱାକ୍ଷର ବେଳେ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସମେତ ଏଚ୍‌ଡିଏଫସି ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।




ଏମ୍‌ଓୟୁ ସ୍ୱାକ୍ଷରିତ ବେଳେ ବିଏମସି କମିଶନର ଓ ଏଚଡିଏଫସି ବ୍ୟାଙ୍କ ଅଧିକାରୀ ।

**ଡିଜିଟାଲାଇଜ୍ ହେବ ସରକାରୀ ପ୍ରକଳ୍ପ ପରିଚାଳନା ବ୍ୟବସ୍ଥା**

## ସଂକ୍ଷେପରେ

### ଭାରସାମ୍ୟ ହରାଇ ଦୋକାନ ଭିତରକୁ ପଶିଲା ଟ୍ରାକ୍ଟର

ଜହ୍ନାପଙ୍କ,୨୫।୫(ଡି.ଏନ.ଏ): ସୋମବାର ପୂର୍ବାହ୍ନରେ ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ବୌଦ୍ଧ-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ତେଲିବନ୍ଧ ଛକ ନିକଟରେ ଥିବା ଉତ୍ତମ ପ୍ରଧାନଙ୍କ ଦୋକାନ ମଧକୁ ପଶିଯିବାରୁ ଦୋକାନ କ୍ଷତିଗ୍ରସ୍ତ ହେବା ସହ ୨ଟି ସାଇକେଲ ଭାଙ୍ଗିଯାଇଛି। ପୂର୍ବାହ୍ନ ପ୍ରାୟ ୯ଟା ସମୟରେ ଓଆର୦୭ଏଚ-୩୯୬୫ ନମ୍ବରର ଟ୍ରାକ୍ଟର ଏକ ଟ୍ରକକୁ ଦେଖି ହଠାତ୍ ବାମପାର୍ଶ୍ୱକୁ କାଟି ଦେବାରୁ ଭାରସାମ୍ୟ ହରାଇ ଦୋକାନ ମଧରେ ପଶି ଯାଇଥିଲା। ଫଳରେ ଦୋକାନ ସମ୍ମୁଖରେ ରଖାଯାଇଥିବା ୨ଟି ସାଇକେଲ ଭାଙ୍ଗି ଯିବା ସହିତ ଥଣ୍ଡା ବୋତଲ ରଖାଯାଇଥିବା କିଛି ଟ୍ରେ ନଷ୍ଟ ହୋଇଯାଇଛି। ଦୋକାନର ଆଜବେଷ୍ଟସ୍ ମଧ ଭାଙ୍ଗି ଯାଇଛି। ସୌଭାଗ୍ୟବଶତଃ ସେ ସମୟରେ ଦୋକାନ ଆଗରେ କେହି ନ ଥିବା ବେଳେ ଦୋକାନୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

### ୧୨ଜଣଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ସ୍ତ୍ରୀ

ଦେବଗଡ଼,୨୫।୫(ଡି.ଏନ.ଏ.): ବାରକୋଟ ଥାନା ଅନ୍ତର୍ଗତ ବଲଣ୍ଡା ଗ୍ରାମରେ ଏପ୍ରିଲ ୧୭ରେ ବାରାହା ଶିକାର ପାଇଁ ଖଞ୍ଜା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଉକ୍ତ ଗ୍ରାମର ବିଭୁତି ଭୂୟାଁ ଗୁରୁତର ହୋଇଥିଲେ। ଏହି ଘଟଣାରେ ଉକ୍ତ ଗ୍ରାମର ଶିକାରୀ ସୁଶୀଲ କୁମାର ମଲ୍ଲିକ(୪୦) ଓ ତାଙ୍କ ବାପା କ୍ଷମାନିଧି ମଲ୍ଲିକ(୭୦) ସଂପୃକ୍ତ ଥିବା ଜଣା ପଡିବା ପରେ ଗ୍ରାମବାସୀ ସୁଶୀଲଙ୍କୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଥିଲେ। ହେଲେ କ୍ଷମାନିଧି ଫେରାର ହୋଇ ସମ୍ବଲପୁର ଜିଲା ନାକଟିଦେଉଳରେ ଥିବା ନିଜ ଶ୍ୱଶୁର ଘରେ ଆତ୍ମଗୋପନ କରିଥିଲେ। ରବିବାର କ୍ଷମାନିଧିଙ୍କ ସ୍ୱାସ୍ଥ୍ୟ ଗୁରୁତର ହୋଇପଡିବାରୁ ତାଙ୍କୁ ନିଜ ଗ୍ରାମ ବଲଣ୍ଡାକୁ ଫେରାଇ ଅଣାଯାଇଥିଲା। ସେଦିନ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ କ୍ଷମାନିଧିଙ୍କ ସ୍ତ୍ରୀ ସୌଦାମିନୀ ବାରକୋଟ ଥାନାରେ ଗ୍ରାମବାସୀଙ୍କ ଆକ୍ରମଣ କାରଣରୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଉକ୍ତ ଗ୍ରାମର ୧୨ଜଣ ବ୍ୟକ୍ତିଙ୍କ ବିରୋଧରେ ସେ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାରକୋଟ ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ ଘଟଣାର ତଦନ୍ତ ଆରମ୍ଭ କରିଛି।

### କରୋନା ସୂଚନା ପତ୍ର ଘୋଷଣା ପୂର୍ବରୁ ଭାଇରାଲ
#### ଦେବଗଡ଼ ଥାନାରେ ୨ ଅଟକ

ଦେବଗଡ଼,୨୫।୫(ଡି.ଏନ.ଏ.)-କରୋନା ପଜିଟିଭ ବ୍ୟକ୍ତିଙ୍କ ସଂଖ୍ୟା ଘୋଷଣା ପୂର୍ବରୁ ଦେବଗଡ଼ ଜିଲାର ୨୨ଆକ୍ରାନ୍ତଙ୍କ ନାମ ସହ ସଂପୂର୍ଣ୍ଣ ତଥ୍ୟ ଥିବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସୂଚନା ପତ୍ର ଫେସ୍‌ବୁକରେ ରବିବାର ରାତିରେ ଭାଇରାଲ ହୋଇଥିଲା। ଏହି ଘଟଣାରେ ଦେବଗଡ଼ ଥାନା ପୋଲିସ ୨ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିଙ୍କ ଖୋଳତାଡ ଆରମ୍ଭ ହୋଇଛି। ରବିବାର ରାତ୍ରିରେ ରିଆମାଳ ବ୍ଲକ୍ ଅଞ୍ଚଳର ଜଣେ ବ୍ୟବସାୟୀ ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ଦେବଗଡ଼ ଜିଲାରେ ୨୨ କରୋନା ପଜିଟିଭ ବାହାରିଥିବା ନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସୂଚନା ପତ୍ରକୁ ସାର୍ବଜନୀନ କରିଥିଲେ। ତେବେ କରୋନା ସଂକ୍ରମିତ ବ୍ୟକ୍ତିଙ୍କ ନାମ ଠିକଣାକୁ ଗୁପ୍ତ ରଖିବା ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ କଡା ନିର୍ଦ୍ଦେଶ ରହିଛି। ଏହାପରେ ସଂପୃକ୍ତ ବ୍ୟକ୍ତିଙ୍କ ନାମ ଠିକଣା ଭାଇରାଲ ହେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ରିଆମାଳ ଥାନା ଅନ୍ତର୍ଗତ ବୁଡିଦୋ ଗ୍ରାମର ଜଣେ ବ୍ୟକ୍ତି ହ୍ୱାଟସ୍‌ଆପ୍ ଯୋଗେ ଉକ୍ତ ତଥ୍ୟ ଉକ୍ତ ବ୍ୟବସାୟୀଙ୍କୁ ପ୍ରଦାନ କରିଥିଲେ। ସେ ତାକୁ ତାଙ୍କର ଫେସ୍‌ବୁକ୍ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହା ପରେ ଏହା ଭାଇରାଲ ହୋଇଥିଲା। ଏହା ଜଣାପଡିବା ପରେ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସେମାନଙ୍କ ଆକାଉଣ୍ଟରୁ ଉକ୍ତ ସୂଚନାପତ୍ରକୁ ହଟାଯିବା ସହ ୨ ବ୍ୟକ୍ତିଙ୍କୁ ଦେବଗଡ଼ ଥାନାକୁ ଆଣି ପଚରା ଉଚୁରା କରାଯାଉଛି।

# କରୋନା ଆଣିଛି ନୂଆ ଅନୁଭୂତି

ବରଗଡ଼ ଅଫିସ୍,୨୫।୫

ବରଗଡ଼ ଜିଲା ସଦର ମହକୁମା ଅର୍ଥାତ୍ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନ-୧୪ ଅଧୀନ ମାଷ୍ଟରଟିକ୍ରାର ଜଣେ ମହିଳା କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ତାଙ୍କୁ ରାଉରକେଲାର ହାଇଟେକ୍ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ମାଷ୍ଟରଟିକ୍ରାକୁ କଣ୍ଟେନମେଣ୍ଟ ଏବଂ ପାର୍ଶ୍ୱବର୍ତ୍ତୀ ସୁବାସନଗର, ବ୍ରହ୍ମବିହାରକୁ ବଫର ଜୋନ ଭାବେ ଘୋଷଣା କରାଯାଇଛି। ଏହି କଟକଣା ଦ୍ୱାରା ସଂକ୍ରମଣ ଆଶଙ୍କାରୁ ଲୋକେ ଏକ ପ୍ରକାର ସୁରକ୍ଷିତ ଅଛନ୍ତି ସତ, ମାତ୍ର ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। କ୍ଷୀର, ପରିବା ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ପାଇବାକୁ ହଟହଟାର ସମ୍ମୁଖୀନ ହେବାକୁ ପଡୁଥିବାବେଳେ ଜୀବନରେ ଏହା ନୂଆ ଅନୁଭୂତି ବୋଲି ପଡ଼ାବାସୀ କହିଛନ୍ତି।

### ପଡ଼ାକୁ ଅଣାଯାଉ ପନିପରିବା



ଆମେ ଏବେ କଣ୍ଟେନମେଣ୍ଟ ଜୋନ୍‌ରେ ଅଛୁ। ପୋଲିସ କ୍ୟାମ୍ପ କରି ନଜର ରଖିଛି। ଗୋଟିଏ ପ୍ରକାର ବନ୍ଦୀ ଜୀବନ କାଟୁଛୁ। ଛୁଆପିଲା କେହି ବାହାରକୁ ବାହାରି ପାରୁ ନାହୁଁ। ବାହାର ଲୋକଙ୍କ ସହିତ ସମ୍ପର୍କ ରଖି ହେଉନାହିଁ। ଏହା ଆମ ସଭିଙ୍କ ସୁରକ୍ଷା ପାଇଁ ବହୁତ ଭଲ। ହେଲେ ଅତ୍ୟାବଶ୍ୟକୀୟ ସାମଗ୍ରୀ, ପନିପରିବା ମିଳୁନାହିଁ। ପଡ଼ାକୁ ତାହା ଅଣାଯିବା ବ୍ୟବସ୍ଥା କରାଗଲେ ଭଲ ହୁଅନ୍ତା।

–ରୁଦ୍ରାଣୀ ଦାଶ, ମାଷ୍ଟରଟିକ୍ରା

### ସଂକ୍ରମଣ ଆଶଙ୍କାରୁ ସୁରକ୍ଷିତ



ଆମ ଅଞ୍ଚଳକୁ ବଫର ଜୋନ ଭାବେ ଘୋଷଣା କରାଯାଇଛି। ଏଭଳି ପ୍ରତୀକାତ୍ମକ ପଦକ୍ଷେପ ଯୋଗୁ ସଂକ୍ରମଣ ଆଶଙ୍କାରୁ ସୁରକ୍ଷିତ ଅଛୁ। ତେବେ ପ୍ରବାସୀ ଶ୍ରମିକଙ୍କୁ ନେଇ ଏକ ଟ୍ରେନ ଆସିବା ଯୋଗୁ ରବିବାର ସନ୍ଧ୍ୟା ୫ଟାରୁ ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ ହୋଇଥିଲା। ସେଥିପାଇଁ କିଛିଟା ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ୧୪୪ ଧାରା ଉଠିବା ପରେ ଜୀବନଯାତ୍ରା ସ୍ୱାଭାବିକ ରହିଛି।

–ସଞ୍ଜୀବ ପଣ୍ଡା, ସୁବାସ ନଗର

### ଜୀବନରେ ପ୍ରଥମ ଅନୁଭୂତି



ଆଗରୁ କେବେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇ ନ ଥିଲି। ଏହା ପ୍ରଥମ ଅନୁଭୂତି। କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ସବୁ ଦୋକାନ ବଜାର ବନ୍ଦ ଯୋଗୁ ଅସୁବିଧା ହେଉଛି। ଲୋକଙ୍କ ପାଖକୁ ପରିବା, କ୍ଷୀର ଆଦି ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ପହଞ୍ଚି ପାରିନାହିଁ। ତାହା ଏଠାକୁ ସ୍ୱତନ୍ତ୍ର ଭାବେ ଅଣାଯାଇ ବିକ୍ରି ବ୍ୟବସ୍ଥା କରାଯିବା ଦରକାର।

–ପ୍ରଣତୀ ମହାପାତ୍ର, ବ୍ରହ୍ମବିହାର

### ଅତ୍ୟାବଶ୍ୟକ ସାମଗ୍ରୀ ମିଳୁ



ରାସ୍ତାଘାଟ ଶୂନଶାନ ହୋଇ ପଡ଼ିଛି। ଘରେ ରହିଛୁ। ଆମ ଅଞ୍ଚଳ ବଫର ଜୋନରେ ଥିବା ଯୋଗୁ ସେତେ ଅସୁବିଧା ହେଉନାହିଁ। କିନ୍ତୁ ଆମ ପାଖ ଅଞ୍ଚଳରେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ଆଶଙ୍କା ବି ରହୁଛି। ଫଳରେ ପ୍ରଶାସନର ପଦକ୍ଷେପ ଠିକ୍ ଅଛି। ମାତ୍ର ଲୋକେ ଯେଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ପ୍ରଶାସନ ପଦକ୍ଷେପ ନେବା ଜରୁରୀ।

–ପ୍ରଦୀପ ଭୋଇ, ସୁବାସନଗର



ଚନ୍ଦ୍ରଶେଖର ମନ୍ଦିରରୁ ମାତା ପାର୍ବତୀଙ୍କୁ ମାତାପିତା ଓ ପଡାବାସୀ ଢେରାପଡାସ୍ଥିତ ବାସଭବନକୁ ନେଉଛନ୍ତି ।

## ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା

### ଅଷ୍ଟଶମ୍ଭୁ, ଅଷ୍ଟବିଷ୍ଣୁଙ୍କୁ ନିମନ୍ତ୍ରଣ

ସୋନପୁର,୨୫।୫(ନି.ପ୍ର.)

ସୁବର୍ଣ୍ଣପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ସହରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ସୋମବାର ରାତିରେ ଦେବ ନିମନ୍ତ୍ରଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ସହରର ଅଷ୍ଟଶମ୍ଭୁ ଓ ଅଷ୍ଟବିଷ୍ଣୁଙ୍କୁ ଭୈରୋଁବାବା ନିମନ୍ତ୍ରଣ କରିବାକୁ ଯାଇଥିଲେ। ଏଥିରେ ଥନାପତିପଡା ଓ ସହରର ଜନସାଧାରଣ ସାମିଲ ହୋଇଥିଲେ। ଶିବ ଓ ପାର୍ବତୀଙ୍କ ଗୃହ ପ୍ରବେଶ ପରେ ବିଧି ଅନୁଯାୟୀ ଏହି କାର୍ଯ୍ୟକ୍ରମ ହୋଇଥିଲା। ସକାଳେ ଶିବଙ୍କ ମାତାପିତା ଚନ୍ଦ୍ରଶେଖରଙ୍କୁ ମଝିପଡାସ୍ଥିତ ପୂର୍ତ୍ତ ବିଭାଗର କଲୋନିସ୍ଥିତ ବାସଭବନକୁ ନେଇଥିଲେ। ସେହିପରି ପାର୍ବତୀଙ୍କ ମାତାପିତା ମାତା ପାର୍ବତୀଙ୍କୁ ଚନ୍ଦ୍ରଶେଖର ମନ୍ଦିରରୁ ଢେରାପଡାସ୍ଥ ବାସଭବନକୁ ନେଇଥିଲେ। ଏଥିରେ ଢେରାପଡାର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମଙ୍ଗଳବାର ପୂଜାର୍ଚ୍ଚନା ପରେ ସୁନା ନାଗ ପ୍ରତିମା, ରୁପା ବିମାନ ଓ ଅଳଙ୍କାର ଟ୍ରେଜେରୀରୁ ବାହାରିବେ। ଢେରାପଡାର ବି ଡିଲେଶ୍ୱରୀ ଓ ସ୍ୱାମୀ ଏସ୍ ନାଗେଶ୍ୱର ରାଓ ପାର୍ବତୀଙ୍କ ମାତାପିତା ଭାବେ ଏବଂ ପୂର୍ତ୍ତ ବିଭାଗ କଲୋନୀର ପୂର୍ଣ୍ଣିମା ମିଶ୍ର ଓ ସ୍ୱାମୀ ପ୍ରକାଶ ମିଶ୍ର ଚନ୍ଦ୍ରଶେଖରଙ୍କ ମାତାପିତା ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। କରୋନା କଟକଣା ଯୋଗୁ ଶୀତଳଷଷ୍ଠୀ ଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ଚଳିତଥର ନିରାଡମ୍ବର ଭାବେ ପାଳନ କରାଯାଉଛି।

# ପଶ୍ଚିମ ଓଡ଼ିଶା ପ୍ରବାସୀ ଶ୍ରମିକଙ୍କୁ ଉଦ୍ଧାର ଦାବିରେ ୬୦କି.ମି. ପଦଯାତ୍ରା



ପ୍ରବାସୀ ଶ୍ରମିକଙ୍କୁ ଉଦ୍ଧାର ଦାବି ନେଇ ତିନି ସ୍ୱେଚ୍ଛାସେବୀ ପଦଯାତ୍ରାରେ ବଲାଙ୍ଗୀର ଆସିଛନ୍ତି।

ବଲାଙ୍ଗୀର ଅଫିସ, ୨୫।୫

କରୋନା ଲକ୍‌ଡାଉନ୍ ଯୋଗୁଁ ବାହାର ରାଜ୍ୟରେ ଫସି ରହିଥିବା ପଶ୍ଚିମ ଓଡିଶାର ଲକ୍ଷାଧିକ ଦାଦନ ଶ୍ରମିକଙ୍କୁ ଉଦ୍ଧାର ଏବଂ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବାସୀଙ୍କୁ ଉଚିତ୍ ଖାଦ୍ୟ ଯୋଗାଇବାକୁ ଦାବି ହୋଇଛି। ଏହି ଦାବି ନେଇ କୋଶଳ ରାଜ୍ୟ ସମନ୍ୱୟ ସମିତି ବେଲପଡା ଶାଖାର ତିନିଜଣ ସ୍ୱେଚ୍ଛାସେବୀ ୬୦କିଲୋମିଟର ପଦଯାତ୍ରାରେ ବଲାଙ୍ଗୀର ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। କୋଶଳ ରାଜ୍ୟ ସମନ୍ୱୟ ସମିତିର ଯୁବ କେନ୍ଦ୍ରୀୟ ସଙ୍ଗଠକ ବନମାଳୀ ନାଏକ, ପାଟଣାଗଡ ନିର୍ବାଚନ ମଣ୍ଡଳୀ ସଂଯୋଜକ ଗିରିରାଜ ଭୋଇ ଓ ଅଚ୍ୟୁତ ସିଫନ୍ ଖମାରୀ ରବିବାରଠାରୁ ବେଲପଡା ତାରିଣୀ ମନ୍ଦିରରୁ ପଦଯାତ୍ରା ଆରମ୍ଭ କରିଥିଲେ। ସୋମବାର ପୂର୍ବାହ୍ନରେ ଏହି ତିନି ପଦଯାତ୍ରୀ ବଲାଙ୍ଗୀର ସହରରେ ପ୍ରବେଶ କଲାବେଳେ ଲିଟିଲ ଫ୍ଲାୱାର ସ୍କୁଲ ସମ୍ମୁଖରେ ୟୁଥ୍ ଆକ୍ସନ କମିଟି ପକ୍ଷରୁ ସ୍ୱାଗତ କରାଯାଇଥିଲା। ପଦଯାତ୍ରୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ କୋଶଳ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ କମିଟି ତରଫରୁ କେନ୍ଦ୍ରୀୟ ଅଧ୍ୟକ୍ଷ ପ୍ରମୋଦ କୁମାର ମିଶ୍ର, ଉପସଭାପତି ମନୋରଞ୍ଜନ ସାହୁ, ସାଧାରଣ ସମ୍ପାଦକ ବିଭୁଦତ୍ତ ମିଶ୍ର, ଶରତ ହୋତା, ରବି ମିଶ୍ର, ରଣରାଜ ସିଂଦେଓ, କୋଶଳ ଯୁବ ସମନ୍ୱୟ ସମିତି କେନ୍ଦ୍ରୀୟ ସଂଯୋଜକ ରିଲୁ ରଥ, ଡୋଳାମଣି ପ୍ରଧାନ, ବିନୋଦ କାଲସାଏ, ସନ୍ଦୀପ ବାଗ, ଆକ୍ସନ କମିଟିର ମୁନା ପଟ୍ଟନାୟକ, ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପକୂଳ ଅଞ୍ଚଳର ପ୍ରବାସୀ ଶ୍ରମିକ ଓ ପଶ୍ଚିମ ଓଡିଶାର ପ୍ରବାସୀ ଶ୍ରମିକଙ୍କୁ ରାଜ୍ୟକୁ ଫେରାଇ ଆଣିବା ଓ ଖାଦ୍ୟ ଯୋଗାଇଲା ବେଳେ ରାଜ୍ୟ ସରକାର ପାତରଅନ୍ତର କରୁଥିବା ପଦଯାତ୍ରୀମାନେ ଅଭିଯୋଗ କରିଥିଲେ। କୌଣସି ପରିସ୍ଥିତିରେ ଏଭଳି ପଦକ୍ଷେପକୁ ସହ୍ୟ କରାଯିବ ନାହିଁ ବୋଲି କେନ୍ଦ୍ରୀୟ ସଭାପତି ମିଶ୍ର ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରକୁ ଜିଲା ଜରୁରୀ ଅଧିକାରୀ ଶଙ୍କର୍ଷଣ ପ୍ରଧାନଙ୍କୁ ପ୍ରଦାନ କରିଥିଲେ।

## ସ୍ପେଶାଲ ଟ୍ରେନ୍‌ରେ ପହଞ୍ଚିଲେ ୬୨୧୫ ପ୍ରବାସୀ

**ବଲାଙ୍ଗୀର ଅଫିସ, ୨୫।୫:** ବଲାଙ୍ଗୀର ରେଳଷ୍ଟେଶନ୍‌ରେ ସୋମବାର ୩ଟି ଶ୍ରମିକ ସ୍ପେଶାଲ ଟ୍ରେନ୍ ପହଞ୍ଚିଥିଲା। ହାଇଦ୍ରାବାଦ୍‌ରୁ ବଲାଙ୍ଗୀର ଆସିଥିବା ପ୍ରଥମ ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ୨୪୧୧ ପ୍ରବାସୀ ଥିଲେ। ଏଥିରେ ବଲାଙ୍ଗୀର ଜିଲାର ୧୫୭୭, ନୂଆପଡାର ୪୭୪, କଳାହାଣ୍ଡି ର ୮୩, ବରଗଡର ୬୧, ନବରଙ୍ଗପୁରର ୫୪ ପ୍ରବାସୀ ଓହ୍ଲାଇଥିଲେ। ମେହେବୁବନଗରରୁ ଆସିଥିବା ଟ୍ରେନ୍ ସକାଳ ସାଢ଼େ ୬ଟାରେ ବଲାଙ୍ଗୀରରେ ପହଞ୍ଚିଥିଲା। ଏଥିରେ ୨୧୫୪ ପ୍ରବାସୀ ଓହ୍ଲାଇଥିଲେ। ସେଥିରୁ ବଲାଙ୍ଗୀର ଜିଲାର ୧୬୨୯ ପ୍ରବାସୀ ଓହ୍ଲାଇଥିଲେ। ଗୋଆ-କାରମେଲ-ଭବାନୀପାଟଣା ଯାଉଥିବା ଟ୍ରେନ୍ ପୂର୍ବାହ୍ନ ୧୧ଟା୪୫ରେ ବଲାଙ୍ଗୀର ଷ୍ଟେଶନ୍‌ରେ ପହଞ୍ଚିଥିଲା। ଏଥିରେ ୨୩୧ ପ୍ରବାସୀ ଓହ୍ଲାଇଥିଲେ। ସେଥିରେ ସୁନ୍ଦରଗଡ ଜିଲାର ସର୍ବାଧିକ ୯୦ ଜଣ, ନୂଆପଡାର ୮୭, ବଲାଙ୍ଗୀର ଓ ଢେଙ୍କାନାଳର ୧୪ ଲେଖାଏ ଓହ୍ଲାଇଥିଲେ। ରବିବାର ରାତିରେ ତାମିଲନାଡୁର କୋଏମ୍ବାଟୁରରୁ ଆସିଥିବା ଶ୍ରମିକ ସ୍ପେଶାଲ ଟ୍ରେନ୍ ବଲାଙ୍ଗୀରରେ ରାତିରେ ପହଞ୍ଚିଥିଲା। ସେଥିରେ ୧୪୧୧୯ ପ୍ରବାସୀ ପହଞ୍ଚିଥିଲେ। ସେଥିରୁ ଗଞ୍ଜାମ ଜିଲାର ସର୍ବାଧିକ ୩୮୫, ସୁବର୍ଣ୍ଣପୁର ଜିଲାର ୧୪୮ ଓ ବଲାଙ୍ଗୀର ଜିଲାର ୧୨୭ ଜଣ ପ୍ରବାସୀ ଶ୍ରମିକ ଓ ଅନ୍ୟ ଜିଲାର ବାକି ଶ୍ରମିକ ସେଠାରେ ଓହ୍ଲାଇଥିଲେ। ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସ୍‌ପି ସନ୍ଦୀପ ମାଡକର ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ।

## ଖୋଲିଲା ମଦ ଦୋକାନ, ଅନ୍ ଲାଇନ ପ୍ରହସନ

ରାଉରକେଲା ଅଫିସ,୨୫।୫

ସରକାରଙ୍କ ନିଷ୍ପତ୍ତି କ୍ରମେ ସୋମବାର ଷ୍ଟିଲସିଟି ରାଉରକେଲାରେ ବିଦେଶୀ ମଦ ବିକ୍ରି ଆରମ୍ଭ ହୋଇଛି। ତେବେ ହୋମ୍ ଡେଲିଭରି ପରିବର୍ତ୍ତେ ଗ୍ରାହକ ସିଧାସଳଖ ଦୋକାନରୁ ମଦ କିଣୁଛନ୍ତି। ଏନେଇ କାହାକୁ ଅନ୍ ଲାଇନରେ ବୁକିଂ କରିବାକୁ ଦରକାର ପଡିନି କି ଆଧାର ଦେଖାଇବାକୁ ହୋଇନି। ସରକାରଙ୍କ ଅନ୍‌ଲାଇନ ବ୍ୟବସ୍ଥା, ନୀତି ନିୟମ ପ୍ରହସନ ପାଲଟିଛି। ହାତରେ ଟଙ୍କା ଧରାଇଲେ ଯାହାକୁ ଯେତେ ମଦ ଆବଶ୍ୟକ ଦୋକାନୀ ଯୋଗାଇ ଦେଇଛନ୍ତି। ଏମ୍‌ଆରପି ଉପରେ ୫୦ ପ୍ରତିଶତ କୋଭିଡ୍ ଫି ଯୋଗୁ ଗ୍ରାହକ ସଂଖ୍ୟା ଟିକେ କମିଛି। ପ୍ରାୟ ସମସ୍ତ ଦୋକାନୀ ଅଧା ସଟର ଟାଣି ମଦ ବିକ୍ରି କରୁଛନ୍ତି। କେହି କେହି ଦୋକାନଠାରୁ ଟିକେ ଦୂରକୁ ଆସି ମଦ ଯୋଗାଇ ଦେଉଥିବା ଦେଖିବାକୁ ମିଳିଛି। ଏନେଇ କାହାକୁ ରସିଦ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହୋଇଛି। କେହି ପ୍ରତିବାଦ କଲେ ଦୋକାନୀ କହୁଛନ୍ତି, ଏଇଟା ହୋମ୍ ଡେଲିଭରି କରାଯିବା କଥା। ଆପଣଙ୍କୁ ଦୋକାନ ପାଖରେ ସୁବିଧାରେ ଦିଆଯାଉଛି। ଏଣୁ ପାଟି କଲେ ମଦ ମିଳିବନି। ସହରର ୫୦ରୁ ଊର୍ଦ୍ଧ୍ୱ ମଦ ଦୋକାନରେ ଆଜି ଢେର ଅଧିକ ଭିଡ ଲାଗିଥିଲା। ଦୋକାନଠାରୁ ଅଳ୍ପ ଦୂରରେ ଠିଆ ହୋଇ ରହୁଥିଲେ କଳା ବଜାରୀ। ସମୟ ସୁବିଧା ଦେଖି ସେମାନେ କାର୍ଟୁନ ଭର୍ତ୍ତି ମଦ ଉଠାଇ ନେଉଥିଲେ। ଏଥରୁ ଜଣା ପଡୁଥିଲା ଦୋକାନୀ ଓ କଳାବଜାରୀଙ୍କ ମଧ୍ୟରେ ନିବିଡ ସମ୍ପର୍କ ରହିଛି। କାରଣ ସରକାର ଜଣେ ବ୍ୟକ୍ତି କେତେ ପରିମାଣର ମଦ ଓ ବିଅର ନେଇ ପାରିବେ ସେନେଇ ଧାର୍ଯ୍ୟ କରାଯାଇଛି। ଏହା ସତ୍ତ୍ୱେ ବିନା ଅଧାର କାର୍ଡ ଓ ବୁକିଂରେ ବହୁ ପରିମାଣରେ ମଦ ହାତେଇବା ଗ୍ରାହକଙ୍କୁ ଚକିତ କରିଛି।

## ସୁବର୍ଣ୍ଣପୁରରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ

ସୋନପୁର,୨୫।୫(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜିଲାପାଳ ମୋନିଷା ବାନାର୍ଜୀ ଏହା ସ୍ପଷ୍ଟ କରିଛନ୍ତି। ସଂକ୍ରମିତ ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ଅଞ୍ଚଳର ଜଣେ ୨୬ବର୍ଷର ଯୁବକ। ସେ ଗୁଜୁରାଟ ଅହମ୍ମଦାବାଦରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୭ତାରିଖ ରାତିରେ ସେଠାରୁ ଗଜବନ୍ଧ ଫେରିବା ପରେ ସ୍ଥାନୀୟ ଜଗନ୍ନାଥ ହାଇସ୍କୁଲର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଯୁବକଙ୍କ ନିକଟରେ ଲକ୍ଷଣ ଦେଖା ଦେବା ପରେ ଗତ ୧୯ତାରିଖରେ ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଛି। ସେ ରହୁଥିବା କେନ୍ଦ୍ରରେ ମୋଟ ୭୪ଜଣ ପ୍ରବାସୀ ଅଛନ୍ତି। ସେଥିମଧ୍ୟରୁ ୨୦ଜଣଙ୍କ ସ୍ୱାବ୍ ନମୁନା ପୂର୍ବରୁ ସଂଗ୍ରହ ହୋଇଛି। ଅନ୍ୟମାନଙ୍କର ମଙ୍ଗଳବାର ସ୍ୱାବ୍ ସଂଗ୍ରହ କରାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଉକ୍ତ କେନ୍ଦ୍ରକୁ ସିଲ୍ କରି ଦିଆଯାଇଛି। ସମ୍ପୃକ୍ତ ଯୁବକଙ୍କୁ ମଙ୍ଗଳବାର ଅନ୍ୟ ଜିଲାର କୋଭିଡ୍ ହସ୍ପିଟାଲ୍‌କୁ ପଠାଯିବ ବୋଲି ଜିଲାପାଳ ବାନାର୍ଜୀ ସୂଚନା ଦେଇଛନ୍ତି।

## ସ୍ନେହଲତା ଛତ୍ରିଆ ଗଣବଳାତ୍କାର, ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି

ବଲାଙ୍ଗୀର ଅଫିସ, ୨୫।୫: ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସର୍ଗିପାଲି ଗାଁର ସ୍ନେହଲତା ଛତ୍ରିଆ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ୫ ବର୍ଷ ପୂରିଛି। ମାତ୍ର ଏଯାଏଁ ପୀଡିତ ପରିବାର ନ୍ୟାୟ ପାଇନାହାନ୍ତି। ପଶ୍ଚିମ ଓଡିଶା ସାବିତ୍ରୀ ବାଇ ଫୁଲେ ମହିଳା ସଙ୍ଗଠନ ଏହି ଘଟଣାର ସିବିଆଇ ତଦନ୍ତ ଦାବି କରିଛି। ସଙ୍ଗଠନ ସଭାପତି ଚମ୍ପା ନାଗ, ଉପସଭାପତି ସୁଭଦ୍ରା ସୁନା, ସାଧାରଣ ସମ୍ପାଦିକା ଅରୁଣା ନାଗ ସର୍ଗିପାଲି ଗସ୍ତ କରି ପୀଡିତ ପରିବାରକୁ ଭେଟିଥିଲେ। ୨୦୧୫ ମେ ୨୨ ତାରିଖ ଦିନ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିବା ସ୍ନେହଲତାଙ୍କୁ ଅପହରଣ କରାଯାଇ ଗଣବଳାତ୍କାର ପରେ ହତ୍ୟା କରାଯାଇଥିଲା। ପୋଲିସ ୨ଜଣଙ୍କୁ ଗିରଫ କରିଥିଲା। ରାଜ୍ୟ ସରକାର ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ ବିଶେଷ ଅଗ୍ରଗତି ହୋଇପାରି ନ ଥିଲା।

# ମାଟ୍ରିକ୍ ଖାତା ମୂଲ୍ୟାୟନ ପାଇଁ ପ୍ରସ୍ତୁତି



ସୁନ୍ଦରଗଡ ସରକାରୀ ବାଳିକା ବିଦ୍ୟାଳୟ ମୂଲ୍ୟାୟନ କେନ୍ଦ୍ରକୁ ସୋମବାର ବିଶୋଧନ କରାଯାଉଛି ।

ସୁନ୍ଦରଗଡ,୨୫।୫(ଡି.ଏନ୍.ଏ)

ମଙ୍ଗଳବାରଠାରୁ ଆରମ୍ଭ ହେଉଛି ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଖାତା ମୂଲ୍ୟାୟନ। ଏଥିପାଇଁ ସୁନ୍ଦରଗଡ ଜିଲାର ୨ଟି କେନ୍ଦ୍ରରେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ନିର୍ଦ୍ଦେଶକ୍ରମେ କୋଭିଡ-୧୯କୁ ଆଖି ଆଗରେ ରଖି ମୂଲ୍ୟାୟନ କେନ୍ଦ୍ର ଗୁଡିକରେ ସମସ୍ତ ସତର୍କତା, ସରକାରୀ କଟକଣା, ହାତ ଧୋଇବା ଓ ସାମାଜିକ ଦୂରତ୍ୱକୁ ବଜାୟ ରଖିବା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସୋମବାର ଉଭୟ କେନ୍ଦ୍ରକୁ ବିଶୋଧନ କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ସୂଚନା ଦେଇଛନ୍ତି। ସୁନ୍ଦରଗଡ ରାଣୀ ଜାନକୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ରାଉରକେଲା ସେକ୍ଟର ୧୮ସ୍ଥିତ ଦୀପିକା ଇସ୍ପାତ ଶିକ୍ଷା ସଦନରେ ହୋଇଥିବା ଏହି ୨ଟି ମୂଲ୍ୟାୟନ କେନ୍ଦ୍ରରେ ସାମାଜିକ ଦୂରତାକୁ ବଜାୟ ରଖିବା ସକାଶେ ପ୍ରତି କେନ୍ଦ୍ରରେ ୧୬୦ରୁ ସର୍ବାଧିକ ୨୦୦ଲେଖାଏଁ ଶିକ୍ଷୟିତ୍ରୀ ଶିକ୍ଷକ ମାସ୍କ ପିନ୍ଧି ପରୀକ୍ଷା ଖାତା ମୂଲ୍ୟାୟନ କରିବେ। ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏହି ମୂଲ୍ୟାୟନ ହେବ। ସକାଳ ୮ଟାରୁ ଜିଲା ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍ ଉପସ୍ଥିତିରେ ମୂଲ୍ୟାୟନ କେନ୍ଦ୍ରରେ ନିୟୋଜିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ଥର୍ମାଲ ସ୍କାନିଂ ପରେ ଭିତରକୁ ଛଡାଯିବ। ଅପରାହ୍ନ ୫ଟାରେ ପୌରପାଳିକା ତରଫରୁ ମୂଲ୍ୟାୟନ କେନ୍ଦ୍ର ଗୁଡିକୁ ବିଶୋଧିତ କରାଯିବ। ପ୍ରଥମ ପର୍ଯ୍ୟାୟରେ କେବଳ ୪ଟି ବିଷୟ ଇଂରାଜୀ, ଗଣିତ, ଇତିହାସ ଓ ଭୂଗୋଳର ଉତ୍ତର ଖାତା ମୂଲ୍ୟାୟନ ହେବ।

## ମନ୍ଦିରରେ ହେବ ବାବା ସିଦ୍ଧେଶ୍ୱରଙ୍କ ବିବାହ

ସୁନ୍ଦରଗଡ, ୨୫।୫(ଡି.ଏନ୍.ଏ)

କରୋନା ଯୋଗୁ ଲକଡାଉନ ହୋଇଥିବାରୁ ରାଜ୍ୟର ସମସ୍ତ ପର୍ବପର୍ବାଣୀ ଓ ଧାର୍ମିକ ଅନୁଷ୍ଠାନଗୁଡିକରେ କଟକଣା ବଳବତ୍ତର ରହିଛି । ଆସନ୍ତା ୨୭ତାରିଖରେ ହେବାକୁ ଥିବା ଶିବପାର୍ବତୀ ବିବାହ ତଥା ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ସୁନ୍ଦରଗଡରେ ମଧ୍ୟ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଦୀର୍ଘବର୍ଷ ହେବ ପାରମ୍ପରିକ ରୀତିନୀତି ଅନୁଯାୟୀ ସୁନ୍ଦରଗଡରେ ଏହି ଶୀତଳଷଷ୍ଠୀ ଯାତ୍ରା ପାଳିତ ହୋଇ ଆସୁଛି। ଚଳିତ ବର୍ଷ ମହାନ୍ତିପଡା ସ୍ଥିତ ଶ୍ରୀ ଶ୍ରୀ ବାବା ସିଦ୍ଧେଶ୍ୱରଙ୍କ ବିବାହ କନ୍ୟାପିତାଙ୍କ ବାସଭବନରେ ନ ହୋଇ ସ୍ୱମନ୍ଦିରରେ ଆୟୋଜନ ପାଇଁ ମନ୍ଦିର କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ନଗର ପରିକ୍ରମା ନ କରି ଦେବଦମ୍ପତ୍ତି ମନ୍ଦିରରେ ଦର୍ଶନ ଦେବେ। ଏଥର ବର ପିତାମାତା ଭାବେ ରବିନ୍ଦ୍ର ଦାସ ଓ ପୁଷ୍ପାଞ୍ଜଳି ଦାସ ରହିଥିବା ବେଳେ କନ୍ୟା ପିତାମାତା ଭାବେ ପ୍ରଭାତ ଭୋଳ ଓ ମଞ୍ଜୁଲତା ପରିଡା ରହିଛନ୍ତି। ବାବା ସିଦ୍ଧେଶ୍ୱରଙ୍କ ପତରପେଣ୍ଡି ତଥା ନିର୍ବନ୍ଧ ୨୭ ତାରିଖ ବୁଧବାର ଦିନ ୧୦ଟାରେ କନ୍ୟା ପିତାମାତାଙ୍କ ଘରେ ଅନୁଷ୍ଠିତ ହେବ ଓ ରାତିରେ ମନ୍ଦିରରେ ବିବାହ ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି ଚନ୍ଦ୍ରମଣି ମିଶ୍ର ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### କ୍ୱାରାଣ୍ଟାଇନ ସେଣ୍ଟରରେ ମାରପିଟ, ୨ ଆହତ

**ବଡ଼ଗାଁ,୨୫।୫ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବରଙ୍ଗାକଛାର ଗାଁ ହାଇସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ରବିବାର ରାତି ୧୨ଟାରେ ୪ ଯୁବକଙ୍କ ମଧରେ ମାରପିଟ ହୋଇଛି। ଏଥିରେ ୨ଜଣ ଆହତ ହୋଇଛନ୍ତି । ଖବର ପାଇ ପୋଲିସ ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚି ଆହତଦ୍ୱୟଙ୍କୁ ବଡଗାଁ ଡାକ୍ତରଖାନାରେ ଭର୍ତ୍ତି କରିଛି । ତେବେ କେଉଁ କାରଣରୁ ଏପରି ଗଣ୍ଡଗୋଳ ଘଟିଛି ତାହା ସ୍ପଷ୍ଟ ହୋଇନାହିଁ । ପୋଲିସ ଏ ସଂକ୍ରାନ୍ତରେ ତଦନ୍ତ ଆରମ୍ଭ କରିଛି ।

ସୂଚନାଯୋଗ୍ୟ, ଗତ ୧୭ ତାରିଖରେ ଏହି କ୍ୱାରାଣ୍ଟାଇନ ସେଣ୍ଟରରେ ଯୁବକମାନେ ମଦ, ହାଣ୍ଡିଆ ପିଉଥିବା ସ୍ଥାନୀୟ ଜନପ୍ରତିନିଧିମାନେ ଖବର ପାଇଥିଲେ । ପରେ ଏ ନେଇ ଯାଞ୍ଚ ଆରମ୍ଭ ହୋଇଥିଲା । କେନ୍ଦ୍ର ପରିସରରୁ ଏକ ଗରାରେ ଭର୍ତ୍ତିଥିବା ହାଣ୍ଡିଆ ଜବତ କରାଯାଇଥିଲା।

### ସଙ୍ଗରୋଧ କେନ୍ଦ୍ରରେ ଅବ୍ୟବସ୍ଥା ଅଭିଯୋଗ

**ଲୋଇସିଂହା,୨୫।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ମନହାରା ସଙ୍ଗରୋଧ କେନ୍ଦ୍ରରେ କେତେକ ଅବ୍ୟବସ୍ଥା ସାମନାକୁ ଆସିଛି। ଗତ ୪ ଦିନ ହେଲା କେନ୍ଦ୍ରର ବିଦ୍ୟୁତ୍ ନାହିଁ। ରବିବାର ସନ୍ଧ୍ୟାରେ ପ୍ରବାସୀମାନେ ବାହାରେ ବୁଲୁଥିବା ସମୟରେ ଏକ ସାପ ଦେଖି ଭୟଭୀତ ହୋଇପଡିଥିଲେ । ଏତଦ୍ ବ୍ୟତୀତ ରହୁଥିବା ପ୍ରବାସୀଙ୍କ ତୁଳନାରେ ଶଯ୍ୟାର ବ୍ୟବସ୍ଥା ନାହିଁ । ତେଣୁ ସ୍କୁଲରେ ସଙ୍ଗରୋଧ କେନ୍ଦ୍ର କରାଯାଇଥିବାରୁ ଛାତ୍ରୀଛାତ୍ରଙ୍କ ଡେସ୍କବେଞ୍ଚକୁ ଶଯ୍ୟା କରି ଶୋଉଥିବାରୁ ସେମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ବାର ଅନୁଯାୟୀ ଖାଦ୍ୟ ଦେବାକୁ ସରକାର ତାଲିକା ପ୍ରସ୍ତୁତ କରିଥିଲେ ହେଁ ଏଠାରେ ନିର୍ଦ୍ଦିଷ୍ଟ ଏକ ପ୍ରକାରର ଖାଦ୍ୟ ପ୍ରଦାନ କରାଯାଉଥିବାର ଭିଡିଓ ଜରିଆରେ ଅବ୍ୟବସ୍ଥା ଜିଲା ପ୍ରଶାସନ ଓ ଜନସାଧାରଣଙ୍କ ଦୃଷ୍ଟିକୁ ଆଣିଛନ୍ତି ସଙ୍ଗରୋଧ କେନ୍ଦ୍ର ପ୍ରବାସୀମାନେ । ଏ ସମ୍ପର୍କରେ ପଞ୍ଚାୟତ ନୋଡାଲ ଅଫିସର ତଥା ପିଇଓ ଦୟାସାଗର ପଧାନଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ ।

### ବଲାଙ୍ଗୀର: ସଂକ୍ରମିତଙ୍କ ସଂଖ୍ୟା ୨୪କୁ ବୃଦ୍ଧି

ଗୋଟିଏ ଦିନରେ ପୁଣି ୮ ପଜିଟିଭ ଚିହ୍ନଟ

**ବଲାଙ୍ଗୀର ଅଫିସ, ୨୫।୫:** ବଲାଙ୍ଗୀର ଜିଲାରେ ଗୋଟିଏ ଦିନରେ ପୁଣି ୮ କରୋନା ପଜିଟିଭ ଚିହ୍ନଟ ହୋଇଛି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୨୪କୁ ବୃଦ୍ଧି ପାଇଛି । ସୋମବାର ଜିଲାରେ ପୁଣି ୮ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବଲାଙ୍ଗୀର ମ୍ୟୁନିସିପାଲିଟିର ଦୁଇଜଣ ପୁଣେଫେରନ୍ତା, ସଇଁତଳା ବ୍ଲକ୍ ଡେଙ୍ଗ ପଞ୍ଚାୟତର ଜଣେ ଗୁଜରାଟ ଫେରନ୍ତା, ବଙ୍ଗୋମୁଣ୍ଡା ବ୍ଲକ ସିନ୍ଧେକେଲା ପଞ୍ଚାୟତର ଦୁଇଜଣ ଓ ବିରିପାଲି ପଞ୍ଚାୟତର ଜଣେ ମୁମ୍ବାଇ ଫେରନ୍ତା, ଲୋଇସିଂହା ବ୍ଲକ୍ ତଲିଉଡାର ପଞ୍ଚାୟତର ଜଣେ ରାୟପୁର ଫେରନ୍ତା, ଟିଟିଲାଗଡ଼ ବ୍ଲକ୍ କୁରସୁଡ ପଞ୍ଚାୟତର ଜଣେ କୋଟା ଫେରନ୍ତାଙ୍କଠାରେ କରୋନା ପଜିଟିଭ ଚିହ୍ନଟ କରାଯାଇଛି । ଏହି ୮ ଆକ୍ରାନ୍ତଙ୍କ ମଧରୁ ବଲାଙ୍ଗୀର ମ୍ୟୁନିସିପାଲିଟିର ପୁଣେ ଫେରନ୍ତା ଦୁଇଜଣ ଓ ଟିଟିଲାଗଡ କୁରସୁଡ ପଞ୍ଚାୟତର କୋଟା ଫେରନ୍ତା ଜଣେ ଆସିବା ଦିନରୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିବା ସୂଚନା ଦିଆଯାଇଛି । ଅନ୍ୟ ୫ଜଣ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ରେ ରହିଥିବା କୁହାଯାଇଛି । ବଲାଙ୍ଗୀର ସହରର ୨ ଜଣ ସଂକ୍ରମିତ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିବା ଜଣାପଡିବା ପରେ କଲେଜ ଛକ ଅଞ୍ଚଳରେ କରୋନା ଆତଙ୍କ ପ୍ରକାଶ ପାଇଛି । ସମସ୍ତ କରୋନା ପଜିଟିଭ ଚିହ୍ନଟଙ୍କୁ ବଲାଙ୍ଗୀର କିସ୍ କ୍ୟାମ୍ପସ ସ୍ଥିତ କୋଭିଡ ହସ୍ପିଟାଲରେ ରଖାଯାଇଛି ।

### ଷଣ୍ଢ ଆକ୍ରମଣରେ ୭ ଆହତ

**ସମ୍ବଲପୁର,୨୫।୫(ବ୍ୟୁରୋ):** ସମ୍ବଲପୁର ବୁଢ଼ାରଜା ଅଞ୍ଚଳରେ ୨ ଦିନ ହେବ ଏକ ଷଣ୍ଢର ଉତ୍ପାତରେ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଛନ୍ତି। ସୋମବାର ସକାଳ ୬ଟାରୁ ୭ଟା ମଧରେ ଷଣ୍ଢ ଆକ୍ରମଣରେ ୭ଜଣ ଆହତ ହୋଇଛନ୍ତି। ପ୍ରାଣୀଧନ ବିଭାଗ, ବନ ବିଭାଗ, ପୋଲିସ, ଅଞ୍ଚଳବାସୀ ଷଣ୍ଢକୁ ଆୟତ୍ତ କରିବାକୁ ୩ ଘଣ୍ଟା ଲାଗି ଯାଇଥିଲା।

# ୨ ପୁଅଙ୍କୁ ଚାହିଁ ବସିଛି ପରିବାର

**କୋକସରା, ୨୫।୫(ଡି.ଏନ.ଏ.)**




ନିଖୋଜ ପ୍ରଦୀପ ଓ ଗଜୀନ୍ଦ୍ରଙ୍କ ଫାଇଲ ଫଟୋ।



ନିଖୋଜ ଦୁଇ ଯୁବକଙ୍କ ଜେଜେମା, ବାପା ଓ ମା’।

- କାମ କରିବାକୁ ରାୟଗଡ଼ା ଯାଇ ୨୩ମାସ ହେଲା ନିଖୋଜ
- ମୋବାଇଲ ନମ୍ବର ନଟ୍ ରିଚେବଲ୍
- ଏତଲା ରଖି ଚୁପ୍ ବସିଛି ପୋଲିସ
- ଟ୍ରାକିଂ ହେବ ମୋବାଇଲ ନମ୍ବର
- ସାଇବର ସେଲ୍‌ର ସହାୟତା ନିଆଯିବ: ଥାନା ଅଧିକାରୀ

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋତମୁଣ୍ଡା ଗ୍ରାମର ରତନ ମାଝିଙ୍କ ଦୁଇ ପୁଅ ରାୟଗଡ଼ା କାମ କରିବାକୁ ଯାଇ ଆଉ ଫେରିନାହାନ୍ତି। ଇତିମଧରେ ୨୩ମାସ ବିତି ଯାଇଥିଲେ ମଧ ସେମାନଙ୍କର କୌଣସି ଖୋଜଖବର ମିଳୁନାହିଁ। ଏପରି କି ସେମାନଙ୍କ ମୋବାଇଲ ଫୋନ ନଟ୍ ରିଚେବଲ୍ ବତାଉଛି। ସାଙ୍ଗରେ ନେଇଯାଇଥିବା ବାଇକର ପତ୍ତା ମିଳୁନାହିଁ। ଏପରି କି ଲକ୍‌ଡାଉନ ଯୋଗୁ ବାହାରେ ରହି କାମ କରୁଥିବା ପ୍ରବାସୀମାନେ ଘରକୁ ଫେରି ଆସିଥିଲେ ବି ଏହି ଦୁଇଭାଇଙ୍କ କ୍ଷେତ୍ରରେ ତାହା ଘଟିନାହିଁ। ଘରେ ମା’ବାପାଙ୍କ ସହ ପରିଣତ ବୟସରେ ପହଞ୍ଚି ଥିବା ଜେଜେମା’ ଦୁଇ ଭେଣ୍ଡିଆ ପୁଅଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି। ପରିବାର ପକ୍ଷରୁ କୋକସରା ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲେ ବି ପୋଲିସ ମାମଲା ରୁଜୁ କରି ଚୁପ୍ ବସିଛି।

କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ଗୋତମୁଣ୍ଡା ଗ୍ରାମର ରତନ ମାଝି(୫୯)ଙ୍କ ୨ ପୁଅ ପ୍ରଦୀପ(୨୫) ଓ ଗଜିନ୍ଦ୍ର(୨୧)। କାମ ଅନ୍ୱେଷଣରେ ସେମାନେ ପଡ଼ୋଶୀ ଜିଲା ରାୟଗଡ଼ାକୁ ୨୦୧୮ ଜୁନ ୧୦ରେ ଏକ ବାଇକରେ ଘରୁ ବାହାରିଥିଲେ। ସେଠାରେ ପହଞ୍ଚିଲା ପରେ ଦୁଇଭାଇ ଏକ ଟ୍ରାକ୍ଟର ଗ୍ୟାରେଜରେ କାମ କରୁଥିବା ଜୁନ ୧୧ରେ ଗଜିନ୍ଦ୍ର ମୋବାଇଲ ଫୋନରେ ପରିବାର ଲୋକଙ୍କୁ ଜଣାଇଥିଲେ। ହେଲେ ଏହା ପରଠାରୁ ସେମାନଙ୍କ ସହ ପରିବାର ଲୋକଙ୍କର କୌଣସି ସମ୍ପର୍କ ସ୍ଥାପିତ ହୋଇ ପାରିନାହିଁ। ଜୁନ ଶେଷ ସପ୍ତାହରେ ବାପା ରତନ ମାଝି ରାୟଗଡ଼ାର ସମ୍ପୃକ୍ତ ଗ୍ୟାରେଜ ମାଲିକଙ୍କ ସହ ଫୋନରେ କଥା ହୋଇଥିଲେ। ହେଲେ ତାଙ୍କର ଦୁଇପୁଅ ଏଠାକୁ ଆସି ନ ଥିବା ଗ୍ୟାରେଜ ମାଲିକ କହିଥିବା ରତନ କହିଛନ୍ତି। ଏହା ପରେ ସେ ରାୟଗଡ଼ା ଯାଇଥିଲେ ବି ଗ୍ୟାରେଜ ମାଲିକ ଗଜିନ୍ଦ୍ର ଓ ପ୍ରଦୀପ ଏଠାକୁ ଆସି ନ ଥିବା କଥା ଦୋହରାଇ ଥିଲେ। ଶେଷରେ ନିରାଶ ହୋଇ ଘରକୁ ଫେରିଥିଲେ ରତନ। ବହୁ ଆଡେ ଖୋଜଖବର ନେଇଥିଲେ ବି ଦୁଇପୁଅଙ୍କ ବିଷୟରେ କୌଣସି ପତ୍ତା ପାଇ ନ ଥିଲେ। ଶେଷରେ ତା୧୨।୧୦।୧୮ରିଖରେ ରତନ ୨ପୁଅଙ୍କ ନିଖୋଜ ନେଇ ଆମପାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଇତିମଧରେ ୧୯ମାସ ବିତିଗଲାଣି, ହେଲେ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବାରୁ ଆଶଙ୍କା ମଧରେ ରହିଛନ୍ତି ପରିବାର ଲୋକେ । ପ୍ରଦୀପ ୨୦୧୦ରେ ମାଟ୍ରିକ ପାସ୍ କରିଥିବା ବେଳେ ଗ୍ୟାରେଜ କାମ ଶିଖିଥିଲେ। ଅପରପକ୍ଷରେ ୨୦୧୩ରେ ମାଟ୍ରିକ ପାସ୍ କରିଥିବା ଗଜିନ୍ଦ୍ର ଡିପ୍ଲୋମା ପାସ୍ କରିଥିଲେ। ଆଦିବାସୀ ପରିବାରର ଏହି ଦୁଇ ଶିକ୍ଷିତ ଯୁବକ କାମ କରିବାକୁ ଯାଇ ନିଖୋଜ ହୋଇ ଯାଇଥିଲେ ବି ପୋଲିସ କୌଣସି ପଦକ୍ଷେପ ନ ନେବାକୁ ନେଇ ସାଧାରଣରେ ସଂଶୟ ପ୍ରକାଶ ପାଇଛି।

ଦୁଇ ରୋଜଗାରିଆ ପୁଅ ଘରକୁ ନ ଫେରିବାରୁ ପରିବାର ଚଳିବା କଷ୍ଟକର ହୋଇପଡୁଛି। ମା’ କୁମାରୀ ମାଝି(୫୦) ଦୁଇ ପୁଅଙ୍କ ଫେରିବା ବାଟକୁ ଚାହିଁ ଲୁହ ଗଡାଉଛନ୍ତି। ବାପା ରତନ ଦୁଇପୁଅଙ୍କ ନିଖୋଜ ପରେ ଯେମିତି ସ୍ତବ୍ଧ ହୋଇଯାଇଛନ୍ତି। ମୋର ଦୁଇନାତିଙ୍କୁ ଫେରାଇ ଆଣିବା ଦିଗରେ ପୋଲିସ ସହଯୋଗ କରୁ ବୋଲି କହିଛନ୍ତି ଜେଜେମା’ ସନ୍ତଳା ମାଝି(୯୧)। ଜିଲା ପ୍ରଶାସନ ଓ ପୋଲିସ ପ୍ରଦୀପ ଓ ଗଜିନ୍ଦ୍ରଙ୍କୁ ଘରକୁ ଫେରାଇ ଆଣିବାକୁ ସେମାନେ ନିବେଦନ କରିଛନ୍ତି। ଏ ନେଇ ଆମପାଣି ଥାନ ଅଧିକାରୀ ପୁଷ୍ପାଞ୍ଜଳି ନେଗିଙ୍କୁ ପଚାରିବାରୁ ଅନୁସନ୍ଧାନ ଜାରି ରହିଛି। ନିଖୋଜ ଯୁବକଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରାଯାଉଛି। ଦରକାର ପଡ଼ିଲେ ମାମଲାକୁ ସାଇବର ସେଲ୍‌କୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି।

## ଜଙ୍ଗଲରେ ଥିବା ୧୩ ପ୍ରବାସୀଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

**ଲୋଇସିଂହା, ୨୫।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ଗାଁର ୩ପରିବାରର ୧୩ପ୍ରବାସୀ ଶ୍ରମିକ ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରେ ରହିବାର ବ୍ୟବସ୍ଥା ନ ହେବାରୁ ନିକଟସ୍ଥ ଜଙ୍ଗଲରେ ରହୁଛନ୍ତି। ସୋମବାର ଏ ସମ୍ପର୍କରେ ଧରିତ୍ରୀରେ ପ୍ରକାଶ ପାଇଥିଲା । ଏହା ଜାଣିବା ପରେ ସ୍ଥାନୀୟ ମାହେଶ୍ୱରୀ ସଂଗଠନର କର୍ମକର୍ତ୍ତା ସମ୍ପୃକ୍ତ ପ୍ରବାସୀଙ୍କୁ ଭେଟିଥିଲେ। ସଂଗଠନର ଦେବାଶିଷ ବିଷୋୟୀ, ଯଶୋବନ୍ତ ମାହାଣ ସ୍ଥାନୀୟ ଆଶାକର୍ମୀ କୁନ୍ତି ପଟେଲଙ୍କ ସହାୟତାରେ ସମ୍ପୃକ୍ତ ପରିବାରକୁ ଭେଟି ଚାଉଳ, ବିସ୍କୁଟ ଓ ଆନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ପରାମର୍ଶରେ ସ୍ଥାନୀୟ ସରପଞ୍ଚ ସମ୍ପୃକ୍ତ ୩ ପରିବାରକୁ ୫୦ କେଜି ଚାଉଳ ଓ ୫ଶହ ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ସେମାନେ ଜଙ୍ଗଲରେ ରହୁଥିବାରୁ ରାତିରେ ଜୀବଜନ୍ତୁ ଭୟ ଘାରୁଥିବା ଅଭିଯୋଗ କରିଛନ୍ତି। ମାଗୁରବେଡା ଗାଁର ୩ ପରିବାରର ୭ ଜଣ ଶିଶୁଙ୍କ ସମେତ ୧୩ ଜଣ ବ୍ରହ୍ମପୁରକୁ ଇଟା ଗଢିବାକୁ ଯାଇଥିଲେ। କରୋନା ଯୋଗୁ ୪ଦିନ ତଳେ ଗାଁକୁ ଚାଲି ଆସିଥିଲେ। ସଙ୍ଗରୋଧ କେନ୍ଦ୍ରରେ ରଖିବାକୁ ଅନୁରୋଧ କରିଥିଲେ ମଧ ସରପଞ୍ଚ ଅସହାୟ ପ୍ରକାଶ କରି ହୋମ କ୍ୱାରାଣ୍ଟାଇନରେ ରହିବାକୁ କହିଥିଲେ। ଏପଟେ ହୋମକ୍ୱାରଣ୍ଟାଇନ ପାଇଁ ଆବଶ୍ୟକ ଘର ନ ଥିବାରୁ ବାଧ୍ୟ ହୋଇ ଗାଁଠାରୁ ୧ କିମି ଦୂର ଜଙ୍ଗଲରେ ରହିଛନ୍ତି।

## ତାରକେଶ୍ୱର ବାବାଙ୍କ ନିର୍ବନ୍ଧ ସରିଲା

**ସମ୍ବଲପୁର,୨୫।୫(ବ୍ୟୁରୋ)**

ସମ୍ବଲପୁର ସହର ଉପକଣ୍ଠ ସିନ୍ଦୂରପଙ୍କର ତାରକେଶ୍ୱର ବାବାଙ୍କ ନିର୍ବନ୍ଧ ସୋମବାର ସମ୍ପନ୍ନ ହୋଇଛି। କନ୍ୟା ମାତାପିତା ବିନୟ କର ଓ ମନ୍ଦାକିନିଙ୍କ ଘରେ ସପ୍ତଋଷି ପହଞ୍ଚିଥିଲେ। କନ୍ୟା ଘରେ ବରପକ୍ଷକୁ ସ୍ୱାଗତ କରାଯାଇଥିଲା। ସପ୍ତଋଷିମାନେ ବର ମହାଦେବଙ୍କ ଗୁଣଗାନ କରି କନ୍ୟା ପାର୍ବତୀଙ୍କ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ । ଶେଷରେ କନ୍ୟାପକ୍ଷ ରାଜି ହୋଇଥିଲେ । ବର ମାତାପିତା ଶିବବ୍ରତ ପାଢୀ ବିବାହ ପାଇଁ ରାଜି ହୋଇ ନିର୍ବନ୍ଧ କରିଥିଲେ । ପଣ୍ଡିତ ସୁଶାନ୍ତ ସାହୁ ମନ୍ତ୍ର ପାଠ କରି ନିବର୍ନ୍ଧ ନୀତି ସମ୍ପନ୍ନ କରିଥିଲେ । ସର୍ଗିପତ୍ର, ବେଲପତ୍ର ଫୁଲ, ଦୁବ, ସୁନା, ସୁନା ମୁଦି ଗ୍ରହଣ କନ୍ୟା ମାତାପିତା କନ୍ୟାଦାନ କରିବାକୁ ସଂକଳ୍ପ କରିଥିଲେ ତନ୍ମୟ ଧର, ବିଦ୍ୟାଧର ପଣ୍ଡା, ପ୍ୟାରେଲାଲ ପଣ୍ଡା, ସନ୍ତୋଷ କେଡିଆ, ମହେନ୍ଦ୍ର ପଣ୍ଡା, ସୁବ୍ରତ ନାଥ, ଆଶିଷ ନାଥ ପ୍ରମୂଖ ଉପସ୍ଥିତ ଥିଲେ।

## ପୋଲିସ ଭ୍ୟାନ୍‌ରେ ପ୍ରବାସୀ ମହିଳାଙ୍କ ପ୍ରସବ ଘଟଣା

# ପଦାରେ ପଡ଼ିଲା ଜିଆର୍‌ପିର ଅପାରଗତା

**ଝାରସୁଗୁଡା ଅଫିସ,୨୫।୫**

ଝାରସୁଗୁଡା ଜିଲା ପୋଲିସର ଏକ ପିସିଆର ଭ୍ୟାନରେ ରବିବାର ଜଣେ ପ୍ରବାସୀ ମହିଳା ଏକ ଶିଶୁକନ୍ୟା ପ୍ରସବ କରିବା ଘଟଣାରେ ଜିଆର୍‌ପିର ଅପାରଗତା ପଦାରେ ପଡ଼ିଛି। ଜିଆର୍‌ପି ପକ୍ଷରୁ କେବଳ ଏକ ଆମ୍ବୁଲାନ୍ସ ଡକାଇ ଥାନା ଅଧିକାରୀ ଚୁପ୍‌ହୋଇ ବସି ପଡିଥିଲେ। ପୋଲିସ ଭ୍ୟାନ୍‌ରେ ପ୍ରସୂତିଙ୍କୁ ମେଡିକାଲ ନେଲାବେଳେ ଜିଆର୍‌ପିର କୌଣସି ଅଧିକାରୀ କିମ୍ବା କର୍ମଚାରୀ ଯାଇ ନ ଥିଲେ। ସୋମବାର ସୁଦ୍ଧା ମଧ ଜିଆର୍‌ପିର କୌଣସି ଅଧିକାରୀ କିମ୍ବା କର୍ମଚାରୀ ମା, ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବାକୁ ଯାଇନାହାନ୍ତି। ଜଣେ ପ୍ରବାସୀ ପ୍ରସୂତିଙ୍କ ଚିକିତ୍ସା କ୍ଷେତ୍ରରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ଜିଆର୍‌ପିର ଦାୟିତ୍ୱହୀନତାକୁ ସୂଚାଇଛି।

ବିହାର କାଇମୁର ଜିଲା ଦୁର୍ଗାବତୀ ଥାନା ଅଧୀନ କୃପାଳପୁର ଅଞ୍ଚଳର ରାକେଶ କୁମାର ତାଙ୍କ ସ୍ତ୍ରୀ ପାୟଲ ଓ ୩ ବର୍ଷର ଝିଅ ସହ ସରକାରଙ୍କ ଦ୍ୱାରା ଚଳାଯାଇଥିବା ଶ୍ରମିକ ସ୍ୱତନ୍ତ୍ର ଟ୍ରେନ୍‌ରେ ରବିବାର ସିକନ୍ଦରାବାଦରୁ ଘରକୁ ଫେରୁଥିଲେ। ସିକନ୍ଦରାବାଦ-ବିହାର(ଟ୍ରେନ୍ ନଂ.୦୭୦୮୫)ର ଏକ ସାଧାରଣ ବଗିରେ ସେମାନେ ବସିଥିଲେ। ଦିନ ପ୍ରାୟ ୨ଟା ବେଳକୁ ପାୟଲଙ୍କ ପ୍ରସବ ବେଦନା ଆରମ୍ଭ ହୋଇଥିଲା। ଏ ନେଇ ରାକେଶ ରେଳକର୍ମଚାରୀଙ୍କୁଜଣାଇଥିଲେ। ଆଗକୁ ଝାରସୁଗୁଡା ରେଳ ଷ୍ଟେଶନ ପଡୁଥିବାରୁ ରେଳ କର୍ମଚାରୀ ଝାରସୁଗୁଡା ରେଳ ଷ୍ଟେଶନକୁ ସୂଚନା ଦେଇଥିଲେ। ଏହି ଖବର ପାଇଲା ପରେ ଷ୍ଟେଶନ ପକ୍ଷରୁ ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ଜିଆର୍‌ପିକୁ ଅବଗତ କରାଯାଇଥିଲା। ତେବେ ପ୍ରବାସୀ ଶ୍ରମିକଙ୍କ ସମ୍ପର୍କରେ ଜାଣିବା ପାଇଁ ଜଣେ ରେଳ କର୍ମଚାରୀଙ୍କ ସହିତ ଫୋନ୍ ଯୋଗେ ଆଲୋଚନା ବେଳେ ଏହି ଘଟଣା ସମ୍ପର୍କରେ ଜାଣିଥିଲେ ଝାରସୁଗୁଡା ଥାନା ଅଧିକାରୀ ସାବିତ୍ରୀ ବଳ। ଏଣୁ ସେ ତୁରନ୍ତ ପିସିଆର ଭ୍ୟାନ୍ ଧରି ଷ୍ଟେଶନରେ ପହଞ୍ଚିଥିଲେ। ହେଲେ ଆମ୍ବୁଲାନ୍ସ ନ ଆସିବାରୁ ସେ ଆସିଥିବା ପିସିଆର ଭ୍ୟାନ୍‌ରେ ପାୟଲଙ୍କୁ ଧରି ହସ୍ପିଟାଲ ବାହାରିଥିଲେ। ଷ୍ଟେଶନଠାରୁ ଅଳ୍ପ ବାଟ ଯାଇଛି ମହିଳା ଜଣକ ଭ୍ୟାନ୍‌ରେ ହିଁ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଏହା ପରେ ଭ୍ୟାନ୍ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲା। ଉଭୟ ମା’ ଓ ଶିଶୁକନ୍ୟା ଏବେ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ତେବେ ଏ ନେଇ ଜିଆର୍‌ପି ଥାନା ଅଧିକାରୀ ବିନୟ ମିଞ୍ଜଙ୍କୁ ପଚାରିବାରୁ ତାଙ୍କୁ ଏହି ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ଆମ୍ବୁଲାନ୍ସର ବ୍ୟବସ୍ଥା କରିଥିଲେ। ହେଲେ ଆମ୍ବୁଲାନ୍ସ ଠିକ୍ ସମୟରେ ନ ପହଞ୍ଚିବାରୁ ପୋଲିସ ଭ୍ୟାନ୍‌ରେ ମହିଳାଙ୍କୁ ହସ୍ପିଟାଲ ନିଆଯାଇଥିଲା। ତେବେ ଏହି ସମୟରେ ସେ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଥିଲେ। ଅନ୍ୟପକ୍ଷେ ଝାରସୁଗୁଡା ଜିଆର୍‌ପିରେ କର୍ମଚାରୀ ମଧ କମ୍ ଅଛନ୍ତି ବୋଲି କହି ଖସିଯିବାକୁ ଚେଷ୍ଟା କରିଛନ୍ତି।

### ମା’, ପିଲାଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଗଲା

ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳରେ ଚିକିତ୍ସିତ ହେଉଥିବା ପ୍ରବାସୀ ପାୟଲ ଓ ତାଙ୍କ ନବଜାତ ଶିଶୁକନ୍ୟାର ସ୍ୱାବ୍ ସଂଗ୍ରହ କରାଯାଇ ସୋମବାର ପରୀକ୍ଷା ପାଇଁ ପଠାଯାଇଛି। ଅନ୍ୟପକ୍ଷେ ମା’, ପିଲା ଏବେ ଏଠାରେ ରହିବେ। ସମ୍ପୂର୍ଣ୍ଣ ସୁସ୍ଥ ହେଲାପରେ ସେମାନଙ୍କୁ ନିଜ ଘର ବିହାର ପଠାଇବା ପାଇଁ ଜିଲା ପୋଲିସ ପଦକ୍ଷେପ ନେବ ବୋଲି ଝାରସୁଗୁଡ଼ା ଥାନା ଅଧିକାରୀ ସାବିତ୍ରୀ ବଳ କହିଛନ୍ତି।

## ଯୌତୁକ ପାଇଁ ସ୍ତ୍ରୀଙ୍କୁ ଜାଳିଦେଲେ

**ଦେବଗଡ଼,୨୫।୫(ଡି.ଏନ.ଏ)**

ରବିବାର ରାତିରେ ବାରକୋଟ ଥାନା ଅନ୍ତର୍ଗତ ପଡିଆନାଳୀ ଗ୍ରାମରେ ଜଣେ ମହିଳାଙ୍କୁ ଯୌତୁକ ପାଇଁ ଶ୍ୱଶୁର ଘର ଲୋକେ କିରୋସିନ ଢ଼ାଳି ନିଆଁ ଲଗାଇ ହତ୍ୟା କରିଛନ୍ତି । ଏଥିରେ ମହିଳାଙ୍କ ସ୍ୱାମୀ ଓ ଶ୍ୱଶୁର ସଂପୃକ୍ତ ଥିବା ଅଭିଯୋଗ ହୋଇଛି । ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରୁଛି । ସୁନ୍ଦରଗଡ଼ ଜିଲା ମହୁଲଡିହା ଥାନା ଅଞ୍ଚଳର ଅଶ୍ୱିନୀ ସାହୁ (୩୦)ଙ୍କୁ ପଡିଆନାଳୀ ଗ୍ରାମର ରବି ସାହୁଙ୍କ ପୁଅ ନେତ୍ରାନନ୍ଦ (୩୮) ୧୦ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ । ତାଙ୍କର ଗୋଟିଏ ୬ ବର୍ଷର ଏକ ପୁଅ ଅଛି । ଅଧିକ ଯୌତୁକ ଦାବି କରି ସ୍ୱାମୀ ନେତ୍ରାନନ୍ଦ ଓ ଶାଶୁଘର ଲୋକେ ଅଧିକାଂଶ ସମୟରେ ଅଶ୍ୱିନୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ । ରବିବାର ରାତ୍ରି ପ୍ରାୟ ୧୧ ସମୟରେ ଅଶ୍ୱିନୀ ଓ ନେତ୍ରାନନ୍ଦଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ନେତ୍ରାନନ୍ଦ ଓ ରବି ଘରେ ଥିବା କିରୋସିନ ଅଶ୍ୱିନୀଙ୍କ ଦେହରେ ଢାଳି ନିଆଁ ଲଗାଇ ହତ୍ୟା କରିଥିବା ଅଶ୍ୱିନୀଙ୍କ ଭାଇ ଟିକେଶ୍ୱର ସାହୁ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୁକ୍ତ ଫେରାର ଅଛନ୍ତି ।

## ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

**ବଡ଼ଗାଁ,୨୫।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡଗାଁ ଥାନା ଅଧୀନ ଏକ ଗାଁରେ ଜଣେ ୫ର୍ଷର ଶିଶୁକନ୍ୟାଙ୍କୁ ଶନିବାର ସନ୍ଧ୍ୟାରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଚିତ୍ତରଞ୍ଜନ କୁଆ (୨୦)ଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ସେଦିନ ସନ୍ଧ୍ୟାରେ ଶିଶୁକନ୍ୟାଙ୍କ ଘରକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।



ସୋମବାର ସମ୍ବଲପୁର ବଡବଜାର ଶୀତଳଷଷ୍ଠୀ ଯାତ୍ରା କମିଟିର ନିର୍ବନ୍ଧ ଭାର କନ୍ୟା ମାତାପିତାଙ୍କ ବାସଭବନକୁ ନିଆଯାଉଛି ।

## ବୃତ୍ତି ପରିବର୍ତ୍ତନ କଲେ ୫୬ ଏସ୍‌ଏଚ୍‌ଜି ମହିଳା



ସମ୍ବଲପୁର ହୀରାକୁଦ ଅଞ୍ଚଳରେ ଏସ୍‌ଏଚ୍‌ଜିର ମହିଳାମାନେ ମାସ୍କ ତିଆରି କରୁଛନ୍ତି।

**ସମ୍ବଲପୁର, ୨୫।୫ (ବ୍ୟୁରୋ)**

କରୋନା ସମସ୍ତଙ୍କୁ ପ୍ରଭାବ ପକାଇଛି। ଲୋକଙ୍କ ପାଇଁ ଯେତିକି ସମସ୍ୟା ହୋଇଛି, କିଛି ମାତ୍ରାରେ ଲାଭ ମଧ ଦେଇଛି । ସମ୍ବଲପୁର ଜିଲା ହୀରାକୁଦ ଅଞ୍ଚଳର ୫୬ଟି ଏସ୍‌ଏଚ୍‌ଜିର ପ୍ରାୟ ୭ଶହ ମହିଳା ରୋଜଗାରକ୍ଷମ ହୋଇପାରିଛନ୍ତି। ଏହି ମହିଳାମାନେ ମାସ୍କ ତିଆରି କରି ଲାଭବାନ ହୋଇପାରିଛନ୍ତି। ପୂର୍ବରୁ ସେମାନେ କୁଟୀର ଶିଳ୍ପ ସାମଗ୍ରୀ, ବିଡି ଶ୍ରମିକ, ବାଉଁଶ ତିଆରି ସାମଗ୍ରୀ ତିଆରି ଓ ସିଲେଇ କରି ରୋଜଗାର କରୁଥିଲେ। ହେଲେ ସେହି ଦକ୍ଷତା ଏବେ ମାସ୍କ ତିଆରିରେ କାର୍ଯ୍ୟକାରୀ କରୁଛନ୍ତି। କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ମାସ୍କର ଆବଶ୍ୟକତା ରହିଛି। ତେଣୁ ବଜାର ଚାହିଦା ଅନୁସାରେ ସେମାନେ ପୂର୍ବ କାମରେ ପରିବର୍ତ୍ତନ କରି ମାସ୍କ ତିଆରି କରୁଛନ୍ତି। ହିଣ୍ଡାଲ୍‌କୋ ସହଯୋଗରେ ସେମାନେ ମାସ୍କ ତିଆରି କରି ବିଭିନ୍ନ ସାମାଜିକ ଅନୁଷ୍ଠାନ, ସରକାରୀ ଅଫିସ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ସଫେଇ କର୍ମଚାରୀ ଓ ଗାଁରେ ବଣ୍ଟନ କରୁଛନ୍ତି। ମାସ୍କ ତିଆରି ପାଇଁ ସେମାନଙ୍କୁ ହିଣ୍ଡାଲକୋ ପକ୍ଷରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯାଉଛି । ଅନ୍ୟ ସାମଗ୍ରୀ ତିଆରି କଲେ ଏବେ ବଜାରରେ ଚାହିଦା ନାହିଁ। ତେଣୁ ଚାହିଦା ଅନୁସାରେ ମାସ୍କ ତିଆରି କରି ଭଲ ରୋଜଗାର ହୋଇପାରୁଛି ବୋଲି ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ତନୁଶ୍ରୀ ସାହୁ କହିଛନ୍ତି। ସେହିପରି ହିଣ୍ଡାଲକୋ ମୁଖ୍ୟ ଆର. କେ ଗୁପ୍ତା କହିଛନ୍ତି, ଏସ୍‌ଏଚ୍‌ଜିମାନଙ୍କୁ ଉତ୍ସାହିତ କରିବା ସହ ତାଙ୍କ ଆୟ ବୃଦ୍ଧି କରିବା ଆମର ଲକ୍ଷ୍ୟ ।

# ରୌଦ୍ରତାପରେ ଜଳୁଛି ଟିଟିଲାଗଡ଼, ବଲାଙ୍ଗୀର

**ବଲାଙ୍ଗୀର ଅଫିସ, ୨୫।୫**



- ତିନିଦିନ ହେଲା ଟିଟିଲାଗଡ଼ ତାପମାତ୍ରା ୪୫ ଡିଗ୍ରୀ ଉପରେ
- ଖରାରେ ସିଝୁଛନ୍ତି ଜିଲାବାସୀ, ପ୍ରବାସୀ ଶ୍ରମିକ
- ବଢ଼ୁଛି ଅଂଶୁଘାତ ଆଶଙ୍କା, ରାସ୍ତାଘାଟ ଶୂନଶାନ୍

ବଲାଙ୍ଗୀର ଜିଲାରେ ଗତ କିଛିଦିନ ହେଲା ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ରାଜ୍ୟର ସର୍ବାଧିକ ତାପମାତ୍ରା ଟିଟିଲାଗଡ଼ରେ ରେକର୍ଡ କରାଯାଇଛି । ଟିଟିଲାଗଡ଼ରେ ରବିବାର ୪୫.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ସୋମବାର ତାପମାତ୍ରା ୪୫.୫ ଡିଗ୍ରୀ ରେକର୍ଡ କରାଯାଇଛି । ଉଭୟ ଦିନ ବଲାଙ୍ଗୀର ତାପମାତ୍ରା ସମାନ ଭାବେ ୪୪.୮ ଡିଗ୍ରୀ ରେକର୍ଡ କରାଯାଇଛି । ଜିଲାର ପ୍ରାୟ ସମସ୍ତ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ସ୍ୱାଭାବିକ ଜୀବନ ଯାତ୍ରା ପ୍ରଭାବିତ ହୋଇଛି । ପୂର୍ବାହ୍ନ ୧୦ଟାରୁ ଟାଣଖରା ଅନୁଭୂତ ହେଉଛି । ଲକ୍‌ଡାଉନ୍ ଯୋଗୁ ପ୍ରଶାସନ ପକ୍ଷରୁ ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗତ ୩ ଦିନରୁ ଉର୍ଦ୍ଧ୍ୱ ହେଲା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଜିଲାରେ ଅଂଶୁଘାତ ଆଶଙ୍କା ବୃଦ୍ଧି ପାଇଛି । ଆଖପାଖ ଗ୍ରାମରୁ ପ୍ରତ୍ୟହ ବଲାଙ୍ଗୀର ଡେଲିମାର୍କେଟକୁ ପନିପରିବା, ଦୁଗ୍ଧ ଓ ଅନ୍ୟାନ୍ୟ ସାମଗ୍ରୀ ଆଣୁଥିବା ଚାଷୀ, ବ୍ୟବସାୟୀମାନେ ଘରକୁ ଫେରିବା ବେଳେ ଟାଣ ଖରା ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖରା ଯୋଗୁ ପୂର୍ବାହ୍ନ ୧୧ଟାରୁ ଟିଟିଲାଗଡ଼ ଓ ବଲାଙ୍ଗୀର ସହର ସମେତ ପାଟଣାଗଡ଼, କଣ୍ଟାବାଞ୍ଜି, ତୁଷୁରା ସହରାଞ୍ଚଳ ଓ ଅନ୍ୟ ଗ୍ରାମାଞ୍ଚଳର ରାସ୍ତାଘାଟ ଶୂନ୍‌ଶାନ୍ ହୋଇପଡୁଛି । ଜରୁରୀ କାମ ଥିଲେ ଲୋକେ ମୁଣ୍ଡରେ ଗାମୁଛା ଗୁଡାଇ, ଟୋପି ପିନ୍ଧି ଯାତାୟାତ କରୁଛନ୍ତି। ପ୍ରଚଣ୍ଡ ଖରାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ଛକ ଓ ରାସ୍ତାକଡ଼ରେ ଜଳଛତ୍ର ଖୋଲାଯାଇଛି । ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ଅଧିକାରୀ ଓ କର୍ମଚାରୀଙ୍କୁ ସତର୍କତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ଜରୁରୀ ଅଧିକାରୀ ଶଙ୍କର୍ଷଣ ପ୍ରଧାନ ସୂଚନା ଦେଇଛନ୍ତି।

କରୋନା ଲକ୍‌ଡାଉନ ଘୋଷଣା ପରଠାରୁ ବଲାଙ୍ଗୀର ଜିଲାକୁ ପ୍ରତ୍ୟହ ହଜାର ହଜାର ସଂଖ୍ୟାରେ ପ୍ରବାସୀ, ଦାଦନ ଶ୍ରମିକ ଟ୍ରେନ୍ ଓ ବସ୍‌ରେ ଫେରୁଛନ୍ତି । ସେମାନଙ୍କୁ ବିଭିନ୍ନ ଯାନବାହନରେ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନେବା ପ୍ରଶାସନ ପାଇଁ ବଡ ଆହ୍ୱାନ ପାଲଟିଛି । ଯେଉଁମାନେ ଟ୍ରେନ୍‌ରେ ଫେରୁଛନ୍ତି ସେମାନଙ୍କୁ ପରିଚାଳନା କରିବା ସହଜ ହେଉଥିବାବେଳେ ବସ୍ ଓ ଅନ୍ୟ ଯାନବାହନରେ ଫେରୁଥିବା ପ୍ରବାସୀମାନଙ୍କୁ ବିଭିନ୍ନ ସ୍ଥାନରେ ବସ୍‌ଗୁଡିକ ଛାଡି ପଳାଇ ଯାଉଥିବାରୁ ପ୍ରଚଣ୍ଡ ଖରାରେ ସେମାନେ ବହୁ କଷ୍ଟ ଭୋଗୁଛନ୍ତି। ଦୀର୍ଘଦିନ ହେଲା ଖାଇବା, ପିଇବାରେ ଅବ୍ୟବସ୍ଥିତ ଥିବା ଏଭଳି ପ୍ରବାସୀଙ୍କ ଅଂଶୁଘାତ ଆଶଙ୍କା ବଢ଼ି ଯାଉଛି। ସହରର ବିଭିନ୍ନ ରାସ୍ତାରେ ପ୍ରବାସୀମାନେ ସେମାନଙ୍କ ଜିନିଷପତ୍ର ବୋହି ଖରାରେ ଚାଲୁଥିବା ଦୃଶ୍ୟ ଦେଖାଯାଉଛି। ଖରାଯୋଗୁ ବିଭିନ୍ନ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କ୍ୱାରାଣ୍ଟାଇନ୍ ସେଣ୍ଟରରେ ମଧ ପ୍ରବାସୀ ଅନ୍ତେବାସୀମାନେ କଷ୍ଟ ଭୋଗୁଥିବା ଖବର ମିଳୁଛି।

# ଶାଳ ଚାଲୁନି, ପେଟ ପୂରୁନି

ବିପିନ ବିହାରୀ ସେଠୀ
ଭୁବନ, ୨୫।୫

ରାତି ନ ପାହୁଣୁ ଶାଳ ଘରୁ ତାଲା ଖୋଲାଯାଉଥିଲା। ବରାଦ ଅନୁସାରେ ବାସନ ଗଢ଼ାଯାଉଥିଲା। ସେଥିରେ ପୁଣି ଭଳି କି ଭଳି କାରିଗରି। କେଉଁଥିରେ ଫୁଲ ହେବ ତ ଆଉ କେଉଁଥିରେ ମନ୍ଦିରର ମୁଖଶାଳା। ବିବାହ ଋତୁରେ ତ ବେଳ ମିଳୁ ନ ଥିଲା କାହାକୁ। ବାପଅଜା ଅମଳରୁ ଏମିତି ଏମିତିରେ ବିତିଯାଇଛି ବର୍ଷ ପରେ ବର୍ଷ। ହେଲେ ଗତ ଦୁଇମାସ ଧରି ଶାଳ ଘରୁ ଆଉ ଖୋଲୁନି ତାଲା। କଂସା ବାସନ ଗଢ଼ାର ଶବ୍ଦ ବି ଶୁଣାଯାଉନି ଦୂରକୁ। କଞ୍ଚାମାଲ ନାହିଁ କି ପୂର୍ବ ସାମଗ୍ରୀର ବିକ୍ରିବଟା ନାହିଁ। ଏପରି ଅବସ୍ଥାରେ ପରିବାରର ପେଟ ପୂରାଇବାକୁ ସଂଘର୍ଷ କରିବାକୁ ପଡୁଛି କଂସା ବାସନ ପାଇଁ ପ୍ରସିଦ୍ଧ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର କାରୀଗରମାନଙ୍କୁ।

ଭୁବନ ଗ୍ରାମର ୩ ଶହରୁ ଊର୍ଦ୍ଧ୍ୱ କଂସାରି ପରିବାର ବାସନ ତିଆରି କରିନ୍ତି। ପୂର୍ବରୁ କଂସା ପିତଳର ଭଲ ଚାହିଦା ଥିବାରୁ ଅଧିକରୁ ଅଧିକ କାମ ମିଳୁଥିଲା। ଏଥିପାଇଁ ଗାଁରେ ୫୦ଟି ଶାଳଘରେ ସର୍ବଦା ଗହଳିଚହଳି ଥିଲା। ହେଲେ ଷ୍ଟିଲ୍ ଓ ପ୍ଲାଷ୍ଟିକ୍‌ର ଆଦର କଂସାବାସନ ଶିଳ୍ପକୁ ବୁଡ଼ିବାର ଦ୍ୱାରଦେଶରେ ପହଞ୍ଚାଇ ଦେଇଛି। ଫଳରେ ପୂର୍ବପରି କାରିଗରଙ୍କୁ ଆଉ କାମ ମିଳୁ ନ ଥିବା ବେଳେ ଶାଳଘର ସଂଖ୍ୟା ମଧ୍ୟ ଧୀରେ ଧୀରେ ହ୍ରାସ ପାଇ ଏବେ ୧୦ରେ ପହଞ୍ଚିଯାଇଛି। ସେହିପରି ବଜାରରେ ୧୨ଟି କଂସା ବାସନ ଦୋକାନ ବନ୍ଦ ହୋଇଯାଇଥିବାରୁ କଞ୍ଚାମାଲର ଘୋର ଅଭାବ ରହିଛି। ଏହାଛଡ଼ା ଦରଦାମ ବୃଦ୍ଧି, ଚାହିଦା କମିବା, କଞ୍ଚାମାଲ ଆସି ନ ପାରିବା କାରିଗରଙ୍କ ସମସ୍ୟାକୁ ଅଧିକ ବଢାଇ ଦେଇଛି। ସରକାରଙ୍କ ଜିଏସ୍‌ଟି ଲାଗୁ ବ୍ୟବସାୟକୁ ମାନ୍ଦା କରିଦେଇଥିଲେ ବି ଯାହା ଯେମିତି ସେମାନେ ଚଳିଯାଉଥିଲେ। ହେଲେ କରୋନା କଟକଣା ଏହି ବେପାରକୁ ଧରାଶାୟୀ କରିଦେଇଛି। କାରିଗରୀମାନେ ହାତ ବାନ୍ଧି ବସିଥିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। କାରିଗର ନଟବର ସାହୁ କହିଛନ୍ତି, କଂସା କାରିଗରି ପାଇଁ ଭୁବନକୁ ସ୍ୱତନ୍ତ୍ର ପରିଚୟ ମିଳିଥିଲେ ମଧ୍ୟ ସରକାରଙ୍କ ଅଣଦେଖା ଯୋଗୁ ଏହି କୌଳିକ ବୃତ୍ତି ବୁଡ଼ିବାକୁ ବସିଲାଣି। ଲକ୍‌ଡାଉନ୍ ଯୋଗୁ ୨ ମାସ ହେଲା ଶାଳଘରେ ତାଲା ପଡିଛି। ଏପରି ଅବସ୍ଥାରେ ଦିନକୁ ଦୁଇମୁଠା ଦାନା ଯୋଗାଡ ମଧ୍ୟ ସମ୍ଭବ ହେଉନାହିଁ। କାରିଗର ମାୟାଧର ସାହୁ କହିଛନ୍ତି, ଶାଳ ଚାଲୁ ନ ଥିବାରୁ ରୋଜଗାର ବାଟ ବନ୍ଦ ହୋଇଯାଇଛି। ତେବେ ଯାହା ଯେମିତି ମରାମତି କାମ ହେଉଛି ସିନା ନୂଆ ବାସନ କିନ୍ତୁ ଆଉ ତିଆରି ହେଉନାହିଁ। ସରକାର ଏହି ଦୁର୍ଦ୍ଦିନରେ ସହାୟକ ହେଲେ କାରିଗରମାନେ ବଞ୍ଚିଯାଇପାରନ୍ତେ ବୋଲି ମାୟାଧର ପ୍ରକାଶ କରିଛନ୍ତି।


ବନ୍ଦ ପଡ଼ିଛି ଶାଳଘର।


କାରିଗର ମାୟାଧର ସାହୁ।


ନଟବର ସାହୁ।

- ଦୁର୍ଦ୍ଦିନରେ କଂସାବାସନ କାରିଗର
- କଞ୍ଚାମାଲ ଆସୁନି କି ସାମଗ୍ରୀ ବିକ୍ରି ହେଉନି
- ସରକାରୀ ସହାୟତାକୁ ଅପେକ୍ଷା

## ସାନିଟାଇଜ ହେଲା ମୂଲ୍ୟାୟନ କେନ୍ଦ୍ର

**ଢେଙ୍କାନାଳ ଅଫିସ,୨୫।୫:** ଢେଙ୍କାନାଳ ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ସକାଳ ୯ଟାରୁ ମାଟ୍ରିକ ଖାତାଦେଖା ଆରମ୍ଭ ହେବ। ଏଥିପାଇଁ ଅଗ୍ନିଶମ ସେବା ସଂସ୍ଥା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୋମବାର ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରକୁ ସାନିଟାଇଜ୍ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଇଂଲିଶ, ଗଣିତ, ଇତିହାସ ଓ ଭୂଗୋଳ ଖାତାଦେଖା ହେବ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖାତାଦେଖା ଚାଲିବ। ଏଥିପାଇଁ ୮ଟି ୟୁନିଟରେ ୨୦୦ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ୮ଟି ୟୁନିଟ ପାଇଁ ୮ ଜଣ ମୁଖ୍ୟ, ୧୬ଜଣ ଉପମୁଖ୍ୟ ଏବଂ ୧୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ସ୍କ୍ରୁଟିନାଇଜର ଭାବେ କାମ କରିବେ। ବାକି ୧୬୦ ଶିକ୍ଷୟିତ୍ରୀ ଶିକ୍ଷକ ଖାତା ଦେଖିବେ। ସମସ୍ତେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତ୍ୱ ରକ୍ଷା କରିବେ। ୧୦ କିମି ଦୂରତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହେଉଥିବା ଜଣାପଡିଛି। ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣିଙ୍କ ତତ୍ତ୍ୱାବଧାନରେ ଖାତାଦେଖା ଅନୁଷ୍ଠିତ ହେବ। ଏହାର ସୁପରିଚାଳନା ପାଇଁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ସଦର ତହସିଲର ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତି କରାଯାଇଛି।

## କାଠ ଜବତ, ଜଣେ ଗିରଫ

**ଖମାର, ୨୫।୫:** ଅନୁଗୋଳ ଜିଲା ଖମାର ଫରେଷ୍ଟ ରେଞ୍ଜ ତାମ୍ପୁର ଗ୍ରାମରୁ ସୋମବାର ସନ୍ଧ୍ୟାରେ ୧୯୮ ଖଣ୍ଡ ଚଉକାଠ ବନ ବିଭାଗ ଜବତ କରି ଜଣଙ୍କୁ ଗିରଫ କରିଛି। ବିଭାଗ ସୂଚନା ମୁତାବକ, ବାଉରୀବନ୍ଧୁ ମହାନ୍ତିଙ୍କ ଫାର୍ମ ହାଉସରେ ଚୋରା କାଠ ଗଚ୍ଛିତ ଥିବା ଖବର ପାଇ ଭୋର ୫ଟାରେ ରେଞ୍ଜର କାଜଲ କୁମାରୀ ନାୟକ, ଫରେଷ୍ଟର ପ୍ରଦୀପ କୁମାର ଶତପଥୀ, ଗାର୍ଡ ସୁନୀଲ କୁମାର ବେହେରା, ଗୀତାଞ୍ଜଳି ଶବର ପ୍ରମୁଖ ସେଠାରେ ଚଢ଼ାଉ କରିଥିଲେ। ବାଉରୀବନ୍ଧୁଙ୍କ ଅନୁପସ୍ଥିତିରେ କେୟାର ଟେକର ଫକୀର ପୂର୍ତ୍ତିଙ୍କୁ ଗିରଫ କରାଯାଇଥିଲା। ତେବେ ସନ୍ଧ୍ୟା ପ୍ରାୟ ୫ଟାରେ ତହସିଲଦାର ପହଞ୍ଚିବା ପରେ ସେଠାରୁ ୧୯୮ ଖଣ୍ଡ ଚଉକାଠ ଜବତ ହୋଇଥିଲା।

## ମହୁଲ ଗଛରୁ ମୃତଦେହ ଉଦ୍ଧାର

**ବଇଣ୍ଡା,୨୫।୫(ଡି.ଏନ.ଏ.):** ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ମନ୍ଦରବାହାଲ ଗ୍ରାମର ଏକ ମହୁଲ ଗଛରୁ ସୋମବାର ପୋକଣ୍ଡା ଗ୍ରାମର ନକୁଳ ନାୟକ (୧୯)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ନକୁଳଙ୍କ ବାପା ରାଘବଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୦/୨୦ରେ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ପୋଲିସ କହିଛି, ନକୁଳ କିଛିଦିନ ହେବ ତାଙ୍କ ଅପା ଘର ମନ୍ଦରବାହାଲ ବୁଲି ଆସିଥିଲେ। ରବିବାର ସନ୍ଧ୍ୟାରେ ସେ ଫୋନରେ କଥା ହୋଇ ବାହାରକୁ ଯାଇ ଆଉ ଫେରି ନ ଥିଲେ। ସୋମବାର ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଟାପଢୋଲ ଫାଣ୍ଡି ଅଧିକାରୀ କରୁଣାକର ନନ୍ଦ ପହଞ୍ଚି ମୃତଦେହ ଜବତ କରିଥିଲେ।

## ବାପି ସହଯୋଗୀଙ୍କ ସମ୍ପର୍କରେ ଖୋଳତାଡ଼

ଅନୁଗୋଳ ଅଫିସ, ୨୫।୫- ଅନୁଗୋଳ ପୋଲିସ ରବିବାର ବାପି ଓରଫ ସତ୍ୟଜିତ ପ୍ରଧାନ(୩୩)ଙ୍କୁ ଗିରଫ କରିବା ପରେ ତାଙ୍କ ଅପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ତଥ୍ୟ ହାସଲ ପାଇଁ ଉଦ୍ୟମ ଚଳାଇଛି। ଏଥିପାଇଁ ପୋଲିସ ତାଙ୍କ ସହଯୋଗୀଙ୍କ ନିକଟତର ହୋଇ ଅଧିକ ଖୋଳତାଡ ଆରମ୍ଭ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ ଯେ, ଗତ ଜାନୁୟାରୀ ୨୬ରେ ଅନୁଗୋଳ ପୋଲିସ ବାପିଙ୍କୁ ଗିରଫ କରିବା ସହ ୩ ବନ୍ଧୁକ ଓ ୯ଟି ଜୀବନ୍ତ ଗୁଳି ଜବତ କରିଥିଲା। ତାଙ୍କୁ କୋର୍ଟ ଚାଲାଣ କରାଯିବାର ୩୦ ମିନିଟ୍‌ରେ ବେଲ୍ ମିଳିଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ହେଲେ ବାପିଙ୍କ ଜାମିନ ଆବେଦନ ଖାରଜ ହେବା ପରେ ଆତ୍ମସର୍ମପଣ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ବାପି କୋର୍ଟରେ ଆତ୍ମସମର୍ପଣ କରି ନ ଥିଲେ। ପୋଲିସ ରବିବାର ତାଙ୍କୁ ଧରିବାରେ ସଫଳ ହୋଇଥିଲା।



## ମହିଳାଙ୍କୁ ହତ୍ୟା ପରେ ଆତ୍ମହତ୍ୟା ଉଦ୍ୟମ

କଣିହାଁ,୨୫।୫(ଡି.ଏନ.ଏ.)

କାମ କରିବାକୁ ଯାଉଥିବା ଜଣେ ମହିଳାଙ୍କୁ ସୋମବାର ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଅଭିଯୁକ୍ତ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିବା ଅନୁଗୋଳ ଜିଲା କଣିହାଁ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଉଦ୍ଧାର କରି କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ମୃତ ମହିଳାଙ୍କ ପୁଅଙ୍କ ଅଭିଯୋଗ ଆଧାରରେ ପୋଲିସ ନଂ. ୧୯୬/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କଣିହାଁ ଥାନା ଆଇଆଇସି ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି, କଣ୍ଟାପାଳ ଗ୍ରାମର ମହିଳା ସବିତା ବେହେରା (୩୮) ପଡ଼ୋଶୀ ଗାଁ ପୋଇପାଳକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ପୋଇପାଳ ଗ୍ରାମର ଲକ୍ଷ୍ମଣ ସାହୁ (୬୦) ଏକ ଟାଙ୍ଗିଆରେ ତାଙ୍କୁ ପଛପଟୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ସବିତାଙ୍କ ମୃତ୍ୟୁ ହୋଇଯାଇଥିଲା। ପଛରେ ଆସୁଥିବା ସବିତାଙ୍କ ପୁଅ ଏହା ଦେଖି ଗ୍ରାମବାସୀଙ୍କୁ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ କରୁଥିବା ବେଳେ ଅଭିଯୁକ୍ତ ବିଷ ପାନ କରି ବ୍ରାହ୍ମଣୀ ନଦୀ କୂଳରେ ପଡ଼ିଥିବା ଖବର ପାଇଥିଲା। ଅଭିଯୁକ୍ତଙ୍କଠାରୁ ଟାଙ୍ଗିଆ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।


କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଭିଯୁକ୍ତ ଲକ୍ଷ୍ମଣ ସାହୁ।

## ଢେଙ୍କାନାଳ ଜିଲାରେ ୪ର୍ଥ ପଜିଟିଭ୍ ଚିହ୍ନଟ

ଢେଙ୍କାନାଳ ଅଫିସ,୨୫।୫

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମଠତେନ୍ତୁଳିଆ କ୍ୱାରାଣ୍ଟାଇନ ସେଣ୍ଟରରୁ ଜଣେ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ଏହାକୁ ମିଶାଇ ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୪ରେ ପହଞ୍ଚିଛି। ଆକ୍ରାନ୍ତ ୩୨ ବର୍ଷୀୟ ଯୁବକ ଗତ ୧୨ ତାରିଖରେ ଛତିଶଗଡରୁ ଅନ୍ୟ ଦୁଇ ଜଣଙ୍କ ସହ ଆସି ୧୩ ତାରିଖଠାରୁ ଉକ୍ତ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ଗତ ୨୧ ତାରିଖରେ ମୋଟ୍ ୩୯ ଜଣଙ୍କ ସ୍ୱାବ୍ ଟେଷ୍ଟ ପାଇଁ ପଠାଯାଇଥିଲା। ୩୮ଜଣ ନେଗେଟିଭ୍ ଥିବା ବେଳେ ସମ୍ପୃକ୍ତ ଯୁବକଙ୍କ ରିପୋର୍ଟ ପଜିଟିଭ୍ ରହିଥିବା ସୂଚନା ମିଳିଛି। ସଂକ୍ରମିତ ଯୁବକ ସଙ୍ଗରୋଧ କେନ୍ଦ୍ରରେ ଥିବାରୁ ତାଙ୍କଠାରୁ ସଂକ୍ରମଣ ଆଶଙ୍କା ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସୋମବାର ସକାଳେ ତାଙ୍କୁ ତାଳଚେରସ୍ଥିତ କୋଭିଡ୍ ହସପିଟାଲକୁ ପଠାଯାଇଛି। ଏଥିସହିତ ମଠତେନ୍ତୁଳିଆ ସଙ୍ଗରୋଧ କେନ୍ଦ୍ରକୁ ବିଶୋଧନ କରାଯାଇଛି। ଜିଲାବାସୀ ଆତଙ୍କିତ ନ ହୋଇ ସାମାଜିକ ଦୂରତ୍ୱ, ମାସ୍କ ପରିଧାନ କରିବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ପରାମର୍ଶ ଦେଇଛନ୍ତି।



## ପୁରୁଣା ରାସ୍ତା ପ୍ରଶସ୍ତୀକରଣକୁ ବିରୋଧ

ଛେଣ୍ଡିପଦା,୨୫।୫(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଚାଙ୍ଗୁଡିଆ ଗ୍ରାମ ଅଢ଼େଇତଇଳାଠାରେ ସୋମବାର ପୁରୁଣା ରାସ୍ତା ପ୍ରଶସ୍ତୀକରଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏଥିଯୋଗୁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଏପରିକି ରାସ୍ତା କାମରେ ନିୟୋଜିତ ଜେସିବି ମେଶିନ ଉଠାଇ ନେବା ସହ ଦୁଇ ସୁପରଭାଇଜରଙ୍କୁ ଗ୍ରାମବାସୀ କୋଠଘରେ ଅଟକ ରଖିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, କମ୍ପସଲା ଜଙ୍ଗଲ (କେନ୍ଦୁପଶି ଛକ) ଠାରୁ ଚାଙ୍ଗୁଡିଆ ରାସ୍ତା ନିର୍ମାଣ ହେଉଛି। ଲୋକଙ୍କ ଯାତାୟାତ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ସେଠାରେ ପକ୍କା ରାସ୍ତା ତିଆରି ହୋଇଥିବାବେଳେ ଏବେ ଏକ କମ୍ପାନୀ ପକ୍ଷରୁ ତାହାକୁ ଚଉଡା କରାଯାଉଛି। ଏହାହେଲେ ଗ୍ରାମ ପରିବେଶ ଦୂଷିତ ହେବା ସହ ଲୋକେ ଅସୁବିଧା ଭୋଗିବେ। ତେଣୁ ସେଠାରେ ରାସ୍ତା ପ୍ରଶସ୍ତୀକରଣ ନ କରାଇଦେବାକୁ ଲୋକେ ଜିଦ୍ ଧରିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ସେଠାରେ ପହଞ୍ଚି ଉଭୟ ପକ୍ଷ ସହ ଆଲୋଚନା କରିଥିଲା। ଏସଆଇ ପ୍ରତାପ ଚନ୍ଦ୍ର ଦଳେଇ କହିଛନ୍ତି, ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରାଯାଇଛି। ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ପ୍ରଶାସନ ସହ ଆଲୋଚନା କରାଯାଇ ରାସ୍ତା କାମ ବନ୍ଦ ରଖାଯିବ ବୋଲି କହିବା ପରେ ଲୋକେ ଅଟକ ସୁପରଭାଇଜରଙ୍କୁ ଛାଡିଥିଲେ।


ଗ୍ରାମବାସୀଙ୍କୁ ପୋଲିସ ବୁଝାଶୁଝା କରୁଛି।

## ମାରଣାସ୍ତ୍ର ଦେଖାଇ ୩ ଲକ୍ଷ ଲୁଟ୍

କାମାକ୍ଷାନଗର, ୨୫।୫(ଡି.ଏନ.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଟାଙ୍ଗରପଡା ନିକଟରୁ ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏସ୍‌ବିଆଇ ଗ୍ରାହକ ସେବାକେନ୍ଦ୍ର ମାଲିକଙ୍କୁ ମାରଣାସ୍ତ୍ର ଦେଖାଇ ୨ ଦୁର୍ବୃତ୍ତ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ମନୋଜ କୁମାର ମହାନ୍ତି ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ବାଲିଗୋରଡ଼ ଗ୍ରାମର ମନୋଜ ବାଇକ୍ ଯୋଗେ ମଠକରଗୋଳାସ୍ଥିତ ଗ୍ରାହକ ସେବା କେନ୍ଦ୍ରକୁ ଯାଉଥିଲେ। ବାଟରେ ଟାଙ୍ଗରପଡା ନିକଟରେ ୨ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଭୁଜାଲି ଦେଖାଇ ୩ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ନେଇ କାମାକ୍ଷାନଗର ଥାନାରେ ନଂ ୧୬୭/୨୦ ମାମଲା ରୁଜୁ କରାଯାଇଛି।

## ଅଂଶୁଘାତରେ ମୃତ୍ୟୁ ଅଭିଯୋଗ

**ବଅଁରପାଳ, ୨୫।୫(ଡି.ଏନ.ଏ.):** ବଅଁରପାଳ ଥାନା ଝଞ୍ଜିରିବାହାଲ ଗ୍ରାମର ପବିତ୍ର ଗୋଚ୍ଛାୟତ(୩୫)ଙ୍କ ସୋମବାର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ବେଳେ ସେ ଘରୁ କେଉଁଆଡେ ଚାଲିଚାଲି ଯାଉଥିବାବେଳେ ବାଟରେ ଟଳି ପଡିଥିଲେ। ଏ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

## ମହିମା ଧାମ ପକ୍ଷରୁ ପ୍ରତିବାଦ ସଭା



ଛେଣ୍ଡିପଦା,୨୫।୫(ସ୍ୱ.ପ୍ର.)

ଅନୁଗୋଳ ଜିଲାର ଅଙ୍ଗାରବନ୍ଧ ମହିମା ଧାମ ପରିଚାଳନା କମିଟି ଓ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ ପକ୍ଷରୁ ସନ୍ଥ କବି ଭୀମ ଭୋଇଙ୍କ ବିରୋଧରେ ଏକ ପୁସ୍ତକରେ ଲେଖା ପ୍ରକାଶକୁ ବିରୋଧ କରି ସୋମବାର ଏକ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା। ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିଥିବା କବି ଭୀମ ଭୋଇଙ୍କ ଚରିତ୍ର ବିରୋଧୀ ଲେଖାରୁ ନିବୃତ୍ତ ରହିବାକୁ ପରାମର୍ଶ ଦିଆଯିବା ସହ ସମ୍ପୃକ୍ତ ଲେଖକଙ୍କ ପ୍ରତିବାଦରେ କମିଟି ଓ ପରିଷଦ ସଦସ୍ୟମାନେ ଅଖଣ୍ଡଦୀପ ପ୍ରଜ୍ୱଳନ କରିଥିଲେ। ଏହି ପ୍ରତିବାଦ ସଭାରେ ଧାମର ବାବା ମୁରଲୀଧର ଦାସ, ସୁରେନ୍ଦ୍ର ଦାସ, ବିଦ୍ୟାଧର ଦାସ, ଧାମ ପରିଚାଳନା କମିଟି ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦର ଉପଦେଷ୍ଟା ଗୋପାଳ ଚନ୍ଦ୍ର ନାଥ, ସଙ୍ଗଠନ ସମ୍ପାଦକ ବିଜ୍ଞାନୀ କୁମାର ବେହେରା, ଅଜୟ ଦେହୁରୀ, କବି ଅଲେଖ ବେହେରା, କରୁଣାକର ସାହୁ ଓ ଗୁବୁରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦୋକାନ ସମ୍ମୁଖରେ ମଦ କଳାବଜାର

ଅନୁଗୋଳ ଅଫିସ, ୨୫।୫

ଅନ୍‌ଲାଇନ୍‌ରେ ମଦ ବିକ୍ରି ପାଇଁ ରାଜ୍ୟ ସରକାର ଅନୁମତି ଦେଇଥିଲେ ହେଁ ଅନୁଗୋଳରେ ତାହାର ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ସହରର ଜଣେ ମଦ ବ୍ୟବସାୟୀ ଅନ୍‌ଲାଇନ୍‌ରେ ମଦ ବିକିବା ପରିବର୍ତ୍ତେ ସିଧାସଳଖ ଟୋକନ କାଟି ଦୋକାନରୁ ଲୋକଙ୍କୁ ମଦ ବିକିବା ଚର୍ଚ୍ଚାର ବିଷୟ ହୋଇଛି। ଏପରି କି ଉକ୍ତ ଦୋକାନରୁ ସରକାରୀ ଦରରେ ମଦ କିଣି କେତେଜଣ ଦଲାଲ ସେଠାରେ କଳାବଜାର କରିଥିବା ଆଲୋଚନା ହେଉଛି। ତେବେ ଏପରି ବେଆଇନ କାର୍ଯ୍ୟ ସତ୍ତ୍ୱେ ପ୍ରଶାସନ କି ପୋଲିସ ସେଠାରେ ନ ପହଞ୍ଚିବା ସହରବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି।

ଅଭିଯୋଗରୁ ପ୍ରକାଶ ଯେ, ମଦ ଦୋକାନ ଗୁଡ଼ିକ ଖୋଲାଯାଇ ଅନ୍‌ଲାଇନ୍‌ରେ ବିକ୍ରି କରିବାକୁ ସରକାରଙ୍କ ନିର୍ଦ୍ଦେଶ ଥିଲା। କେହି ବି କାଉଣ୍ଟରରେ ସିଧାସଳଖ ଗ୍ରାହକଙ୍କୁ ମଦ ନ ଦେବାକୁ କୁହାଯାଇଥିଲା। ଅନୁଗୋଳ ଗାନ୍ଧୀମାର୍ଗ ଓ ତାଳଚେରରେ ଥିବା ମଦ ଦୋକାନ ଖୋଲିବାକୁ ଜଣେ ବ୍ୟବସାୟୀଙ୍କୁ ଅନୁମତି ମିଳିଥିଲା। ଅବକାରୀ ବିଭାଗର ଅଧିକାରୀମାନେ ଉକ୍ତ ଦୋକାନରେ ଥିବା ମଦର ପରିମାଣ ଓ ଷ୍ଟକ୍ ରେଜିଷ୍ଟର ମଧ୍ୟ ଯାଞ୍ଚ କରିଥିଲେ। ପରେ କୋଭିଡ୍ ଚାର୍ଜ ଅଲଗା ଲଗାଇ ହୋମ୍ ଡେଲିଭରି ପାଇଁ ଅନୁମତି ଦେଇଥିଲେ। ଏଥିପାଇଁ ଦୋକାନ ଆଗରେ ଫୋନ୍ ନମ୍ବର ଲଗାଯାଇଥିଲା। କିନ୍ତୁ ଉକ୍ତ ନିର୍ଦ୍ଦେଶର ଅବମାନନା କରାଯାଇ ଶର୍ଟର ଟେକି ଦୋକାନ ମ୍ୟାନେଜର ସିଧାସଳଖ ଗ୍ରାହକଙ୍କୁ ମଦ ବିକ୍ରି ଆରମ୍ଭ କରିଥିଲେ। ଏହି ସମୟରେ କେତେଜଣ ଦଲାଲ ୯୫୦ ଟଙ୍କାରେ ମଦ କିଣି ୧୨ଶହ ଟଙ୍କାରେ ତାହାକୁ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। କିଛି ସମୟ ମଧ୍ୟରେ ସାମାଜିକ ଦୂରତା ନ ରଖି ଶହ ଶହ ଲୋକ ମଦ ବୋହି ନେଇଥିଲେ। ଘଟଣା ସମ୍ପର୍କରେ ଅବକାରୀ ଏସ୍‌ପି କ୍ରିଷ୍ଣା ନାୟକ କହିଛନ୍ତି, ସରକାର ରଖିଥିବା ସର୍ତ୍ତରେ ବ୍ୟବସାୟୀ ଜଣଙ୍କ ରାଜି ହେବାରୁ ତାଙ୍କୁ ଅନୁମତି ପ୍ରଦାନ କରାଯାଇଥିଲା। ଦୋକାନ ଆଗରେ ପୋଲିସ ମୁତୟନ କରିବାକୁ ଅନୁଗୋଳ ଏସ୍‌ପିଙ୍କୁ ଅବଗତ କରାଯାଇଥିଲା। ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, କେଉଁ ଜାଗାରେ ମଦ ଦୋକାନ ଖୋଲିଛି ଆମ ନିକଟରେ ସୂଚନା ନାହିଁ। ତଥାପି ଘଟଣାର ଅନୁଧ୍ୟାନ କରାଯିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।



ଗାନ୍ଧୀମାର୍ଗଠାରେ ଥିବା ଦୋକାନରୁ ଗ୍ରାହକମାନେ ମଦ ଆଣୁଛନ୍ତି।


ଗ୍ରାହକମାନଙ୍କୁ ଟୋକନ ପ୍ରଦାନ କରାଯାଉଛି।

- ମାନିଲେନି ସରକାରଙ୍କ ଅନ୍‌ଲାଇନ୍ ନିୟମ
- ଟୋକନ କାଟି ବିକିଲେ ସହରବାସୀଙ୍କୁ
- ପୋଲିସ ପାଖରେ ଖବର ନାହିଁ

## ଫଟୋରେ ଖବର...


ଅନୁଗୋଳ ସହରରେ ୩ ଜଣ ମହିଳା ଘର କରିବାକୁ ଟାଟି ବୋହି ନେଉଛନ୍ତି।


କଟକଣା ଯୋଗୁ ଇଦ୍ ବେଳେ ଅନୁଗୋଳ ସହରସ୍ଥିତ ଏକ ମସ୍‌ଜିଦରେ ତାଲା ପଡିଛି।



ଜଣେ ବ୍ୟବସାୟୀ କଦଳୀ ବିକ୍ରି ପାଇଁ ଅନୁଗୋଳ ବଜାରକୁ ଯାଉଛନ୍ତି। (ଫଟୋ-ବୁବୁ)

## ମଦ ଘରେ ପହଞ୍ଚିବାକୁ ଅପେକ୍ଷା କଲେନି ଗ୍ରାହକ

ରାୟଗଡ଼ା ଅଫିସ,୨୫।୫: ସରକାରଙ୍କ ନିର୍ଦ୍ଦେଶରେ ରବିବାରଠାରୁ ଅନ୍‌ଲାଇନ ମଦ ବିକ୍ରି ଆରମ୍ଭ ହୋଇଛି। ଗ୍ରାହକଙ୍କ ଘରେ ସକାଳ ୭ରୁ ଅପରାହ୍ନ ୨ଟା ମଧ୍ୟରେ ପହଞ୍ଚିବ। ତେବେ ରାୟଗଡ଼ା ସହରରେ ସୋମବାର ଅର୍ଡର ବୁକିଂ ଅନୁଯାୟୀ ସେମାନଙ୍କ ଘରେ ମଦ ପହଞ୍ଚାଇବା ପାଇଁ ଦୋକାନ ଖୋଲିବା ସମୟରେ ହଠାତ୍ କେତେଜଣ ଲୋକ ଭିଡ଼ ଜମାଇଥିଲେ। ତେବେ ଦୋକାନ ପକ୍ଷରୁ ସେମାନଙ୍କୁ ବୁଝାଶୁଝା କରାଯିବା ସହ ଏଠାରେ ନାହିଁ, ଘରେ ମଦ ପହଞ୍ଚିବ ବୋଲି କୁହାଯାଇଥିଲା। ଖବର ପାଇ ଅବକାରୀ ବିଭାଗ ଏବଂ ଟାଉନ୍ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

# କୋରାପୁଟ, ଗଜପତିରେ ଚିହ୍ନଟ ହେଲେ ୧୨ ପଜିଟିଭ

ଜୟପୁର,୨୫।୫ (ନି.ପ୍ର./ଡି.ଏନ୍.ଏ./ନନ୍ଦପୁର)

**ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭ ଛୁଇଁଲା**
- ସିଲ୍ ହେଲା ଜୟପୁର ବେଲ ରୋଡ୍
- ପ୍ରଶାସନ ପକ୍ଷରୁ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ
- କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହେଲେ

କୋରାପୁଟ ଜିଲାରେ ସୋମବାର ୬ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୭ରେ ପହଞ୍ଚିଛି। ପୂର୍ବରୁ ଦଶମନ୍ତପୁର ବ୍ଲକରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଚିହ୍ନଟ ୬ ଜଣଙ୍କ ମଧ୍ୟରେ ଲକ୍ଷ୍ମୀପୁରର ୨ ଜଣ, ନନ୍ଦପୁରର ୨ ଜଣ, ଦଶମନ୍ତପୁର ଓ ଜୟପୁରର ଜଣେ ଲେଖାଏ ରହିଛନ୍ତି। ଏମାନେ ସମସ୍ତେ ଆନ୍ଧ୍ର ଫେରନ୍ତା ଓ ସଙ୍ଗରୋଧରେ ଥିଲେ । ୫ ଜଣ ଆକ୍ରାନ୍ତଙ୍କୁ ଜୟପୁରସ୍ଥିତ କୋଭିଡ୍ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତେବେ ନନ୍ଦପୁର ବ୍ଲକର ଆକ୍ରାନ୍ତ ୨ଜଣ ମହିଳା ବୋଲି ଜଣାପଡ଼ିଛି। ସେମାନେ ଅନ୍ୟ କେତେଜଣ ମହିଳାପୁରୁଷଙ୍କ ସହ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ କାମ କରିବାକୁ ଯାଇଥିଲେ। ସେଠାରେ ଏକ କୁକୁଡ଼ାଫାର୍ମରେ କାମ କରୁଥିଲେ। ଏମାନେ ୧୭ ତାରିଖରେ ସେଠାରୁ ଫେରି ସଙ୍ଗରୋଧ ଗୃହରେ ରହୁଥିଲେ। ଏମାନଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସୋମବାର ୨ ଜଣ ମହିଳା ଆକ୍ରାନ୍ତ ହୋଇଥିବା ରିପୋର୍ଟ ଆସିଛି। ସେହିପରି ଦଶମନ୍ତପୁରରେ ପ୍ରଶାସନ ପକ୍ଷରୁ ସଙ୍ଗରୋଧ କେନ୍ଦ୍ର ଚତୁଃପାର୍ଶ୍ୱକୁ ସିଲ୍ କରାଯାଇ ପୋଲିସ ପ୍ରହରା ବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଛି। ଚିହ୍ନଟ ଯୁବକ ଜଣକ କେଉଁ କେଉଁ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସଛନ୍ତି ତାହା ଅନୁଧ୍ୟାନ କରାଯାଉଛି। ସଙ୍ଗରୋଧ କେନ୍ଦ୍ରର ସମସ୍ତଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ବ୍ଲକ ସଦରମହକୁମାରେ ଶଟ ଡାଉନ ଘୋଷଣା ହୋଇଛି। ତେବେ ଭୟ କରିବାର କିଛି ନାହିଁ। ସମସ୍ତେ ନିଜ ଘରେ ରହିବା ସହ ମାସ୍କ ବ୍ୟବହାର କରିବା ପାଇଁ ପ୍ରଶାସନ ପକ୍ଷରୁ ତହସିଲଦାର ଅଜୟ ପ୍ରକାଶ ର୍ତିକି, ବିଡିଓ ଡ଼ମ୍ବରୁ ଧର ମଲ୍ଲିକ, ସରପଞ୍ଚ ବଳରାମ ମୁଦୁଲି ଏବଂ ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ଜୟପୁର ଆକ୍ରାନ୍ତ ପ୍ରଶାସନର ଚିନ୍ତା ବଢ଼ାଇଛନ୍ତି। ସେ ଘରେ ସଙ୍ଗରୋଧରେ ଥିଲେ। ମାତ୍ର ୨ ଦିନ ତଳେ ଆନ୍ଧ୍ରପ୍ରଦେଶ ଚାଲି ଯାଇଛନ୍ତି । ତାଙ୍କୁ ଠାବକରିବା ପାଇଁ ଉଦ୍ୟମ ଆରମ୍ଭହୋଇ ଆନ୍ଧ୍ରର ଗୋଦାବରୀ ଜିଲାରେ ଥିବା ତାଙ୍କ ଭଉଣୀଙ୍କ ମୃତ୍ୟୁ ଖବର ପାଇ ତାଙ୍କ ଘରକୁ ଯାଇଥିବା ଜଣାପଡ଼ିଛି ବୋଲି ଜିଲାପାଳ ମଧୁସୂଦନ ମିଶ୍ର କହିଛନ୍ତି। ରିପୋର୍ଟ ଆସିବା ପରେ ଜୟପୁର ବେଲ ରୋଡ୍‌କୁ ପ୍ରଶାସନ ସିଲ୍ କରିଛି । ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି। ଆକ୍ରାନ୍ତଙ୍କ ସମ୍ପର୍କୀୟ ଏବଂ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ହୋଇଛି । ୬ ପଜିଟିଭ ବାହାରିବା ପରେ ଜିଲାରେ ଭୟ ପ୍ରକାଶ ପାଇଛି । ସେମାନଙ୍କ ମଧ୍ୟରୁ ୫ ଜଣ ବିଜୟୱାଡା ଓ ଜଣେ ବିଜୟନଗରମରୁ ଆସିଥିଲେ। ଜୟପୁର ବେଲ ରୋଡ୍‌କୁ ସିଲ୍ କରାଯାଇଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା, ପୌର ନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟ, ତହସିଲଦାର ପ୍ରବେଶ ପଥକୁ ସିଲ୍ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ରୂପେ ଘୋଷଣା କରାଯାଇ ସୋମବାର ସନ୍ଧ୍ୟା ୬ରୁ ୧ ତାରିଖ ସନ୍ଧ୍ୟା ୬ଟା ଯାଏ ଜୋନ୍ ଭିତରକୁ ଯାତାୟାତ ନିଷେଧ କରାଯାଇଛି। ଦଶମନ୍ତପୁର,ଲକ୍ଷ୍ମୀପୁର ଏବଂ ନନ୍ଦପୁରର ଆକ୍ରାନ୍ତଙ୍କୁ କ୍ୱାରାଣ୍ଟାଇନକୁ ଅଣାଯାଇଥିବା ବେଳେ ଘରେ କ୍ୱାରାଣ୍ଟାଇନରେ ରହୁଥିବା ଜୟପୁର ଆକ୍ରାନ୍ତ ତାଙ୍କ ଭଉଣୀ ରହୁଥିବା ଆନ୍ଧ୍ରର ଗୋଦାବରୀ ଜିଲାକୁ ଯାଇଛନ୍ତି। ତେବେ ସେ ପ୍ରଶାସନକୁ ନ ଜଣାଇ କିଭଳି ଚାଲିଗଲେ ପ୍ରଶାସନ ଜାଣିପାରିଲା ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୩ ଦିନରେ ୧୦ ଚିହ୍ନଟ

ପାରଳାଖେମୁଣ୍ଡି/ଗୁମ୍ମା,୨୫।୫(ସ୍ୱ.ପ୍ର.)

ଗଜପତି ଜିଲାରେ ପୁଣି ୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏ ସମ୍ପର୍କରେ ଗଜପତି ଜିଲାପାଳ ଅନୁପମ ଶାହା ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଜଣାଇଛନ୍ତି। ଗତ ୨୩ତାରିଖରେ ପ୍ରଥମଥର ପାଇଁ ଗଜପତିରେ ୪ କରୋନା ରୋଗୀ ଚିହ୍ନଟ ହୋଇଥିଲେ । ୩ଦିନ ମଧ୍ୟରେ ଏହି ସଂଖ୍ୟା ୧୦ରେ ପହଞ୍ଚିଛି । ଏହାକୁ ଦୃଷ୍ଟିରେ ରଖି ସମଗ୍ର ଗଜପତି ଜିଲାରେ ପ୍ରଶାସନ ତରଫରୁ ହାଇ ଆଲର୍ଟ ଜାରି କରାଯାଇଛି । ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ଭାବେ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସୋମବାର ଯେଉଁ ୬ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି ସମସ୍ତେ ମହାରାଷ୍ଟ୍ର ଫେରନ୍ତା ଗଜପତି ଜିଲାର ପ୍ରବାସୀ ଅଟନ୍ତି। ସେମାନେ ଗତ ୧୬ତାରିଖରେ ଏକ ବସ୍ ଯୋଗେ ମହାରାଷ୍ଟ୍ରରୁ ଗଜପତି ଫେରିଥିଲେ। ସେମାନଙ୍କୁ ଏକ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା । ଏହି ୬ଜଣଙ୍କୁ ଗଜପତିର ଆର୍.ସୀତାପୁରଠାରେ ଥିବା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତେବେ ଜିଲାବାସୀ ଏଥିରେ କୌଣସି ଭୟଭୀତ ହେବାର ଆବଶ୍ୟକତା ନାହିଁ। ଜନସାଧାରଣ ଲକ୍‌ଡାଉନ୍ ନିୟମକୁ ମାନି ନିଜ ଘରେ ସୁରକ୍ଷିତ ଭାବେ ରୁହନ୍ତୁ ଏବଂ ପ୍ରଶାସନକୁ ସହଯୋଗ କରନ୍ତୁ ବୋଲି ଜିଲାପାଳ କହିଛନ୍ତି।

# ମାଲକାନଗିରି: ଜିଲାରେ ଚିହ୍ନଟ ହେଲେ ଆଉ ୯ ଆକ୍ରାନ୍ତ

**ସଂଖ୍ୟା ୧୯ରେ ପହଞ୍ଚିଲା**



- ଆକ୍ରାନ୍ତଙ୍କ ମଧ୍ୟରୁ ମାଲକାନଗିରିର ୪
- ୨ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା
- ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୧୭ ପ୍ରବାସୀ

ମାଲକାନଗିରି,୨୫।୫(ଡି.ଏନ୍.ଏ.)

ମାଲକାନଗିରି ସବୁଜ ଜୋନ୍ ଥିବା ବେଳେ ଜିଲାବାସୀ ନିର୍ଭୟରେ ଥିଲେ। ସେମାନଙ୍କ ଜିଲାରୁ କରୋନା ଆକ୍ରାନ୍ତ ବାହାରିବେ ନାହିଁ ବୋଲି ଭାବିଥିଲେ। ମାତ୍ର ଯେବେଠାରୁ ମାଲକାନଗିରି ଜିଲାରେ ପ୍ରବାସୀ ଶ୍ରମିକ ପ୍ରବେଶକଲେ ସେବେଠାରୁ ଏହି ରୋଗ ସଂକ୍ରମିତ ହେବା ଆରମ୍ଭ କଲା। ସୋମବାର ୯ଜଣ ଚିହ୍ନଟ ହୋଇଛନ୍ତି। ଗତ ୩/୪ ଦିନ ମଧ୍ୟରେ ଜିଲାରେ ୧୯ କରୋନା ଆକ୍ରାନ୍ତ ଚିହ୍ନଟ ହେଲେଣି। ସେମାନଙ୍କ ମଧ୍ୟରେ କାଲିମେଳାର ସ୍ୱାସ୍ଥ୍ୟକର୍ମୀ ଏବଂ ପଡ଼ିଆର ଆଶାକର୍ମୀଙ୍କ ସହ ୧୭ଜଣ ପ୍ରବାସୀ ସଂକ୍ରମିତ ହୋଇଛନ୍ତି। ଫଳରେ ଆଗାମୀ ଦିନରେ ରୋଗୀଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇପାରେ ବୋଲି ଆଶଙ୍କା ଦେଖାଦେଇଛି। ସୋମବାର ଚିହ୍ନଟ ହୋଇଥିବା ୯ଜଣଙ୍କ ମଧ୍ୟରୁ ୪ଜଣ ମାଲକାନଗିରି ପୌର ପରିଷଦ ଜେଲସାହିର ବୋଲି ଜଣାପଡିଛି। ପୂର୍ବରୁ ଏମାନଙ୍କୁ ପୌର ପରିଷଦର କଲ୍ୟାଣ ମଣ୍ଡପ ସଙ୍ଗରୋଧ ଗୃହରେ ରଖାଯାଇଥିଲା। ଏବେ ସେମାନଙ୍କୁ ସଦର ମହକୁମାସ୍ଥିତ କୋଭିଡ୍-୧୯ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ପଡ଼ିଆ ବ୍ଲକର ସଦର ମହକୁମାର ଜଣେ ଆଶାକର୍ମୀ ସଂକ୍ରମିତ ହୋଇଛନ୍ତି। ଅନ୍ୟ ୪ଜଣ ତେଲଙ୍ଗାନା ଓ ତାମିଲନାଡୁରୁ ଆସି କାଲିମେଳା ବ୍ଲକ ଏମ୍‌ଭି- ୭୨ ସଙ୍ଗରୋଧ କେନ୍ଦ୍ରରେ ଥିଲେ। ସ୍ୱାବ୍ ଟେଷ୍ଟ ପରେ ଏମାନଙ୍କର ପଜିଟିଭି ଆସିଛି। ପଜିଟିଭି ଚିହ୍ନଟ ପରେ ମାଲକାନଗିରି ପୌର ପରିଷଦର ୨ଟି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଭାବେ ଜିଲା ପ୍ରଶାସନ ଘୋଷଣା କରିଛି।

**ସଂକ୍ଷେପରେ**

### ମସ୍‌ଜିଦ ବନ୍ଦ, ନିଜ ଘରେ ପାଳିଲେ ଇଦ୍-ଉଲ୍-ଫିତର



ଜୟପୁର, ୨୫।୫(ଡି.ଏନ୍.ଏ.)- ଲକ୍‌ଡାଉନ ଯୋଗୁ ଜିଲା ପ୍ରଶାସନ ସହରର ଡେରା ସାହି, ନାଗାର୍ଜି ସାହି ଏବଂ ଜାମାଲ ସାହିରେ ଥିବା ୩ଟି ମସ୍‌ଜିଦରେ ସାମୂହିକ ନମାଜ ପାଠ ନ କରିବାକୁ କଟକଣା ଜାରି କରିଛନ୍ତି । ଫଳରେ ଜୟପୁରରେ ସୋମବାର ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ନିଜ ନିଜ ଘରେ ଧର୍ମ ଓ ଦାନର ପର୍ବ ଇଦ୍-ଉଲ୍-ଫିତର ପାଳନ କରି ରାମଜାନ ମାସ ଉପବାସ ଭଙ୍ଗ କରିଥିଲେ । କେବଳ ମୌଲାନା ଏବଂ ସହାୟକ ପ୍ରତ୍ୟେକ ମସ୍‌ଜିଦରେ ନମାଜ ପାଠ କରିଥିଲେ । ସେହିପରି ସ୍ଥାନୀୟ କବରସ୍ଥାନରେ ପୂର୍ବ ପୁରୁଷଙ୍କ ସମାଧିଠାରେ ମଧ୍ୟ ପ୍ରାର୍ଥନା ହୋଇ ନ ଥିଲା । ସୂଚନାଯୋଗ୍ୟ ପବିତ୍ର ରାମଜାନ ଅବସରରେ ମାସ ସାରା ମୁସଲମାନ ସମ୍ପ୍ରଦାୟର ମହିଳା ଓ ପୁରୁଷମାନେ ଉପବାସ ରହି ନମାଜ ପାଠ କରିବା ସହ ଶେଷ ଦିନ ଦ୍ୱିତୀୟା ଚନ୍ଦ୍ର ଦର୍ଶନ କରି ତା'ପରଦିନ ଇଦ୍-ଉଲ୍-ଫିତର ପାଳନ କରିଥାଆନ୍ତି ବୋଲି ସୁନ୍ନି ମୁସଲମାନ ଅଞ୍ଜୁମନ କମିଟିର ସଭାପତି ମହମ୍ମଦ ଆଖ୍ତାର ବେଗ କହିଛନ୍ତି ।

### ଝୁଲନ୍ତା ମୃତଦେହ ଉଦ୍ଧାର

ରାୟଗଡ଼ା ଅଫିସ,୨୫।୫: ରାୟଗଡ଼ା ସହର ସାଇପ୍ରିୟା ନଗରସ୍ଥିତ ଏକ ଭଡ଼ାଘରୁ ସୋମବାର ସରୋଜ ସାହୁଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ କାମଧନ୍ଦା ନ ପାଇ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି।

### ଆହତଙ୍କୁ ଡାକ୍ତରଖାନା ନେଲେ ଭାଜପା ନେତା

ଚନ୍ଦାହାଣ୍ଡି,୨୫।୫(ଡି.ଏନ୍.ଏ.)- ସାପକାମୁଡ଼ାରେ ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାରକରି ଭାଜପାର ପୂର୍ବତନ ଜିଲା ସଭାପତି ଗୋବିନ୍ଦ କୁମାର ଜୈନ ସୋମବାର ଚନ୍ଦାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ବାଟପଡ଼ା ଗ୍ରାମର ରୋହିତ ଗୌଡ଼ ନିଜ ଧାନ ମିଲ୍ ଚଳାଉଥିବା ବେଳେ ତାଙ୍କୁ ଏକ ସାପ କାମୁଡ଼ିଦେଇଥିଲା। ସେ ଆହତ ହୋଇଥିଲେ। ଏହି ସମୟରେ ଉକ୍ତ ଧାନମିଲ୍‌କୁ ଧାନ ପେଷିବା ପାଇଁ ଭାଜପା ପୂର୍ବତନ ଜିଲା ସଭାପତି ଗୋବିନ୍ଦ କୁମାର ଜୈନ ଓ ତାଙ୍କ ସ୍ତ୍ରୀ ସରୋଜ ଜୈନ ଯାଇଥିଲେ। ରୋହିତଙ୍କୁ ସାପ କାମୁଡ଼ିଥିବା ଦେଖି ଗୋବିନ୍ଦ ନିଜ ଗାଡ଼ିରେ ତାଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ।

### ବର୍ଷେ ପରେ ଗାଁକୁ ବିଦ୍ୟୁତ୍

ଚିତ୍ରକୋଣ୍ଡା,୨୫।୫(ଡି.ଏନ୍.ଏ.): ଚିତ୍ରକୋଣ୍ଡା ବ୍ଲକ ଯୋଡ଼ାମ୍ବ ପଞ୍ଚାୟତର ଶିମିଳିପଦର ଗ୍ରାମରେ ୧ବର୍ଷରୁ ଊର୍ଦ୍ଧ୍ୱ ଧରି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖରାପ ହୋଇ ପଡ଼ିଥିଲା। ଫଳରେ ଗାଁ ଅନ୍ଧାରରେ ରହିଥିଲା। ନୂତନ ଟ୍ରାନ୍ସଫର୍ମର ବସାଇବା ପାଇଁ ଗ୍ରାମବାସୀ ବାରମ୍ବାର ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପାପରମେଟେଲା ଓଆଇସି ଲକ୍ଷ୍ମୀନାରାୟଣ ମୁଦୁଲି ଏବଂ ଚିତ୍ରକୋଣ୍ଡା ବିଦ୍ୟୁତ୍ କର୍ମଚାରୀଙ୍କ ସହଯୋଗରେ ସୋମବାର ନୂତନ ଟ୍ରାନ୍ସଫର୍ମର ବସିବା ସହ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି।

### ସଙ୍ଗରୋଧ ଗୃହରୁ ଆସି ବୁଲୁଥିବା ଯୁବକଙ୍କୁ ମାଡ଼

ମାଲକାନଗିରି,୨୫।୫ (ଡି.ଏନ୍.ଏ.)- ମାଲକାନଗିରି ବ୍ଲକ ଅଧୀନ ଏକ ସଙ୍ଗରୋଧ ଗୃହରେ ରହୁଥିବା ପ୍ରବାସୀ ଶ୍ରମିକଙ୍କ ମଧ୍ୟରୁ କେତେଜଣ ରାତିରେ ପାଚେରି ଡେଇଁ ଆସି ନିକଟସ୍ଥ ବଜାରରେ ବୁଲୁଥିଲେ । ଏହା ଜାଣିବା ପରେ ସ୍ଥାନୀୟ ଯୁବକମାନେ ବାହାରେ ବୁଲୁଥିବା ଏହି ପ୍ରବାସୀଙ୍କୁ ଧରି ନିସ୍ତୁକ ମାଡ ମାରିଥିଲେ। ଆଉ କେବେ ବାହାରକୁ ନ ବାହାରିବା ପାଇଁ ଯୁବକମାନେ ତାଗିଦ କରିଥିଲେ। ଏହି ଭୁଲ୍ ଆଉ କରିବେ ନାହିଁ ବୋଲି ସମ୍ପୃକ୍ତ ପ୍ରବାସୀ କହିବା ସହ ଯୁବକମାନଙ୍କୁ କ୍ଷମା ମାଗି ପୁନର୍ବାର ସଙ୍ଗରୋଧ ଗୃହକୁ ଫେରିଯାଇଥିଲେ। ସେହିପରି ମାଲକାନଗିରି ଜିଲାର ଅନେକ ସଙ୍ଗରୋଧ ଗୃହରେ ରହୁଥିବା ପ୍ରବାସୀଙ୍କୁ ବାହାର ଖାଦ୍ୟ ତାଙ୍କ ସମ୍ପର୍କୀୟମାନେ ଆଣି ଦେଉଛନ୍ତି। କେତେକ କେନ୍ଦ୍ରରେ ପ୍ରବାସୀମାନେ ଆସି ବାହାରେ ବୁଲୁଛନ୍ତି। ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ସଙ୍ଗରୋଧ କେନ୍ଦ୍ରଗୁଡ଼ିକରେ ରାତିରେ ଜଣେ ଶିକ୍ଷକଙ୍କ ବ୍ୟତୀତ ଦାୟିତ୍ୱରେ ଥିବା ଅନ୍ୟ ଅଧିକାରୀମାନେ ରହୁନାହାନ୍ତି। ଫଳରେ ପ୍ରବାସୀମାନେ ଅବାଧରେ ବାହାରେ ବୁଲୁଥିବା ଅଭିଯୋଗ ହେଉଛି ।

# ୧୨ପରିବାରଙ୍କ ଘର ଉଜାଡ଼ିଲା ଝଡ଼ବର୍ଷା

ଦଶମନ୍ତପୁର,୨୫।୫ (ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚଣ୍ଡାବାଡ଼ ପଞ୍ଚାୟତର ଏସ୍.ଉଣ୍ଡାବାଡ଼ ଗ୍ରାମରେ ରବିବାର ଅପରାହ୍ନରେ ଅଦିନିଆ ଝଡ଼ବର୍ଷା ହୋଇଛି। ଫଳରେ ଗ୍ରାମର ୧୨ ଜଣଙ୍କ ଘର ଭାଙ୍ଗିଛି। ସେମାନଙ୍କ ମଧ୍ୟରୁ ଶୋଭା ସାଉନ୍ତାଙ୍କ ୬ଟି ଆଜବେଷ୍ଟ ଭାଙ୍ଗିରୁଜିଯିବା ସହ ୩୦ ବସ୍ତା ଧାନ, ୩ ବସ୍ତା ମାଣ୍ଡିଆ, ୫୦ କେଜି ଚାଉଳ ଓଦା ହୋଇ ନଷ୍ଟ ହୋଇଛି। ଦର୍ଶନ ସାଉନ୍ତାଙ୍କ ୧୦ଟି ଆଜବେଷ୍ଟସ ପବନ ଉଡ଼ାଇ ନେଇଛି। ୬୦ ବସ୍ତା ଧାନ, ୩ ବସ୍ତା ଚାଉଳ ଓ ୪ କୁଇଣ୍ଟାଲ ମାଣ୍ଡିଆ, ସୁବାସ ସାଉନ୍ତାଙ୍କ ୬ଟି ଆଜବେଷ୍ଟସ ଭାଙ୍ଗିଥିବା ବେଳେ ୮ ବସ୍ତା ଧାନ, ୨ ବସ୍ତା ମାଣ୍ଡିଆ, ୫୦ କେଜି ସୁଆଁ, ୬୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ନଷ୍ଟ ହୋଇଯାଇଛି। ଆନନ୍ଦ ସାଉନ୍ତାଙ୍କ ମାଣ୍ଡିଆ ୨୦ କେଜି, ୪୦ ବସ୍ତା ଧାନ, ଘରର ବାସନ କୁସନ ସାମଗ୍ରୀ, ଦୁକୁ ଜାନିଙ୍କ ୨ଟି ଆଜବେଷ୍ଟସ, ୪ ବସ୍ତା ମାଣ୍ଡିଆ, ସୁନ୍ଦର କୁଲିସିକାଙ୍କ ୭ଟି ଆଜବେଷ୍ଟସ ସହ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ସେହିପରି ଈଶ୍ୱର ମିଣିଆକାଙ୍କ ଘର କ୍ଷତି ହୋଇଛି। ଲିମ ମିଣିଆକାଙ୍କ ୩ଟି ଆଜବେଷ୍ଟସ, ୬ ବସ୍ତା ଧାନ, ୪ ବସ୍ତା ମାଣ୍ଡିଆ, ମାତି ଜାନିଙ୍କ ୨ଟି ଆଜବେଷ୍ଟସ ଏବଂ ୨୦ ବସ୍ତା ଧାନ ନଷ୍ଟ ହୋଇଛି। ପାତ୍ର ସାଉନ୍ତାଙ୍କ ୧୦ ବସ୍ତା ଧାନ, ୩ ବସ୍ତା ମାଣ୍ଡିଆ ଏବଂ ୨ଟି ଆଜବେଷ୍ଟସ ଏବଂ ସାହେବ ଜାନିଙ୍କ ୪ଟି ଆଜବେଷ୍ଟସ ନଷ୍ଟହେବା ସହ ନିଜ ବାଡ଼ିରେ ଲାଗିଥିବା କଦଳୀ ଓ ଆମ୍ବ ଗଛ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଥିସହ ଗ୍ରାମର ଅନ୍ୟ ପରିବାର ମଧ୍ୟ ଅଳ୍ପ ବହୁତେ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ଷାପବନ ଯୋଗୁ ଗ୍ରାମରେ ସୋମବାର ଅପରାହ୍ନ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ହୋଇନାହିଁ। କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ଅଜୟ ପ୍ରକାଶ ତିର୍କୀଙ୍କୁ ପଚାରିବାରୁ ସେ କହିଲେ ଯେ, ମୁଁ ଆର୍‌ଆଇଙ୍କୁ କ୍ଷୟକ୍ଷତି ଆକଳନ ପାଇଁ ପଠାଇ ସହାୟତା ବ୍ୟବସ୍ଥା କରିବି।



ଆଜବେଷ୍ଟସ ଉଡିଯାଇଥିବା ଘରକୁ ସଜାଡୁଛନ୍ତି ।

### ନଗର ସଭାପତି ଚୟନ ନେଇ ବୈଠକ

ଗୁଣପୁର,୨୫।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରର ବିକ୍ରମପୁରସ୍ଥିତ ଏକ ଆମ୍ବତୋଟାଠାରେ ଭାଜପାର ନଗର ସଭାପତି ଚୟନ ନେଇ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳର ସାଙ୍ଗଠନିକ ସ୍ଥିତି ସହ ନଗର ସଭାପତି ଚୟନ ନେଇ ଆଲୋଚନା ହୋଇଥିଲା। ଗତ ମାର୍ଚ୍ଚ ୧୧ରେ ଅନିଲ ସାହୁକାର ସଭାପତି ପଦ ସହ ଦଳରୁ ଇସ୍ତଫା ଦେବା ପରେ ଏହି ପଦ ଖାଲି ପଡ଼ିଛି। ତେବେ ନଗର ସଭାପତି ଚୟନ ନେଇ ବୈଠକରେ କୌଣସି ନିଷ୍ପତ୍ତି ହୋଇନାହିଁ। ଜିଲା ସଭାପତି ଶିବ ପଟ୍ଟନାୟକ, ହରେକୃଷ୍ଣ ପାଢ଼ୀ, ପ୍ରମୋଦ ସାହୁ, ଗାଡେ ଶବର, ୱାଇ.ଗଣପତି ରାଓ, ତ୍ରିନାଥ ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ପ୍ରେମ ପ୍ରସାଦ ପଣ୍ଡା, ପି.ବାବୁରାଓ, ଗୋବିନ୍ଦା ରାଓ, ପି.ନାଗରାଜ, ଦୀପକ ବେହେରା,ବୃନ୍ଦାବନ ସେନାପତି, ଭଗବାନ ଚୌଧରୀ, ଗୋପାଳକୃଷ୍ଣ ଦେଓ ପାତ୍ର, ଫାଲ୍‌ଗୁନୀ ଶବର ପ୍ରମୁଖ ଉପସ୍ଥିତ ଥିଲେ।

### ଚାଲିଚାଲି ଆସୁଥିବା ୩୨ ଶ୍ରମିକ ଉଦ୍ଧାର

ବୈପାରିଗୁଡ଼ା,୨୫।୫ (ଡି.ଏନ୍.ଏ.)

ସୋମବାର ଲମତାପଟ ବ୍ଲକ ଜଲାପଟରୁ ଚାଲିଚାଲି ଆସୁଥିବା ୩୨ ଜଣ ଶ୍ରମିକଙ୍କୁ ପ୍ରଶାସନ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରୁ କେତେକ ଲମତାପୁଟ ବ୍ଲକ ହଳଦୀକୁଣ୍ଡ ପଞ୍ଚାୟତର ହୋଇଥିବା ବେଳେ କେତେକେ କୁନ୍ଦୁରା ବ୍ଲକର ବାସିନ୍ଦା ବୋଲି ଜଣାପଡ଼ିଛି। ଏମାନେ ଚାଲିଚାଲି ଆସୁଥିବା ବେଳେ ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦୀ ସେମାନଙ୍କୁ ଅଟକାଇ ସ୍ଥାନୀୟ ବିଡିଓ ଅଭିମନ୍ୟୁ କବିଶତପଥୀଙ୍କୁ ହସ୍ତାନ୍ତର କରିଛନ୍ତି। ପରେ ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କ ଖାଦ୍ୟ ବ୍ୟବସ୍ଥା କରାଯିବା ସହ ଏକ ଗାଡ଼ିରେ ସମ୍ପୃକ୍ତ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଇଛି।

# ଇଦ୍-ଉଲ୍-ଫିତର ପାଳନ ନ କରି ଡ୍ୟୁଟି କଲେ ନବରଙ୍ଗପୁର ଥାନା ଅଧିକାରୀ

ନବରଙ୍ଗପୁର,୨୫।୫(ବି.ପ୍ର.)



ଇଦ୍-ଉଲ୍- ଫିତର ପାଇଁ ଛୁଟି ରହିଛି। ତେବେ ଏହାକୁ ପାଳନ ପାଇଁ ଛୁଟିରେ ନ ରହି ନିଜ ଡ୍ୟୁଟି କରିଛନ୍ତି ନବରଙ୍ଗପୁର ଥାନା ଅଧିକାରୀ ତାରିକ ଅହମ୍ମଦ। କରୋନା ମୁକାବିଲା ପାଇଁ ନିଜର ଦାୟିତ୍ୱ ଓ ନିଷ୍ଠାକୁ ସେ ଗୁରୁତ୍ୱ ଦେଇଛନ୍ତି ।

କୋଭିଡ୍-୧୯ ଡ୍ୟୁଟିକୁ ନିଷ୍ଠାର ସହ ପାଳନ କରିବା ମଧ୍ୟରେ ନବରଙ୍ଗପୁର ଥାନା ଅଧିକାରୀ ମାସ ଯାକ ରୋଜା ପାଳନ ପାଇଁ ମଧ୍ୟ ସୁଯୋଗ ପାଇପାରିଲେ ନାହିଁ । ତଥାପି ସେ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି। ଇଦ୍-ଉଲ୍- ଫିତର ଅବସରରେ ସଦର ବ୍ଲକ ତିର୍ଲିଆମ୍ବଗୁଡ଼ାଠାରେ ଥିବା ସଙ୍ଗରୋଧ କେନ୍ଦ୍ରରେ ୭୫ ମହିଳାଙ୍କୁ କରୋନା ସମ୍ପର୍କରେ ସଚେତନ କରିବା ସହ ସେମାନଙ୍କୁ ସାନିଟାଇଜର ଓ ମାସ୍କ ମଧ୍ୟ ପ୍ରଦାନ କରିଛନ୍ତି । ସେହିଭଳି ପ୍ରବାସୀ ଓଡ଼ିଆଙ୍କୁ ନବରଙ୍ଗପୁର ପ୍ରବେଶପଥରେ ପୋଲିସ ଯାଞ୍ଚ କେନ୍ଦ୍ର ନିକଟରେ ୩ ଦିନ ହେବ ଶହେ ଜଣଙ୍କୁ ଖାଦ୍ୟ ଯୋଗାଇ ଆସୁଛନ୍ତି । ଥାନା ଅଧିକାରୀଙ୍କ କର୍ତ୍ତବ୍ୟ ଓ ନିଷ୍ଠାକୁ ସହକର୍ମୀ ଏବଂ ଜନସାଧାରଣ ପ୍ରଶଂସା କରିଛନ୍ତି।

# ପ୍ରବାସୀଙ୍କ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ: ଜିଲାପାଳ

ପାରଳାଖେମୁଣ୍ଡି,୨୫।୫(ସ୍ୱ.ପ୍ର.)

ଗଜପତି ଜିଲାକୁ ଆସିଥିବା ପ୍ରବାସୀମାନେ ବର୍ତ୍ତମାନ ସଙ୍ଗରୋଧ କେନ୍ଦ୍ରରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ପ୍ରବାସୀ ବିଶୃଙ୍ଖଳା କରୁଛନ୍ତି। ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ଅନୁପମ ଶାହା ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସୋମବାର ଜଣାଇଛନ୍ତି। କେତେଜଣ ପ୍ରବାସୀ ସଙ୍ଗରୋଧ କେନ୍ଦ୍ରରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ସେମାନଙ୍କୁ ପ୍ରଶାସନ ପକ୍ଷରୁ ବୁଝାଇବା ପାଇଁ ଚେଷ୍ଟା କରାଯାଉଛି । ଯଦି ସେମାନେ ନ ବୁଝନ୍ତି ବାଧ୍ୟହୋଇ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି । ସେହିପରି ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ କାର୍ଯ୍ୟ ଜିଲା ପ୍ରଶାସନ କରୁଛି। ସଙ୍ଗରୋଧରେ ରହୁଥିବା ପ୍ରବାସୀଙ୍କ ସ୍ୱାବ୍ ପରୀକ୍ଷଣ ସ୍ୱାସ୍ଥ୍ୟ ବିଭାଗ ଗାଇଡ୍‌ଲାଇନ ଅନୁଯାୟୀ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଅଯଥା ବିଶୃଙ୍ଖଳା ସୃଷ୍ଟି ନ କରିବା ପାଇଁ ଜିଲାପାଳ ଏହି ଭିଡିଓ ବାର୍ତ୍ତାରେ ସତର୍କ କରାଇଛନ୍ତି । ଜିଲାରେ ମୋଟ ୨୦୭ ସଙ୍ଗରୋଧ କେନ୍ଦ୍ର ପ୍ରସ୍ତୁତ ହୋଇଛି। ଜିଲାକୁ ଫେରିଥିବା ମୋଟ ୬୦୮୬ ପ୍ରବାସୀଙ୍କ ମଧ୍ୟରୁ ୬୦୨୩ ଜଣ ଏହିସବୁ କେନ୍ଦ୍ରରେ ରହିଛନ୍ତି। ଅନ୍ୟମାନେ ନିଜ ଘରେ ସଙ୍ଗରୋଧ ଭାବେ ରହିଛନ୍ତି । ୧୮୭୪ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ୧୨୪୮ଜଣଙ୍କ ନେଗେଟିଭ୍ ରିପୋର୍ଟ ଆସିଥିବା ଜଣାପଡିଛି ।

# ୧୨ ଗାଁକୁ ଶଟ୍‌ଡାଉନ୍ କଲେ ସରପଞ୍ଚ

କାଶୀନଗର,୨୫।୫(ଡି.ଏନ୍.ଏ.):

**ଜିଲାପାଳ କ୍ଷମତା ପ୍ରୟୋଗ**

ଗଜପତି ଜିଲା କାଶୀନଗର ବ୍ଲକ୍ ଶିଆଳି ପଞ୍ଚାୟତ ଅଧୀନ ମାଣ୍ଡିଗୁଡ଼ା ଗ୍ରାମର ଜଣେ ପଜିଟିଭ୍ ଚିହ୍ନଟ ହେବାପରେ ପଞ୍ଚାୟତର ୧୨ ଗାଁକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି ସରପଞ୍ଚ। ସରପଞ୍ଚ ଲଳିତା ପାଣି ଜିଲାପାଳ କ୍ଷମତା ପ୍ରୟୋଗକରି ସୋମବାର ଏହି ନିଷ୍ପତ୍ତି ନେଇଛନ୍ତି। ମାଣ୍ଡିଗୁଡ଼ା ଗ୍ରାମଠାରୁ ୩ କିମି ପରିଧିରେ ଥିବା ୧୨ଗ୍ରାମ ମାଣ୍ଡିଗୁଡ଼ା, ଜାଇଗୁଡ଼ା, ରାଗିଡ଼ିସିଂ, ନେରେଡିଗୁଡ଼ା, ରାମଚନ୍ଦ୍ରପୁର, ପି. ହରିପୁର, କାଳିଆସାହୁଗୁଡ଼ା, କୋଲା, ହନୁମନ୍ତଗୁଡ଼ା, ପେଦାମାଡ଼ି, ଟିନାଗୁଡ଼ା ଓ ଚନ୍ଦ୍ରାୟପେଟାକୁ ସୋମବାର ଅପରାହ୍ନ ୩ଟାରୁ ୪୮ ଘଣ୍ଟା ପାଇଁ ଶଟ୍‌ଡାଉନ୍ କରାଯାଇଥିବା ସୂଚନା ମିଳିଛି। ଏହି ସମୟରେ ଗ୍ରାମରୁ କେହି ବାହାରକୁ ଯିବା ଏବଂ ବାହାରୁ ଗ୍ରାମକୁ ଆସିବା ଉପରେ କଟକଣା ଜାରି କରାଯାଇଛି। ଶଟ୍‌ଡାଉନ୍ ନେଇ ସରପଞ୍ଚ ପାଣି କାଶୀନଗର ବିଡିଓ ଏବଂ ଥାନା ଆଇଆଇସିଙ୍କୁ ଲିଖିତଭାବେ ଅବଗତ କରାଇଛନ୍ତି। ଶଟ୍‌ଡାଉନ୍ ସମୟରେ ଅଞ୍ଚଳରେ ସୁରକ୍ଷା ଯୋଗାଇଦେବା ନିମନ୍ତେ ସେ ପୋଲିସକୁ ମଧ୍ୟ ଅନୁରୋଧ କରିଛନ୍ତି।

# କ୍ୱାରାଣ୍ଟାଇନ ଅବଧି ଶେଷ ପରେ ଚାଲି ଚାଲି ଘରକୁ ଗଲେ ପ୍ରବାସୀ

ଚନ୍ଦାହାଣ୍ଡି,୨୫।୫(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଫଟକି ସଂଗରୋଧ କେନ୍ଦ୍ରରେ ୬୦ ପ୍ରବାସୀ ଶ୍ରମିକଙ୍କ କ୍ୱାରାଣ୍ଟାଇନ ଅବଧୀ ଶେଷ ହେବା ପରେ ପ୍ରଶାସନ ପକ୍ଷରୁ ସୋମବାର ସେମାନଙ୍କୁ ଘରେ ଛାଡିବାର ବ୍ୟବସ୍ଥା କରାଯାଇ ନଥିଲା। ନିଜ ବ୍ୟବସ୍ଥାରେ ଚାଲି ଚାଲି ଯିବା ପାଇଁ କୁହାଯାଇଥିବା ଶ୍ରମିକମାନେ ଅଭିଯୋଗ କରି ଏକ ଭିଡିଓ ଭାଇରାଲ କରିଛନ୍ତି । ଚାଲି ଚାଲି ଯିବା ବେଳେ କୌଣସି ଦୁର୍ଘଟଣା ଘଟିଲେ ପ୍ରଶାସନ ଦାୟୀ ରହିବ ବୋଲି ଶ୍ରମିକମାନେ ଭିଡିଓରେ କହିଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସରକାର ପ୍ରବାସୀ ଶ୍ରମିକଙ୍କୁ ଆଣିବା ପାଇଁ ଗାଡି ବ୍ୟବସ୍ଥା କରିଛନ୍ତି । ସେମାନେ ଆସି ସଙ୍ଗରୋଧ କେନ୍ଦ୍ରରେ ରହିଲେ ତାଙ୍କ ପାଇଁ ରହିବା, ଖାଇବା, ସ୍ୱାସ୍ଥ୍ୟର ଯତ୍ନ ସବୁ ପ୍ରଶାସନ ପକ୍ଷରୁ କରାଯାଉଛି। କିନ୍ତୁ ତାଙ୍କ ରହିବା ଅବଧି ଶେଷ ହେଲେ ସରକାରୀ ଗାଡି ଆସିଲେ ତାଙ୍କୁ ଛାଡିବାର ବ୍ୟବସ୍ଥା କରାଯାଉଛି। କିନ୍ତୁ ସୋମବାର ସଙ୍ଗରୋଧ କେନ୍ଦ୍ର ଛାଡିଥିବା ଶ୍ରମିକମାନେ ଚନ୍ଦାହାଣ୍ଡି ବ୍ଲକର ମାଲଗାଁ, ଭୋଜପୁର, ଭେଣ୍ଡିଆ, ଖପରାଡ଼ିହି ଓ ଚାନ୍ଦଗିରି ପ୍ରମୁଖ ଗ୍ରାମର । ସେମାନଙ୍କୁ ନେଇ ଘରେ ଛାଡିବା ପାଇଁ ବିଭିନ୍ନ ଗାଡି ମାଲିକଙ୍କ ସହ ଯୋଗାଯୋଗ କରାଯାଇଥିଲା, କିନ୍ତୁ ସଂକ୍ରମିତ ଭୟରେ ଗାଡି ମାଲିକମାନେ ରାଜି ହୋଇ ନ ଥିଲେ। ତେଣୁ ବାଧ୍ୟ ହୋଇ ସେମାନଙ୍କୁ ଚାଲି ଚାଲି ଯିବାକୁ କହିଥିଲି ।

### ଯୁବକଙ୍କୁ ଗଳାକାଟି ହତ୍ୟା ଉଦ୍ୟମ

ମାଲକାନଗିରି,୨୫।୫(ଡି.ଏନ୍.ଏ.)

ମାଲକାନଗିରି କେନାଲ କଲୋନୀରେ ଜଣେ ଯୁବକଙ୍କୁ ଗଳାକାଟି ହତ୍ୟା ନେଇ ଉଦ୍ୟମ ହୋଇଛି। ଏ ସମ୍ପର୍କରେ ତାଙ୍କ ମାଆ ମାଲକାନଗିରି ଥାନାରେ ଏତଲା ଦେଇଛନ୍ତି। ରବିବାର ସୁଚିତ୍ରା ଦେବନାଥଙ୍କ ପୁଅ ଦେବାଶିଷଙ୍କୁ ରାତି ସାଢେ ୯ଟାରେ ଜଣେ ବ୍ୟକ୍ତି ଫୋନ୍ କରି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଅଧଘଣ୍ଟା ପରେ ବୁଦ୍ଧୁ ନାମକ ଜଣେ ଯୁବକ ଦେବାଶିଷଙ୍କ ଘରକୁ ଆସି ଗାଳିଗୁଲଜ କରି ଏକ ଛୁରିରେ ବେକକୁ ଆଘାତ କରିଥିଲେ। ସୁଚିତ୍ରା ଘଟଣା ସ୍ଥଳକୁ ଯାଇ ବୁଦ୍ଧୁଙ୍କୁ ରୋକିବାକୁ ଚେଷ୍ଟା କରିବାରୁ ତାଙ୍କୁ ମଧ୍ୟ ବୁଦ୍ଧୁ ଗାଳିଗୁଲଜ କରି ମାଡ ମାରିଥିଲେ। ଦେବାଶିଷଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । କେସ୍ ନଂ. ୧୫୭/୨୦ରେ ମାମଲା ହୋଇ ତଦନ୍ତ ଚାଲିଥିବା ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି।

# ବିନା ଅନୁମତିରେ ସଙ୍ଗରୋଧ ପ୍ରବାସୀଙ୍କୁ ଛାଡ଼ିଲେ ପ୍ରଧାନ ଶିକ୍ଷକ

କାଲିମେଳା,୨୫।୫(ଡି.ଏନ୍.ଏ.):

**ନୋଡାଲ୍ ଅଫିସରଙ୍କ ପାଖରେ ସୂଚନା ନାହିଁ**

ମାଲାକନଗିରି ଜିଲା କାଲିମେଳା ବ୍ଲକ୍ ଅଧୀନ ନାଲାଗୁଣ୍ଡି ଗ୍ରାମ ବିଦ୍ୟାଳୟଠାରେ ହୋଇଥିବା ଆଇସୋଲେଶନ ସେଣ୍ଟରରେ ରହୁଥିବା ପ୍ରବାସୀମାନଙ୍କୁ ପ୍ରଧାନଶିକ୍ଷକ ବିନା ଅନୁମତିରେ ଘରକୁ ପଠାଇ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ନାଲାଗୁଣ୍ଡି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ତାପାଲି ନିଜ କେନ୍ଦ୍ରରେ ଆଇସୋଲେଶନରେ ଥିବା ପ୍ରାୟ ୧୯ ପ୍ରବାସୀଙ୍କୁ ଛାଡ଼ିଦେଇଛନ୍ତି। ଏ ନେଇ ନାଲାଗୁଣ୍ଡି ପଞ୍ଚାୟତର ପିଇଓ ତଥା କୋଭିଡ-୧୯ ନୋଡାଲ୍ ଅଧିକାରୀ ଦୁର୍ଯ୍ୟୋଧନ ମାଡକାମି କହିଛନ୍ତି, ଶ୍ରମିକମାନେ ଯିବା ବିଷୟରେ ମୁଁ ଜାଣିନାହିଁ। ଶ୍ରମିକମାନେ ଘରକୁ ଯିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ମୁଁ ସେମାନଙ୍କୁ ବାରଣ କରିଥିଲି। ସେମାନଙ୍କୁ ପ୍ରଧାନ ଶିକ୍ଷକ ଛାଡ଼ିଦେଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ କାଲିମେଳା ବିଡିଓ ଉମାଶଙ୍କର ଦଳାଇ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଶ୍ରମିକମାନେ ୨୧ ଦିନ ରହିସାରିଲେଣି। କିନ୍ତୁ ସେମାନଙ୍କୁ ଛଡ଼ାଯିବା ବିଷୟରେ ଜିଲାପାଳଙ୍କ ପକ୍ଷରୁ କୌଣସି ସୂଚନା ମିଳିନାହିଁ । ପ୍ରଧାନ ଶିକ୍ଷକ କାହିଁକି ଛାଡ଼ିଲେ, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଛନ୍ତି। ତେବେ ସରକାରୀ ନିୟମ ଅନୁଯାୟୀ ପ୍ରବାସୀମାନେ ଘରକୁ ଫେରିବା ପୂର୍ବରୁ ସେମାନଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ଥିବା ନେଇ ଏକ ପ୍ରମାଣପତ୍ର ପ୍ରଦାନ କରାଯିବା ନିୟମ ରହିଛି। କିନ୍ତୁ ଏଠାରେ ସେଭଳି ହୋଇନାହିଁ। ସୂଚନାଯୋଗ୍ୟ, ନାଲାଗୁଣ୍ଡି ପଞ୍ଚାୟତର ଏମ୍‌ଭି-୭୨ ଅଞ୍ଚଳର ଏକ ସଙ୍ଗରୋଧ କେନ୍ଦ୍ରରୁ ୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଉକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍‌ଭାବେ ଘୋଷଣା କରାଯାଇଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ମେ ୨୬/୨୦୨୦ Tuesday, May 26/2020

# ସର୍ବକାଳୀନ ଶ୍ରେଷ୍ଠ ଖେଳାଳି

## (ବଲବୀର ସିଂ ସିନିୟରଃ ୧୯୨୩-୨୦୨୦)





**ଭୁବନେଶ୍ୱର, ୨୫।୫(କ୍ରୀଡ଼ା ପ୍ରତିନିଧି): ହକି କିମ୍ବଦନ୍ତୀ ବଲବୀର ସିଂ ସିନିୟରଙ୍କ ବିୟୋଗରେ ଓଡ଼ିଶା କ୍ରୀଡ଼ା ମହଲରେ ଶୋକର ଛାୟା ଖେଳିଯାଇଛି। ୩ ଥର ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ବଲବୀରଙ୍କ ବିୟୋଗରେ ରାଜ୍ୟର ସୁନାମଧନ୍ୟ ହକି ଖେଳାଳି ପଦ୍ମଶ୍ରୀ ଦିଲୀପ ତିର୍କୀ, ଲାଜରୁସ ବାର୍ଲା, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଏବଂ ଆହୁରି ଅନେକ କ୍ରୀଡ଼ାବିତ୍ ଗଭୀର ଶୋକବ୍ୟକ୍ତ କରିଛନ୍ତି।**

## ଦେଶର ଗର୍ବ, ଗୌରବଃ ପ୍ରଧାନମନ୍ତ୍ରୀ

କିମ୍ବଦନ୍ତୀ ହକି ଖେଳାଳି ବଲବୀର ସିଂଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିଛନ୍ତି। ସେ ଜଣେ ଉଚ୍ଚକୋଟୀର ଖେଳାଳି ହେବା ସଙ୍ଗେ ସଙ୍ଗେ ଜଣେ ସଫଳ କୋଚ୍ ଥିଲେ। କ୍ରମାଗତ ୩ଟି ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଜିତିଥିବା ଏହି ମହାନ୍ ସେଣ୍ଟର ଫରୱାର୍ଡ ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଥିଲେ ବୋଲି ଟୁଇଟ୍ କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଶୋକ ସନ୍ତପ୍ତ ତାଙ୍କ ପରିବାର, ଶୁଭେଚ୍ଛୁମାନଙ୍କୁ ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି। ହକିରେ ତାଙ୍କର ସ୍ୱର୍ଣ୍ଣିମ ପ୍ରଦର୍ଶନ ପାଇଁ ପଦ୍ମଶ୍ରୀ ବଲବୀର ସବୁଦିନେ ମନେରହିବେ। ନିଃସନ୍ଦେହରେ ସେ ଜଣେ ମହାନ୍ ହକି ଖେଳାଳି ଥିଲେ। ତାଙ୍କ ପରଲୋକରେ ଭାରତୀୟ ହକିରେ ଏକ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## କୋଚ୍ ଭାବେ ସଫଳତା

ହକିରୁ ଅବସର ନେବା ପରେ ବଲବୀର ସିଂ ସିନିୟର କୋଚିଂରେ ମନ ବଳାଇଥିଲେ ଓ ସଫଳତା ମଧ୍ୟ ପାଇଥିଲେ। କୋଚ୍ ହିସାବରେ ତାଙ୍କ ତତ୍ତ୍ୱାବଧାନରେ ଭାରତ ୧୯୭୫ ହକି ବିଶ୍ୱକପ୍‌ରେ ଟାଇଟଲ ହାସଲ କରିଥିଲା। ସେହିପରି ୧୯୭୧ ବିଶ୍ୱକପ୍‌ରେ ଭାରତ ବ୍ରୋଞ୍ଜ୍ ପଦକ ଜିତିଥିଲା। ତାଙ୍କୁ ୧୯୫୭ରେ ସମ୍ମାନଜନକ ପୁରସ୍କାର ପଦ୍ମଶ୍ରୀ ପ୍ରଦାନ କରାଯାଇଥିଲା। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୟାଲ ଅପେରା ହାଉସ୍‌ରେ ଅଲିମ୍ପିକ ମ୍ୟୁଜିୟମ ଏକ୍‌ଜିବିଶନ୍‌ରେ ତାଙ୍କୁ ବିଶେଷ ଭାବେ 'ଦି ଅଲିମ୍ପିକ ଜର୍ଣ୍ଣିଃ ଦି ଷ୍ଟୋରୀ ଅଫ୍ ଦି ଗେମ୍ସ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେ ଭାରତର ଏକମାତ୍ର ଆଥଲେଟ୍ ଭାବେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଦ୍ୱାରା ଆଧୁନିକ ଅଲିମ୍ପିକ୍ ଇତିହାସରେ ବିଶ୍ୱର ଅନ୍ୟ ୧୬ଜଣ କିମ୍ବଦନ୍ତୀ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ତାଙ୍କୁ ଏହି ଅବସରରେ ୧୬ତମ ଆଇକନିକ୍ ଅଲିମ୍ପିଆନ ହିସାବରେ ଚୟନ କରାଯାଇଥିଲା। ସେ ପଞ୍ଜାବ ରାଜ୍ୟ, ପଞ୍ଜାବ ପୋଲିସ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟ ତରଫରୁ ଘରୋଇ ହକି ଖେଳୁଥିଲେ। ଟେକ୍‌ନିକ୍ ପାଇଁ ତାଙ୍କୁ କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ସହ ତୁଳନା କରାଯାଇଥାଏ। ପଞ୍ଜାବର ହରିପୁର ଖଲସା ଗ୍ରାମରେ ସେ ୧୯୨୪ରେ ଜନ୍ମଗ୍ରହଣ କରିଥିଲେ। ସେତେବେଳର କୋଚ୍ ହରବେଲ ସିଂ ତାଙ୍କ ପ୍ରତିଭାକୁ ଚିହ୍ନଟ କରିଥିଲେ।

### ସାକ୍ଷାତ ସୁଯୋଗ ମିଳିଥିଲା



ବଲବୀର ସିଂ ସିନିୟର ହକି ଜଗତର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଥିଲେ। ହକିକୁ କ୍ୟାରିୟର କରୁଥିବା ଖେଳାଳିଙ୍କର ସେ ଥିଲେ ଆଦର୍ଶ, ଜଣେ କିମ୍ବଦନ୍ତୀ ଖେଳାଳି। ଅଲିମ୍ପିକ୍ସରେ ୩ ସ୍ୱର୍ଣ୍ଣ ପଦକ ହାସଲ କରି ସେ ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ୧୯୪୮ (ଲଣ୍ଡନ)ରେ ତାଙ୍କର ଏହି ଅଭିଯାନ ଆରମ୍ଭ ହୋଇଥିଲା। ୧୯୫୨ (ହେଲସିଙ୍କି) ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ଦଳର ସେ ଉପଅଧିନାୟକ ଏବଂ ୧୯୫୬ (ମେଲବୋର୍ନ) ଅଲିମ୍ପିକ୍ସରେ ଅଧିନାୟକ ଥିଲେ। ବିଶ୍ୱର ସେ ଅନ୍ୟତମ ସର୍ବକାଳୀନ ଶ୍ରେଷ୍ଠ ହକି ଖେଳାଳି ଥିଲେ। ୧୯୫୨ ଅଲିମ୍ପିକ୍ସରେ ହଲାଣ୍ଡ ବିପକ୍ଷରେ ଭାରତ ୬-୦ ଗୋଲରେ ବିଜୟୀ ହୋଇଥିଲା। ବଲବୀର ନିଜେ ୬ଟି ଯାକ ଗୋଲ ସ୍କୋର କରିଥିଲେ। ସେତେବେଳେ ଏହା ଏକ ରେକର୍ଡ ଥିଲା। ଧ୍ୟାନଚାନ୍ଦଙ୍କ ପରେ ଭାରତର ସଫଳ ଖେଳାଳି କହିଲେ ବଲବୀରଙ୍କ ନାଁ ହିଁ ଆସେ। ୨୦୦୨-୦୩ରେ ଚଣ୍ଡିଗଡ଼ରେ କ୍ୟାମ୍ପ ଚାଲିଥିବାବେଳେ ବଲବୀରଙ୍କ ସହିତ ସାକ୍ଷତ ହେବାର ମୋତେ ସୁଯୋଗ ମିଳିଥିଲା। କ୍ୟାମ୍ପ କେମିତି ଚାଲିଛି ବୋଲି ସେ ପଚାରି ବୁଝିଥିଲେ। ଏପରି ଜଣେ ମହାନ ଖେଳାଳିଙ୍କୁ ହରାଇ ଆମେ ଅତ୍ୟନ୍ତ ମର୍ମାହତ। ହକି ଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

**-ପଦ୍ମଶ୍ରୀ ଦିଲୀପ ତିର୍କୀ, ପୂର୍ବତନ ଭାରତୀୟ ହକି ଅଧିନାୟକ**

### ଗଭୀର ମର୍ମାହତ



ସମ୍ପୂର୍ଣ୍ଣ କ୍ରୀଡ଼ା ଜଗତ ପାଇଁ ବହୁତ ଦୁଃଖର ଖବର। ବିଶେଷ କରି ହକିକୁ କ୍ୟାରିୟର କରିଥିବା ଆମେମାନେ ଏଥିରେ ଗଭୀର ମର୍ମାହତ। ୯୬ ବର୍ଷରେ ସେ ମୃତ୍ୟୁବରଣ କରିଥିଲେ ହେଁ ଶେଷ ପର୍ଯ୍ୟନ୍ତ ସୁସ୍ଥ ସବଳ ଥିଲେ ଏବଂ ସବୁବେଳେ ହକି କଥା ହିଁ ଚିନ୍ତା କରୁଥିଲେ। ତାଙ୍କ ଅବର୍ତ୍ତମାନରେ ହକିଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମୁଁ ପ୍ରାର୍ଥନା କରୁଛି।

**-ଲାଜରୁସ ବାର୍ଲା, ପୂର୍ବତନ ଭାରତୀୟ ହକି ଖେଳାଳି**

### ପ୍ରଥମ ପଦ୍ମଶ୍ରୀ ଭାରତୀୟ କ୍ରୀଡ଼ାବିତ୍



ଭାରତ ସ୍ୱାଧୀନ ହେବାପରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ହକି ଖେଳାଳି ଭାବେ ବଲବୀର ସିଂ ସିନିୟର ପ୍ରତିଷ୍ଠା ଅର୍ଜନ କରିଥିଲେ। ସେ ୧୯୪୮, ୧୯୫୨ ଓ ୧୯୫୬ରେ ତିନିଥର ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏହାପରେ ସେ ୧୯୭୫ରେ ଭାରତୀୟ ଦଳର ମ୍ୟାନେଜର ଓ କୋଚ୍‌ଭାବେ ହକି ବିଶ୍ୱକପ ଟାଇଟଲ ମଧ୍ୟ ଜିତିଥିଲେ। ଅଜିତପାଲ ସିଂଙ୍କ ନେତୃତ୍ୱାଧୀନ ଦଳ ଚାମ୍ପିୟନ ହେବା ପଛରେ ବଲବୀରଙ୍କ ପ୍ରେରଣା ଓ ରଣନୀତି ଗୁରୁତ୍ୱପୂର୍ଣ୍ଣ ଥିଲା। ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ଅବସରରେ ରୟାଲ ଅପେରା ହାଉସରେ ସମ୍ବର୍ଦ୍ଧିତ ହୋଇଥିବା ୧୬ ଆଇକନିକ୍ ଅଲିମ୍ପିକ ଲିଜେଣ୍ଡଙ୍କ ମଧରେ ବଲବୀର ଏକମାତ୍ର ଭାରତୀୟ ଥିଲେ। ବଲବୀର ପରଲୋକ ଗମନ କରିଥିଲେ ହେଁ ତାଙ୍କ କୃତି ଏବଂ କର୍ତ୍ତବ୍ୟନିଷ୍ଠା ସବୁବେଳେ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବ।

**-ଅଶୋକ ମହାନ୍ତି, ପୂର୍ବତନ କ୍ରୀଡ଼ା ପ୍ରଶାସକ**

### ଏକ ଯୁଗର ଅବସାନ



ବଲବୀର ସିଂ ଜୁନିୟରଙ୍କ ବିୟୋଗରେ ଏକ ଯୁଗର ଅବସାନ ଘଟିଲା। ସେ ଜଣେ କିମ୍ବଦନ୍ତୀ ଖେଳାଳି ଥିଲେ। ତାଙ୍କ ମୃତ୍ୟୁରେ କ୍ରୀଡ଼ା ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ପରିବାର ପ୍ରତି ସମବେଦନା ଜଣାଉଛି।

**-ଦୂତୀ ଚାନ୍ଦ, ଭାରତୀୟ ସ୍ପ୍ରିଣ୍ଟ କୁଇନ୍**

## କ୍ରୀଡ଼ା ଜଗତରେ ଶୋକର ଛାୟା

**ନୂଆଦିଲ୍ଲୀ,୨୫।୫:** ବଲବୀର ସିଂଙ୍କ ପରଲୋକରେ କ୍ରୀଡ଼ା ଜଗତରେ ଶୋକର ଛାୟା ଖେଳିଯାଇଛି। ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲିଙ୍କଠାରୁ ଆରମ୍ଭ କରି କିମ୍ବଦନ୍ତୀ ଆଥଲେଟ୍ ମିଲ୍‌ଖା ସିଂ, ରେସଲର ବଜରଙ୍ଗ ପୁନିଆ, ତାରକା ବକ୍ସର ବଜେନ୍ଦର ସିଂ, ପୂର୍ବତନ କ୍ରିକେଟର ଅନିଲ କୁମ୍ବଲେ, ଶୁଟିଂ ଲିଜେଣ୍ଡ ଅଭିନବ ବିନ୍ଦ୍ରା ପ୍ରମୁଖ କ୍ରୀଡ଼ାବିତ୍‌ମାନେ ଶୋକ ଜାହିର କରିଛନ୍ତି। ହକି ଇଣ୍ଡିଆ ତରଫରୁ ମଧ୍ୟ ଶୋକବାର୍ତ୍ତା ପ୍ରଦାନ କରାଯାଇଛି। ସେହିପରି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ, ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ସଭାପତି ନରିନ୍ଦର ବାତ୍ରା ମଧ୍ୟ ଶୋକ ବ୍ୟକ୍ତ କରିଛନ୍ତି।

କ୍ରୀଡ଼ାମନ୍ତ୍ରୀ ରିଜିଜୁ ମଧ୍ୟ ତାଙ୍କ ଦେହାନ୍ତରେ ବହୁତ ଦୁଃଖିତ ବୋଲି କହିଛନ୍ତି। ହୃଦୟରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛି ଓ ତାଙ୍କ ଆତ୍ମାର ସଦ୍‌ଗତି ହେଉ ବୋଲି ରିଜିଜୁ କହିଛନ୍ତି। ବଲ୍‌ବୀର ସିଂଙ୍କ ଦେହାନ୍ତରେ ବେଶ୍ ଦୁଃଖିତ ବୋଲି କୋହଲି କହିଛନ୍ତି। ତାଙ୍କ ଆତ୍ମାର ସଦ୍‌ଗତି ହେଉ ବୋଲି କୋହଲି ଟୁଇଟ୍ କରିଛନ୍ତି। ବଲବୀର ଜଣେ କିମ୍ବଦନ୍ତୀ ହକି ଖେଳାଳି ଥିଲେ ବୋଲି ହକି ଇଣ୍ଡିଆ ଟୁଇଟ୍ କରିଛି। ଏଥିସହିତ ୧୯୮୪ ଅଲିମ୍ପିକ୍ସ ଖେଳିବା ନେଇ ବଲବୀରଙ୍କ ଏକ ବାର୍ତ୍ତାକୁ ମଧ୍ୟ ହକି ଇଣ୍ଡିଆ ଟୁଇଟ୍ କରିଛି। ଭାରତରେ ଧ୍ୟାନଚାନ୍ଦଙ୍କ ପରେ ଯଦି କାହାକୁ ହକି ଲିଜେଣ୍ଡ କୁହାଯିବ ସେ ହେଉଛନ୍ତି ବଲବୀର ବୋଲି ମିଲ୍‌ଖା ପ୍ରକାଶ କରିଛନ୍ତି। ସେହିପରି ବଲବୀର ସବୁଦିନେ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ଅଲିମ୍ପିକ ପଦକ ବିଜେତା ବକ୍ସର ବିଜେନ୍ଦର ସିଂ ଟୁଇଟ୍ କରି ଜଣାଇଛନ୍ତି। ତାଙ୍କ ପରିବାରକୁ ସମବେଦନା ଜଣାଉଛି ବୋଲି କୁମ୍ବଲେ ଟୁଇଟ୍ କରିଛନ୍ତି। ତାଙ୍କ ଆତ୍ମାର ସଦ୍‌ଗତି ହେଉ ବୋଲି ବଜରଙ୍ଗ ପୁନିଆ ଟୁଇଟ୍ କରିଛନ୍ତି। ଭାରତର ଏକମାତ୍ର ବ୍ୟକ୍ତିଗତ ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବଲବୀର ଜଣେ ବିରଳ ରୋଲ ମଡେଲ। ସେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ। ତାଙ୍କ ଦେହାନ୍ତ ଖବର ମୋ ପାଇଁ ବହୁତ ଦୁଃଖ ଆଣିଦେଇଛି ବୋଲି ବିନ୍ଦ୍ରା ଟୁଇଟ୍ କରିଛନ୍ତି। ସେ ଜଣେ ମହାନ୍ ଖେଳାଳି ଥିଲେ ଓ ବିଶ୍ୱର ବିଭିନ୍ନ ଦେଶର ଲୋକ ତାଙ୍କୁ ଭଲ ପାଉଥିଲେ। କ୍ରୀଡ଼ାଜଗତରେ ସେ ବଳିଷ୍ଠ ପରମ୍ପରା ଛାଡିଯାଇଛନ୍ତି ବୋଲି ନରିନ୍ଦର ବାତ୍ରା କହିଛନ୍ତି। ପୂର୍ବତନ ହକି ଅଧିନାୟକ ବୀରେନ ରାସକ୍ୱିନା ଓ ସର୍ଦ୍ଦାର ସିଂ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେହିପରି ତାରକା ହକି ଗୋଲ କିପର ପି.ଆର. ଶ୍ରୀଜେସ ଓ ଭାରତୀୟ ହକି ଅଧିନାୟିକା ରାଣୀ ରାମପାଲ ମଧ୍ୟ ଦୁଃଖ ପ୍ରକାଶ କରିଛନ୍ତି। ସ୍ପ୍ରିଣ୍ଟ ଲିଜେଣ୍ଡ ପି.ଟି. ଉଷା ମଧ୍ୟ ଶୋକ ଜାହିର କରିଛନ୍ତି। ଶୁଟର ହୀନା ସିଦ୍ଧୁ ସିପିଆଇ ନେତା ସୀତାରାମ ୟେଚୁରୀ ମଧ୍ୟ ଶୋକ ଜାହିର କରିଛନ୍ତି।



ମିଲ୍‌ଖା ସିଂ



କିରେନ ରିଜିଜୁ



ବିରାଟ କୋହଲି



## ମୋହାଲି ଷ୍ଟାଡିୟମ ବଲବୀରଙ୍କ ନାମରେ ହେବ

**ଚଣ୍ଡିଗଡ଼, ୨୫।୫ (ପି.ଟି.):** ସୋମବାର ୯୬ ବର୍ଷରେ ମୃତ୍ୟୁବରଣ କରିଥିବା ହକି ଆଇକନ୍ ବଲବୀର ସିଂ ସିନିୟରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୋହାଲି ଷ୍ଟାଡିୟମକୁ ଉକ୍ତ କିମ୍ବଦନ୍ତୀ ଖେଳାଳିଙ୍କ ନାମରେ ନାମିତ କରାଯିବ ବୋଲି ଏହି ଅବସରରେ ଯୋଗଦେଇ ପଞ୍ଜାବ କ୍ରୀଡ଼ାମନ୍ତ୍ରୀ ରାଣା ଗୁରମିତ ସିଂ ସୋଧି ପ୍ରକାଶ କରିଛନ୍ତି। ପୂର୍ବତନ ଭାରତୀୟ ହକି ଅଧିନାୟକ ପର୍ଗତ ସିଂ ମଧ୍ୟ ଉପସ୍ଥିତ ଥିଲେ। ବଲବୀରଙ୍କ ମରଶରୀରକୁ ମୋହାଲିସ୍ଥିତ ଫୋର୍ଟିସ ଡାକ୍ତରଖାନାରୁ ସେକ୍ଟର ୩୬ସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିଲା। ସେଠାରେ ଶେଷ ଦର୍ଶନପରେ ଶ୍ମଶାନକୁ ନିଆ ଯାଇଥିଲା।

## ଭାରତ ପାଇଁ ଟି୨୦ ଖେଳିବାକୁ ପ୍ରସ୍ତୁତ



**ନୂଆଦିଲ୍ଲୀ,୨୫।୫:** ପୂର୍ବତନ ଅଫ୍ ସ୍ପିନର ହରଭଜନ ସିଂ ପୁଣି ଥରେ ଭାରତ ପାଇଁ ଖେଳିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଭାରତ ପାଇଁ ପୁଣି ଖେଳିବାକୁ ପ୍ରସ୍ତୁତ ଓ ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛି ବୋଲି ସେ କହିଛନ୍ତି। ଆସନ୍ତା ଜୁଲାଇରେ ସେ ୪୦ ବର୍ଷରେ ପଦାର୍ପଣ କରିବେ। ହରଭଜନ ୨୦୧୬ ଏସିଆ କପ୍‌ରେ ଶେଷଥର ଭାରତ ପାଇଁ ଖେଳିଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଭଲ ପ୍ରଦର୍ଶନ କରିପାରୁଛି। ଭାରତ ପାଇଁ ମଧ୍ୟ ଭଲ ପ୍ରଦର୍ଶନ କରିପାରିବି। ଆଇପିଏଲ ଏକ କଷ୍ଟକର ଟୁର୍ନାମେଣ୍ଟ। ଏହି ଟୁର୍ନାମେଣ୍ଟରେ ଅପେକ୍ଷାକୃତ ଛୋଟ ଗ୍ରାଉଣ୍ଡରେ ବିଶ୍ୱସ୍ତରୀୟ କ୍ରିକେଟରମାନଙ୍କ ସହ ଖେଳିବାକୁ ହୋଇଥାଏ। ବିଶ୍ୱର ବିଭିନ୍ନ ଦେଶର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କୁ ବୋଲିଂ କରିବା ଏକ ବଡ଼ ଚ୍ୟାଲେଞ୍ଜ। ତେଣୁ ଯଦି ଆଇପିଏଲରେ ଭଲ ପ୍ରଦର୍ଶନ କରୁଛି ତା'ହେଲେ ଅନ୍ତର୍ଜାତୀୟ ଟି୨୦ରେ ମଧ୍ୟ ଭଲ ପ୍ରଦର୍ଶନ କରିପାରିବ ବୋଲି ହରଭଜନ କହିଛନ୍ତି। ଆଇପିଏଲ୍‌ର ବିଭିନ୍ନ ମ୍ୟାଚ୍‌ର ପାୱାର ପ୍ଲେ ମିଡିଲ ଓଭରରେ ଭଲ ବୋଲିଂ କରିବା ସହ ଉଇକେଟ ହାସଲ କରିବାରେ ସମର୍ଥ ହୋଇଛି। ହରଭଜନ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଆଇପିଏଲ ଖେଳିଛନ୍ତି। ଆଇପିଏଲ୍‌ରେ ଯୁଗ୍ମ ସର୍ବାଧିକ ଉଇକେଟକିପର ହାସଲକାରୀ ବୋଲର ବିବେଚିତ ହୋଇଛନ୍ତି। ତାଙ୍କର ଇକୋନୋମି ରେଟ୍ ମଧ୍ୟ ସେତେ ଅଧିକ ନୁହଁ। ଆଇପିଏଲର ଗତ ୨୦୧୯ ସଂସ୍କରଣରେ ସେ ୧୧ଟି ମ୍ୟାଚ୍ ଖେଳି ୭.୦୯ ଇକୋନୋମି ରେଟ୍‌ରେ ୧୬ଟି ଉଇକେଟ ହାସଲ କରିଥିଲେ। ଆଇପିଏଲ୍‌ରେ ସେ ମୋଟ ଉପରେ ଏପର୍ଯ୍ୟନ୍ତ ୧୫୦ ଉଇକେଟ ହାସଲ କରିଛନ୍ତି। ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ଚୟନକର୍ତ୍ତାମାନେ ଅଣଦେଖା କରୁଛନ୍ତି ବୋଲି ହରଭଜନ ଅଭିଯୋଗ ଆଣିଛନ୍ତି। ବୁଢ଼ା ହୋଇଛି ବୋଲି ଚୟନକର୍ତ୍ତାମାନେ ଭାବୁଛନ୍ତି। ଘରୋଇ କ୍ରିକେଟ ଖେଳୁ ନ ଥିବାରୁ ଗତ ୪– ୫ ବର୍ଷ ହେବ ଚୟନକର୍ତ୍ତା ମୋତେ ବିଚାରକୁ ନେଉ ନାହାନ୍ତି ବୋଲି ସେ କହିଛନ୍ତି।

## ଡ୍ରଗ୍ସ କାରବାର ଅଭିଯୋଗରେ ଶ୍ରୀଲଙ୍କା କ୍ରିକେଟର ଅଟକ

**କଲମ୍ବୋ, ୨୫।୫ (ଏଏଫପି):** ଡ୍ରଗ୍ସ କାରବାର ଅଭିଯୋଗରେ ଶ୍ରୀଲଙ୍କାର ଅନ୍ତର୍ଜାତୀୟ କ୍ରିକେଟର ଶେହାନ ମଦୁଶନକାଙ୍କୁ ପୋଲିସ ଅଟକ ରଖିଛି। ୨୦୧୮ରେ ନିଜର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚରେ ହ୍ୟାଟ୍ରିକ ଅର୍ଜନ କରିଥିବା ୨୫ ବର୍ଷୀୟ ମଦୁଶନକାଙ୍କୁ ୨ ସପ୍ତାହପାଇଁ ପୋଲିସ ହେପାଜତରେ ରଖିଛି।



ରବିବାର ପାନ୍ନାଲା ସହରରେ ତାଙ୍କ ନିକଟରୁ ପୋଲିସ ୨ ଗ୍ରାମ୍‌ରୁ ଅଧିକ ହେରୋଇନ୍ ଜବତ କରିଥିଲା। ଦେଶବ୍ୟାପୀ କରୋନା ଭାଇରସ୍‌ଜନିତ କର୍ଫ୍ୟୁ ଥିବାବେଳେ ମଦୁଶନକା ଗାଡ଼ି ଡ୍ରାଇଭିଂ କରୁଥିଲେ, ଫଳରେ ପୋଲିସ ତାଙ୍କୁ ଅଟକାଇଥିଲା। ୨୦୧୮ ଜାନୁୟାରୀରେ ବାଂଲାଦେଶ ବିପକ୍ଷ ଏକଦିବସୀୟ ଅନ୍ତର୍ଜାତୀୟ ପଦାର୍ପଣ ମ୍ୟାଚରେ ସେ ହ୍ୟାଟ୍ରିକ ଉଇକେଟ ନେଇଥିଲେ। ସେହିବର୍ଷ ସେ ବାଂଲାଦେଶ ବିପକ୍ଷରେ ୨ଟି ଟି୨୦ ମ୍ୟାଚ ଖେଳିଥିଲେ। ତା' ପରଠାରୁ ଆହତ ସମସ୍ୟା ଯୋଗୁ ସେ ଆଉ ଅନ୍ତର୍ଜାତୀୟ ମ୍ୟାଚ ଖେଳିପାରି ନ ଥିଲେ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ହେମମାଳା ଦାଶ**
୩୯, ବାପୁଜୀ ନଗର, ଭୁବନେଶ୍ୱର
ଆବିର୍ଭାବ: ୨୯।୦୩।୧୯୩୩
ତିରୋଧାନ: ୧୬।୦୫।୨୦୨୦
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା ।
:ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୭୫୫୨

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**Late Prakash Achari**
EX- Assistant Section Officer,
KVS RO BBSR Staff
Birth: 15.06.1960
Death: 16.05.2020
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
Wife, Son, Family & KVS Staff Members.
ଧ-୧୭୩୪୮



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ